ISSN-0971-8400

# ଯୋଜନା

ସେପ୍ଟେମ୍ବର ୨୦୧୮ ବିକାଶମୂଳକ ମାସିକ ପତ୍ରିକା ୩୦ ଟଙ୍କା

ବିଶେଷାଙ୍କ

## ନିଯୁକ୍ତି ଏବଂ ଆତ୍ମନିଯୁକ୍ତି



## ପ୍ରଧାନମନ୍ତ୍ରୀଙ୍କ ଉକ୍ତି



# ଉଦ୍ୟମିତା ମାଧ୍ୟମରେ ସଶକ୍ତିକରଣ

ସରକାର ବିଭିନ୍ନ ନିଯୁକ୍ତି ସଂକ୍ରାନ୍ତୀୟ ଯୋଜନାରେ ଅନେକ ପଦକ୍ଷେପ ନେଇଛନ୍ତି । ଏହାସହିତ ଏକବିଂଶ ଶତାବ୍ଦୀର ଚାହିଦା ଅନୁଯାୟୀ ମାନବ ସମ୍ବଳ ବିକାଶ ପାଇଁ କୌଶଳ ତାଲିମ୍ ସକାଶେ ମଧ୍ୟ ପଦକ୍ଷେପ ନେଇଛନ୍ତି । ଆମ ଯୁବଗୋଷ୍ଠୀ ସ୍ୱାଧୀନ ହେବା ଦରକାର, ସେମାନଙ୍କୁ ନିଯୁକ୍ତି ମିଳିବା ଦରକାର, ସେମାନେ ନିଯୁକ୍ତି ପ୍ରଦାନକାରୀ ହେବା ଦରକାର ।

*(୨୦୧୭ ସ୍ୱାଧୀନତା ଦିବସ ପାଳନ ଅବସରରେ ରାଷ୍ଟ୍ର ଉଦ୍ଦେଶ୍ୟରେ ସମ୍ବୋଧନ ଦେବାବେଳେ)*

ଭାରତର ଯୁବଗୋଷ୍ଠୀଙ୍କ କୌଶଳ ଓ ଦକ୍ଷତା ଉପରେ ଆମର ପୂର୍ଣ୍ଣ ଭରସା ରହିଛି । ଆମେ ଉଦ୍ୟମିତା ମାଧ୍ୟମରେ ସଶକ୍ତିକରଣକୁ ବିଶ୍ୱାସ କରୁ । ଏହାଦ୍ୱାରା ଅଭିନବତା ଓ ଔଦ୍ୟୋଗିକତା ବିକାଶ ପାଇଁ ଏକ ଉପଯୁକ୍ତ ବାତାବରଣ ନିର୍ମିତ ହୋଇଛି । ଫଳସ୍ୱରୂପ ଆମର ଦେଶ ଉଚ୍ଚକୋଟିର ଚିନ୍ତାଧାରା ଦ୍ୱାରା ମାନବ ସଭ୍ୟତାକୁ ପରିବର୍ତ୍ତନ କରିପାରିବ ।

*(୨୦୧୭ ଡିସେମ୍ବର ୧୬ ତାରିଖରେ ମିଜୋରାମ ଠାରେ ତୁଇରିଆଲ୍ ଜଳବିଦ୍ୟୁତ୍ ପ୍ରକଳ୍ପର ଶୁଭାରମ୍ଭ କଲାବେଳେ ।)*

ଯୁବଗୋଷ୍ଠୀଙ୍କ ପାଇଁ ନୂତନ ସମ୍ଭାବନା ସୃଷ୍ଟି ହୋଇଛି । କୌଶଳ ବିକାଶରୁ ଅଭିନବତା ଓ ଉଦ୍ୟମିତା- ଏସବୁ କ୍ଷେତ୍ରରେ ଆମ ଯୁବପିଢ଼ି ଉତ୍ତମ ପ୍ରଦର୍ଶନ କରୁଛନ୍ତି । ସମୟ ଆସିଛି ଏଭଳି ଏକ ବ୍ୟବସ୍ଥା ନିର୍ମାଣ କରିବା ପାଇଁ, ଯେଉଁଥିରେ ନୂଆ ଭାରତର ଯୁବକଯୁବତୀମାନେ ୧୮ ବର୍ଷ ବୟସରେ ପଦାର୍ପଣ କରୁ କରୁ ସଦ୍ୟତମ ବିକାଶ ସୁଯୋଗ ହାସଲ କରିପାରିବେ ।

*(୨୦୧୭ ଡିସେମ୍ବର ୩୧ରେ 'ମନ୍ କି ବାତ୍' କାର୍ଯ୍ୟକ୍ରମରେ ।)*

କୌଶଳ ବିକାଶ ଉପରେ ଧ୍ୟାନ ଦେଇ ଆମେ ଅଗ୍ରସର ହେଉଛୁ । ଯୁବକଯୁବତୀମାନେ ଶିକ୍ଷା ସହିତ କୌଶଳଯୁକ୍ତ ହେବା କଥାଟିକୁ ସୁନିଶ୍ଚିତ କରାଯାଉଛି । କୌଶଳ ଭାରତ ଅଭିଯାନରେ ହଜାର ହଜାର ଯୁବକଯୁବତୀଙ୍କୁ ପ୍ରଶିକ୍ଷଣ ଦିଆଯାଉଛି । ଆମ ଯୁବପିଢ଼ିକୁ ନିଯୁକ୍ତି ସୃଷ୍ଟିକାରୀ ଭାବେ ଗଢ଼ିବାକୁ ଆମେ ଚାହୁଁ । ଯୁବପିଢ଼ି ହିଁ ଅଭିନବତା ଆଣିପାରିବେ ।

*(୨୦୧୮ ଜାନୁଆରୀ ୧୨ ତାରିଖରେ ଜାତୀୟ ଯୁବ ଦିବସରେ ।)*

Government of India

# ଗରିବଙ୍କ ପାଖରେ ବିକାଶ

# ସମସ୍ତଙ୍କ ପାଇଁ ଉନ୍ନତ ଜୀବନ



ଦେଶର କ୍ରମବର୍ଦ୍ଧିଷ୍ଣୁ ବିଶ୍ୱାସ...

ସବୁ ଗ୍ରାମର ବିଦ୍ୟୁତ୍‌କରଣ ସରିଛି ।
ବର୍ତ୍ତମାନ ୪ କୋଟି ଘରକୁ ବିଜୁଳି ଯୋଗାଇ ଦିଆଯିବ ।

ଉଜ୍ଜ୍ୱଳା ଯୋଜନା ଅଧିନରେ
୩.୮ କୋଟି ପରିବାର ପାଇଁ ଧୂଆଁମୁକ୍ତ ଜୀବନ

ଜନଧନରୁ ଜନ ସୁରକ୍ଷା
ଗରିବମାନଙ୍କୁ ଜମା ଖାତା ଓ ବୀମା ସୁରକ୍ଷା ।

ସ୍ୱଚ୍ଛ ଭାରତ ଅଭିଯାନ ଅଧିନରେ
୭.୨୫ କୋଟି ଶୌଚାଳୟ ନିର୍ମିତ ।

ପ୍ରଧାନମନ୍ତ୍ରୀ ଆବାସ
ଯୋଜନା ଅଧିନରେ ୧ କୋଟି
ଗରିବ ପରିବାରଙ୍କୁ ବାସଗୃହ



ସାଫ୍ ନିୟତ୍
ସହି ବିକାଶ

ଅଧିକ ବିବରଣୀ ପାଇଁ ଦେଖନ୍ତୁ: 48months.mygov.in

**YOJANA (Odia) : Monthly**

**RNI No. 57203/93**

**ISSN 0971-8346**

**Total Number of Pages (76)**

**September 2018**





Printed and Published by Dr. Sadhana Rout, Director General & Head, on behalf of Publications Division, Ministry of I & B, Govt. of India, Published from Soochana Bhavan, CGO Complex, Lodhi Road, New Delhi-110003 and Printed at: I G Printers Pvt. Ltd., Okhla Industrial Area, New Delhi - 110020

Editor : Dr. Girish Chandra Dash

ସେପ୍ଟେମ୍ବର ୨୦୧୮

# ଯୋଜନା

ଯୁଗ୍ମନିର୍ଦ୍ଦେଶକ (ଉତ୍ପାଦନ) : ଭି. କେ. ମିନା
ବ୍ୟବସାୟ ପରିଚାଳନା : ସୂର୍ଯ୍ୟକାନ୍ତ ଶର୍ମା

ମୁଖ୍ୟ ସଂପାଦକ ଓ ନିର୍ଦ୍ଦେଶକ: ଦୀପିକା କଚ୍ଛଲ
ସଂପାଦକ ଓ ଉପନିର୍ଦ୍ଦେଶକ : ଡକ୍ଟର ଗିରିଶ ଚନ୍ଦ୍ର ଦାଶ

ପଞ୍ଚବିଂଶ ବର୍ଷ / ଦ୍ୱାଦଶ ସଂଖ୍ୟା

## ଏ ସଂଖ୍ୟାରେ...

| ବିଷୟ / ଲେଖକ | ପୃଷ୍ଠା |
|---|---|
| ● ସମ୍ପାଦକୀୟ | ୦୪ |
| ● ବିଶ୍ୱସନୀୟ ନିଯୁକ୍ତି ତଥ୍ୟ: ସମୟର ଆହ୍ୱାନ<br>*ରାଜୀବ କୁମାର* | ୦୫ |
| ● ବେତନ ଖାତାର ତଥ୍ୟ ଉପଯୋଗ<br>*ଟିଭି ମୋହନଦାସ ପଏ, ଯଶ ବୈଦ* | ୦୯ |
| ● ଭାରତରେ ନିଯୁକ୍ତି ଅଭିବୃଦ୍ଧି<br>*ସୁରଜିତ୍ ଏସ୍ ଭଲ୍ଲା* | ୧୬ |
| ● ନିଯୁକ୍ତିର ଚାବିକାଠି<br>*ଅମିତାଭ୍ କାନ୍ତ* | ୧୯ |
| ● ଭାରତୀୟ ଅର୍ଥନୀତି: ନିଯୁକ୍ତି ସୃଷ୍ଟି ପାଇଁ ପ୍ରୟାସ<br>*ବିବେକ ଦେବରୟ* | ୨୪ |
| ● ଜୀବିକା ବିକାଶ ଓ ବିବିଧତା<br>*ଅମରଜିତ୍ ସିହ୍ନା* | ୨୬ |
| ● ସହରାଞ୍ଚଳରେ ଜୀବିକା ଉପାର୍ଜନର ସୁଯୋଗ ସୃଷ୍ଟି<br>*ଦୁର୍ଗାଶଙ୍କର ମିଶ୍ର* | ୩୧ |
| ● ନିଯୁକ୍ତିର ବେଗ ଦ୍ୱରାନ୍ୱିତ<br>*ଏଚ୍ ଏଲ୍ ସମାରିୟା* | ୩୬ |
| ● ଶିକ୍ଷା, ନିଯୁକ୍ତି ଯୋଗ୍ୟତା ଓ ନିଯୁକ୍ତି<br>*ମନୀଷ ସଭରୱାଲ୍* | ୪୨ |
| ● ଜନସଂଖ୍ୟାରୁ ଫାଇଦା ଉଠାଇବାର ସମୟ<br>*କେ.ପି. କୃଷ୍ଣନ୍* | ୪୫ |
| ● ଅତିକ୍ଷୁଦ୍ର ଉଦ୍ୟୋଗର ବିକାଶ ଓ ନିଯୁକ୍ତି ପ୍ରୋତ୍ସାହନରେ 'ମୁଦ୍ରା'<br>*ରାଜୀବ କୁମାର* | ୫୩ |
| ● ଏମ୍‌ଏସ୍‌ଏମ୍‌ଇ: ଅଭିବୃଦ୍ଧି ଓ ନିଯୁକ୍ତି ସୃଷ୍ଟିର ନୂଆ ଇଞ୍ଜିନ୍<br>*ଅରୁଣ କୁମାର ପଣ୍ଡା* | ୫୮ |
| ● ନିଯୁକ୍ତି: ଭାରତୀୟ ଦୃଷ୍ଟିଭଙ୍ଗୀ<br>*ଗୋପାଳକୃଷ୍ଣ ଅଗ୍ରୱାଲ୍* | ୬୨ |
| ● ସଡ଼କ ବିକାଶ:ଅପ୍ରତ୍ୟକ୍ଷ ନିଯୁକ୍ତି ସୁଯୋଗ<br>*ଯୁଦ୍ଧବୀର ସିଂହ ମଲ୍ଲିକ* | ୬୬ |
| ● ଭାରତୀୟ ଶ୍ରମ ବଜାରର ପରିସର<br>*ପ୍ରବୀଣ ଶ୍ରୀବାସ୍ତବ* | ୬୮ |
| ● ସାମ୍ପ୍ରତିକୀ | ୭୩ |

**Editor**
**YOJANA (ODIA)**
C/O : Public Relations Officer
CRPF, New Delhi

Website : www.publicationsdivision.nic.in
Email : odiayojana@gmail.com
Subscription & Business Queries :
pdjucir@gmail.com
Ph. : 011-26100207

ଯୋଜନାରେ ପ୍ରକାଶିତ ପ୍ରବନ୍ଧରେ ବ୍ୟକ୍ତ ବିଚାର ଲେଖକଙ୍କ ନିଜସ୍ୱ ଅଟେ । 'ଯୋଜନା' ହେଉଛି ପରିକଳ୍ପନା ଓ ଉନ୍ନୟନର ମାସିକ ମୁଖପତ୍ର । ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ହେଉଥିଲେ ମଧ୍ୟ ଏହାର ପରିସର କେବଳ ସରକାରୀ ଦୃଷ୍ଟିକୋଣ ପ୍ରକାଶନରେ ସୀମାବଦ୍ଧ ନୁହେଁ ।

## ସମ୍ପାଦକୀୟ...

# ନିଯୁକ୍ତି ଦୃଶ୍ୟପଟ୍ଟ

ଏକ ଦ୍ରୁତଗାମୀ ଅର୍ଥନୀତି ଭାବରେ ସମଗ୍ର ବିଶ୍ୱରେ ଭାରତର ଏକ ସ୍ୱତନ୍ତ୍ର ପରିଚୟ ରହିଛି। ଏତଦ୍‌ବ୍ୟତୀତ ଏକ ବହୁମୁଖୀ ମାନବସମ୍ବଳର ଗନ୍ତାଘର ଭାବେ ମଧ୍ୟ ଆମ ଦେଶର ଖ୍ୟାତି ରହିଛି। ଯେଉଁ ସମୟରେ ବିଶ୍ୱର ଅନେକ ବିକଶିତ ଦେଶର ଜନସଂଖ୍ୟା ବାର୍ଦ୍ଧକ୍ୟଆଡ଼କୁ ଅଗ୍ରସର ହେଉଛି, ସେତେବେଳେ ୨୦୨୨ ମସିହା ସୁଦ୍ଧା ଭାରତ କିନ୍ତୁ ବିଶ୍ୱର ସବୁଠାରୁ ଅଧିକ ଯୁବବହୁଳ ଦେଶ ଭାବରେ ଆବିର୍ଭାବ ହେବାକୁ ବସିଛି। ଭାରତର ଜନସଂଖ୍ୟାର ଏହି ୪୦ ପ୍ରତିଶତ ଯୁବଗୋଷ୍ଠୀ ହେଉଛନ୍ତି ସ୍ଫୁର୍ତ୍ତିବାନ ଓ ଦେଶର ଅତି ମୂଲ୍ୟବାନ ମାନବ ସମ୍ବଳ। ଏହି ଗୋଷ୍ଠୀର ନିଯୁକ୍ତି ଦକ୍ଷତାକୁ ନେଇ ବିଭିନ୍ନ ସରକାର ନିରନ୍ତର ଭାବେ ଚିନ୍ତା କରିଆସୁଛନ୍ତି।

ସ୍ୱାଧୀନତା ପରବର୍ତ୍ତୀ କାଳରେ ଭାରତ ପ୍ରମୁଖ ଭାବେ ଏକ କୃଷିଭିତ୍ତିକ ଅର୍ଥନୀତି ହୋଇ ରହିଥିଲା। ଏହାର ଅଧିକାଂଶ ଜନସଂଖ୍ୟା କୃଷି କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ। ସମୟ ଅତିକ୍ରାନ୍ତ ହେବା ସହିତ ଦେଶରେ ସହରୀକରଣ ଓ ଉଦ୍ୟୋଗୀକରଣ ବୃଦ୍ଧି ପାଇଲା। ଆଜିକାଲି କିନ୍ତୁ ଆତ୍ମନିଯୁକ୍ତି ଉପରେ ଗୁରୁତ୍ୱ ଦିଆଯାଉଛି। ଉଦ୍ୟମିତା ପାଇଁ ପ୍ରୋତ୍ସାହନ ଯୋଗାଇବା ସକାଶେ ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି। ଜାତୀୟ ଯୁବ ଦିବସ ଉପଲକ୍ଷେ ପ୍ରଧାନମନ୍ତ୍ରୀ ମଧ୍ୟ କହିଥିଲେ ଯେ- "ଆମେ ଚାହୁଁ ଆମ ଯୁବଗୋଷ୍ଠୀ ନିଯୁକ୍ତି ଆଶାୟୀ ନ ହୋଇ ନିଯୁକ୍ତି ପ୍ରଦାନକାରୀ ହୁଅନ୍ତୁ।"

ଭାରତୀୟ ଅର୍ଥନୀତିର ଏକ ସ୍ୱତନ୍ତ୍ର ବୈଶିଷ୍ଟ୍ୟ ରହିଛି। ଏହା ଏଭଳି ଏକ ଅର୍ଥନୀତି, ଯେଉଁଠାରେ ସଂଗଠିତ-ଅସଂଗଠିତ, ଗ୍ରାମୀଣ-ସହରୀ, କୃଷି-ଅଣକୃଷି ଓ କୁଶଳୀ-ଅଣକୁଶଳୀ ବ୍ୟକ୍ତି ଓ କ୍ଷେତ୍ର ଏକତ୍ର ତିଷ୍ଠି ରହିଥିବା ଦେଖାଯାଏ। ତେଣୁ ନିଯୁକ୍ତି ସୁଯୋଗ ବୃଦ୍ଧି କରିବାକୁ ହେଲେ ଏସବୁ ଦିଗଗୁଡ଼ିକୁ ଏକତ୍ର କରି ଦେଖିବାକୁ ହେବ। ଅଣକୁଶଳୀଙ୍କୁ କୌଶଳଯୁକ୍ତ କରାଯିବା ସହିତ ଅସଂଗଠିତ କ୍ଷେତ୍ରର ଶ୍ରମିକଙ୍କୁ ସଂଗଠିତ କ୍ଷେତ୍ର ମଧ୍ୟକୁ ଆଣିବାକୁ ହେବ। ଯଦିଓ ବର୍ତ୍ତମାନ ମଧ୍ୟ ଦେଶର ଅଧିକାଂଶ ନିଯୁକ୍ତି କୃଷି କ୍ଷେତ୍ରରେ ହିଁ ହେଉଛି, ତଥାପି ଗ୍ରାମୀଣ ପରିବାରଗୁଡ଼ିକ ଛୋଟ ବଡ଼ କାର୍ଯ୍ୟ, ପ୍ରକ୍ରିୟାକରଣ, ରିପ୍ୟାରିଂ ଭଳି କାମରୁ ମଧ୍ୟ ବେଶ୍ ଦି' ପଇସା ରୋଜଗାର କରିଥାନ୍ତି। ଏଗ୍ରିକ୍ଲିନିକ୍, କୃଷି ବ୍ୟବସାୟ କେନ୍ଦ୍ର, ଜାତୀୟ ଖାଦ୍ୟ ସୁରକ୍ଷା ମିଶନ ଆଦି ପଦକ୍ଷେପ ଯୋଗୁଁ ଗ୍ରାମାଞ୍ଚଳରେ ଅଣକୃଷି କ୍ଷେତ୍ରରେ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିଛି।

ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଠାରେ ଅପାର ଆତ୍ମନିଯୁକ୍ତି ସମ୍ଭାବନା ରହିଛି। ଏହି କ୍ଷେତ୍ରର ହାତକରଘା ଓ ହସ୍ତତନ୍ତ ଭଳି ଗ୍ରାମୀଣ ଉଦ୍ୟୋଗଗୁଡ଼ିକରେ ଅଧିକ ଶ୍ରମଶକ୍ତି ଆବଶ୍ୟକ ହେଉଥିବାରୁ ଏଗୁଡ଼ିକରେ ମଧ୍ୟ ଯଥେଷ୍ଟ ନିଯୁକ୍ତି ସୁଯୋଗ ରହିଛି। ଜାତୀୟ ବିନିର୍ମାଣ ନୀତିର ଆକଳନ ଅନୁଯାୟୀ ୨୦୨୨ ମସିହା ସୁଦ୍ଧା ଏହି କ୍ଷେତ୍ରରେ ୧୦ କୋଟି ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ। ତେଣୁ ଉଦ୍ୟମିତା କୌଶଳ ବିକାଶ ଯୋଜନା, ପ୍ରଧାନମନ୍ତ୍ରୀ ନିଯୁକ୍ତି ଗ୍ୟାରେଣ୍ଟି କାର୍ଯ୍ୟକ୍ରମ ଆଦି ମାଧ୍ୟମରେ ସରକାର, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ସମୂହ ପାଇଁ ପ୍ରୋତ୍ସାହନ ଦେଇଆସୁଛନ୍ତି।

ସହରୀ ନିଯୁକ୍ତି କ୍ଷେତ୍ରରେ ମଧ୍ୟ ଏକ ପରିବର୍ତ୍ତନ ଦେଖାଦେଇଛି। ନୂଆ ନୂଆ ଉଦ୍ୟମିତା ଓ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି। ଇ-କମର୍ସ, ସୂଚନା ପ୍ରଯୁକ୍ତି, ଡାଟା ଆନାଲିସିସ୍, ଋଣ ପ୍ରଦାନ ଓ ସେବା କ୍ଷେତ୍ରରେ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି। 'ମୁଦ୍ରା' ଯୋଜନା, ଅଟଳ ଅଭିନବତା ଅଭିଯାନ, ସ୍କିଲ୍ ଇଣ୍ଡିଆ, ଷ୍ଟାଣ୍ଡଅପ୍ ଇଣ୍ଡିଆ, ଷ୍ଟାର୍ଟଅପ୍ ଇଣ୍ଡିଆ, ଜାତୀୟ ସହରୀ ଜୀବିକା ମିଶନ ଆଦି କାର୍ଯ୍ୟକ୍ରମ ମାଧ୍ୟମରେ ସରକାର ଯୁବଗୋଷ୍ଠୀଙ୍କୁ ନିଜ ନିଜ ବ୍ୟବସାୟୀ/ଉଦ୍ୟୋଗ ଆରମ୍ଭ କରିବା ପାଇଁ ପ୍ରୋତ୍ସାହିତ କରୁଛନ୍ତି।

ଆତ୍ମନିଯୁକ୍ତି ପାଇଁ ଏକ ଅନୁକୂଳ ବାତାବରଣ ସୃଷ୍ଟି କରିବା ସହିତ ସରକାର ନିଯୁକ୍ତି ପ୍ରଦାନକାରୀଙ୍କୁ ମଧ୍ୟ ମଜୁରୀ ରିହାତି, ଇପିଏଫ୍ଓ, ଇଏସ୍ଆଇସି ଭଳି ବିଭିନ୍ନ ପ୍ରୋତ୍ସାହନମୂଳକ ସୁବିଧା ଦେଉଛନ୍ତି। ଏହାଦ୍ୱାରା ସେମାନେ ବେକାର ଯୁବକଯୁବତୀଙ୍କୁ ନିଯୁକ୍ତି ଦେବା ପାଇଁ ଆଗ୍ରହୀ ହେବେ। ପିଏମ୍ଆର୍‌ପିୱାଇ ଯୋଜନା ଅଧିନରେ ନିଯୁକ୍ତି ପାଇଥିବା ବ୍ୟକ୍ତିଙ୍କ ପାଇଁ ନିଯୁକ୍ତିଦାତାଙ୍କ ଅଂଶଦାନର କିଛି ପ୍ରତିଶତ ସରକାର ଏମ୍ପ୍ଲଇ ପେନ୍‌ସନ ସ୍କିମ୍‌ରେ ଜମା କରିଥାନ୍ତି। ଏତଦ୍‌ବ୍ୟତୀତ ଅନ୍ୟାନ୍ୟ ବହୁସ୍ତରୀୟ କାର୍ଯ୍ୟକ୍ରମ ମାଧ୍ୟମରେ ମଧ୍ୟ ସରକାର ଅନେକ ନିଯୁକ୍ତି ସୁଯୋଗ ସୃଷ୍ଟି କରୁଛନ୍ତି। ପ୍ରଧାନମନ୍ତ୍ରୀ ଗ୍ରାମସଡ଼କ ଯୋଜନା, ସ୍ମାର୍ଟ ସିଟି, 'ଅମୃତ' ଯୋଜନା, 'ହୁନର୍ ସେ ରୋଜ୍‌ଗାର ତକ୍' ଭଳି ଯୋଜନା / ପ୍ରକଳ୍ପ ମାଧ୍ୟମରେ ଅନେକ ନିଯୁକ୍ତି ସୁଯୋଗ ସୃଷ୍ଟି ହେଉଛି। ଅବଶ୍ୟ ଏସବୁ ନିଯୁକ୍ତି ସୁଯୋଗ ଓ ନିଯୁକ୍ତିକୁ କୌଣସି ନିଯୁକ୍ତି ପରିସଂଖ୍ୟାନରେ ସମାହିତ କରାଯାଇ ପାରେନାହିଁ। ତେବେ ଏହାର ଅର୍ଥ ନୁହେଁ ଯେ ଆମେ ଏହି ସତ୍ୟକୁ ଅସ୍ୱୀକାର କରିବା। ସେ ଯାହା ହେଉ, ଘରକୁ ଘର ସର୍ବେକ୍ଷଣ ମାଧ୍ୟମରେ ଏପରି ସବୁ ନିଯୁକ୍ତି ସମ୍ପର୍କିତ ତଥ୍ୟକୁ ସଂଗ୍ରହ ଓ ସଂକଳନ କରିବା କାର୍ଯ୍ୟ ଆରମ୍ଭ ହୋଇସାରିଛି। ଏହି କାର୍ଯ୍ୟ ସରିଲେ ଯାଇ, ସରକାର ନେଇଥିବା ନିଯୁକ୍ତି ପ୍ରୋତ୍ସାହନକାରୀ ବିଭିନ୍ନ ପଦକ୍ଷେପର ସୁଫଳ ପ୍ରମାଣିତ ହେବ।

ଆଧୁନିକ ଅର୍ଥନୀତିର ସଫଳତା ନିର୍ଭର କରେ ଦେଶର ନିଯୁକ୍ତି ସ୍ତର ଉପରେ। ସମ୍ପୂର୍ଣ୍ଣ ନିଯୁକ୍ତି ପରିସ୍ଥିତି ଏପରି ଏକ ଅବସ୍ଥା ଯେଉଁଥିରେ ଦେଶରେ ଉପଲବ୍ଧ ସମସ୍ତ ଶ୍ରମ ଶକ୍ତିକୁ ଦକ୍ଷତାମୂଳକ ଭାବେ ଉପଯୋଗ କରିବା। ଦେଶର ନିଯୁକ୍ତି ଦୃଶ୍ୟପଟ୍ଟରେ ଏହି ଲକ୍ଷ୍ୟ ପ୍ରମାଣିତ କରେ ଯେ, ଏଭଳି ଏକ ପରିସ୍ଥିତି ସୃଷ୍ଟିହେବା ପାଇଁ ଆଉ ବେଶି ବାଟ ନାହିଁ।

# ବିଶ୍ୱସନୀୟ ନିଯୁକ୍ତି ତଥ୍ୟ: ସମୟର ଆହ୍ୱାନ

● ରାଜୀବ କୁମାର



**...ଏକଥା ସ୍ୱୀକାର୍ଯ୍ୟ ଯେ ଏବେ ମିଳୁଥିବା ନିଯୁକ୍ତି ସୁଯୋଗ ଓ ଏହା ସହିତ ସଂପୃକ୍ତ ମଜୁରି ଓ ବେତନର ମାନ ଆମ ଯୁବବର୍ଗର ଆଶା ଆକାଂକ୍ଷାର ଅନୁରୂପ ନୁହେଁ। ଏକଥା ବିଭିନ୍ନ ସରକାରୀ ଓ ରାଷ୍ଟ୍ରାୟତ୍ତ କ୍ଷେତ୍ରର ନିଯୁକ୍ତି ପାଇଁ ମିଳୁଥିବା ବିପୁଳ ଆବେଦନପତ୍ରରୁ ପ୍ରମାଣିତ ହେଉଛି। ତେବେ ଏହାର ଅର୍ଥ ନୁହେଁ ଯେ ଏହି ସବୁ ଆବେଦନକାରୀ ଦେଶର ବେକାରଙ୍କ ସଂଖ୍ୟାର ପ୍ରତିନିଧିତ୍ୱ କରୁଛନ୍ତି।**

ଭାରତର ଯୁବ ଓ କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟାର ରୋଜଗାର ଆବଶ୍ୟକତା ପାଇଁ ବିପୁଳ ସଂଖ୍ୟାରେ କର୍ମନିଯୁକ୍ତି ସୃଷ୍ଟିର ଆବଶ୍ୟକତା ରହିଛି। କେବଳ ନିଯୁକ୍ତି ସୁଯୋଗ ପାଇଁ ନୁହେଁ ଆମେ ଯୁବ ସମାଜର ଆଶା ଆକାଂକ୍ଷା ପୂରଣ ପାଇଁ ଉନ୍ନତମାନର ଚାକିରି, ନିଯୁକ୍ତି ସୃଷ୍ଟି କରିବାକୁ ହେବ। ତେଣୁ ନିଯୁକ୍ତି ଓ ଭଲ ନିଯୁକ୍ତି ଏବଂ କର୍ମ ସଂସ୍ଥାନ ପାଉଥିବା ଲୋକ ଓ ବେକାରଙ୍କୁ ନେଇ ଦେଶରେ ବିତର୍କ ହେବା ସ୍ୱାଭାବିକ। ତେବେ ଏହି ବିତର୍କ ବେଳେ ତିନିଟି ବାସ୍ତବତା ପ୍ରତି ମଧ୍ୟ ଦୃଷ୍ଟି ଦେବାକୁ ପଡ଼ିବ। ପ୍ରଥମତଃ - ଦେଶର ପ୍ରାୟ ୮୦ ଶତାଂଶ ନିଯୁକ୍ତି ସୁଯୋଗ ଓ ପରିସର ଅସଂଗଠିତ କ୍ଷେତ୍ରରେ ରହିଛି। ଏହାର ସଂଜ୍ଞା ନିର୍ଦ୍ଧାରଣ କରିବା ସଂପୃକ୍ତ କ୍ଷେତ୍ରର ସ୍ୱଭାବ ଅନୁସାରେ ଅତ୍ୟନ୍ତ ଦୁରୁହ। ଦ୍ୱିତୀୟତଃ, ନୂଆ ଅର୍ଥନୀତିକୁ ପ୍ରୋତ୍ସାହିତ କରିବା ପାଇଁ ବର୍ତ୍ତମାନର ସରକାର ଯେଉଁସବୁ ପ୍ରୟାସ କରୁଛନ୍ତି ତଦ୍ୱାରା ଅସଂଗଠିତ କ୍ଷେତ୍ରରେ ଅତିରିକ୍ତ ନିଯୁକ୍ତିର ଅନେକ ସୁଯୋଗ ସୃଷ୍ଟି ହୋଇଛି। ଏସବୁ ନିଯୁକ୍ତିର ସଂଖ୍ୟା ନିର୍ଣ୍ଣୟ କରିବାର ସରକାରୀ ବ୍ୟବସ୍ଥା ନାହିଁ। ତୃତୀୟତଃ ଏକଥା ସ୍ୱୀକାର୍ଯ୍ୟ ଯେ ବଜାରରେ ଏବେ ଯେଉଁ ସବୁ ନୂଆ ନିଯୁକ୍ତି ଓ ସେବାବଦ ବେତନ ମିଳୁଛି ଉଭୟ ମାନ ଓ ପରିମାଣ ଦୃଷ୍ଟିରୁ ତାହା ଯୁବ ନିଯୁକ୍ତି ପ୍ରତ୍ୟାଶୀଙ୍କ ଆଶା ଆକାଂକ୍ଷାର ଅନୁରୂପ ହେଉନାହିଁ। ତେଣୁ ସରକାରୀ ଓ ରାଷ୍ଟ୍ରାୟତ୍ତ ଉଦ୍ୟୋଗର ବାହାରୁଥିବା ବିଭିନ୍ନ ଚାକିରି ନିଯୁକ୍ତି ପାଇଁ ବିପୁଳ ଆବେଦନପତ୍ର ମିଳୁଛି। ସରକାରୀ ଚାକିରି ଉଭୟ ମାନ ଓ ବେତନ ଦୃଷ୍ଟିରୁ ଉତ୍ତମ ହୋଇଥିବାରୁ ଏଥିପାଇଁ ବହୁ ସଂଖ୍ୟାରେ ଆବେଦନପତ୍ର ମିଳିବା ସ୍ୱାଭାବିକ। ତେବେ ଏହାର ଅର୍ଥ ନୁହେଁ ଯେ ସମସ୍ତ ଆବେଦନକାରୀ ବେକାର ଓ ଏହି ସଂଖ୍ୟା ଦେଶର ବେକାର ସଂଖ୍ୟାର ପ୍ରତିନିଧିତ୍ୱ କରୁଛି।

ଭାରତର ଅର୍ଥନୀତି ଏକ ସମତୁଲ ଅଭିବୃଦ୍ଧି ପଥରେ ଗତିକରୁଛି। ଦେଶର ବିପୁଳ ତଥା କ୍ରମବର୍ଦ୍ଧିଷ୍ଣୁ ଯୁବ ନିଯୁକ୍ତି ପ୍ରତ୍ୟାଶୀଙ୍କ ସଂଖ୍ୟାକୁ ଦୃଷ୍ଟିରେ ରଖି ସେମାନଙ୍କ ପାଇଁ ଆବଶ୍ୟକ କର୍ମନିଯୁକ୍ତି ବ୍ୟବସ୍ଥା ସୃଷ୍ଟି ପୂର୍ବକ ଏହି ଅଭିବୃଦ୍ଧିକୁ ଜାରି ରଖିବାକୁ ପଡ଼ିବ। ଭାରତର ସାଂପ୍ରତିକ ଜନସଂଖ୍ୟା ବୃଦ୍ଧି ହାର ଅନୁସାରେ ପ୍ରତିବର୍ଷ ୧୦ ରୁ ୧୨ ନିୟୁତ ଯୁବକଯୁବତୀ ନୂଆ କରି ନିଯୁକ୍ତି ବଜାରରେ ପ୍ରବେଶ କରୁଛନ୍ତି। ସେହିଭଳି ଶ୍ରମ ବଜାରରେ ମହିଳାଙ୍କ ପ୍ରତିନିଧିତ୍ୱ ମଧ୍ୟ ସ୍ୱଳ୍ପ (୨୭-୩୦%) ରହୁଛି ଯାହା ଏକ ଉଦ୍‌ବେଗର ବିଷୟ।




ମୋଟାମୋଟି ଭାବେ ପ୍ରତିବର୍ଷ ଭାରତରେ ନିଯୁକ୍ତି ଆଶାୟୀଙ୍କ ସଂଖ୍ୟା ପାଖାପାଖି ୮୦ ଲକ୍ଷ। ନୂଆ ନିଯୁକ୍ତି ସୃଷ୍ଟି କ୍ଷେତ୍ରରେ ଏହି ସଂଖ୍ୟା ଏକ ବିରାଟ ପ୍ରତିବନ୍ଧକ; କାରଣ ସମସ୍ତଙ୍କୁ ନିଯୁକ୍ତି ଦେବା ପାଇଁ ଏତେ ସଂଖ୍ୟକ କର୍ମନିଯୁକ୍ତି ସୃଷ୍ଟି ସମ୍ଭବ ନୁହେଁ। ଆମ ଯୁକ୍ତି ହେଲା ନିଯୁକ୍ତି ସଂକ୍ରାନ୍ତ ଯେଉଁସବୁ ଡେଟା ବା ତଥ୍ୟାବଳୀ ଉପଲବ୍ଧ ତାହା ନିର୍ଭୁଲ ଭାବେ ଦର୍ଶାଉଛି ଯେ ଦେଶର ଅର୍ଥନୀତି କର୍ମନିଯୁକ୍ତି ପାଇଁ ପର୍ଯ୍ୟାପ୍ତ ସୁବିଧାସୁଯୋଗ ସୃଷ୍ଟି କରିଛି ଯାହା ଏହି ନୂଆ ଅତିରିକ୍ତ ନିଯୁକ୍ତି ଆଶାୟୀଙ୍କୁ କର୍ମସଂସ୍ଥାନ ଦେଇପାରିବ। ତେବେ ପୂର୍ବରୁ ଯେଉଁ ବିପୁଳ ସଂଖ୍ୟକ ଲୋକ କର୍ମସଂସ୍ଥାନ ନ'ପାଇଁ ବେକାର ଅଛନ୍ତି ସେମାନଙ୍କୁ ଥଇଥାନ କରିବା ସହଜ ନୁହେଁ।

**ବିଶ୍ୱସନୀୟ ନିଯୁକ୍ତି ଡେଟା:**

ନିଯୁକ୍ତିରେ ହ୍ରାସ ବୃଦ୍ଧି ଘେନି ଏବେ ଭାରତରେ ଯେଉଁ ଆଲୋଚନା ଚାଲିଛି ତା' ପଛରେ ବିଶ୍ୱସନୀୟ ଡେଟା ବା ତଥ୍ୟାବଳୀ ନାହିଁ। ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ ଦ୍ୱାରା ନିଯୁକ୍ତି ସମ୍ପର୍କରେ କରାଯାଉଥିବା ସର୍ଭେର ତଥ୍ୟ (ଡେଟା)କୁ ବସ୍ତୁନିଷ୍ଠ ଏବଂ ପ୍ରମାଣସିଦ୍ଧ ଭାବେ ଗ୍ରହଣ କରାଯାଇଥାଏ।

ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ ରୂପାୟଣ ମନ୍ତ୍ରଣାଳୟ ଏବଂ ଜାତୀୟ ନମୁନା ସର୍ଭେ କାର୍ଯ୍ୟାଳୟ ଦ୍ୱାରା ନିଯୁକ୍ତି ଓ ବେକାରୀ ସମ୍ପର୍କରେ କରାଯାଉଥିବା ସର୍ଭେର ତଥ୍ୟାବଳୀ ପୂର୍ଣ୍ଣାଙ୍ଗ ଏବଂ ବିଶ୍ୱାସଯୋଗ୍ୟ ବିବେଚିତ। ଏଥିରୁ ଦେଶରେ ନିଯୁକ୍ତି ଓ ବେକାରୀ ସମ୍ପର୍କରେ ବାସ୍ତବ ତଥ୍ୟ ମିଳେ। ଦେଶରେ ଶ୍ରମଶକ୍ତିରେ କେତେ ଲୋକ ଅଛନ୍ତି, କୃଷି, ଶିଳ୍ପ, ସେବା କ୍ଷେତ୍ରରେ କେତେ ଶ୍ରମିକ କାମ କରୁଛନ୍ତି; ସହର ଓ ଗ୍ରାମାଞ୍ଚଳରେ ସେମାନଙ୍କ ସଂଖ୍ୟା କେତେ ସେସବୁ ସମ୍ପର୍କରେ ଏଥିରୁ ବିଶ୍ୱସନୀୟ ତଥ୍ୟ ମିଳିଥାଏ। ଶେଷଥର ପାଇଁ ୨୦୧୧-୧୨ରେ ଏହି ସର୍ଭେ କରାଯାଇଥିଲା। ତେଣୁ ଆମ ପାଖରେ ବେକାରୀ ଓ ନିଯୁକ୍ତି ତଥା ଶ୍ରମଜୀବୀଙ୍କ ସମ୍ପର୍କରେ ଯେଉଁସବୁ ତଥ୍ୟ ରହିଛି ତାହା ଛ'ବର୍ଷର ପୁରୁଣା।

ଶ୍ରମ ବ୍ୟୁରୋ ପକ୍ଷରୁ ଶେଷ ଶ୍ରମିକ ସର୍ଭେ ୨୦୧୫-୧୬ ବର୍ଷରେ କରାଯାଇଥିଲା। ଏହା ପୁରୁଣା ହେଲେ ମଧ୍ୟ ଏହାର କେତେକ ତଥ୍ୟ ଏବେ ମଧ୍ୟ ପ୍ରାସଙ୍ଗିକ ଓ ତାହାକୁ ଗ୍ରହଣ କରାଯାଇପାରିବ। ମୋଟାମୋଟି ଭାବେ ଦେଖିଲେ ଗତ ୩-୪ବର୍ଷ ଧରି ନିଯୁକ୍ତି ସମ୍ପର୍କରେ କୌଣସି ବିଶ୍ୱାସଯୋଗ୍ୟ ତଥ୍ୟାବଳୀ ନାହିଁ। ଶ୍ରମ ବ୍ୟୁରୋ ପକ୍ଷରୁ ଯେଉଁ ତିନି ମାସିଆ ସର୍ଭେ କରାଯାଏ, ତାହା ଶେଷ ଥର ପାଇଁ ୨୦୧୭ ତୃତୀୟ ତ୍ରୈମାସିକରେ କରାଯାଇଥିଲା। ଏହି ସର୍ଭେରେ ମାତ୍ର ଆଠଟି କ୍ଷେତ୍ର ଅନ୍ତର୍ଭୁକ୍ତ ହୋଇଥିଲା। ଦେଶର ଅର୍ଥନୀତିକୁ ଏହି ଆଠଟି କ୍ଷେତ୍ରର ଅବଦାନ ୧୫ ଶତାଂଶରୁ କମ୍। ଅତଏବ ଏହି ସର୍ଭେର ଡେଟା ଦେଶର ନିଯୁକ୍ତିର ସ୍ଥିତି ସମ୍ପର୍କରେ ବାସ୍ତବ ତଥ୍ୟ ପ୍ରଦାନ କରିବ ନାହିଁ।

**ନିଯୁକ୍ତି ସଂକ୍ରାନ୍ତ ତଥ୍ୟ:**

ନିଯୁକ୍ତି ସଂକ୍ରାନ୍ତ ତଥ୍ୟାବଳୀର ଯେଉଁ ଅଭାବ ରହିଥିଲା ତାହାକୁ ପୂରଣ କରିବାକୁ ସିଏମ୍ଆଏଇ-ବିଏସ୍ଇ ଗତ ଦୁଇବର୍ଷ ଧରି ବାର୍ଷିକ ତିନିଥର ସର୍ଭେ କରୁଛି। ତେବେ ଏହି ସର୍ଭେର ପଦ୍ଧତି ଓ ତଥ୍ୟାବଳୀକୁ ସୁରଜିତ୍ ଭଲ୍ଲା ଓ ତୀର୍ଥ ଦାସଙ୍କ ଭଳି ଅର୍ଥନୀତିଜ୍ଞ ଗ୍ରହଣ କରିବାକୁ ପ୍ରସ୍ତୁତ ନୁହଁନ୍ତି। ଏହି ତଥ୍ୟ ବିଶ୍ୱାସଯୋଗ୍ୟ ନୁହେଁ ବୋଲି ସେମାନେ ଦର୍ଶାଇଛନ୍ତି। ଏକ ଉଦାହରଣ ଦେଇ ଭଲ୍ଲା କହିଛନ୍ତି ଯେ ସିଏମ୍ଆଏଇର ଏକ ତଥ୍ୟ ଅନୁସାରେ ଭାରତରେ ଶ୍ରମଶକ୍ତିରେ ମହିଳା ଶ୍ରମିକଙ୍କ ଅଂଶଗ୍ରହଣ ୨୦୧୪ରେ ୨୪.୪% ଥିବାବେଳେ ୨୦୧୭ରେ ଏହା ୧୧.୭କୁ ହ୍ରାସ ପାଇଛି। ଏହି ତଥ୍ୟ ଅବୋଧ୍ୟ ଓ ଗ୍ରହଣୀୟ ନୁହେଁ।

ତଥ୍ୟାବଳୀର ଅଭାବ ଜନିତ ସମସ୍ୟାର ମୁକାବିଲା ପାଇଁ ନୀତି ଆୟୋଗର ପୂର୍ବତନ ଉପାଧ୍ୟକ୍ଷ ପ୍ରଫେସର ଅରବିନ୍ଦ ପାନାଗାରିୟାଙ୍କ ନେତୃତ୍ୱରେ ଏକ ଟାସ୍କ ଫୋର୍ସ ୨୦୧୭ରେ ଗଠିତ ହୋଇଥିଲା। ୨୦୧୭ ଜୁଲାଇରେ ଏହି ଟାସ୍କ ଫୋର୍ସ ଏଥିପାଇଁ ଶୀଘ୍ର ସର୍ଭେ କାର୍ଯ୍ୟ ଆରମ୍ଭ କରିବାକୁ ସୁପାରିସ କରିଥିଲା। ପ୍ରତ୍ୟେକ ଘରକୁ ଯାଇ ତଥ୍ୟ ସଂଗ୍ରହ କରିବାକୁ ଏଥିରେ ଯେଉଁ ସୁପାରିସ କରାଯାଇଥିଲା ତଦନୁସାରେ ଏବେ ସର୍ଭେ ଚାଲିଛି। ଜତୀୟ ନମୁନା ସର୍ଭେ ସଂସ୍ଥା ଦ୍ୱାରା କରାଯାଉଥିବା ଏହି ସର୍ଭେର ପ୍ରଥମ ରିପୋର୍ଟ ୨୦୧୯ରେ ପ୍ରକାଶ ପାଇବ ବୋଲି ଆଶା କରାଯାଉଛି। ଏହି ରିପୋର୍ଟ ମିଳିଲେ ଏହାର ତଥ୍ୟାବଳୀ ନିଯୁକ୍ତି ଓ ବେକାରୀ ନେଇ ଚାଲିଥିବା ସମସ୍ତ ଅନାବଶ୍ୟକ ତର୍କ ଓ କଳ୍ପନାଜଳ୍ପନାର ଅବସାନ ଘଟାଇବ।

**ନିଯୁକ୍ତି ସୃଷ୍ଟି ଓ ବେତନ ଖାତା ହିସାବ:**

ନିଯୁକ୍ତିର ବାସ୍ତବସ୍ଥିତି ଆକଳନ କରିବା ପାଇଁ ଭାରତରେ ପ୍ରଥମ କରି ବେତନଖାତାକୁ ହିସାବକୁ ନିଆଯାଇଛି। ଯେଉଁମାନେ ସଂଗଠିତ କ୍ଷେତ୍ରର ନିଯୁକ୍ତି ସଂସ୍ଥାରୁ ଉପସ୍ଥାନ ଭିତ୍ତିରେ ବେତନ ନେଉଛନ୍ତି ସେମାନଙ୍କର ଖାତାପତ୍ରଜନିତ ପ୍ରମାଣ ରହିଛି। ଯେଉଁ କର୍ମଚାରୀଙ୍କ ନାମ ବେତନଖାତାରେ ରହିଛି ସେମାନଙ୍କ ନିଯୁକ୍ତି ଘେନି କୌଣସି ସନ୍ଦେହ ନାହିଁ। କାରଣ ସମ୍ପୃକ୍ତ କର୍ମଚାରୀଙ୍କୁ ମିଳୁଥିବା ବିଭିନ୍ନ ସାମାଜିକ ସୁରକ୍ଷା ବାବଦ ଲାଭ ଓ ଅନ୍ୟାନ୍ୟ ତଥ୍ୟ

ଇପିଏଫ୍‌ଓ ସଂସ୍ଥା ମାଧ୍ୟମରେ କରାଯାଉଛି। ଏହି ତଥ୍ୟ ଅନୁସାରେ ସେପ୍ଟେମ୍ବର ୨୦୧୭ରୁ ୨୦୧୮ ଏପ୍ରିଲ ମଧ୍ୟରେ ୪୧ଲକ୍ଷ ଆନୁଷ୍ଠାନିକ ନିଯୁକ୍ତି ସୃଷ୍ଟି ହୋଇଛି। ଏହା ପୂର୍ବରୁ ଘୋଷ ଆଣ୍ଡ ଘୋଷ ଇପିଏଫ୍‌ଓ, ଏସିକ୍ ଓ ଏନ୍‌ପିଏସ୍ ଡେଟାକୁ ହିସାବକୁ ନେଇ କହିଛନ୍ତି ଯେ ୨୦୧୬ରୁ ୨୦୧୭ ମଧ୍ୟରେ ପ୍ରାୟ ୭୦ଲକ୍ଷ ଚାକିରି ଭାରତରେ ସୃଷ୍ଟି ହୋଇଛି। ଏହି ଦୁଇ ଲେଖକ ନୀତି ଆୟୋଗ ସହ ସଂପୃକ୍ତ ଏବଂ ସେମାନେ ସର୍ଭେରେ ଏହି ସମୟ ମଧ୍ୟରେ କେତେ ନୂତନ ନିଯୁକ୍ତି ବା ଚାକିରି ସୃଷ୍ଟି ହୋଇଛି ସେ ସଂକ୍ରାନ୍ତ ତଥ୍ୟାବଳୀ ଅତି ଯତ୍ନର ସହ ସଂଗ୍ରହ କରିଛନ୍ତି।

ଇପିଏଫ୍‌ଓ ତଥ୍ୟ ଅନୁସାରେ ୨୦୧୭-୧୮ରେ ମୋଟ୍ ୫.୫ନିୟୁତ ନିଯୁକ୍ତି ସୃଷ୍ଟି ହୋଇଥିବାବେଳେ କେବଳ ୨୦୧୬-୧୭ରେ ଏଥିରୁ ୪.୫ ନିୟୁତ ଚାକିରି ସୃଷ୍ଟି ହୋଇଥିଲା। ନିଯୁକ୍ତି ସମ୍ପର୍କରେ ଇପିଏଫ୍‌ଓ ପକ୍ଷରୁ ପ୍ରଥମ କରି ତଥ୍ୟାବଳୀ ପ୍ରକାଶ କରିବା କାର୍ଯ୍ୟ ଆରମ୍ଭ ହୋଇଛି। ଘୋଷ ଆଣ୍ଡ ଘୋଷଙ୍କ ତଥ୍ୟ ଓ ଇପିଏଫ୍‌ଓ ତଥ୍ୟ ମଧ୍ୟରେ ବିଶେଷ କିଛି ପାର୍ଥକ୍ୟ ନାହିଁ।

ବେତନ ଖାତା ତଥ୍ୟାବଳୀ ବା ପେ-ରୋଲ୍ ରିପୋଟିଂ ମାଧ୍ୟମରେ କେବଳ ଆନୁଷ୍ଠାନିକ କ୍ଷେତ୍ରର ନିଯୁକ୍ତି ସମ୍ପର୍କରେ ତଥ୍ୟ ମିଳୁଛି। ତେବେ ଅଣଆନୁଷ୍ଠାନିକ କ୍ଷେତ୍ରରେ ନୂଆ ପ୍ରକାର ନିଯୁକ୍ତିର ବହୁ ସଫଳ କାହାଣୀ ଦେଖିବାକୁ ମିଳୁଛି। ସେ ସମ୍ପର୍କରେ ନିମ୍ନରେ ଆଲୋଚନା କରାଯାଇଛି।

**ଅସଂଗଠିତ କ୍ଷେତ୍ର:**

ଭାରତର ଅସଂଗଠିତ କ୍ଷେତ୍ରରେ ମୋଟ୍ ଶ୍ରମଶକ୍ତିର ୮୦ଭାଗରୁ ଅଧିକ ଲୋକ ନିଯୁକ୍ତ। ବର୍ତ୍ତମାନର ସରକାରଙ୍କ ଉଦ୍ୟମରେ ଦେଶର ନୂଆ ଅର୍ଥନୀତି ଅଧିକରୁ ଅଧିକ କର୍ମନିଯୁକ୍ତି ସୁଯୋଗ ସୃଷ୍ଟି କରୁଛି। ନୂଆ ଅର୍ଥନୀତି ସଦସ୍ୟଭିତ୍ତିକ ନିଯୁକ୍ତି ସୁଯୋଗ ଦେଇଛି। ଓଲା ଓ ଉବରରେ ଡ୍ରାଇଭର ପାର୍ଟନର ନିଯୁକ୍ତି ସୁଯୋଗ ଅନ୍ୟତମ। ସେହିଭଳି ଫ୍ଲିପ୍‌କାର୍ଟ ଓ ଆମାଜନ/ ସ୍ନାପ୍‌ଡିଲ କିମ୍ବା ଅର୍ବାନ କ୍ଲାପ୍ / କୁଇକର ସର୍ଭିସ ଭଳି ପେସାଦାର ଅର୍ବାନ ସର୍ଭିସ ଆଗ୍ରିଗେଟରମାନେ ଅନେକ ଲୋକଙ୍କୁ ବିତରକ ଭାବେ ନିଯୁକ୍ତି ଦେଉଛନ୍ତି। ଏସବୁ ସଂସ୍ଥା ଆନୁଷ୍ଠାନିକ ନିଯୁକ୍ତିଦାତାଙ୍କଠାରୁ ଭିନ୍ନ। ତେଣୁ ସେମାନଙ୍କ ସହିତ ସଂପୃକ୍ତ କର୍ମଚାରୀ ଆନୁଷ୍ଠାନିକ ବା ବିଧିବଦ୍ଧ ନିଯୁକ୍ତିର ପରିସର କିମ୍ବା ହିସାବକୁ ଆସିପାରୁନାହାନ୍ତି।

ଆମେ ଅନେକ ଉଦାହରଣ ଉପସ୍ଥାପନ କରିପାରିବା। ଭାରତରେ ଟ୍ୟାକ୍ସି ସେବା ବ୍ୟବସାୟ କରୁଥିବା ସଂସ୍ଥା ଓଲାର ନଭେମ୍ବର ୨୦୧୪ସୁଦ୍ଧା ୩୭ ହଜାର ପଞ୍ଜୀକୃତ ଡ୍ରାଇଭର ପାର୍ଟନର (ଅଂଶୀଦାର) ଦେଶର ୨୦ଟି ସହରରେ ଥିଲେ। ମାର୍ଚ୍ଚ ୨୦୧୮ ସୁଦ୍ଧା ଏହି ସଂଖ୍ୟା ଦେଶର ୧୧୦ଟି ସହରରେ ୧୦ଲକ୍ଷରେ ପହଞ୍ଚିଛି। ସେହି ସମୟରେ ଆନ୍ତର୍ଜାତିକ ସ୍ତରର ଟ୍ୟାକ୍ସି ପରିବହନକାରୀ କମ୍ପାନୀ ଉବରର ଭାରତରେ ପଞ୍ଜୀକୃତ ଡ୍ରାଇଭର ପାର୍ଟନରଙ୍କ ସଂଖ୍ୟା ୧୨ଲକ୍ଷ ହୋଇଛି। କେବଳ ଟ୍ୟାକ୍ସି ଭଡ଼ା ବ୍ୟବସାୟରେ ଭାରତରେ ୨୨ଲକ୍ଷ କର୍ମନିଯୁକ୍ତି ଗତ ଚାରିବର୍ଷ ମଧ୍ୟରେ ସୃଷ୍ଟି ହୋଇଛି। ଅର୍ବାନ କ୍ଲାପ୍ ଓ କୁଇକର ସର୍ଭିସ ସଂସ୍ଥା ବ୍ୟକ୍ତିଗତ ଭାବେ ନିଜ ପୋର୍ଟାଲରେ ୨୫ଲକ୍ଷ ପେସାଦାରଙ୍କୁ ପଞ୍ଜୀକୃତ କରି ଦେଶର ମହାନଗରୀଗୁଡ଼ିକରେ ସେବା ଯୋଗାଉଛନ୍ତି। ଚାଟାର୍ଡ ଆକାଉଣ୍ଟାଣ୍ଟ, କମ୍ପାନୀ ସେକ୍ରେଟାରୀ, ଆଇନଜୀବୀ ଓ ଅନ୍ୟାନ୍ୟ ପେସାଦାର ଯେଉଁମାନେ ପ୍ରତିବର୍ଷ ବୃତ୍ତିରେ ହଜାର ହଜାର ସଂଖ୍ୟାରେ ସାମିଲ ହେଉଛନ୍ତି ସେମାନେ ନିଜର କାର୍ଯ୍ୟ ସମ୍ପାଦନ ଓ ସେବା ପ୍ରଦାନ ପାଇଁ ବହୁ ଲୋକଙ୍କୁ ନିଯୁକ୍ତି ଦେଉଛନ୍ତି। ଏମାନଙ୍କ ସଂଖ୍ୟା କେତେ ତାହାର ହିସାବ ନାହିଁ। ଏମାନେ କିନ୍ତୁ ନିଯୁକ୍ତି ସୁଯୋଗ ପାଇବା ସହ ଦେଶର ଅର୍ଥନୀତିକୁ ଅବଦାନ ଯୋଗାଉଛନ୍ତି।

ମାଲପତ୍ର ପରିବହନ, ବିଶେଷ କରି ସଡ଼କ ପରିବହନ କ୍ଷେତ୍ରରେ ଅନେକ ନୂଆ ନିଯୁକ୍ତି ସୃଷ୍ଟି ହେଉଛି। ୨୦୧୩ରେ ଦେଶରେ ପଞ୍ଜୀକୃତ ପରିବହନକାରୀ ଟ୍ରକ ସଂଖ୍ୟା ଥିଲା ୮୧ଲକ୍ଷ। ଏହି ସମୟ ପରଠାରୁ ପ୍ରତିବର୍ଷ ଦେଶରେ ୭ଲକ୍ଷ ନୂଆ ଟ୍ରକ୍ ପରିବହନ ପାଇଁ ପଞ୍ଜୀକୃତ ହେଉଛି। ଏବେ ଭାରତରେ ଏକ କୋଟି ୨୦ଲକ୍ଷ ଟ୍ରକ ଚଳାଚଳ କରୁଛି। ଏହି ସବୁ ଟ୍ରକ ଚାଳନା ଓ ସହାୟତାରେ ସଂପୃକ୍ତ କର୍ମଚାରୀଙ୍କ ସଂଖ୍ୟା କୌଣସି ନିଯୁକ୍ତି ହିସାବ ବା ପରିସଂଖ୍ୟାନରେ ନାହିଁ। ସେହିଭଳି ଅଟୋ ରିକ୍ସା ଚାଳନା, ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ମାଲ ପରିବହନ ପାଇଁ ବ୍ୟବହୃତ ଯାନର ଚାଳକ ଏବଂ ସହାୟକ କର୍ମ ନଯୁକ୍ତି ପାଇ ଜୀବିକାର୍ଜନ କରୁଥିଲେ ମଧ୍ୟ ସେମାନଙ୍କର ପ୍ରକୃତ ସଂଖ୍ୟା ସମ୍ପର୍କରେ କୌଣସି ତଥ୍ୟ ନାହିଁ। ଏସବୁ ଅସଂଗଠିତ ଓ ଅଣଆନୁଷ୍ଠାନିକ କ୍ଷେତ୍ରରେ ଯେଉଁମାନେ ନିଯୁକ୍ତ ଓ ରୋଜଗାରକ୍ଷମ ସେମାନଙ୍କ ସଂଖ୍ୟା ୧୨ ରୁ ୧୫ ଲକ୍ଷ ପର୍ଯ୍ୟନ୍ତ ହେବ। ରାସ୍ତା କଡ଼ ଢାବା, ହୋଟେଲ, ପର୍ଯ୍ୟଟନ ସହ ସଂଯୁକ୍ତ କ୍ଷେତ୍ର, ଗ୍ରାମାଞ୍ଚଳ ମଣ୍ଡି ଓ ହାଟଘାଟରେ କାମ କରି ଜୀବିକା ନିର୍ବାହ କରୁଥିବା ଲୋକଙ୍କ ହିସାବ ନାହିଁ। ଏମାନେ କେହି ବେକାର



ନୁହଁନ୍ତି; ନିଜ ନିଜର ପାଇଟି ବାଛି ଉପାର୍ଜନ କରୁଛନ୍ତି। ଗତ ଚାରି ବର୍ଷ ମଧ୍ୟରେ ଏସବୁ ଅଣଆନୁଷ୍ଠାନିକ କ୍ଷେତ୍ରରେ ନୂଆ ନିଯୁକ୍ତିର ସୁଯୋଗ ଯେ ସୃଷ୍ଟି ହୋଇଛି ତାହାକୁ ଅସ୍ୱୀକାର କରାଯାଇ ନ'ପାରେ।

ଉପର ବର୍ଣ୍ଣିତ ତଥ୍ୟ ପ୍ରମାଣ ଅନୁସାରେ ଅତି ରକ୍ଷଣଶୀଳ ଆକଳନ କଲେ ଦେଖାଯିବ ଯେ ଗତ ଦୁଇ ବର୍ଷ ମଧ୍ୟରେ ଦେଶରେ ୭ ରୁ ୮.୫ ନିୟୁତ ନୂଆ ନିଯୁକ୍ତି ସୃଷ୍ଟି ହୋଇଛି। ପ୍ରତିବର୍ଷ ଶ୍ରମ ବଜାରକୁ ନୂଆ ପ୍ରବେଶ କରୁଥିବା ନିଯୁକ୍ତି ପ୍ରତ୍ୟାଶୀଙ୍କ ଆବଶ୍ୟକତା ପୂରଣ କରିବାକୁ ଏହି କର୍ମନିଯୁକ୍ତି ସୁଯୋଗ ଯଥେଷ୍ଟ।

ଆତ୍ମନିଯୁକ୍ତି : ଦେଶରେ ଆତ୍ମନିଯୁକ୍ତ ଲୋକଙ୍କ ସଂଖ୍ୟା ଗତ ଚାରିବର୍ଷ ମଧ୍ୟରେ ଯଥେଷ୍ଟ ବୃଦ୍ଧି ପାଇଛି। ବର୍ତ୍ତମାନର ସରକାର ଦ୍ୱାରା ଆରମ୍ଭ ହୋଇଥିବା ମୁଦ୍ରା ଋଣ ଯୋଜନା ନିଯୁକ୍ତି ସୃଷ୍ଟି ଓ ଆତ୍ମନିଯୁକ୍ତି ଯୋଜନାକୁ ବିଶେଷ ପ୍ରୋତ୍ସାହନ ଯୋଗାଉଛି। ମୁଦ୍ରା ଯୋଜନାରେ ତିନିପ୍ରକାର ଉଦ୍ୟୋଗ ଶିଶୁ (୫୦ହଜାର ଟଙ୍କା), କିଶୋର (୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ) ଓ ତରୁଣଙ୍କୁ ୫ ରୁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଣର ବ୍ୟବସ୍ଥା ରହିଛି। ଗତ ତିନି ବର୍ଷ ମଧ୍ୟରେ ଏହି ଯୋଜନାରେ ୧୨କୋଟି ୭୦ଲକ୍ଷ ଲୋକଙ୍କୁ ଋଣ ଯୋଗାଇ ଦିଆଯାଇଛି। ଏହାର ଅର୍ଥ ଋଣ ବାବଦରେ ମୋଟ୍ ୬ ଲକ୍ଷ କୋଟି ଟଙ୍କା ପ୍ରଦାନ କରାଯାଇଛି। ମୁଦ୍ରାଋଣ ଗ୍ରହୀତାଙ୍କ ମଧ୍ୟରୁ ୭୪ଶତାଂଶ ବା ୯କୋଟି ମହିଳା। ନୂଆ ଋଣକାରୀଙ୍କ ସଂଖ୍ୟା ପ୍ରାୟ ୨୬ ଶତାଂଶ ବା ୩.୨୫ କୋଟି ହେବ ବୋଲି ହିସାବ କରାଯାଇଛି। ଏସବୁ ଋଣ ନେଇଥିବା ବ୍ୟକ୍ତି ବିଶେଷ ତାହାର ବିନିଯୋଗ କରି ନିଜେ ଆତ୍ମନିଯୁକ୍ତ ହେବା ସହ ନିଜ ଜାଗାରେ ଅନେକଙ୍କ ପାଇଁ ନିଯୁକ୍ତି ସୁବିଧା ସୃଷ୍ଟି କରିପାରିଛନ୍ତି। ମୁଦ୍ରାଋଣ ନେଇଥିବା ବ୍ୟକ୍ତି ଯଦି ଗୋଟିଏ ନିଯୁକ୍ତିର ସୁଯୋଗ ସୃଷ୍ଟି କରିଥିବେ ତେବେ ଏହି ଯୋଜନାରେ ମୋଟ୍ ୬୦ ନିୟୁତ ବା ୬କୋଟି ନିଯୁକ୍ତି ସୃଷ୍ଟି ହୋଇଥିବ ବୋଲି ଆକଳନ କରାଯାଇପାରେ। ପୂର୍ବରୁ ଦିଆଯାଇଥିବା ସଂଖ୍ୟା ଓ ମୁଦ୍ରା ଯୋଜନାରେ ସୃଷ୍ଟି ହୋଇଥିବା ନିଯୁକ୍ତି ସଂଖ୍ୟାକୁ ମିଶାଇଲେ ଦେଖାଯିବ ଯେ ଗତ ଚାରିବର୍ଷ ମଧ୍ୟରେ ଅଣଆନୁଷ୍ଠାନିକ ସେବା କ୍ଷେତ୍ରରେ ପ୍ରଚୁର ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି ଏବଂ ଚାହିଦା ଅନୁସାରେ ଏହା ବଢ଼ିଚାଲିଛି।

ଶ୍ରମବଜାରରେ ଏହି ଚାହିଦା-ଯୋଗାଣ ଭାରସାମ୍ୟ ବୋଧହୁଏ ଅର୍ଥନୀତିର ବାସ୍ତବ ମଜୁରି ହାର ଗତିରେ ଭଲଭାବେ ପ୍ରତିଫଳିତ ହେଉଛି। ଦକ୍ଷ, ପ୍ରଶିକ୍ଷିତ ଶ୍ରମିକଙ୍କ ଅଭାବ ଯୋଗୁଁ ଅନେକ ଶ୍ରମିକ ନିଯୁକ୍ତି ସୁଯୋଗର ଉପଯୋଗ କରିପାରୁନାହାନ୍ତି। ଫଳରେ ଶ୍ରମିକଙ୍କ ରୋଜଗାର କମୁଛି। ଏ କ୍ଷେତ୍ରରେ ତଥ୍ୟାବଳୀର ଅଭାବ ମଧ୍ୟ ଆଉ ଏକ ଦୁର୍ଭାଗ୍ୟଜନକ ବିଷୟ। ଦେଶର ସହରାଞ୍ଚଳର ମଜୁରି ଧାରା ସମ୍ପର୍କରେ କୌଣସି ଡେଟା (ତଥ୍ୟ) ନାହିଁ। ଶ୍ରମ ବ୍ୟୁରୋ ଯେଉଁ ଡେଟା ପ୍ରଦାନ କରିଛି ତାହା ୨୦୧୪ ରୁ ୧୮ ପର୍ଯ୍ୟନ୍ତ କୃଷି ଓ ଅଣକୃଷି ବେଉସାଜନିତ ବାର୍ଷିକ ହାରାହାରି ତଥ୍ୟ। ଅଣ କୃଷି ବର୍ଗ ବେଉସାରେ (ଗ୍ରାମାଞ୍ଚଳରେ) ବାସ୍ତବ ମଜୁରି ପୁରୁଷ ଶ୍ରମିକଙ୍କ କ୍ଷେତ୍ରରେ ବଢ଼େଇ, କମାର, ବୁଣାକାର ଆଦିଙ୍କ କ୍ଷେତ୍ରରେ ବଢ଼ିଛି। ପାଣି ପାଇପ୍ କାମ କରୁଥିବା (ପ୍ଲମ୍ବର) ଲୋକଙ୍କ କ୍ଷେତ୍ରରେ ରୋଜଗାର କେବଳ ସାମାନ୍ୟ କମିଛି। ତେବେ ରାଜମିସ୍ତ୍ରି, କମାର, ବଢ଼େଇ, ସଫେଇ କର୍ମଚାରୀ ଓ ହସ୍ତଶିଳ୍ପ ସାମଗ୍ରୀ କାରିଗରଙ୍କ ଆୟ ଏହି ସମୟରେ ୯ ରୁ ୧୦ ଶତାଂଶ ବଢ଼ିଛି। ଏଥିରୁ ସ୍ପଷ୍ଟ ହୋଇଯାଉଛି ଯେ ଗ୍ରାମାଞ୍ଚଳ ଭାରତରେ ବେକାର ଲୋକଙ୍କ ସଂଖ୍ୟା ଉଦ୍‌ବେଗଜନକ ଭାବେ ବଢ଼ିନାହିଁ।

ମୁଁ ନିଶ୍ଚିତ ଯେ ବାସ୍ତବ ମଜୁରି ବୃଦ୍ଧିର ଏହି ଧାରା ସହରାଞ୍ଚଳ ପେସା, ବେଉସାରେ ପ୍ରତିଫଳିତ ହେବ। ଯେଉଁମାନେ ପାଇଟିହୀନ ଅଭିବୃଦ୍ଧିର କଥା କିମ୍ବା ସନ୍ତୋଷହୀନ ନିଯୁକ୍ତି ସୁଯୋଗ ସୃଷ୍ଟି କଥା କହୁଛନ୍ତି, ସେମାନେ ନିଜନିଜର ପଦ୍ଧତି ଓ ନିର୍ଦ୍ଧାରଣ ମାର୍ଗର ସମୀକ୍ଷା କରିବା ଉଚିତ। ତା' ନକଲେ ସେମାନେ ଅନ୍ତତଃ ପକ୍ଷେ ଜାତୀୟ ନମୁନା ସର୍ଭେ ସଂସ୍ଥାର ନିଯୁକ୍ତି ସଂକ୍ରାନ୍ତ ସର୍ବେକ୍ଷଣର ଚୂଡ଼ାନ୍ତ ରିପୋର୍ଟକୁ ଅପେକ୍ଷା କରନ୍ତୁ। ସେହି ରିପୋର୍ଟରେ ତଥ୍ୟାବଳୀ ସେମାନଙ୍କ ଧାରଣା ବଦଳାଇବାରେ ସଫଳ ହେବ ବୋଲି ମୋର ଆଶା ଓ ବିଶ୍ୱାସ।

## ସଫଳ କାହାଣୀ

- ଲୁଧିଆନାର ଜଣେ ମହିଳା ନିବେଦିତା, ଗୋଟିଏ ସିଲେଇ ମେସିନ୍ ସହାୟତାରେ ନିଜର ପୋଷାକ ବ୍ୟବସାୟ ଚଳାଉଥିଲେ। ମୁଦ୍ରାଋଣ ନେବା ପରେ ସେ ୧୦ଟି ମେସିନ୍ ପକାଇ ନିଜର ବ୍ୟବସାୟକୁ ବଢ଼ାଇଛନ୍ତି। ଏଥିସହିତ ସେ ନିଜ ଅଞ୍ଚଳର ୧୦ଜଣଙ୍କୁ କର୍ମସଂସ୍ଥାନ ଦେବାରେ ସଫଳ ହୋଇଛନ୍ତି।
- କଲକାତାର କାକଲି ଘୋଷ ମୁଦ୍ରାଋଣ ନେଇ ଲାବରେଟରୀ ଗ୍ଲାସ୍ ନିର୍ମାଣ କରୁଥିବା ତାଙ୍କ ପାରିବାରିକ ବ୍ୟବସାୟର ସଂପ୍ରସାରଣ କରିଛନ୍ତି। ଏଥିସହିତ ସେ ସ୍ଥାନୀୟ ଇଲାକାର ପାଞ୍ଚଜଣଙ୍କୁ କର୍ମନିଯୁକ୍ତି ଯୋଗାଇପାରିଛନ୍ତି।
- ଲକ୍ଷ୍ନୌର ଅଂଜଳି ବନ୍‌ଶଲ୍ ମୁଦ୍ରାଋଣ ନେଇ ତାଙ୍କ ରେସ୍ତୋରାଁର ସଂପ୍ରସାରଣ କରିଛନ୍ତି। ଏଥିରେ ସେ ୧୨ଜଣଙ୍କୁ ନିଯୁକ୍ତି ଦେଇଛନ୍ତି।
- ଅନୱାର ଅଲି ପୂର୍ବରୁ ଜଣେ ଝୋଟ କାରିଗର ଥିଲେ। ସେ ମୁଦ୍ରାଋଣ ନେଇ ନିଜର ଏକ ଝୋଟ ହସ୍ତଶିଳ୍ପ ସାମଗ୍ରୀ ତିଆରି କରି ନିଜେ ଆତ୍ମନିଯୁକ୍ତ ହେବା ସହ ଅନ୍ୟ ତିନିଜଣଙ୍କୁ ନିଯୁକ୍ତି ଦେବାରେ ସଫଳ ହୋଇଛନ୍ତି।

ଲେଖକ ନୀତି ଆୟୋଗର ଉପାଧ୍ୟକ୍ଷ। *E-mail:vch-niti@gov.in*

ବ୍ୟବସ୍ଥା

# ବେତନ ଖାତାର ତଥ୍ୟ ଉପଯୋଗ

● ଟିଭି ମୋହନଦାସ ପଏ, ଯଶ ବୈଦ



ଭାରତରେ କେତେ ନିଯୁକ୍ତି ବର୍ଷକୁ ସୃଷ୍ଟି ହେଉଛି ତାହାର ପୂର୍ଣ୍ଣାଙ୍ଗ ତଥ୍ୟାବଳୀ ମିଳେନାହିଁ। ଆନୁଷ୍ଠାନିକ କ୍ଷେତ୍ରରେ ଯେଉଁ ନିଯୁକ୍ତି ବା ଚାକିରି ସୃଷ୍ଟି ହେଉଛି ତାହାର ହିସାବ ପ୍ରଥମଥର ପାଇଁ ବେତନ ଖାତା ତଥ୍ୟାବଳୀ ବା ପେରୋଲ ରିପୋର୍ଟିଂ ଭିତ୍ତିରେ କରାଯାଉଛି। ଯେଉଁମାନେ ବିଭିନ୍ନ ସଂସ୍ଥାରେ ଆନୁଷ୍ଠାନିକ ଭାବେ ନିଯୁକ୍ତି ପାଇ ବେତନ ବା ମଜୁରି ପାଉଛନ୍ତି ସେମାନଙ୍କର ବେତନ ଖାତାରେ ନାମ ପଞ୍ଜୀକୃତ ହେଉଛି। ଏହି ବେତନଖାତା ବା ପେରୋଲରୁ ତଥ୍ୟ ନେଇ ପ୍ରତିବର୍ଷ ଦେଶରେ କେତେ ନୂଆ ନିଯୁକ୍ତି ସୃଷ୍ଟି ହେଉଛି ତାହାର ଏକ ତଥ୍ୟାବଳୀ ପ୍ରସ୍ତୁତ କରାଯାଇପାରିବ। ବାଙ୍ଗାଲୋରସ୍ଥିତ ଭାରତୀୟ ପରିଚାଳନା ପ୍ରତିଷ୍ଠାନ (ଆଇଆଇଏମ୍)ର ପ୍ରଫେସର ପୁଲକ ଘୋଷ ଓ

ଭାରତର ଆନୁଷ୍ଠାନିକ ଓ ଅଣଆନୁଷ୍ଠାନିକ ଉଦ୍ୟୋଗ ମିଳିତଭାବେ ପ୍ରତିବର୍ଷ ଏକ କୋଟିରୁ ଅଧିକ ନିଯୁକ୍ତି ସୃଷ୍ଟି କରିଥାନ୍ତି। ଏହି ହିସାବରେ ଅନେକ ଅଣଆନୁଷ୍ଠାନିକ ଉଦ୍ୟୋଗ ଓ ଏମ୍ଏସ୍ଏମ୍ଇକୁ ଗ୍ରହଣ କରାଯାଇଥିବାରୁ ନିଯୁକ୍ତି ସୃଷ୍ଟିର ଯେଉଁ ଆନୁମାନିକ ସଂଖ୍ୟା ଦିଆଯାଇଛି ତାହା ହୁଏତ କମ୍ ହୋଇପାରେ। ଉନ୍ନତ ଓ ବିଶ୍ୱାସଯୋଗ୍ୟ ତଥ୍ୟ ସଂଗ୍ରହ ବ୍ୟବସ୍ଥା ଏବଂ ସେସବୁର ଉପଯୁକ୍ତ ବିଶ୍ଲେଷଣ ପରେ ହିଁ ଦେଶର ନିଯୁକ୍ତି ସ୍ଥିତିର ପୂର୍ଣ୍ଣାଙ୍ଗ ଚିତ୍ର ମିଳିପାରିବ।

ଟେବୁଲ -୧

| ପ୍ରତିବର୍ଷ ଜନ୍ମନେଉଥିବା ଶିଶୁଙ୍କ ଆକଳନ | ଏକକ | ପ୍ରତିବର୍ଷ ନିଟ୍ ସାମିଲ ହେଉଥିବା ଶିଶୁ |
|---|---|---|
| ଜନଗଣନା ବର୍ଷ ୧୯୯୧ | ଲକ୍ଷ | ୨୫୩ |
| ଜନଗଣନା ବର୍ଷ ୨୦୦୧ | ଲକ୍ଷ | ୨୪୮ |
| ଜନଗଣନା ବର୍ଷ ୨୦୧୧ | ଲକ୍ଷ | ୨୫୨ |

ଟେବୁଲ -୨

| ଭାରତୀୟ ଶ୍ରମଶକ୍ତିର ଗତି | ଏକକ | ୨୦୧୭ |
|---|---|---|
| ଉପର ବର୍ଣ୍ଣିତ ଆକଳନ ଅନୁସାରେ ପ୍ରତିବର୍ଷ ଶ୍ରମଶକ୍ତିରେ ସାମିଲ ହେଉଥିବା ଶ୍ରମିକ | ଲକ୍ଷ | ୨୫୦ |
| ସ୍ୱେଚ୍ଛାକୃତ ଭାବେ ଶ୍ରମବଜାରରେ ସାମିଲ ହେଉଥିବା ଲୋକ (୪୦%) | ଲକ୍ଷ | - ୧୦୦ |
| ପ୍ରତିବର୍ଷ ଶ୍ରମଶକ୍ତିରେ ସାମିଲ ହେଉଥିବା ଶ୍ରମିକ | ଲକ୍ଷ | ୧୫୦ |
| ବାର୍ଷିକ ଗ୍ରାଜୁଏଟ୍ | ଲକ୍ଷ | ୮୮ |
| ଅଧାରୁ ପାଠଛାଡୁଥିବା ପିଲାଙ୍କ ହାର (୨୫%) | ଲକ୍ଷ | -୨୨ |
| ପ୍ରତି ବର୍ଷ ଶ୍ରମଶକ୍ତିରେ ସାମିଲ ହେଉଥିବା ଶିକ୍ଷିତ ଲୋକ | ୬୬,୦୦,୦୦୦ | -- |
| ଅଣଗ୍ରାଜୁଏଟ୍, ଯୋଗ୍ୟତା ନ ଥିବା ଶ୍ରମିକଙ୍କ ବାର୍ଷିକ ଶ୍ରମଶକ୍ତିରେ ଯୋଗଦାନ | ୮୪,୦୦,୦୦୦ | -- |

ଭାରତୀୟ ଷ୍ଟେଟବ୍ୟାଙ୍କର ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଡକ୍ଟର ସୌମ୍ୟକାନ୍ତ ଘୋଷ ଏହି ପେରୋଲ ରିପୋର୍ଟଙ୍କର ପ୍ରମୁଖ ପ୍ରବକ୍ତା। ଏହି ଦୁଇଜଣଙ୍କ ପୂର୍ବରୁ ଜାତୀୟ ନମୁନା ସର୍ଭେ (ଏନ୍‌ଏସ୍‌ଏସ୍‌ଓ) ରିପୋର୍ଟରୁ ମଧ୍ୟ ଦେଶର ନିଯୁକ୍ତି ସମ୍ପର୍କରେ କିଛି ବିଶ୍ୱାସଯୋଗ୍ୟ ତଥ୍ୟ ମିଳୁ ଥିଲା ଯଦିଓ ଏହା ପୂର୍ଣ୍ଣାଙ୍ଗ ନ ଥିଲା। ଅତଏବ ଭାରତର ସାମଗ୍ରିକ ନିଯୁକ୍ତି ସ୍ଥିତି ଜାଣିବା ପାଇଁ ଏକ ଉତ୍ତମ ବ୍ୟବସ୍ଥା ବାହାର କରିବାର ଆବଶ୍ୟକତା ରହିଛି।

ପ୍ରଥମେ ଚାକରି ବଜାରରେ ମାନବ ପୁଞ୍ଜି ଯୋଗାଣର ଅନୁଶୀଳନ ଏ କ୍ଷେତ୍ରରେ ଏକ ଉତ୍ତମ ପଦକ୍ଷେପ ହେବ। ୧୯୯୧, ୨୦୦୧ ଓ ୨୦୧୧ ଜନଗଣନା ରିପୋର୍ଟର ତଥ୍ୟାବଳୀକୁ ବିଚାରକୁ ନେଇ ଘୋଷ ରିପୋର୍ଟରେ କୁହାଯାଇଛି ଯେ ପ୍ରତିବର୍ଷ ଭାରତରେ ୨.୫କୋଟି ଶିଶୁ ଜନ୍ମ ନିଅନ୍ତି। ସେହି ହିସାବରେ ସମାନ ସଂଖ୍ୟକ ଯୁବକ ଗୋଟିଏ ବର୍ଷରେ ୨୧ବର୍ଷ ବୟସରେ ପଦାର୍ପଣ କରନ୍ତି। ଏହି ପ୍ରକ୍ରିୟା ଆଗାମୀ ୨୦ବର୍ଷ ପର୍ଯ୍ୟନ୍ତ ଅବ୍ୟାହତ ରହିବ।

ଏହି ୨.୫ କୋଟିଙ୍କ ମଧ୍ୟରୁ ପ୍ରତିବର୍ଷ ଶ୍ରମ ବଜାରରେ ପ୍ରବେଶ କରିବାକୁ ଥିବା ଲୋକଙ୍କ ହାର ୬୦ ଶତାଂଶ ବା ୧.୫କୋଟି। ସେହିଭଳି ଅଖିଳ ଭାରତୀୟ ଉଚ୍ଚଶିକ୍ଷା ସର୍ଭେ ତଥ୍ୟ ଅନୁସାରେ ପ୍ରତିବର୍ଷ ଦେଶରେ ୮୮ଲକ୍ଷ ଗ୍ରାଜୁଏଟ୍ ବାହାରୁଛନ୍ତି। ସେମାନଙ୍କ ମଧ୍ୟରୁ ଚାକରି କରିବାକୁ ଅନିଚ୍ଛୁକଙ୍କ ସଂଖ୍ୟା ୨୫ ଶତାଂଶ ହୋଇପାରେ ବୋଲି ଆକଳନ କରାଯାଇଛି। ତେଣୁ ୬୬ଲକ୍ଷ ଗ୍ରାଜୁଏଟ ଚାକରି ବଜାରରେ  ପ୍ରବେଶ କରନ୍ତି। ଏହା ଏକ କ୍ରମାଗତ ବାର୍ଷିକ ପ୍ରକ୍ରିୟା ଏବଂ ଏହି କ୍ରମରେ ପ୍ରତିବର୍ଷ ଅଧିକରୁ ଅଧିକ ସଂଖ୍ୟକ ଶିକ୍ଷିତ ନିଯୁକ୍ତି ବଜାରକୁ ପ୍ରବେଶ କରୁଛନ୍ତି। ସେହିଭଳି ପ୍ରତିବର୍ଷ ଦେଶର ଶ୍ରମବଜାରରେ ୮୪ ଲକ୍ଷ ଅଣଗ୍ରାଜୁଏଟ୍ ସାମିଲ ହେଉଛନ୍ତି।

ନିଯୁକ୍ତି ଏହାର ସଂଜ୍ଞା ଅନୁସାରେ ଉଭୟ ଆନୁଷ୍ଠାନିକ ଓ ଅଣଆନୁଷ୍ଠାନିକ କ୍ଷେତ୍ର ମଧ୍ୟରେ ବିଭାଜିତ। ଆନୁଷ୍ଠାନିକ କ୍ଷେତ୍ରର ନିଯୁକ୍ତିରେ ସାମାଜିକ ନିରାପତ୍ତା ବ୍ୟବସ୍ଥା ରହିଛି। ତିନିଟି ସଂସ୍ଥା ଇପିଏଫ୍‌ଓ, ଇଏସ୍‌ଆଇସି ବା ଏସିକ ଓ ଏନ୍‌ପିଏସ୍ ଦ୍ୱାରା ସାମାଜିକ ନିରାପତ୍ତା ଯୋଗାଇଦିଆଯାଉଛି। ଏହା ମଧ୍ୟରୁ ଏନ୍‌ପିଏସ୍ କେବଳ ସରକାରୀ କର୍ମଚାରୀଙ୍କ ପାଇଁ ଉଦ୍ଦିଷ୍ଟ। ତେଣୁ ଆନୁଷ୍ଠାନିକ କ୍ଷେତ୍ରରେ ସୃଷ୍ଟି ହେଉଥିବା ନିଯୁକ୍ତି ସଂକ୍ରାନ୍ତ ତଥ୍ୟ ଜାଣିବା ପାଇଁ ଇପିଏଫ୍‌ଓ ଓ ଏସିକ୍ ହିଁ ଭରସାଯୋଗ୍ୟ ଉତ୍ସ। ଦଶଜଣରୁ ଉର୍ଦ୍ଧ୍ୱ କର୍ମଚାରୀ ନିଯୁକ୍ତ କରୁଥିବା ସବୁ ଶିଳ୍ପସଂସ୍ଥା, ଉଦ୍ୟୋଗ ଓ ପ୍ରତିଷ୍ଠାନର କର୍ମଚାରୀଙ୍କ ସମ୍ପର୍କରେ ଏହି ଦୁଇ ସଂସ୍ଥାଙ୍କ ପାଖରେ ସବିଶେଷ ଖବର ଥାଏ। ଏହି ଦୁଇ ସଂସ୍ଥା ପକ୍ଷରୁ ପ୍ରକାଶିତ ଗତ ଛ' ମାସର ତଥ୍ୟକୁ ଘୋଷ କମିଟି ରିପୋର୍ଟରେ ସବିଶେଷ ଅନୁଶୀଳନ କରାଯାଇଛି। ସେଥିରୁ ମିଳିଥିବା ଫଳାଫଳ ଅନୁସାରେ ଇପିଏଫ୍‌ଓରେ ୫୫ଲକ୍ଷ ଅତିରିକ୍ତ ଶ୍ରମିକ କର୍ମଚାରୀ ପଞ୍ଜୀକୃତ ହୋଇଛନ୍ତି। ସେହିଭଳି ଏସିକ୍ ଓ ଏନ୍‌ପିଏରେ ନୂଆ କର୍ମଚାରୀଙ୍କ ସଂଖ୍ୟା ଯଥାକ୍ରମେ ୯ ଓ ୭ ଲକ୍ଷ ବଢ଼ିଛି। ଫଳରେ ଦେଶରେ ୨୦୧୭-୧୮ ବର୍ଷରେ ମୋଟ୍ ୭୧ଲକ୍ଷ ନୂଆ ନିଯୁକ୍ତି ସୃଷ୍ଟି ସମ୍ଭବ ହୋଇଥିବା ସାମାଜିକ ସୁରକ୍ଷା ବ୍ୟବସ୍ଥାର ତାଲିକାରୁ ସ୍ପଷ୍ଟ ହୋଇଯାଇଛି। ଏହି ତଥ୍ୟ ସନ୍ଦେହର ଉର୍ଦ୍ଧ୍ୱରେ, କାରଣ ନିଯୁକ୍ତି ପାଇଥିବା କର୍ମଚାରୀ, ଶ୍ରମିକଙ୍କ ନାମ ସଂପୃକ୍ତ ସଂସ୍ଥାର ବେତନଖାତାରେ ରହିଛି ଓ ସେମାନଙ୍କୁ ବିଭିନ୍ନ ପ୍ରକାର ସାମାଜିକ ସୁରକ୍ଷା ବ୍ୟବସ୍ଥା ମିଳୁଛି। ୨୦୧୮ବର୍ଷ ପାଇଁ ଏହି ନିଯୁକ୍ତିର ତଥ୍ୟ ପରିସଂଖ୍ୟାନ ସଂଗୃହୀତ ହେଉଛି। ଏଥିରେ କିଛି ବୃଦ୍ଧି ଘଟିପାରେ। ତେବେ ସେ ଯା' ହେଉ ମୋଟାମୋଟି ଧରିନେବାକୁ ହେବ ଯେ ଆନୁଷ୍ଠାନିକ କ୍ଷେତ୍ରରେ ଏବେ ବାର୍ଷିକ ହାରାହାରି ୭୦ ଲକ୍ଷ ନିଯୁକ୍ତି ସୃଷ୍ଟି କରାଯାଇପାରୁଛି।

ଯେଉଁମାନେ ସାମାଜିକ ସୁରକ୍ଷା ବ୍ୟବସ୍ଥା ବାହାରେ ଅଛନ୍ତି ସେଭଳି ଶ୍ରମିକଙ୍କ କଥା ମଧ୍ୟ ବିଚାରକୁ ନେବାର ଆବଶ୍ୟକତା ରହିଛି। ଚାର୍ଟାର୍ଡ ଆକାଉଣ୍ଟାଣ୍ଟ, ଆଇନଜୀବୀ ଓ ଡାକ୍ତରଙ୍କ ଭଳି ବୃତ୍ତିଜୀବୀମାନେ ମଧ୍ୟ ଅନେକ ଲୋକଙ୍କୁ ନିଯୁକ୍ତି ଦେଇଥାନ୍ତି। ସେସବୁ କର୍ମଚାରୀଙ୍କୁ ମଧ୍ୟ ହିସାବକୁ ନିଆଯିବା ଆବଶ୍ୟକ। ଭାରତୀୟ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ପ୍ରତିଷ୍ଠାନର ତଥ୍ୟ ଅନୁସାରେ ୨୦୧୭ରେ ୬୯୭୦ ନୂଆ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ବୃତ୍ତିରେ ସାମିଲ ହୋଇଥିଲେ। ଏହାଛଡ଼ା ୫୬୨୪ ଜଣ ନିଜର ଫାର୍ମ ଖୋଲି ନିଜର ବୃତ୍ତି ସ୍ୱାଧୀନ ଭାବେ ଆରମ୍ଭ କରିଛନ୍ତି। ଅତଏବ ଏଭଳି ବୃତ୍ତିଗତ କ୍ଷେତ୍ରରେ ପ୍ରତିବର୍ଷ ଯେତେ ନିଯୁକ୍ତି ସୁଯୋଗ ସୃଷ୍ଟି ହେଉଛି ତାହାକୁ ମଧ୍ୟ ହିସାବକୁ ନେବା ଆବଶ୍ୟକ।

ଓକିଲ ଓ ଡାକ୍ତରଙ୍କ କ୍ଷେତ୍ରରେ ମଧ୍ୟ ଏକା ସ୍ଥିତି। ୨୦୧୭ରେ ପ୍ରାୟ ୮୦ ହଜାର ଆଇନଜୀବୀ ଓ

**ଟେବୁଲ -୩**

| ଯୋଜନା / କାର୍ଯ୍ୟକ୍ରମ | ଆର୍ଥିକ ବର୍ଷ ୨୦୧୮ | ବାର୍ଷିକ ନିଯୁକ୍ତି ସୃଷ୍ଟି |
|---|---|---|
| ଇପିଏଫ୍‌ଓ | ୫୫,୦୦,୦୦୦ | |
| ଏନ୍‌ପିଏସ୍ | ୭,୦୦,୦୦୦ | |
| ଇଏସ୍‌ଆଇସି | ୯,୦୦,୦୦୦ | |
| ସଂଗଠିତ କ୍ଷେତ୍ରରେ ମୋଟ ନିଯୁକ୍ତି ସୃଷ୍ଟି | | ୭୧,୦୦,୦୦୦ |

**ଟେବୁଲ -୪**

| **ଚାର୍ଟାର୍ଡ ଆକାଉଣ୍ଟାଣ୍ଟ** | **୨୦୧୬ ଆର୍ଥିକ ବର୍ଷ** | **୨୦୧୭ ଆର୍ଥିକ ବର୍ଷ** | **ବାର୍ଷିକ ନିଯୁକ୍ତି ସୃଷ୍ଟି** |
|---|---|---|---|
| ୨୦୧୬-୧୭ରେ ନୂଆ ସିଏଙ୍କ ସଂଖ୍ୟା | | ୧୬,୯୭୦ | |
| ସଦର କାର୍ଯ୍ୟାଳୟ ଓ ଶାଖା ସହିତ ପ୍ରାକ୍ଟିସିଂ ଫାର୍ମ ସଂଖ୍ୟା | ୭୯,୯୯୩ | ୮୫,୬୧୭ | |
| ୨୦୧୬-୧୭ରେ ସାମିଲ ନୂଆ ପ୍ରାକ୍ଟିସିଂ ଫାର୍ମ ସଂଖ୍ୟା | | ୫୬୨୪ | |
| ମୋଟ୍ ଷ୍ଟାଫ୍ ନିଯୁକ୍ତି ସଂଖ୍ୟା ବାର୍ଷିକ | | ୧,୧୨,୪୮୦ | |
| | | | ୧,୧୮,୧୦୪ |

| ଚିକିତ୍ସା ବୃତ୍ତିଧାରୀ | ଆର୍ଥିକ ବର୍ଷ -୨୦୧୬ | ଆର୍ଥିକ ବର୍ଷ ୨୦୧୭ | ବାର୍ଷିକ ମୋଟ୍ ନିଯୁକ୍ତି ସୃଷ୍ଟି |
|---|---|---|---|
| ମୋଟ୍ ଡାକ୍ତର | | ୨୫,୨୮୨ | |
| ମୋଟ୍ ଦନ୍ତ ଚିକିତ୍ସକ | | ୫୩,୪୭୩ | |
| ମୋଟ୍ ଆୟୁଷ ଡାକ୍ତର | | ୨,୨୦୦ | |
| ମୋଟ୍ ଚିକିତ୍ସା ପେସାଦାର (୨୦୧୬-୧୭) | | ୮୦,୯୫୫ | |
| ନୂଆ ବୃତ୍ତିଧାରୀଙ୍କ ମିଶ୍ରଣ ୨୦୧୬-୧୭ରେ ୬୦% ହାରରେ | | ୪୮,୫୭୩ | |
| ବାର୍ଷିକ ସୃଷ୍ଟି ହେଉଥିବା କର୍ମଚାରୀ ନିଯୁକ୍ତି ସୁବିଧା | | ୨,୪୨,୮୬୫ | |
| | | | ୨,୯୧,୪୩୮ |

| **ଓକିଲ** | | **୨୦୧୭ ଆର୍ଥିକ ବର୍ଷ** | **ବାର୍ଷିକ ସୃଷ୍ଟି ହେଉଥିବା ମୋଟ୍ ନିଯୁକ୍ତି** |
|---|---|---|---|
| ନୂଆ ଓକିଲ (ୟୁଜି) | | ୬୭,୯୭୩ | |
| ନୂଆ ଓକିଲ (ପିଜି) | | ୧୧,୩୮୭ | |
| ମୋଟ୍ ନୂଆ ଓକିଲ | | ୭୯,୩୬୦ | |
| ଅଣ୍ଡର ଗ୍ରାଜୁଏଟ୍, ଯେଉଁମାନେ ଓକିଲାତି କରୁଛନ୍ତି (ଆନୁମାନିକ ୬୦%) | | ୪୦,୭୮୪ | |
| ପୋଷ୍ଟ ଗ୍ରାଜୁଏଟ୍, ଯେଉଁମାନେ ଓକିଲାତି କରୁଛନ୍ତି (ଆନୁମାନିକ ୮୦%) | | ୯,୧୧୦ | |
| ମୋଟ୍ ଓକିଲାତି କରୁଥିବା ଓକିଲଙ୍କ ବାର୍ଷିକ ସଂଖ୍ୟା | | ୪୯,୮୯୩ | |
| ଓକିଲଙ୍କ ଦ୍ୱାରା ବାର୍ଷିକ ସୃଷ୍ଟି ହେଉଥିବା ନୂଆ ଷ୍ଟାଫ୍ ଓ ନିଯୁକ୍ତି | | ୧,୪୯,୬୮୦ | |
| | | | ୧,୯୯,୫୭୪ |
| **ପେସାଦାରମାନଙ୍କଦ୍ୱାରା ୨୦୧୬-୧୭ରେ ସୃଷ୍ଟି ହୋଇଥିବା ମୋଟ୍ ନିଯୁକ୍ତି (କନ୍‌ସଲଟାଣ୍ଟ ଓ କଷ୍ଟଆକାଉଣ୍ଟାଣ୍ଟଙ୍କ ବ୍ୟତୀତ)** | | | **୬,୦୯,୧୧୬** |

ଚିକିତ୍ସକ ବୃତ୍ତି ଆରମ୍ଭ କରିବା ସହ ବହୁସଂଖ୍ୟକ ଲୋକଙ୍କୁ କର୍ମନିଯୁକ୍ତି ଦେଇଛନ୍ତି। ସେମାନଙ୍କ ସଂଖ୍ୟା ନିର୍ଭୁଲ ଭାବେ ନିର୍ଦ୍ଧାରଣ କରିବା ଆବଶ୍ୟକ।

ଆମ ଆକଳନ ଅନୁସାରେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ, ଚିକିତ୍ସା ଓ ଆଇନ କ୍ଷେତ୍ରରେ ବାର୍ଷିକ ଛ'ଲକ୍ଷ ନିଯୁକ୍ତି ସୁଯୋଗ ସିଧାସଳଖ ସୃଷ୍ଟି ହେଉଛି। ଅଣଆନୁଷ୍ଠାନିକ ନିଯୁକ୍ତି କ୍ଷେତ୍ରରେ ଏହା ଏକ ଉଲ୍ଲେଖନୀୟ ଉପଲବ୍ଧି ନିଶ୍ଚୟ। ଏହି ବୃତ୍ତିଜୀବୀମାନେ ନିଜର ବୃତ୍ତିଗତ କାର୍ଯ୍ୟ ପାଇଁ କ୍ଲର୍କ, ହିସାବରକ୍ଷକ, ନର୍ସ, ସହାୟକ, ଡ୍ରାଇଭର ଓ ଅନ୍ୟାନ୍ୟ କର୍ମଚାରୀଙ୍କୁ ନିଯୁକ୍ତି ଦେଇଥାନ୍ତି। ସେମାନଙ୍କୁ ମିଶାଇଲେ ଏହି ତିନିଟି ଅଣଆନୁଷ୍ଠାନିକ କ୍ଷେତ୍ରରେ ବାର୍ଷିକ ୧.୦୮ କୋଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେଉଛି।

ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନାରେ କାର୍ଯ୍ୟକାରୀ ହେଉଥିବା ଦକ୍ଷତା ବିକାଶ କାର୍ଯ୍ୟକ୍ରମର ତଥ୍ୟାବଳୀ ଟେବୁଲ-୬ରେ ଦିଆଯାଇଛି। ଏହି କାର୍ଯ୍ୟକ୍ରମ ଜରିଆରେ ପ୍ରାୟ ପାଞ୍ଚ ଲକ୍ଷ ନିଯୁକ୍ତି ସୃଷ୍ଟି ହୋଇଛି। ଅଣଆନୁଷ୍ଠାନିକ ନିଯୁକ୍ତି କ୍ଷେତ୍ରରେ ପରିବହନ ଉଦ୍ୟୋଗ ସର୍ବାଧିକ ନିଯୁକ୍ତି ସୃଷ୍ଟି କରୁଛି। ଉଭୟ ବ୍ୟକ୍ତିଗତ ଓ କ୍ଷୁଦ୍ରକ୍ଷୁଦ୍ର ଫାର୍ମ ଦ୍ୱାରା ପରିଚାଳିତ ପରିବହନ ବ୍ୟବସାୟରେ ବର୍ଷକୁ ପ୍ରାୟ ୨୦ଲକ୍ଷ କର୍ମ ନିଯୁକ୍ତି ସୃଷ୍ଟି ହେଉଛି ବୋଲି ସର୍ବଭାରତୀୟ ମୋଟର ପରିବହନ ସଂସ୍ଥାର ତଥ୍ୟରୁ ଜଣାଯାଏ। ତେବେ ଏହି ନିଯୁକ୍ତି ସମ୍ପର୍କରେ ଇପିଏଫ୍‌ଓ ଓ ଇଏସ୍‌ଆଇ ପାଖରେ କୌଣସି ତଥ୍ୟ ପ୍ରମାଣ ନାହିଁ; କାରଣ ସଂପୃକ୍ତ ଶ୍ରମିକ କର୍ମଚାରୀ ସାମାଜିକ ସୁରକ୍ଷା ବ୍ୟବସ୍ଥାର ଅନ୍ତର୍ଭୁକ୍ତ ହୋଇନାହାନ୍ତି।

**ଟେବୁଲ -୫**

| **ଚାର୍ଟାର୍ଡ ଆକାଉଣ୍ଟାଣ୍ଟ** | **୨୦୧୭ ଆର୍ଥିକ ବର୍ଷର ସ୍ଥିତି** | **ଜବ୍‌ଷ୍ଟକ୍** |
|---|---|---|
| ଭାରତରେ ପ୍ରାକ୍ଟିସିଂ ଫାର୍ମ ସଂଖ୍ୟା (ସଦର ଓ ଶାଖା କାର୍ଯ୍ୟାଳୟ) | ୮୫,୬୧୭ | |
| ଷ୍ଟାଫ୍ ନିଯୁକ୍ତି ସୃଷ୍ଟି / (ପ୍ରାକ୍ଟିସ୍ ପ୍ରତି ୨୦% ହାରରେ) | ୧୭,୧୨,୨୪୦ | |
| | | ୧୭,୯୭,୯୫୭ |

| ମେଡିକାଲ ପ୍ରାକ୍ଟିସନର | ୨୦୧୭ ଆର୍ଥିକ ବର୍ଷ ସୁଦ୍ଧା | ଜବ୍‌ଷ୍ଟକ୍ |
|---|---|---|
| **ମୋଟ୍ ଡାକ୍ତର** | **୧୦,୪୧,୩୯୫** | |
| ମୋଟ୍ ଦାନ୍ତ ଡାକ୍ତର | ୨,୫୧,୨୦୭ | |
| ମୋଟ୍ ଆୟୁଷ ଡାକ୍ତର | ୭,୭୩,୬୬୮ | |
| ମୋଟ୍ ମେଡିକାଲ ପ୍ରଫେସନାଲ (୬୦% ଅଂଶଗ୍ରହଣ ହାରରେ) | ୧୨,୩୯,୭୬୨ | |
| ଷ୍ଟାଫ୍ ନିଯୁକ୍ତି ସୃଷ୍ଟି (ଡାକ୍ତର ପିଛା ୫ଜଣ ହିସାବରେ) | ୩୮,୭୭,୮୦୬ | |
| ଷ୍ଟାଫ୍ ନିଯୁକ୍ତି ସୃଷ୍ଟି (ଆୟୁଷ ଡାକ୍ତର ପିଛା ୨ଜଣ ହିସାବରେ) | ୯,୨୮,୪୦୨ | |
| | | ୬୦,୪୫,୯୭୦ |

| **ଓକିଲ** | **ଆର୍ଥିକ ବର୍ଷ ୨୦୧୭** | **ଜବ୍‌ଷ୍ଟକ୍** |
|---|---|---|
| ବାର୍ଷିକ ମୋଟ୍ ନୂଆ ଓକିଲାତ | ୪୯,୮୯୩ | |
| ମୋଟ୍ ଓକିଲାତି (ଧରାଯାଉ ୧୫% ବାର୍ଷିକ ବୃଦ୍ଧି) | ୭,୪୮,୪୦୧ | |
| ଷ୍ଟାଫ୍ ନିଯୁକ୍ତି ସୃଷ୍ଟି (ଜଣପିଛା ୩ ହିସାବରେ) | ୨୨,୪୫,୨୦୩ | |
| | | ୨୯,୯୩,୬୦୪ |

କନସଲଟାଣ୍ଟ, କଷ୍ଟ ଆକାଉଣ୍ଟାଣ୍ଟଙ୍କୁ ଛାଡ଼ି ଅନ୍ୟମାନଙ୍କଦ୍ୱାରା ସୃଷ୍ଟି ହୋଇଥିବା ମୋଟ୍ ନିଯୁକ୍ତି ସୁବିଧା --- ୧,୦୮,୩୭,୫୩୧

**ଟେବୁଲ -୬**

| **ପିଏମ୍‌କେଭିୱାଇ ଓ ଏନ୍‌ଏସ୍‌ଡିସି** | **ଆର୍ଥିକ ବର୍ଷ ୨୦୧୭** | **ବାର୍ଷିକ ନିଯୁକ୍ତି ସୃଷ୍ଟି** |
|---|---|---|
| ପିଏମ୍‌କେଭିୱାଇ ଓ ଏନ୍‌ଏସ୍‌ଡିସିରେ ମୋଟ୍ ତାଲିମପ୍ରାପ୍ତ ଲୋକ ସଂଖ୍ୟା | ୧୦,୧୮,୫୭୨ | |
| ନିଯୁକ୍ତି ହାର (୪୯%) | ୪,୯୯,୧୦୦ | |
| **ପିଏମ୍‌କେଭିୱାଇ ଦ୍ୱାରା ନିଯୁକ୍ତି ସୃଷ୍ଟି** | | **୪,୯୯,୧୦୦** |

ଟେବୁଲ -୭

| ବିଭିନ୍ନ ପ୍ରକାର ଯାନ ବିକ୍ରି | ଆର୍ଥିକ ବର୍ଷ ୨୦୧୮ | ବାର୍ଷିକ ନିଯୁକ୍ତି ସୃଷ୍ଟି |
|---|---|---|
| ମୋଟ୍ ବ୍ୟାବସାୟିକ ଯାନ ବିକ୍ରି (ନେଟ୍ ଅଫ୍ ଏକ୍ସପୋର୍ଟ) | ୭,୫୯,୫୮୬ | |
| ବଦଳ ହାର (୨୫%) | - ୧,୮୯,୮୯୭ | |
| | ୫,୬୯,୬୯୦ | |
| ଗାଡ଼ି ପିଛା ହାରାହାରି ୨ଜଣ ହିସାବରେ ମୋଟ୍ ନିଯୁକ୍ତି ସୃଷ୍ଟି | | ୧୧,୩୯,୩୭୯ |
| ତିନି ଚକିଆ ଯାନ ବିକ୍ରି (ନେଟ୍ ଅଫ୍ ଏକ୍ସପୋର୍ଟ) | ୨,୫୪,୬୯୬ | |
| ବଦଳ ହାର (୧୦%) | -୨୫,୪୭୦ | |
| | ୨,୨୯,୨୨୬ | |
| ଯାନ ପିଛା ହାରହାରି ୧.୫ ହିସାବରେ ନିଯୁକ୍ତି ସୃଷ୍ଟି | | ୩,୪୩,୮୪୦ |
| ଯାତ୍ରୀବାହୀ ଯାନର ମୋଟ୍ ବିକ୍ରି ସଂଖ୍ୟା (ନେଟ୍ ଅଫ୍ ଏକ୍ସପୋର୍ଟ) | ୨୫,୪୦,୬୭୮ | |
| ବଦଳ ହାର (୨୦%) | -୫,୦୮,୧୩୬ | |
| | ୨୦,୩୨,୫୪୨ | |
| ଯାନପିଛା ୦.୨୫ ହାରରେ ମୋଟ୍ ନିଯୁକ୍ତି ସୃଷ୍ଟି | | ୫,୦୮,୧୩୬ |

**୨୦୧୭-୨୦୧୮ରେ ପରିବହନ କ୍ଷେତ୍ରରେ ସୃଷ୍ଟି ହୋଇଥିବା ନିଯୁକ୍ତି -- ୧୯,୯୧,୩୫୪**

ଭାରତରେ ବ୍ୟାବସାୟିକ ପରିବହନ ଯାନ ଯଥା ଟ୍ରକ୍, ବସ୍, ଏଲଏମ୍ଭି ଓ ଟ୍ୟାକ୍ସି ଆଦିଦ୍ୱାରା ବାର୍ଷିକ ୩.୬ କୋଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେଉଛି। ଦେଶରେ ଆହୁରି କେତେକ ଅଣଆନୁଷ୍ଠାନିକ କ୍ଷେତ୍ର ରହିଛି ଯେଉଁଠି ବହୁ ସଂଖ୍ୟାରେ ଲୋକେ କାମ କରନ୍ତି। ତେବେ ସେ ସଂକ୍ରାନ୍ତ ତଥ୍ୟାବଳୀ ଉପଲବ୍ଧ ନ ଥିବାରୁ ସେ ବିଷୟରେ ଏଠାରେ ଆଲୋଚନା କରିବାର ଅବକାଶ ନାହିଁ। ଏହାସତ୍ତ୍ୱେ ଅନୁମାନ କରାଯାଇପାରେ ଯେ ପରିବହନ ଓ ଅନ୍ୟାନ୍ୟ ପେସାଦାରମାନଙ୍କ ଦ୍ୱାରା ବାର୍ଷିକ ୨୯ଲକ୍ଷ କର୍ମନିଯୁକ୍ତି ସୃଷ୍ଟି କରାଯାଉଛି ଯେଉଁଥିରେ ଅବଶ୍ୟ ସାମାଜିକ ନିରାପତ୍ତା ବ୍ୟବସ୍ଥା ଶ୍ରମିକ, କର୍ମଚାରୀଙ୍କ ପାଇଁ ନାହିଁ। ଅତଏବ ଉଭୟ ଆନୁଷ୍ଠାନିକ ଓ ଅଣଆନୁଷ୍ଠାନିକ କ୍ଷେତ୍ରକୁ ମିଶାଇଲେ ଭାରତରେ ବାର୍ଷିକ ଏକ କୋଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେଉଛି।

ଏହି ଲେଖାରେ ଆମେ ଆମ ଆଲୋଚନାକୁ କେବଳ କିଛି ସଂଗଠିତ କ୍ଷେତ୍ରର ତଥ୍ୟାବଳୀ ଓ ଅଳ୍ପ କିଛି ଅସଂଗଠିତ କ୍ଷେତ୍ର ମଧ୍ୟରେ ସୀମିତ ରଖିଛୁ। ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଲା କ୍ଷେତ୍ରଓ୍ୱାରୀ ନିଯୁକ୍ତି ସୁଯୋଗର ସମ୍ଭାବନା ଓ ସାମର୍ଥ୍ୟକୁ ଆକଳନ କରିବା।

ବିଭିନ୍ନ ତଥ୍ୟ ଅନୁସାରେ ଭାରତରେ ମୋଟ୍ ସକ୍ରିୟ ଶ୍ରମିକଙ୍କ ସଂଖ୍ୟା ପ୍ରାୟ ୫୦ କୋଟି। ବିଶ୍ୱବ୍ୟାଙ୍କର ତଥ୍ୟ ଅନୁସାରେ କୃଷିକ୍ଷେତ୍ର ୪୩ ଶତାଂଶ କର୍ମନିଯୁକ୍ତି ଯୋଗାଉଛି। ତେଣୁ ଅବଶିଷ୍ଟ ୨୫.୫ କୋଟି ଶ୍ରମିକ ଶିଳ୍ପ ଓ ସେବାକ୍ଷେତ୍ର ପ୍ରତି ଆକର୍ଷିତ ହେଉଛନ୍ତି। ଏହି ୨୫.୫ କୋଟିରୁ ଅତି କମ୍‌ରେ ୯.୫ କୋଟି ଆନୁଷ୍ଠାନିକ ନିଯୁକ୍ତି ପାଉଥିବା ଆମେ ଧରିନେଇଛୁ ଆମ ହିସାବ ପାଇଁ (ଟେବୁଲ-୧୧ ଦ୍ରଷ୍ଟବ୍ୟ)। ଅବଶିଷ୍ଟ ଶ୍ରମିକ ଅଣଆନୁଷ୍ଠାନିକ କ୍ଷେତ୍ରରେ କାମ କରୁଛନ୍ତି। ଏହ ହିସାବ ଅନୁସାରେ ଚୀନ ଓ ଆମେରିକା ପରେ ଭାରତ ତୃତୀୟ ସର୍ବାଧିକ ନିଯୁକ୍ତି ସୃଷ୍ଟିକାରୀ ଦେଶର ମାନ୍ୟତା ପାଇଛି।

ପରିବହନ ଓ ପେସାଦାରୀ ସଂସ୍ଥାରେ ସୃଷ୍ଟି ହେଉଥିବା ନିଯୁକ୍ତି ସୁଯୋଗକୁ ଯଦି ହିସାବକୁ ନିଆଯାଏ ତେବେ ଦେଖାଯିବ ଯେ ଏହି ସଂଖ୍ୟା ପ୍ରାୟ ୪.୭ କୋଟି। ଏହାର ଅର୍ଥ ଅଣଆନୁଷ୍ଠାନିକ କ୍ଷେତ୍ରର ହିସାବ ବାହାରେ ଥିବା ଅନ୍ୟାନ୍ୟ ଇଲାକାରେ ଏହି ୧୪.୩ କୋଟି କାର୍ଯ୍ୟରତ। ତେଣୁ ବେକାରୀ ସଂଖ୍ୟା ନିର୍ଦ୍ଧାରଣ ବେଳେ ହିସାବ ବାହାରେ ଥିବା ଏହି କ୍ଷେତ୍ରର ନିଯୁକ୍ତିକୁ ଉପଯୁକ୍ତ ସର୍ଭେ ମାଧ୍ୟମରେ ବିଚାରକୁ ନେବାକୁ ପଡ଼ିବ। ତେବେ ଯାଇ ପ୍ରକୃତ ବେକାରଙ୍କ ସଂଖ୍ୟା ନିର୍ଦ୍ଧାରିତ ହୋଇପାରିବ।

ଏହି ଅନୁଶୀଳନ ସ୍ପଷ୍ଟ କରୁଛି ଯେ ଭାରତରେ ନିଯୁକ୍ତି ସୃଷ୍ଟି ଏକ ସମସ୍ୟା ନୁହେଁ। ଏଠାରେ ସମସ୍ୟା ହେଲା ବେତନ ବା ମଜୁରିର। ସ୍ୱଳ୍ପ ବେତନ (ମାସିକ ୧୫ ରୁ ୨୦ହଜାର) ଦେଶର ଅସଂଗଠିତ କ୍ଷେତ୍ରର ଏକ ବଡ଼ ସମସ୍ୟା। ଫଳରେ ଏହି କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକ କର୍ମଚାରୀ ସଫଳ, ଆରମଦାୟକ ଜୀବନଯାପନ କରିବାର ସୁଯୋଗ ପାଆନ୍ତି ନାହିଁ। ଅତଏବ ଚାକରିର ଆନୁଷ୍ଠାନିକରଣ ବା ସ୍ଥାୟୀତ୍ୱ, ସାମାଜିକ ନିରାପତ୍ତା ଯୋଗାଣ ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ। ଏଥିପାଇଁ ଅଧିକରୁ ଅଧିକ ସର୍ଭେ ଓ ତଥ୍ୟାବଳୀ ସଂଗ୍ରହର ଆବଶ୍ୟକତା ରହିଛି। ସେହି ତଥ୍ୟାବଳୀକୁ ଭିତ୍ତିକରି ସରକାରୀ ସ୍ତରରେ ନୀତି ନିର୍ଦ୍ଧାରଣ ସହଜ ହେବ।

ଭାରତ ପାଖରେ ତଥ୍ୟ ବା ଡେଟାର ଅଭାବ ରହିଛି ବୋଲି କୁହାଯାଇପାରିବ ନାହିଁ। ନିଯୁକ୍ତି ସଂକ୍ରାନ୍ତ ଅନେକ ତଥ୍ୟବଳୀ ସରକାରଙ୍କ ପାଖରେ ପଡ଼ି ରହିଛି। ଏହି ଡେଟାର ଉପଯୋଗ କରିବାକୁ ଘୋଷ ରିପୋର୍ଟରେ

**ଟେବୁଲ -୮**

## ପରିବହନ କ୍ଷେତ୍ରରେ ମୋଟ୍ ନିଯୁକ୍ତି ୨୦୧୬-୧୭

| ଅଞ୍ଚଳ | ରାଜ୍ୟ | ଟ୍ରକ୍ | ମାଲବୁହା ଏଲ୍ଏମ୍ଭି | ବସ୍ | ଟାକ୍ସି | ଯାତ୍ରୀବାହୀ ଏଲ୍ଏମ୍ଭି | ମୋଟ୍ ପରିବହନ |
|---|---|---|---|---|---|---|---|
| ଉତ୍ତର | ପଞ୍ଜାବ | ୪,୮୪,୨୯୧ | ୧,୪୬,୪୨୩ | ୫୮,୨୫୨ | ୩,୧୨୭ | ୬,୨୭,୯୪୬ | ୧୩,୨୦,-୩୯ |
| | ଉତ୍ତରପ୍ରଦେଶ | ୨,୭୭,୬୨୭ | ୩,୪୨,୧୬୦ | ୬୪,୮୯୨ | ୧,୧୨,୨୭୬ | ୨,୯୯,୮୫୧ | ୧୦,୯୬,୮୦୬ |
| | ହରିୟାଣା | ୩,୮୬,୧୧୭ | ୧,୯୯,୨୨୬ | ୫୬,୫୪୯ | ୬୮,୫୮୩ | ୧,୮୭,୫୧୯ | ୮,୯୭,୯୯୪ |
| | ଜାମ୍ମୁ-କାଶ୍ମୀର | ୫୦,୫୩୦ | ୮୨,୮୦୪ | ୩୧,୫୬୫ | ୪୧,୪୮୩ | ୨୧,୭୮୧ | ୨,୨୮,୧୬୩ |
| | ହିମାଞ୍ଚଳପ୍ରଦେଶ | ୭୭,୮୭୨ | ୬୯,୨୩୪ | ୨୨,୮୫୩ | ୩୪,୭୦୬ | ୩,୯୫୩ | ୨,୦୮,୬୧୮ |
| | ଉତ୍ତରାଞ୍ଚଳ | ୭୩,୯୨୯ | ୪୪,୦୧୮ | ୫,୫୭୦ | ୪୮,୧୮୭ | ୨୫,୫୭୯ | ୧,୯୭,୨୮୩ |
| | ଡାମନ୍-ଡିୟୁ | ୪,୭୭୮ | ୧,୯୯୦ | -- | ୭୪ | ୧,୩୦୫ | ୮,୧୪୭ |
| | ଆଣ୍ଡାମାନ୍-ନିକୋବର ଦ୍ୱିପପୁଞ୍ଜ | -- | -- | ୧,୧୦୬ | ୪୮୯ | ୪,୯୩୧ | ୬,୫୨୬ |
| ପୂର୍ବ | ଦିଲ୍ଲୀ | ୬,୫୩,୫୦୨ | -- | ୯୭,୦୬୫ | ୧,୩୨,୯୬୭ | ୬,୭୩,୩୪୨ | ୧୫,୫୬,୮୭୬ |
| | ମେଘାଳୟ | ୧୫,୪୨୬ | ୧୨,୬୫୪ | ୫,୬୬୮ | ୨୪,୧୭୨ | ୨୧,୯୩୯ | ୭୯,୮୫୯ |
| | ଝାଡ଼ଖଣ୍ଡ | ୬୯,୧୨୪ | ୧,୬୨,୧୨୨ | ୭୫,୬୩୬ | ୧୬,୮୩୭ | ୧,୫୩,୩୩୨ | ୪,୭୭,୦୫୧ |
| | ପଶ୍ଚିମବଙ୍ଗ | ୪,୮୧,୮୮୦ | -- | ୩୫,୩୬୯ | ୧,୨୮,୩୦୮ | ୭୦,୦୧୦ | ୭,୧୫,୫୬୭ |
| | ଓଡ଼ିଶା | ୧,୬୯,୩୨୪ | ୧,୬୫,୮୫୮ | ୨୬,୧୫୦ | ୧,୧୫,୧୩୯ | ୧,୩୯,୭୩୨ | ୬,୧୬,୨୦୩ |
| | ବିହାର | ୧,୦୬,୯୩୩ | ୫୫,୭୪୪ | ୩୨,୯୪୦ | ୯୭,୭୦୩ | ୨,୭୬,୦୪୨ | ୫,୬୯,୩୬୨ |
| | ଆସାମ | ୧,୪୭,୩୫୫ | ୧,୧୯,୧୭୫ | ୨୪,୯୯୩ | ୫୯,୧୭୪ | ୧,୦୯,୦୨୧ | ୪,୫୯,୭୧୮ |
| | ନାଗାଲାଣ୍ଡ | ୧,୪୧,୬୬୩ | ୨୩,୯୭୮ | ୬,୧୩୧ | ୯,୩୨୪ | ୧୯,୮୩୨ | ୨,୦୦,୯୨୮ |
| | ତ୍ରିପୁରା | ୯,୦୯୫ | ୧୧,୫୨୫ | ୩,୦୫୧ | ୧୨,୫୪୨ | ୨୬,୩୪୦ | ୬୨,୫୫୩ |
| | ମିଜୋରାମ | ୫,୮୭୭ | ୨୫,୫୬୮ | ୧,୩୦୬ | ୧୧,୩୬୩ | ୫,୧୩୦ | ୪୯,୨୪୪ |
| | ମଣିପୁର | ୧୮,୩୭୪ | ୨,୬୧୯ | ୩,୮୨୫ | ୧୦,୪୮୦ | ୫,୫୪୭ | ୪୦,୮୪୫ |
| | ସିକ୍କିମ୍ | ୪,୦୧୮ | ୧,୫୯୧ | ୪୧୭ | ୧୪,୦୨୮ | -- | ୨୦,୦୫୪ |
| | ଅରୁଣାଞ୍ଚଳପ୍ରଦେଶ | ୯,୫୭୩ | -- | -- | -- | -- | ୯,୫୭୩ |
| ପଶ୍ଚିମ | ମହାରାଷ୍ଟ୍ର | ୪,୪୫,୩୭୦ | ୯,୯୨,୮୫୬ | ୧,୪୨,୯୮୯ | ୩,୪୩,୬୫୯ | ୭,୧୦,୦୬୦ | ୨୬,୩୪,୯୩୪ |
| | ଗୁଜରାଟ | ୪,୦୧,୫୩୪ | ୬,୭୭,୯୫୧ | ୮୯,୩୫୩ | ୧,୨୩,୫୩୨ | ୫,୫୧,୪୩୪ | ୧୮,୪୩,୮୦୪ |
| | ରାଜସ୍ଥାନ | ୫,୬୯,୩୬୪ | ୧,୦୮,୭୪୨ | ୧,୦୭,୯୫୯ | ୧,୪୧,୧୪୬ | ୧,୯୪,୫୧୬ | ୧୧,୨୧,୭୨୭ |
| | ଚଣ୍ଡିଗଡ଼ | ୧,୯୨୬ | ୯,୪୧୪ | ୨,୯୨୦ | ୮୬୮ | ୭,୬୮୬ | ୨୨,୮୧୪ |
| | ଦାଦ୍ରା-ନଗରହାବେଳି | ୨,୯୮୪ | ୪,୦୧୯ | ୪୨୩ | ୨ | ୪୯୬ | ୭,୯୨୪ |
| ଦକ୍ଷିଣ | ତାମିଲନାଡୁ | ୫,୭୧,୪୩୯ | ୪,୨୭,୩୨୯ | ୧,୮୬,୧୮୨ | ୩,୯୯,୬୬୯ | ୪,୦୪,୩୭୭ | ୧୯,୮୮,୯୯୬ |
| | କର୍ଣ୍ଣାଟକ | ୩,୦୭,୮୪୦ | ୪,୦୮,୦୦୫ | ୯୨,୬୦୨ | ୨,୯୪,୬୮୪ | ୪,୫୧,୯୮୦ | ୧୫,୫୫,୧୧୧ |
| | ତେଲଙ୍ଗାନା | ୬,୧୫,୪୨୦ | -- | ୫୧,୭୪୨ | ୧,୨୪,୮୩୦ | ୩,୪୪,୯୯୩ | ୧୧,୩୬,୯୮୫ |
| | କେରଳ | ୪,୦୫,୬୯୯ | ୩,୨୬,୦୩୦ | ୩୦,୧୯୫ | ୭୭,୪୪୮ | ୩,୫୬,୪୯୫ | ୧୧,୯୫,୮୬୭ |
| | ଆନ୍ଧ୍ରପ୍ରଦେଶ | ୧,୬୨,୬୯୪ | ୨,୧୧,୧୬୮ | ୪୪,୪୮୨ | ୮୨,୧୯୦ | ୪,୯୭,୬୧୦ | ୯,୯୮,୧୪୪ |
| | ଗୋଆ (ସି) | ୪୪,୨୧୯ | ୧୮,୪୧୬ | ୧୧,୭୩୩ | ୧୯,୩୫୦ | ୪,୪୩୩ | ୯୮,୧୫୧ |
| | ପଣ୍ଡିଚେରୀ | ୧,୧୪୩ | ୧୧,୩୨୫ | ୨,୭୨୨ | ୫,୧୨୪ | ୬,୯୫୨ | ୨୭,୨୬୬ |
| | ଲାକ୍ଷାଦ୍ୱୀପ୍ | -- | ୧,୦୮୨ | -- | ୨୫୦ | ୭୫୦ | ୨,୦୮୨ |
| କେନ୍ଦ୍ରୀୟ | ମଧ୍ୟପ୍ରଦେଶ | ୨,୦୯,୨୭୫ | ୨,୬୬,୨୭୪ | ୪୭,୮୮୪ | ୧୯,୯୭୫ | ୧,୨୭,୪୮୭ | ୬,୭୦,୮୯୫ |
| | ଛତିଶଗଡ଼ | ୧,୨୯,୦୪୭ | ୯୫,୪୨୮ | ୬୩,୮୨୯ | ୨୩,୬୦୧ | ୪୦,୭୩୩ | ୩,୫୨,୬୩୮ |
| | ମୋଟ୍ | ୭୦,୫୫,୨୪୨ | ୫୦,୨୪,୭୨୮ | ୧୪,୨୮,୩୫୩ | ୨୫,୯୭,୨୯୦ | ୬୩,୭୩,୧୩୪ | ୨,୨୪,୭୮,୭୪୭ |

ପରିବହନ ଉଦ୍ୟୋଗରେ ମୋଟ୍ ନିଯୁକ୍ତି - ୨୦୧୬-୧୭

**ଟେବୁଲ -୯**

| | ଟ୍ରକ୍ | ମାଲବୁହା ଏଲ୍ଏମ୍ଭଭି | ବସ୍ | ଟାକ୍ସି | ଯାତ୍ରୀବାହୀ ଏଲ୍ଏମ୍ଭି | ମୋଟ୍ ପରିବହନ |
|---|---|---|---|---|---|---|
| ଅନୁମାନ ଅନୁସାରେ ଯାନ ପିଛା ନିଯୁକ୍ତି ସୃଷ୍ଟି | ୨ | ୨ | ୨ | ୨ | ୨ | |
| ଯାନ ପିଛା ନିଯୁକ୍ତି | ୧,୪୧,୧୦,୪୮୪ | ୧,୦୦,୪୯,୪୫୬ | ୨୮,୫.୭୦୬ | ୫୧,୯୪,୫୮୦ | ୧,୨୭,୪୬,୨୬୮ | ୪,୪୯,୫୭,୪୯୪ |
| କାମରେ ଲାଗୁ ନ ଥିବା ଯାନ | -୨୮,୨୨,୦୯୭ | -୨୦,୦୯,୮୯୧ | -୫୭୧,୩୪୧ | -୧୦,୩୮,୯୧୬ | -୨୫,୪୯,୨୫୪ | -୮୯,୯୧,୪୯୯ |
| ୨୦୧୬-୧୭ରେ ପରିବହନ ଉଦ୍ୟୋଗରେ ମୋଟ୍ ନିଯୁକ୍ତି ଷ୍ଟକ | ୧,୧୨,୮୮,୩୮୭ | ୮୦,୩୯,୫୬୫ | ୨୨,୮୫,୨୬୫ | ୪୧,୫୫,୬୬୪ | ୧,୦୧,୯୭,୦୧୪ | ୩,୫୯,୬୫,୯୯୫ |

**ଟେବୁଲ -୧୦**

| କ୍ଷେତ୍ର | | | ବାର୍ଷିକ ନୂଆ ନିଯୁକ୍ତି |
|---|---|---|---|
| ଆନୁଷ୍ଠାନିକ କ୍ଷେତ୍ରରେ ସୃଷ୍ଟି ହୋଇଥିବା ନୂଆ ନିଯୁକ୍ତି (ଇପିଏଫ୍ଓ, ଏନ୍ପିଏସ୍, ଏସିକ) | | | ୭୧,୦୦,୦୦୦ |
| | ସିଏ, ଓକିଲ, ମେଡିକାଲ ବୃତ୍ତିଧାରୀ | ୬,୦୯,୧୧୬ | |
| | ଅନ୍ୟାନ୍ୟ ବୃତ୍ତିଧାରୀ | ୩,୦୦,୦୦୦ | |
| | ପରିବହନ ଉଦ୍ୟୋଗ | ୧୯,୯୧,୩୫୪ | |
| ଅଣଆନୁଷ୍ଠାନିକ କ୍ଷେତ୍ରରେ ସୃଷ୍ଟି ହୋଇଥିବା ମୋଟ୍ ନିଯୁକ୍ତି | | | ୨୯,୦୦,୪୭୦ |
| ବାର୍ଷିକ ମୋଟ୍ ନିଯୁକ୍ତି ସୃଷ୍ଟି | | | ୧,୦୦,୦୦,୪୭୦ |

**ଟେବୁଲ -୧୧**

| ଯୋଜନା | | ମୋଟ୍ ନିଯୁକ୍ତି ଷ୍ଟକ୍ |
|---|---|---|
| ଇପିଏଫ୍ଓ (ନନ୍‌ଜିରୋ) | | ୬,୦୦,୦୦,୦୦୦ |
| ଗଭର୍ଣ୍ଣମେଣ୍ଟ ପାରାଷ୍ଟଟଲ | | ୨,୫୦,୦୦,୦୦୦ |
| ଏସିକ | | ୧,୦୦,୦୦,୦୦୦ |
| ସଂଗଠିତ କ୍ଷେତ୍ରରେ ସୃଷ୍ଟି ହୋଇଥିବା ମୋଟ୍ ନୂଆ ନିଯୁକ୍ତି | | ୯,୫୦,୦୦,୦୦୦ |

**ଟେବୁଲ -୧୨**

| କ୍ଷେତ୍ର | | | ମୋଟ୍ ନିଯୁକ୍ତି ଷ୍ଟକ୍ |
|---|---|---|---|
| ଆନୁଷ୍ଠାନିକ କ୍ଷେତ୍ରରେ ମୋଟ୍ ନିଯୁକ୍ତି ଷ୍ଟକ୍ (ଇପିଏଫ୍ଓ, ଜିପିଏଫ୍ ଓ ଏସିକ) | | | ୯,୫୦,୦୦,୦୦୦ |
| | ବୃତ୍ତିଗତ | ୧,୦୮,୩୭,୫୩୧ | |
| | ପରିବହନ | ୩,୫୯,୬୫,୯୯୫ | |
| ଅଣଆନୁଷ୍ଠାନିକ କ୍ଷେତ୍ରରେ ମୋଟ୍ ନିଯୁକ୍ତି ଷ୍ଟକ୍ | | | ୪,୬୮,୦୩,୫୨୬ |
| ମୋଟ୍ ନିଯୁକ୍ତି ଷ୍ଟକ୍ | | | ୧୪,୧୮,୦୩,୫୨୬ |

ପରାମର୍ଶ ଦିଆଯାଇଛି। ଏହି ତଥ୍ୟାବଳୀର ଉପଯୁକ୍ତ ବିନିଯୋଗ ଓ ଅନୁଶୀଳନ କଲେ ସ୍ପଷ୍ଟ ହୋଇଯିବ ଯେ ଭାରତରେ 'ନିଯୁକ୍ତି ବିହୀନ ଅଭିବୃଦ୍ଧି'ର ଯେଉଁ ଅଭିଯୋଗ ଉଠୁଛି ତାହା ନିରାଧାର। ୧୯୯୧ ରୁ ୨୦୧୮ ମଧ୍ୟରେ ଭାରତୀୟ ଅର୍ଥନୀତି ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇ ବାର୍ଷିକ ୮.୭ ଶତାଂଶ ଅଭିବୃଦ୍ଧି ହାସଲ କରିଛି। ଏଭଳି ଅଭିବୃଦ୍ଧି ଚାକରି ବା ନିଯୁକ୍ତି ବହୀନ ଅଭିବୃଦ୍ଧି ହୋଇ ନ'ପାରେ। ଭାରତର ବର୍ତ୍ତମାନର ଜିଡିପି ଅଭିବୃଦ୍ଧି ହାର ବାର୍ଷିକ ୭.୫ ଶତାଂଶ। ଏହା ବାର୍ଷିକ ନିଯୁକ୍ତି ହାରରେ ଅତିକମ୍‌ରେ ୨.୫ରୁ ୩ ଶତାଂଶ ବୃଦ୍ଧି ଆଣିବାକୁ ସକ୍ଷମ। ପ୍ରଧାନମନ୍ତ୍ରୀ ଯଥାର୍ଥରେ କହିଛନ୍ତି, 'ଆମେ ଉତ୍ତମ ନିଯୁକ୍ତି ପରିସଂଖ୍ୟାନ ଓ ତଥ୍ୟ ଚାହୁଁ।' ତେବେ ଯାଇ ଏହି ତଥ୍ୟଭିତ୍ତିରେ ଅଧିକ ଆନୁଷ୍ଠାନିକ ନିଯୁକ୍ତି ପାଇଁ ନୀତିଗତ ନିଷ୍ପତ୍ତି ନେବାକୁ ସରକାର ଉତ୍ସାହିତ ହେବେ।

**ଲେଖକ ମୋହନ ଦାସ ପଏ, ମଣିପାଲ ଗ୍ଲୋବାଲ ଏଜୁକେସନ ସର୍ଭିସ୍‌ର ଅଧକ୍ଷ। ଯଶ ବୈଦ, ଗବେଷଣା ମୁଖ୍ୟ।**

***E-mail: mohan.pai@manipalglobal.com, E-mail: yashbaid@3one4capital.com)***

ବସ୍ତୁସ୍ଥିତି

# ଭାରତରେ ନିଯୁକ୍ତି ଅଭିବୃଦ୍ଧି

● ସୁରଜିତ୍ ଏସ୍ ଭଲ୍ଲା




ବର୍ତ୍ତମାନର ସରକାର ନିଯୁକ୍ତି ସୃଷ୍ଟି ପ୍ରତି ଧ୍ୟାନ ଦେଇ କେତେକ ସଂସ୍କାରଧର୍ମୀ ପଦକ୍ଷେପ ନେଇଛନ୍ତି। ଶ୍ରମବହୁଳ ସଡ଼କ ନିର୍ମାଣ କାର୍ଯ୍ୟ ଛୋଟ ଛୋଟ ବ୍ୟବସାୟୀଙ୍କ ପାଇଁ ଋଣ ପ୍ରଦାନ ସକାଶେ ମୁଦ୍ରା ପଦକ୍ଷେପ ଏବଂ ନୂଆ ଶ୍ରମିକ ନିଯୁକ୍ତିକୁ ପ୍ରୋତ୍ସାହନ ଦେବା ସକାଶେ ମଜୁରି ରିଆତି ବ୍ୟବସ୍ଥା ଆଦି ଅନ୍ତର୍ଭୁକ୍ତ।

ଭାରତରେ ନିଯୁକ୍ତି ଅଭିବୃଦ୍ଧି ଉପରେ ତୀର୍ଥ ଦାସ ଓ ମୁଁ ମିଶି କରିଥିବା ଏକ ଅଧ୍ୟୟନରୁ ଜଣାପଡ଼ିଲା ଯେ, ୨୦୧୭-୧୮ ଆର୍ଥିକ ବର୍ଷରେ ଭଲ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି। ପାଖାପାଖି ୧୩ ନିୟୁତ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି। ଏହା ପଛର କେତେକ କାରଣ ମଧ୍ୟରୁ ଗୋଟିଏ ହେଉଛି ଯେ ତା' ପୂର୍ବବର୍ଷ ସେତେବେଶୀ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରି ନଥିଲା ଓ ଏହାର କାରଣ ଥିଲା ଲଗାତାର ଦୁଇବର୍ଷ ଧରି ମରୁଡ଼ି ପଡ଼ିବା ଏବଂ ସାମଗ୍ରୀ ଓ ସେବା କର ଓ ବିମୁଦ୍ରୀକରଣ ଭଳି ବୃହତ୍ ଆର୍ଥିକ ସଂସ୍କାର କାର୍ଯ୍ୟକ୍ରମ ଲାଗୁହେବା। ଏବେ ଆସନ୍ତୁ ନିଯୁକ୍ତି ସଂକ୍ରାନ୍ତୀୟ କେତେକ ଦିଗ ଉପରେ ନଜର ପକାଇବା।

**ନିଯୁକ୍ତି ହିସାବ:**

ନିଯୁକ୍ତି ସମ୍ପର୍କରେ ସେତେ ଭଲ ତଥ୍ୟ ନାହିଁ। ବିଶେଷତଃ ଗତ ୪ ବର୍ଷ ମଧ୍ୟରେ ବାସ୍ତବିକ କେତେ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଥିଲା, ସେ ସମ୍ପର୍କରେ ସବିଶେଷ ତଥ୍ୟ ନାହିଁ। ଏହାର କାରଣ ହେଉଛି ଯେ ଜାତୀୟ ନମୁନା ସର୍ବେକ୍ଷଣ ସଂସ୍ଥା ଦ୍ୱାରା ୨୦୧୧-୧୨ ମସିହା ପରେ ଆଉ କୌଣସି ବଡ଼ ଧରଣର ସର୍ବେକ୍ଷଣ କରାଯାଇ ନାହିଁ। ଏହି ସଂସ୍ଥା ଦ୍ୱାରା କରାଯାଇଥିବା ସର୍ବେକ୍ଷଣକୁ ଏକ ମାନକ ଭାବେ ଗ୍ରହଣ କରାଯାଇଥାଏ। ଅବଶ୍ୟ ଏ ସମ୍ପର୍କରେ ସଚେତନ ହୋଇ ଭାରତ ସରକାର ଆଗାମୀ ଅକ୍ଟୋବର ମାସଠାରୁ ସହରାଞ୍ଚଳରେ ପ୍ରତ୍ୟେକ ୪ ମାସରେ ଥରେ ଓ ଗ୍ରାମାଞ୍ଚଳରେ ବର୍ଷକୁ ଥରେ ବଡ଼ ଧରଣର ସର୍ବେକ୍ଷଣ କାର୍ଯ୍ୟ କରାଇବେ।

ଜାତୀୟ ନମୁନା ସର୍ବେକ୍ଷଣ ସଂସ୍ଥା ଦ୍ୱାରା ପ୍ରତ୍ୟେକ ୫ ବର୍ଷରେ ଥରେ ସର୍ବେକ୍ଷଣ କରାଯାଇଥାଏ। ୨୦୧୭-୧୮ ପାଇଁ ପରିବାରସ୍ତରର ସର୍ବେକ୍ଷଣ କାର୍ଯ୍ୟ ସରିଛି ଓ ଜୁଲାଇ ୨୦୧୭ରୁ ଜୁନ୍ ୨୦୧୮ ସମୟାବଧି ସମ୍ପର୍କିତ ତଥ୍ୟ ଏଥିରେ ରହିଛି। ହୁଏତ ଏହି ତଥ୍ୟ ଚଳିତ ବର୍ଷ ଶେଷ ସୁଦ୍ଧା ପ୍ରକାଶିତ ହୋଇପାରେ। ତେଣୁ ବର୍ତ୍ତମାନ ନିଯୁକ୍ତି ସମ୍ପର୍କିତ ଯେକୌଣସି ଆଲୋଚନା କେବଳ ବେସରକାରୀ ଭାବେ ଉପଲବ୍ଧ ତଥ୍ୟ ଉପରେ ପର୍ଯ୍ୟବସିତ ହେବ।

**ଭାରତରେ ନିଯୁକ୍ତି ସମ୍ପର୍କିତ ଐତିହାସିକ ପୃଷ୍ଠଭୂମି:**

୨୦୦୪-୦୫ ମସିହା ପରଠାରୁ ଭାରତରେ ସେମିତି କୌଣସି ବଡ଼ ଧରଣର ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇନାହିଁ। ୧୯୯୯-୨୦୦୦ ମସିହା ମଧ୍ୟରେ ନିଯୁକ୍ତି ଅଭିବୃଦ୍ଧି ହାର ବାର୍ଷିକ ୨.୪ ପ୍ରତିଶତ ରହିଥିଲା। ଏହାର ଅର୍ଥ ବାର୍ଷିକ ୯୭ ଲକ୍ଷ ନିଯୁକ୍ତି। ସେତେବେଳେ ସକଳ ଘରୋଇ ଉତ୍ପାଦନ ହାର ବାର୍ଷିକ ହାରାହାରି ୫.୬ ପ୍ରତିଶତ ଥିଲା। ତେବେ ୨୦୧୧-୧୨ ମସିହା ପରେ ସେତେ ଭଲ ନିଯୁକ୍ତି ଅଭିବୃଦ୍ଧି ଘଟିନଥିଲା। ଏହାର ପ୍ରମୁଖ କାରଣ ଥିଲା ଯେ ଗତ ୧୫୦ ବର୍ଷ ଭିତରେ ପ୍ରଥମଥର ପାଇଁ ୨୦୧୪-୧୫ ଓ ୨୦୧୫-୧୬ ଲଗାତାର ଦୁଇବର୍ଷ ମରୁଡ଼ି ପଡ଼ିଲା। ମରୁଡ଼ି ସାଧାରଣତଃ ନିଯୁକ୍ତି ଅନୁକୂଳ ନୁହଁ, ବିଶେଷ ଭାବେ କୃଷି କ୍ଷେତ୍ରରେ। ଯଦିଓ ତା' ପରବର୍ତ୍ତୀ ଦୁଇବର୍ଷ ପାଣିପାଗ ଭଲ ଥିଲା କିନ୍ତୁ ସରକାର ଦୁଇଟି ବଡ଼

ଆର୍ଥିକ ସଂସ୍କାର କାର୍ଯ୍ୟକ୍ରମ ହାତକୁ ନେଲେ- ଗୋଟିଏ ହେଲା ବିମୁଦ୍ରୀକରଣ ଓ ଅନ୍ୟଟି ସାମଗ୍ରୀ ଓ ସେବା କର। ପ୍ରଥମଟିର ପ୍ରଭାବ ପ୍ରତ୍ୟକ୍ଷ କର ସଂଗ୍ରହ ଉପରେ ଓ ଦ୍ୱିତୀୟଟିର ପ୍ରଭାବ ଅପ୍ରତ୍ୟକ୍ଷ କର ସଂଗ୍ରହ ଉପରେ ପଡ଼ିଲା। ଏହି ଦୁଇ ବୃହତ୍ ଆର୍ଥିକ ସଂସ୍କାର କାର୍ଯ୍ୟକ୍ରମରୁ ସୃଷ୍ଟ ଅନିଶ୍ଚିତତା ପାଇଁ ଅନ୍ତତଃ ଅଳ୍ପ ସମୟ ସକାଶେ ଆର୍ଥିକ ଅଭିବୃଦ୍ଧି ଓ ନିଯୁକ୍ତି ସୁଯୋଗ ବାଧାପ୍ରାପ୍ତ ହେଲା।

ପୁନଶ୍ଚ ବର୍ତ୍ତମାନର ସରକାର ଏକ ଅବ୍ୟବସ୍ଥିତ ବ୍ୟାଙ୍କିଂ କ୍ଷେତ୍ରର ସମ୍ମୁଖୀନ ହେଲେ। ବ୍ୟାଙ୍କଗୁଡ଼ିକର ଅପରିଶୋଧ ଋଣର ପରିମାଣ ବଢ଼ି ବଢ଼ି ଚାଲିଥିଲା। ସରକାରୀ ବ୍ୟାଙ୍କ୍‌ଗୁଡ଼ିକ କ୍ଷେତ୍ରରେ ଏପରି ଅପରିଶୋଧ ଋଣର ପରିମାଣ ପ୍ରାୟ ୮ ପ୍ରତିଶତ ଥିଲା। ଅନ୍ୟପକ୍ଷରେ ବ୍ୟାଙ୍କିଂ ସଂସ୍କାର ହାତକୁ ନିଆଯିବା ଦ୍ୱାରା ଆର୍ଥିକ ଅଭିବୃଦ୍ଧି ବାଧାପ୍ରାପ୍ତ ହେଲା।

ଏହାସହ ଯୋଡ଼ି ହୋଇଗଲା ରିଅଲ୍ ପଲିସି ରେଟ୍ ବା ବାସ୍ତବିକ (ମୁଦ୍ରା) ନୀତି ହାର। ଏହି ହାର ହେଉଛି ରେପୋ ରେଟ୍ (ଯେଉଁ ହାରରେ ବ୍ୟାଙ୍କ୍‌ଗୁଡ଼ିକ ରିଜର୍ଭ ବ୍ୟାଙ୍କ୍‌ଠାରୁ ଋଣ ଆଣନ୍ତି) ଓ ଖାଉଟି ମୂଲ୍ୟସୂଚୀ ଆଧାରିତ ମୁଦ୍ରାସ୍ଫୀତି ଭିତରେ ଥିବା ବ୍ୟବଧାନ। ୨୦୧୪ ମେ' ମାସ ବେଳକୁ ରେପୋ ରେଟ୍ ୮ ପ୍ରତିଶତ ଓ ଖାଉଟି ମୂଲ୍ୟସୂଚୀ ଆଧାରିତ ମୁଦ୍ରାସ୍ଫୀତି ୮.୩ ପ୍ରତିଶତ ଥାଇ ରିଅଲ୍ ପଲିସି ରେଟ୍ -୦.୩ ପ୍ରତିଶତ ଥିଲା। କିନ୍ତୁ ୨୦୧୭-୧୮ ବେଳକୁ ଏହି ହାର ୨୦୦୫ ପରଠାରୁ ସର୍ବାଧିକ ଅର୍ଥାତ୍ ୨.୫ ପ୍ରତିଶତ ରହିଲା। ୨୦୦୫ ମସିହାରେ ଏହି ହାର ୨.୧ ପ୍ରତିଶତ ଥିଲା। ପୁନଶ୍ଚ ୨୦୧୮ ଆର୍ଥିକ ବର୍ଷରେ ଏହି ହାର ଥିଲା ସମଗ୍ର ବିଶ୍ୱରେ ତୃତୀୟ ସର୍ବାଧିକ। (ବ୍ରାଜିଲ୍ ଓ ଋଷିଆ ପରେ)

ବେକାରି ବୃଦ୍ଧିହାର ସ୍ଥିର ରଖିବା ପାଇଁ ୧ କୋଟିରୁ ୧ କୋଟି ୨୦ ଲକ୍ଷ ନିଯୁକ୍ତି ଆବଶ୍ୟକ। ତେବେ ୨୦୧୪-୧୫ ଆର୍ଥିକ ବର୍ଷରେ ୧ କୋଟି ୨ ଲକ୍ଷ ନିଯୁକ୍ତି ଆବଶ୍ୟକ ହୋଇଥିବା ବେଳେ ୨୦୧୧ ମସିହାରେ ଏହା ୮୩ ଲକ୍ଷକୁ ଖସିଆସିଥିଲା ଓ ୨୦୧୭ ବେଳକୁ କେବଳ ୭୫ ଲକ୍ଷ ନିଯୁକ୍ତି ଆବଶ୍ୟକ ପଡ଼ିଲା। ୨୦୨୨ ମସିହା ବେଳକୁ ଏହି ନିଯୁକ୍ତି ଆବଶ୍ୟକତା ୬୯ ଲକ୍ଷକୁ ଖସି ଆସିବ।

**ବିସ୍ତାରିତ ନିଯୁକ୍ତି ସୃଷ୍ଟି ନୀତି:**

ନିଯୁକ୍ତି ସୃଷ୍ଟି ପାଇଁ ବର୍ତ୍ତମାନର ସରକାର କେତେକ ନିର୍ଦ୍ଦିଷ୍ଟ ସଂସ୍କାର କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ପ୍ରଥମଟି ହେଉଛି ଅଧିକ ଶ୍ରମ ନିଯୁକ୍ତି ପାଇଁ ସୁଯୋଗ ଥିବା ସଡ଼କ ନିର୍ମାଣ କାର୍ଯ୍ୟ। ଅନ୍ୟାନ୍ୟ ପଦକ୍ଷେପ ଭିତରେ ରହିଛି କ୍ଷୁଦ୍ର ଉଦ୍ୟୋଗୀମାନଙ୍କ ପାଇଁ ମୁଦ୍ରା ଋଣ ବ୍ୟବସ୍ଥା ଓ ନୂଆ ନିଯୁକ୍ତି ପ୍ରଦାନ କରୁଥିବା ବ୍ୟକ୍ତି/ସଂସ୍ଥାଙ୍କ ସକାଶେ ସରକାରୀ ମଜୁରୀ ରିହାତି ବ୍ୟବସ୍ଥା। (ନିଯୁକ୍ତି ପାଇଥିବା ବ୍ୟକ୍ତିଙ୍କ ଭବିଷ୍ୟନିଧି ପାଣ୍ଠିରେ ସରକାର କିଛି ଅଂଶଦାନ କରିଥାନ୍ତି।) ତେଣୁ ନିର୍ମାଣ କ୍ଷେତ୍ରରେ ଅଧିକ କାର୍ଯ୍ୟ ଯୋଗୁଁ ୨୦୧୮ ଆର୍ଥିକ ବର୍ଷରେ ଅଧିକ ନିଯୁକ୍ତି ସୃଷ୍ଟି ହୋଇପାରିଲା। ଗତ ୬ ବର୍ଷ ଭିତରେ ନିର୍ମାଣ କ୍ଷେତ୍ରରେ ସର୍ବାଧିକ ୫.୮ ପ୍ରତିଶତ ଅଭିବୃଦ୍ଧି ଘଟିଛି। ପୁନଶ୍ଚ ୨୦୧୮ ଆର୍ଥିକ ବର୍ଷରେ ଗତ ୨୦ ବର୍ଷ ଭିତରେ ସକଳ ଘରୋଇ ଉତ୍ପାଦନରେ ସର୍ବାଧିକ ଅଭିବୃଦ୍ଧି ଘଟିଛି। କେବଳ ଏହି ନିର୍ମାଣ କ୍ଷେତ୍ରରୁ ୨୦୧୮ ଆର୍ଥିକ ବର୍ଷରେ ୧୭ ଲକ୍ଷରୁ ୩୦ ଲକ୍ଷ ନିଯୁକ୍ତି ସୃଷ୍ଟି ହୋଇଥାଇ ପାରେ ବୋଲି ଆକଳନ କରାଯାଇଛି।





**ନିଯୁକ୍ତି ଅଭିବୃଦ୍ଧିକୁ ନେଇ ବେସରକାରୀ ଅନୁମାନ:**

ବର୍ତ୍ତମାନ ସୁଦ୍ଧା ନିଯୁକ୍ତି ସୁଯୋଗ ଅଭିବୃଦ୍ଧିକୁ ନେଇ ୩ ପ୍ରକାରର ଆକଳନ ରହିଛି। ପ୍ରଥମଟି ହେଉଛି ସେଣ୍ଟର୍ ଫର୍ ମନିଟରିଂ ଇଣ୍ଡିଆନ୍ ଇକୋନମି ନାମକ ଏକ ବେସରକାରୀ ଅନୁଷ୍ଠାନ ଓ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ଦ୍ୱାରା କରାଯାଇଥିବା ଆକଳନ। ୨୦୧୬ ଜାନୁଆରୀ ମାସଠାରୁ ଏହି ଦୁଇଟି ସଂସ୍ଥା ଦ୍ୱାରା ମିଳିତ ଭାବେ ପ୍ରତ୍ୟେକ ମାସରେ ସର୍ବଭାରତୀୟ ନିଯୁକ୍ତି ସଂକ୍ରାନ୍ତୀୟ ତଥ୍ୟ ପ୍ରକାଶ କରାଯାଇ ଆସୁଛି। ଏଥିରେ ପ୍ରଦତ୍ତ ତଥ୍ୟରୁ ଜଣାପଡ଼େ ଯେ ମେ' ୨୦୧୭ରୁ ଏପ୍ରିଲ୍ ୨୦୧୮ ମଧ୍ୟରେ ପ୍ରାୟ ୩୦ ଲକ୍ଷ ନିଯୁକ୍ତି ହ୍ରାସ ପାଇଛି।

ଦ୍ୱିତୀୟ ଆକଳନଟି ଭାରତୀୟ ପ୍ରବନ୍ଧନ ସଂସ୍ଥାନ ବାଙ୍ଗାଲୋରର ପ୍ରଫେସର ପୁଲକ୍ ଘୋଷ୍ ଓ ଏସ୍‌ବିଆଇର ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ସୌମ୍ୟା ଘୋଷ୍‌ଙ୍କ ମିଳିତ ପ୍ରଚେଷ୍ଟାରେ କରାଯାଇଛି। 'ଟୁୱାର୍ଡସ୍ ପେ' ରୋଲ୍ ରିପୋର୍ଟିଂ ଇନ୍ ଇଣ୍ଡିଆ' ଶୀର୍ଷକ ଲେଖାରେ ସେମାନେ ପ୍ରଥମଥର ପାଇଁ ବେତନ ଆଧାରିତ ନିଯୁକ୍ତି ଦୃଶ୍ୟପଟ୍ଟ ଉପରେ ଆଲୋକପାତ କରିଛନ୍ତି। ସେମାନଙ୍କ ଆକଳନ ଅନୁଯାୟୀ ମାର୍ଚ୍ଚ ୨୦୧୮ରେ ୭୦ ଲକ୍ଷ ଅଣକୃଷି ନିଯୁକ୍ତି ସୃଷ୍ଟି ହୋଇଥିଲା। ପୁନଶ୍ଚ ୨୦୧୮ ଜୁଲାଇ ୧୮ ତାରିଖରେ ସେମାନେ କରିଥିବା ଆକଳନ ଅନୁଯାୟୀ ୨୦୧୮ ଆର୍ଥିକ ବର୍ଷରେ ଅନ୍ତତଃ ୧ କୋଟି ନିଯୁକ୍ତି ସୃଷ୍ଟି ହୋଇଛି।

ତୃତୀୟ ଆକଳନଟି ତୀର୍ଥ ଦାସ ଓ ମୋ' ଦ୍ୱାରା କରାଯାଇଛି। ଆମେ ଆକଳନ କରିଛୁ ଯେ, ୨୦୧୮ ଆର୍ଥିକ ବର୍ଷରେ ୧ କୋଟି ୨୮ ଲକ୍ଷ ନିଯୁକ୍ତି ସୃଷ୍ଟି ହୋଇଛି। ଏହି ଆକଳନରେ ନିର୍ମାଣ କାର୍ଯ୍ୟ ସଂକ୍ରାନ୍ତୀୟ ସକଳ ଘରୋଇ ଉତ୍ପାଦନ ବୃଦ୍ଧି, ଇପିଏଫ୍‌ଓ ତଥ୍ୟ (୧୮ରୁ ୨୧ ବର୍ଷ ପୁରୁଣା) ଏବଂ ୨୦୧୬-୧୭ ବର୍ଷ ପାଇଁ ବେକାରି ସମ୍ପର୍କିତ ସିଏମ୍‌ଆଇଇ ତଥ୍ୟ ସମାହିତ ହୋଇଛି।

**ଅନୁକୂଳ ଜନସଂଖ୍ୟା:**

ଜନସଂଖ୍ୟାରୁ ଲାଭ ଓ ଜନସଂଖ୍ୟାର ଉଚ୍ଚ ଅଭିବୃଦ୍ଧି- ଏ ଦୁଇଟିଯାକ ବର୍ତ୍ତମାନ ଇତିହାସ ପାଲଟିସାରିଛି। ଜାତୀୟ ପ୍ରଜନନ ହାର ଖସିଆସିଥିବା ବେଳେ ପ୍ରତ୍ୟେକ ମହିଳାଙ୍କ ପ୍ରତି ୨.୧ଟି ସନ୍ତାନ, ଜନସଂଖ୍ୟା ବୃଦ୍ଧି ହାର ମଧ୍ୟ ବାର୍ଷିକ ୧.୧ ପ୍ରତିଶତକୁ ମଧ୍ୟ ହ୍ରାସ ପାଇଛି। ଦୁଇ ଦଶନ୍ଧି ତଳେ ଏହା ୧.୮ ପ୍ରତିଶତ ଥିଲା।

ଆଗାମୀ ୫ ବର୍ଷରେ ୧୫ରୁ ୨୪ ବର୍ଷ ବୟସ୍କ ଗୋଷ୍ଠୀଙ୍କ ଜନସଂଖ୍ୟା କେବଳ ୨୫ ଲକ୍ଷ ବୃଦ୍ଧି ପାଇବାର ଆଶା ଅଛି। ଏମାନଙ୍କ ଜନସଂଖ୍ୟା ୨୦୧୭ ବେଳକୁ ୨୩୬.୨ ନିୟୁତ ଥିବାବେଳେ ୨୦୨୨ ମସିହା ସୁଦ୍ଧା ଏହା ୨୩୮.୭ ନିୟୁତକୁ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି। ସେହିଭଳି ୧୫ରୁ ୩୪ ବର୍ଷ ବୟସ୍କ ଗୋଷ୍ଠୀଙ୍କ ଜନସଂଖ୍ୟା ଆଗାମୀ ୫ ବର୍ଷରେ ମାତ୍ର ୧୧.୭ ନିୟୁତ ବୃଦ୍ଧି ପାଇବ ବୋଲି ହିସାବ କରାଯାଇଛି।

ଅନ୍ୟପକ୍ଷରେ ଶିକ୍ଷାନୁଷ୍ଠାନଗୁଡ଼ିକରେ ଛାତ୍ରଛାତ୍ରୀଙ୍କ ପଞ୍ଜୀକରଣ ବେଶ୍ ବୃଦ୍ଧିପାଇଛି। ୨୦୦୪-୦୫ ଏବଂ ୨୦୧୧-୧୨ ମଧ୍ୟରେ (୧୫ ବର୍ଷ ବୟସ୍କ କିମ୍ବା ତଦୁର୍ଦ୍ଧ ବୟସର ଛାତ୍ରଛାତ୍ରୀ) ୪ କୋଟି ଅଧିକ ଛାତ୍ରଛାତ୍ରୀ ବିଦ୍ୟାଳୟ/ମହାବିଦ୍ୟାଳଗୁଡ଼ିକରେ ନାମ ଲେଖାଇଛନ୍ତି। ଏହାର ପରବର୍ତ୍ତୀ ୬ ବର୍ଷ ଭିତରେ ଅର୍ଥାତ୍ ୨୦୧୧-୧୨ରୁ ୨୦୧୭ ମସିହା ମଧ୍ୟରେ ଶିକ୍ଷାନୁଷ୍ଠାନଗୁଡ଼ିକରେ ଛାତ୍ରଛାତ୍ରୀଙ୍କ ପଞ୍ଜୀକରଣ ୧୦୧ ନିୟୁତରୁ ୧୧୨ ନିୟୁତକୁ ବୃଦ୍ଧି ପାଇଛି।

ଦେଶରେ ମହିଳା ଶ୍ରମଶକ୍ତିର ଉପଯୋଗ ହ୍ରାସ ପାଇଛି। ତେବେ ଏହି ତଥ୍ୟଟି ଭୁଲ୍ ବୁଝାମଣାର ଶିକାର ହୋଇଛି। ଏହାର ଦୁଇଟି କାରଣ ଅଛି। ପ୍ରଥମଟି ହେଉଛି ମହିଳା ଶ୍ରମଶକ୍ତି ଅଂଶଗ୍ରହଣରେ ଯେଉଁ ହ୍ରାସ ପାଇଛି ବୋଲି କୁହାଯାଉଛି, ତା'ର ପାଖାପାଖି ଅଧା କେବଳ ଏଥିପାଇଁ ଘଟିଛି ଯେ ଅଧିକରୁ ଅଧିକ ମହିଳା ବିଦ୍ୟାଳୟ/ମହାବିଦ୍ୟାଳୟରେ ଉପସ୍ଥିତ ହୋଇ ଶିକ୍ଷା ଲାଭ କରୁଛନ୍ତି। ଦ୍ୱିତୀୟରେ କେବଳ ମହିଳା ନୁହଁ ବରଂ ପୁରୁଷ ଶ୍ରମଶକ୍ତି ଅଂଶଗ୍ରହଣ ମଧ୍ୟ ସମାନ ହାରରେ ହ୍ରାସ ପାଇଛି। ୨୦୦୯ ମସିହା ଠାରୁ ୨୪ ବର୍ଷ ବୟସରୁ ଉର୍ଦ୍ଧ୍ୱ ବୟସ୍କ ମହିଳାଙ୍କ ଶ୍ରମଶକ୍ତି ଅଂଶଗ୍ରହଣର ହାର ସ୍ଥିର ରହିଛି। ତେବେ ଭବିଷ୍ୟତରେ ଅଧିକ ଶିକ୍ଷା ଆହରଣ ପରେ ଏହି ମହିଳା ଶ୍ରମଶକ୍ତିର ଅଂଶଗ୍ରହଣ ହାର ନିଶ୍ଚିତ ଭାବେ ବୃଦ୍ଧି ପାଇବ।

ଲେଖକ ହେଉଛନ୍ତି ଅକ୍ସସ୍ ଇନ୍‌ଭେଷ୍ଟମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍‌ର ଅଧ୍ୟକ୍ଷ। *E-mail: ssbhalla@gmail.com*


## ଅଭିନବତା ଓ ଉଦ୍ୟମିତା

# ନିଯୁକ୍ତିର ଚାବିକାଠି



### ଭାରତୀୟ ଯୁବଗୋଷ୍ଠୀଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାରେ ଥିବା ଆହ୍ୱାନଗୁଡ଼ିକ କଣ ?

ଭାରତରେ ବିଶ୍ୱର ସର୍ବାଧିକ ଯୁବଗୋଷ୍ଠୀ ବାସ କରନ୍ତି। ୧୫ରୁ ୨୯ ବର୍ଷ ବୟସ ମଧ୍ୟରେ ଥିବା



ଏହି ଗୋଷ୍ଠୀ ସମଗ୍ର ବିଶ୍ୱ ଜନସଂଖ୍ୟାର ୨୭ ପ୍ରତିଶତ। ଏହି ଯୁବଶକ୍ତିର ସଦୁପଯୋଗ କରି ଭାରତ ସମଗ୍ର ବିଶ୍ୱର କୌଶଳ ରାଜଧାନୀ ହୋଇପାରିବ। ତେବେ ଏ କ୍ଷେତ୍ରରେ କେତେକ ଆହ୍ୱାନ ରହିଛି। ନିମ୍ନ ସ୍ତରର ଶିକ୍ଷାଗତ ଯୋଗ୍ୟତା ଓ ଅଧାରୁ ପାଠ ଛାଡୁଥିବା ଛାତ୍ରଛାତ୍ରୀଙ୍କ ଅଧିକ ସଂଖ୍ୟା ଆଦି କାରଣ ଯୋଗୁଁ ସେମାନଙ୍କ ନିଯୁକ୍ତି ଦକ୍ଷତା ଉପରେ ପ୍ରତିକୂଳ ପ୍ରଭାବ ପଡୁଛି।

ଅଧିକାଂଶ ଯୁବକଯୁବତୀ ଆରମ୍ଭରେ (୧୫ରୁ ୧୭ ବର୍ଷ ଭିତରେ) କୃଷି କ୍ଷେତ୍ର ଓ ନିର୍ମାଣ ତଥା ବିନିର୍ମାଣ କ୍ଷେତ୍ରରେ ନିଯୁକ୍ତ ହୋଇଥାନ୍ତି। ଏହାର ଅର୍ଥ ହେଉଛି, ଏହି ଯୁବଗୋଷ୍ଠୀଙ୍କ ପାଖରେ ଉନ୍ନତ କୌଶଳ ନାହିଁ। ପରେ (୧୮ରୁ ୨୯ ବର୍ଷ ଭିତରେ) ସେମାନେ ବ୍ୟବସାୟ ଓ ରିପାରିଂ, ପରିବହନ କ୍ଷେତ୍ର ମଧ୍ୟକୁ ଓ ଆଉକିଛି ସମୟ ପରେ ନିର୍ମାଣ ଓ ବିନିର୍ମାଣ କ୍ଷେତ୍ରରେ ନିଜର ଜୀବନ ଜୀବିକା ଚୟନ କରନ୍ତି। ଅବଶ୍ୟ ଏଥିରେ କୃଷି କ୍ଷେତ୍ର ହିଁ ଅଗ୍ରଣୀ ଭୂମିକାରେ ରହିଥାଏ।

ପୁନଶ୍ଚ ଶିକ୍ଷାଗତ ଯୋଗ୍ୟତା ବୃଦ୍ଧି ସହିତ ବେକାରି ସଂଖ୍ୟାରେ ମଧ୍ୟ ବୃଦ୍ଧି ଘଟିଛି। ସ୍ନାତକ ଓ ତା'ଠାରୁ ଅଧିକ ଶିକ୍ଷା ହାସଲ କରିଥିବା ଯୁବଗୋଷ୍ଠୀଙ୍କ ମଧ୍ୟରେ ଏହା ସର୍ବାଧିକ ୧୮.୪ ପ୍ରତିଶତ ହୋଇଥିବା ବେଳେ ପ୍ରାଥମିକ ଶିକ୍ଷା ଲାଭ କରିଥିବା ବ୍ୟକ୍ତିଙ୍କ ପାଇଁ ଏହା ୩ ପ୍ରତିଶତ। ଯୁବଗୋଷ୍ଠୀଙ୍କ ନିମ୍ନ ନିଯୁକ୍ତି ଦକ୍ଷତା ପଛର ଏକ କାରଣ ବୋଧହୁଏ ହେଉଛି ଅଧିକାଂଶ ଯୁବକଯୁବତୀ (୮୫ ପ୍ରତିଶତ) ସାଧାରଣ ଶିକ୍ଷା ପାଠ୍ୟକ୍ରମ ପ୍ରତି ଆକୃଷ୍ଟ ହେବା। ଏମାନଙ୍କ ମଧ୍ୟରୁ କେବଳ ୧୨.୬ ପ୍ରତିଶତ ବୈଷୟିକ/ବୃତ୍ତିଗତ ଶିକ୍ଷା ଓ ୨.୪ ପ୍ରତିଶତ ଧନ୍ଦାମୂଳକ ଶିକ୍ଷା ଆହରଣ କରନ୍ତି।

ବର୍ତ୍ତମାନ ସଂଗଠିତ କ୍ଷେତ୍ରରେ ନିଯୁକ୍ତି ପାଇଥିବା ବ୍ୟକ୍ତିଙ୍କ ସଂଖ୍ୟା ହେଉଛି ଶ୍ରମଶକ୍ତିର ୮ ପ୍ରତିଶତ। ତେଣୁ ସଂଗଠିତ କ୍ଷେତ୍ରରେ ନିଯୁକ୍ତି ବୃଦ୍ଧି କରିବା ଉଚିତ୍। ଏହାଦ୍ୱାରା ଅଳ୍ପ ମଜୁରୀ ମିଳୁଥିବା କ୍ଷେତ୍ରକୁ ଯିବା ପାଇଁ ବାଧ୍ୟହେବାରୁ, ଯୁବଗୋଷ୍ଠୀଙ୍କୁ ବାରଣ

> 'ବର୍ତ୍ତମାନ ଭାରତ ବିପୁଳ ଜନସଂଖ୍ୟାଜନିତ ଲାଭ ସହ ଏକ ଦ୍ରୁତତମ ଅର୍ଥନୀତି ଭାବେ ଆଗେଇ ଚାଲିଛି। ଏହି ଜନସଂଖ୍ୟା ଦ୍ୱାରା ସକଳ ଘରୋଇ ଉତ୍ପାଦନରେ ଉନ୍ନତି ଅଣାଯାଇପାରିବ ଯଦି ଏହି ଜନସଂଖ୍ୟାକୁ କୌଶଳଯୁକ୍ତ କରି ଏକ ଉତ୍ପାଦନକ୍ଷମ ଶ୍ରମଶକ୍ତିରେ ପରିଣତ କରାଯାଏ।'
>
> **'ଯୋଜନା'କୁ ପ୍ରତିକ୍ରିୟା ଦେଇ ନୀତି ଆୟୋଗର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତାଭ୍ କାନ୍ତଙ୍କ ବକ୍ତବ୍ୟ**

କରାଯାଇପାରିବ। ଆଉ ମଧ୍ୟ ସେମାନେ ଗରିବ ଶ୍ରମଜୀବୀ ହୋଇ ରହିବେ ନାହିଁ।

ଏହି କଥାଟିର କେନ୍ଦ୍ରରେ ରହିଛି ଏଭଳି ବିଦ୍ୟାଳୟଗୁଡ଼ିକ, ଯେଉଁଠି ଷଷ୍ଠ ଶ୍ରେଣୀ ପରେ ଧନ୍ଦାମୂଳକ ତାଲିମ୍ ଦିଆଯାଉଥିବ। ଏପରି ସୁବିଧା ମିଳିଲେ ଔପଚାରିକ ଶିକ୍ଷା ଆହରଣ କରିବାକୁ ଅନିଚ୍ଛୁକ ଯୁବକଯୁବତୀ କୌଣସି ନା କୌଣସି ଧନ୍ଦାମୂଳକ ବିଷୟରେ କୌଶଳ ହାସଲ କରି ନିଜକୁ ନିଯୁକ୍ତି କ୍ଷମ କରାଇ ପାରିବେ।

ଶିକ୍ଷା କ୍ଷେତ୍ରରୁ କାର୍ଯ୍ୟକ୍ଷେତ୍ରଆଡ଼କୁ ଯିବା ପୂର୍ବରୁ ଯୁବଗୋଷ୍ଠୀଙ୍କୁ ସାଧାରଣ ପାଠ୍ୟକ୍ରମ ଅପେକ୍ଷା ବୈଷୟିକ/ବୃତ୍ତିଗତ ପାଠ୍ୟକ୍ରମ ବାଛିବା ପାଇଁ ପ୍ରୋତ୍ସାହିତ କରାଯିବା ଦରକାର। ଏହାସହିତ ଏଭଳି ଅନୁଷ୍ଠାନଗୁଡ଼ିକ ପ୍ରାୟତଃ ବେସରକାରୀ କ୍ଷେତ୍ରରେ ଥିବାରୁ ଏବଂ ସ୍ୱଳ୍ପ ଆୟବର୍ଗର ଯୁବକ ଯୁବତୀଙ୍କ ପାଇଁ ଏହା ଖର୍ଚ୍ଚ ସାପେକ୍ଷ ହୋଇଥିବା ଦୃଷ୍ଟିରୁ, ସେମାନଙ୍କ ଶିକ୍ଷା ପାଇଁ ରିଆତି ବ୍ୟବସ୍ଥା ରହିବା ଦରକାର।

### ୨୦୨୨ ସୁଦ୍ଧା ୬୦୦ ନିୟୁତକୁ ବୃଦ୍ଧି ପାଇବାକୁ ଥିବା ଭାରତୀୟ ଶ୍ରମଶକ୍ତି ପାଇଁ କ'ଣ ସବୁ ସୁଯୋଗ ରହିଛି ?

ବର୍ତ୍ତମାନ ଭାରତ ବିପୁଳ ଜନସଂଖ୍ୟାଜନିତ ଲାଭ ସହ ଏକ ଦ୍ରୁତତମ ଅର୍ଥନୀତି ଭାବେ ଆଗେଇ ଚାଲିଛି। ଏହି ଜନସଂଖ୍ୟା ଦ୍ୱାରା ସକଳ ଘରୋଇ

ଉତ୍ପାଦନରେ ଉନ୍ନତି ଅଣାଯାଇପାରିବ ଯଦି ଏହି ଜନସଂଖ୍ୟାକୁ କୌଶଳଯୁକ୍ତ କରି ଏକ ଉତ୍ପାଦନକ୍ଷମ ଶ୍ରମଶକ୍ତିରେ ପରିଣତ କରାଯାଏ। ୨୦୧୩-୧୪ ଆର୍ଥିକ ବର୍ଷର ଉଦ୍ୟୋଗଗୁଡ଼ିକର ବାର୍ଷିକ ସର୍ବେକ୍ଷଣ ଅନୁଯାୟୀ କୋକ୍ ଓ ଶୋଧିତ ପେଟ୍ରୋଲିୟମ୍ ଉତ୍ପାଦ, ମୌଳିକ ଧାତୁ, ଖାଦ୍ୟ ସାମଗ୍ରୀ, ରସାୟନ ଓ ରସାୟନ ଉତ୍ପାଦ, ମୋଟରଯାନ, ଟ୍ରେଲର ଓ ସେମି ଟ୍ରେଲର ଆଦି ଉଦ୍ୟୋଗଗୁଡ଼ିକର ସମଗ୍ର ଉତ୍ପାଦନରେ ୮୦ ପ୍ରତିଶତ ଅବଦାନ ରହୁଛି। ଏହାବ୍ୟତୀତ ଦେଶର ସାମଗ୍ରିକ ଔଦ୍ୟୋଗିକ ଉତ୍ପାଦନର ୫୦ ପ୍ରତିଶତ ଅଂଶ ପୁଞ୍ଜି ସଘନ ଉଦ୍ୟୋଗଗୁଡ଼ିକରୁ ଆସିଥାଏ।

ବିଭିନ୍ନ ରାଜ୍ୟରେ କ୍ଷେତ୍ରୱାରୀ ନିଯୁକ୍ତି ସ୍ଥିତିରେ ଅନେକ ତାରତମ୍ୟ ଦେଖାଦିଏ। କେତେକ ରାଜ୍ୟରେ କୃଷି କ୍ଷେତ୍ରରେ କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କ ସଂଖ୍ୟା, ସର୍ବଭାରତୀୟ ହାରାହାରି ନିଯୁକ୍ତି ସ୍ତରଠାରୁ କମ୍ ଥିବାବେଳେ ଅନ୍ୟ କେତେକ ରାଜ୍ୟରେ ବିନିର୍ମାଣ କ୍ଷେତ୍ରରେ ନିଯୁକ୍ତଙ୍କ ସଂଖ୍ୟା ସର୍ବଭାରତୀୟ ହାରାହାରି ସଂଖ୍ୟାଠାରୁ ଉର୍ଦ୍ଧ୍ୱରେ। ଏହି ପରିସ୍ଥିତି ନିର୍ମାଣ, ପାଇକାରୀ ଓ ଖାଉଟି ବ୍ୟବସାୟ ଏବଂ ଅନ୍ୟାନ୍ୟ ସେବା କ୍ଷେତ୍ରରେ ମଧ୍ୟ ଦେଖାଦିଏ।

ତେବେ ସାମଗ୍ରିକ ଭାବରେ ଦେଶର ନିଯୁକ୍ତି ପରିସ୍ଥିତିରେ ପରିବର୍ତ୍ତନ ଆସିଛି। ପ୍ରଯୁକ୍ତିବିଦ୍ୟା ପରିଚାଳିତ କ୍ଷେତ୍ର ବୃଦ୍ଧି ଯୋଗୁଁ ଜୀବିକା ସୁଯୋଗରେ ପରିବର୍ତ୍ତନ ଘଟୁଛି। କାରଣ ଏହାଦ୍ୱାରା ପୁରୁଣା ନିଯୁକ୍ତି ବଦଳରେ ନୂଆ ନିଯୁକ୍ତି ସୁଯୋଗ ସୃଷ୍ଟି ହେଉଛି। ସଡ଼କ ନିର୍ମାଣ, ଜଳ ପରିବହନ, ସ୍ମାର୍ଟ ସିଟି ପ୍ରକଳ୍ପ, ନବୀକରଣୀୟ ଶକ୍ତି, ରେଳ ଓ ପରିବହନ, ବିମାନବନ୍ଦର, ଉତ୍ସର୍ଗୀକୃତ ମାଲ୍ ପରିବହନ ମାର୍ଗ ଆଦିରେ ବିପୁଳ ପୁଞ୍ଜିନିବେଶ ଯୋଗୁଁ ଅର୍ଥନୀତିରେ ନୂଆ ନିଯୁକ୍ତି ସୁଯୋଗ ସୃଷ୍ଟି ହେଉଛି। ଅଟଳ ଇନୋଭେସନ୍ ମିଶନ, ମହିଳା ଉଦ୍ୟମିତା ପ୍ରୋତ୍ସାହନ, ମୁଦ୍ରା, ଷ୍ଟାର୍ଟଅପ୍ ଇଣ୍ଡିଆ, ଷ୍ଟାଣ୍ଡଅପ୍ ଇଣ୍ଡିଆ ଭଳି କାର୍ଯ୍ୟକ୍ରମ ଦ୍ୱାରା ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଏପରିକି ସ୍ୱଳ୍ପ କୌଶଳଯୁକ୍ତ ବ୍ୟକ୍ତିବିଶେଷଙ୍କ ପାଇଁ ଜୀବିକାର୍ଜନର ସୁଯୋଗ ସୃଷ୍ଟି ହୋଇଛି। ଏତଦ୍‌ବ୍ୟତୀତ ସୂଚନା ଓ ପ୍ରଯୁକ୍ତି ବିଦ୍ୟା, ଟେଲିକମ୍, ବ୍ୟାଙ୍କ୍ ଓ ଆର୍ଥିକ ସେବା, ସ୍ୱାସ୍ଥ୍ୟ ସେବା, ଖୁଚୁରା ବ୍ୟବସାୟ, ମୋଟରଯାନ, ପର୍ଯ୍ୟଟନ ଓ ଅତିଥି ସତ୍କାର କ୍ଷେତ୍ରଗୁଡ଼ିକରେ ମଧ୍ୟ ବ୍ୟାପକ ନିଯୁକ୍ତି ସୁଯୋଗ ରହିଛି। ଏହି କାରଣରୁ ବିନିର୍ମାଣ ଓ ସେବାକ୍ଷେତ୍ର ନେତୃତ୍ୱରେ ଏକ ନୂତନ ନିଯୁକ୍ତି ରଣନୀତି ପ୍ରସ୍ତୁତ କରାଯିବା ଆବଶ୍ୟକ। ବିଭିନ୍ନ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳରେ ଥିବା ବିଭିନ୍ନ ଶିକ୍ଷା/କୌଶଳ ବର୍ଗଙ୍କୁ ଏହା ସୁହାଇବ। ଏହାଦ୍ୱାରା ପୁନଶ୍ଚ ୩ ପ୍ରକାରର ନିଯୁକ୍ତି ଅଭାବର ସମାଧାନ ହୋଇପାରିବ- କ) ସାମଗ୍ରିକ ନିଯୁକ୍ତି ଅଭାବ, ଖ) ସଂଗଠିତ କ୍ଷେତ୍ରରେ ନିଯୁକ୍ତି ଅଭାବ ଓ ଗ) ମହିଳାଙ୍କ ପାଇଁ ନିଯୁକ୍ତି ଅଭାବ।

ଆର୍ଥିକ ସେବା, ଶିକ୍ଷା, ଇ-ବାଣିଜ୍ୟ ଆଦି କ୍ଷେତ୍ରରେ ପ୍ରଯୁକ୍ତି ଆଧାରିତ ଷ୍ଟାର୍ଟଅପ୍‌ଗୁଡ଼ିକର ଦ୍ରୁତ ଆବିର୍ଭାବ ଘଟିଚାଲିଛି। ଫଳସ୍ୱରୂପ ଉତ୍ତମ ଷ୍ଟାର୍ଟଅପ୍ ପରିବେଶ ସୃଷ୍ଟି କରିବାରେ ଭାରତ ହେଉଛି ପୃଥିବୀର ତୃତୀୟ ବୃହତ୍ତମ ଦେଶ। ଉଦାହରଣ ସ୍ୱରୂପ ଜୁଲାଇ ୨୦୧୫ରେ ଏକ ଷ୍ଟାର୍ଟଅପ୍ ଭାବେ ଆରମ୍ଭ ହୋଇଥିବା ବାଇଜୁସ୍ ଲର୍ଣ୍ଣି ଆପ୍ ମାତ୍ର ୩ ବର୍ଷ ଭିତରେ ଏକ 'ୟୁନିକର୍ଣ୍ଣ' କମ୍ପାନି ହୋଇପାରିଛି। ଗ୍ରାମାଞ୍ଚଳ ଓ ପାର୍ବତ୍ୟାଞ୍ଚଳରେ ଟେଲି ମେଡିସିନ୍ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇ ଏ କ୍ଷେତ୍ରରେ ଡାକ୍ତର ଅଭାବ ଭଳି ସମସ୍ୟାକୁ ଦୂର କରାଯାଇପାରୁଛି ଓ ଡାକ୍ତରଖାନାରେ ଭିଡ଼ ମଧ୍ୟ କମାଯାଇପାରୁଛି। ତେଣୁ ଏ କ୍ଷେତ୍ରରେ ଡିଜିଟାଲ୍ ସାକ୍ଷରତା ଥିବା ଅଧିକରୁ ଅଧିକ ଲ୍ୟାବ୍/ଏକ୍ସ-ରେ ଟେକ୍ନିସିଆନ୍, ଫାର୍ମାସିଷ୍ଟ ଓ ନର୍ସଙ୍କ ଆବଶ୍ୟକତା ପଡ଼ିବ। ଏ କ୍ଷେତ୍ରର ଉଦ୍ୟମୀମାନେ ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ବେଶ୍ ପ୍ରଭାବ ପକାଇ ପାରିଛନ୍ତି।

**ଆପଣ କୌଣସି ଏକ ସ୍ଥାନରେ ଉଲ୍ଲେଖ କରିଛନ୍ତି ଯେ ଆମ ଶିକ୍ଷା କ୍ଷେତ୍ରରେ ପରିବର୍ତ୍ତନ ଆଣି ଡିଗ୍ରୀ ଅପେକ୍ଷା କୌଶଳ ତାଲିମ୍ ଉପରେ ଅଗ୍ରାଧିକାର ଦିଆଯିବା ଉଚିତ୍। ଏ ସମ୍ପର୍କରେ ଅଧିକ କିଛି ଆଲୋକପାତ କରିବେ କି ?**

ଶ୍ରମ ବଜାରର ଏକ ବିଡ଼ମ୍ବନା ହେଉଛି ଯେ କୌଣସି ଗୋଟିଏ ନିଯୁକ୍ତି ସୁଯୋଗ ପାଇଁ ବହୁ ଆବେଦନକାରୀ ଅଛନ୍ତି। କିନ୍ତୁ କୌଣସି କୌଶଳ ଆବଶ୍ୟକ କରୁଥିବା ଯେକୌଣସି ନିଯୁକ୍ତି ପାଇଁ ଯୋଗ୍ୟ ଶ୍ରମଶକ୍ତି ମିଳୁନାହିଁ। ବିଭିନ୍ନ କ୍ଷେତ୍ରରେ ଆବଶ୍ୟକ କୌଶଳର ସ୍ତର ଭିନ୍ନ। ଆଜିର ପ୍ରଯୁକ୍ତି ସଞ୍ଚାଳିତ ଯୁଗରେ କେଉଁ ବୃତ୍ତି ବା ନିଯୁକ୍ତି କ୍ଷେତ୍ରରେ କ'ଣ ସମ୍ଭାବନା ରହିଛି ତା'ର ପୂର୍ବାନୁମାନ କରିବା କଠିନ। ଏହି ଦୃଷ୍ଟିରୁ ଆମ ଶିକ୍ଷାନୁଷ୍ଠାନଗୁଡ଼ିକ ଏପରି ହେବା ବାଞ୍ଛନୀୟ, ଯଦ୍ଦ୍ୱାରା ଶ୍ରମଶକ୍ତିକୁ ଏଭଳି ଭାବରେ କୌଶଳଯୁକ୍ତ କରାଯାଇପାରୁଥିବ ଯଦ୍ଦ୍ୱାରା ସେମାନେ ଏକା ସହିତ ବିଭିନ୍ନ ପ୍ରକାରର କ୍ଷେତ୍ରରେ କାମ କରିପାରିବେ। ଏହା କରିପାରିବା ଏକ କଷ୍ଟକର ବ୍ୟାପାର। ଏଥିପାଇଁ ଦୁଇଟି ରାସ୍ତା ଅଛି। କ) ଏମିତି କୌଶଳ ଶିକ୍ଷା ଦେବା, ଯେଉଁଗୁଡ଼ିକ ବିଭିନ୍ନ କ୍ଷେତ୍ରରେ ଉପଯୋଗୀ ହେଉଥିବ ଏବଂ ଖ) ନିଯୁକ୍ତି ଉଦ୍ୟୋଗ/ବୃତ୍ତି ପାଇଁ ତାଲିମ୍।

କାର୍ଯ୍ୟ କ୍ଷେତ୍ରରେ କୌଶଳ ବିକାଶର ମୂଳଦୁଆ ପଡ଼େ ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷା ଆହରଣ କ୍ଷେତ୍ରରେ। ଏହି ସ୍ତରରେ ଭଲପାଠ ପଢୁଥିବା ଛାତ୍ରଛାତ୍ରୀମାନେ ବିଭିନ୍ନ ପ୍ରକାରର କୌଶଳ ଶିକ୍ଷା ହାସଲ କରିବାରେ ଅଗ୍ରଣୀ ରୁହନ୍ତି। ବିଦ୍ୟାଳୟ ଯାଉଥିବା ଅନେକ ଛାତ୍ରଛାତ୍ରୀଙ୍କ ପାଇଁ ଧନ୍ଦାମୂଳକ ଶିକ୍ଷା ବ୍ୟବସ୍ଥା ରହିଲେ ଉଚ୍ଚ ବିଦ୍ୟାଳୟ ସ୍ତରରୁ ହିଁ କୌଣସି ନିର୍ଦ୍ଦିଷ୍ଟ କୌଶଳ ତାଲିମ୍ ହାସଲ କରି ସେମାନେ ଶ୍ରମ ବଜାରରେ ପ୍ରବେଶ କରିବାର ସୁଯୋଗ ପାଇବେ। କେତେକ କ୍ଷେତ୍ରରେ ବିଦ୍ୟାଳୟ ଆଧାରିତ ଶିକ୍ଷା ଓ କାର୍ଯ୍ୟ ଆଧାରିତ ଶିକ୍ଷା ବ୍ୟବସ୍ଥାକୁ ସମାହିତ କରାଯାଇଛି। ଅଷ୍ଟ୍ରିଆ, ଡେନ୍‌ମାର୍କ, ଚେକ୍ ଗଣରାଜ୍ୟ, ହଙ୍ଗେରୀ, ନେଦରଲ୍ୟାଣ୍ଡ, ସ୍ଲୋଭାକ୍ ଗଣରାଜ୍ୟ ଓ ସ୍ୱିଜରଲାଣ୍ଡଠାରେ ଏପରି ଦ୍ୱୈତ




ବ୍ୟବସ୍ଥା ପ୍ରଚଳିତ। କାର୍ଯ୍ୟ ଆଧାରିତ ଶିକ୍ଷା ବ୍ୟବସ୍ଥା ମାଧ୍ୟମରେ କର୍ମ କ୍ଷେତ୍ରରେ ଆବଶ୍ୟକ ପଡୁଥିବା କୌଶଳକୁ ବିଦ୍ୟାର୍ଥୀମାନେ ଶିଖିଥାଆନ୍ତି। କାର୍ଯ୍ୟ ଆଧାରିତ ଶିକ୍ଷା ପଦ୍ଧତି ଦ୍ୱାରା ସରକାରୀ-ଘରୋଇ ଭାଗିଦାରୀ ମଧ୍ୟ ବୃଦ୍ଧିପାଏ।

> ଶିକ୍ଷା କ୍ଷେତ୍ରରୁ କାର୍ଯ୍ୟକ୍ଷେତ୍ରଆଡ଼କୁ ଯିବା ପୂର୍ବରୁ ଯୁବଗୋଷ୍ଠୀଙ୍କୁ ସାଧାରଣ ପାଠ୍ୟକ୍ରମ ଅପେକ୍ଷା ବୈଷୟିକ/ବୃତ୍ତିଗତ ପାଠ୍ୟକ୍ରମ ବାଛିବା ପାଇଁ ପ୍ରୋତ୍ସାହିତ କରାଯିବା ଦରକାର। ଏହାସହିତ ଏଭଳି ଅନୁଷ୍ଠାନଗୁଡ଼ିକ ପ୍ରାୟତଃ ବେସରକାରୀ କ୍ଷେତ୍ରରେ ଥିବାରୁ ଏବଂ ସ୍ୱଳ୍ପ ଆୟବର୍ଗର ଯୁବକ ଯୁବତୀଙ୍କ ପାଇଁ ଏହା ଖର୍ଚ୍ଚ ସାପେକ୍ଷ ହୋଇଥିବା ଦୃଷ୍ଟିରୁ, ସେମାନଙ୍କ ଶିକ୍ଷା ପାଇଁ ରିଆତି ବ୍ୟବସ୍ଥା ରହିବା ଦରକାର।

ଏ କ୍ଷେତ୍ରରେ ହରିଆଣା, ହିମାଚଳପ୍ରଦେଶ ଓ କେରଳ ଭଳି ରାଜ୍ୟ ନେଇଥିବା ପଦକ୍ଷେପ ଅନୁସରଣୀୟ। ଏହି ରାଜ୍ୟଗୁଡ଼ିକ ମାଧ୍ୟମିକ ବିଦ୍ୟାଳୟ ଓ କଲେଜ୍ ସ୍ତରରେ ଧନ୍ଦାମୂଳକ ଶିକ୍ଷା ପ୍ରଚଳନ କରିଛନ୍ତି, ଯଦ୍ଦ୍ୱାରା ବିଦ୍ୟାର୍ଥୀ ସ୍ନାତକ ଡିଗ୍ରୀ ହାସଲ କରିବାବେଳକୁ ସିଧାସଳଖ ନିଯୁକ୍ତି ବଜାରରେ ମଧ୍ୟ ପ୍ରବେଶ କରନ୍ତି। ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ଦ୍ୱାରା ଏପରି ଏକ ପ୍ରସ୍ତାବ ଉପରେ ବିଚାର କରାଯାଉଛି, ଯଦ୍ଦ୍ୱାରା ସ୍ନାତକ ତଳେଥିବା ଶିକ୍ଷାସ୍ତରରେ ହଜାରେ ଘଣ୍ଟାର ବୃତ୍ତିଗତ ପାଠ୍ୟକ୍ରମ ସାମିଲ୍ କରିହେବ। ପ୍ରସ୍ତାବ ଅନୁସାରେ 'କୋମଳ କୌଶଳ' (ନେତୃତ୍ୱ ବିକାଶ, ଭାଷା ଶିକ୍ଷା, ଆବେଗିକ ସମ୍ପର୍କ ଇତ୍ୟାଦି), ସୂଚନା ପ୍ରଯୁକ୍ତିବିଦ୍ୟା ଆଦି ପାଠ୍ୟକ୍ରମକୁ ବିଜ୍ଞାନ, କଳା ଓ ବାଣିଜ୍ୟ ବିଷୟ ସ୍ନାତକ ପର୍ଯ୍ୟାୟରେ ଯୋଡ଼ି ଦିଆଯିବ। ଯଦ୍ଦ୍ୱାରା ବିଦ୍ୟାର୍ଥୀମାନେ ଅଧିକ ନିଯୁକ୍ତି ଦକ୍ଷତା ହାସଲ କରିପାରିବେ। ଜାତୀୟ ଶିକ୍ଷା ନୀତି ଓ ଜାତୀୟ କୌଶଳ ବିକାଶ ନୀତି ଏବଂ ବିଦ୍ୟାଳୟରେ ଧନ୍ଦାମୂଳକ ତାଲିମ୍ ଓ ଜାତୀୟ କୌଶଳ ଯୋଗ୍ୟତା ଢାଞ୍ଚା ମଧ୍ୟରେ ସମନ୍ୱୟ ଆଣିବା ଆବଶ୍ୟକ। ଅଟଳ ଟିଙ୍କରିଂ ଲ୍ୟାବ୍ ମାଧ୍ୟମରେ ଶିକ୍ଷାର୍ଥୀମାନେ ଅଭିନବ କୌଶଳ ଶିଖିବା ପାଇଁ ପ୍ରେରିତ ହେଉଛନ୍ତି ଓ ଗୋଟିଏ କ୍ଷେତ୍ରରୁ ଅନ୍ୟ କ୍ଷେତ୍ରକୁ ସ୍ଥାନାନ୍ତର ହୋଇପାରୁଥିବା କୌଶଳ ଶିଖୁଛନ୍ତି। ପ୍ରତ୍ୟେକ ବିଦ୍ୟାଳୟରେ ଜଣେ ପରାମର୍ଶଦାତା ରହିବା ସହିତ ଦୃଷ୍ଟିଭଙ୍ଗୀ ପରିମାପକ ବ୍ୟବସ୍ଥା ମଧ୍ୟ ରହିବା ଉଚିତ୍। ଆଉ ମଧ୍ୟ ସ୍ୱଳ୍ପ ସମୟାବଧି ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଜାତୀୟ ଶିକ୍ଷାନବୀସ କାର୍ଯ୍ୟକ୍ରମ ସହ ଯୋଡ଼ାଯିବା ଆବଶ୍ୟକ। ଯଦ୍ଦ୍ୱାରା ଶିକ୍ଷାର୍ଥୀମାନେ ବ୍ୟକ୍ତିଗତ ଭାବେ କାର୍ଯ୍ୟକ୍ଷେତ୍ର ପ୍ରଶିକ୍ଷଣ ପାଇପାରିବେ।

### କେଉଁ କ୍ଷେତ୍ରରେ ସର୍ବାଧିକ ନିଯୁକ୍ତି ସୁଯୋଗ ରହିଛି ?

ପର୍ଯ୍ୟାପ୍ତ ଶ୍ରମଶକ୍ତି ଥିବା ଭାରତ ଭଳି ଏକ ଅର୍ଥନୀତି, ଅନ୍ୟାନ୍ୟ ବିକଶିତ ଅର୍ଥନୀତି ଭଳି ଢାଞ୍ଚାଗତ ପରିବର୍ତ୍ତନ ଆଣିପାରିନାହିଁ। ପ୍ରଯୁକ୍ତି ବିପ୍ଳବ ଜୀବିକା ଉପରେ ପ୍ରଭାବ ପକାଇ। ଆରମ୍ଭ କରିବା ପୂର୍ବରୁ ଆମେ କୃଷି ଆଧାରିତ ଅଭିବୃଦ୍ଧିରୁ ସେବା ଆଧାରିତ ଅଭିବୃଦ୍ଧିଆଡ଼କୁ ମୁହେଁଇ ସାରିଥିଲୁ। ସେବା କ୍ଷେତ୍ରରେ ଡିଜିଟାଲ୍ ପ୍ରଯୁକ୍ତି ଉପଯୋଗ ହେବା ଯୋଗୁଁ ଯୁବ ଶ୍ରମଶକ୍ତିକୁ ନିଯୁକ୍ତି ସୁଯୋଗ ମିଳିପାରିଲା। ଆଜିକାଲିର ଡିଜିଟାଲ୍ ଆଧାରିତ ଯୁଗ ବା ଯାହାକୁ ଚତୁର୍ଥ ଔଦ୍ୟୋଗିକ ବିପ୍ଳବ ବୋଲି କୁହାଯାଉଛି, ରେ କୌଶଳୀକରଣ ଓ ପୁନଃ କୌଶଳୀକରଣ ଭଳି ଆହ୍ୱାନ ରହିଥିବା ବେଳେ ବର୍ତ୍ତମାନର ନିଯୁକ୍ତି ପ୍ରେକ୍ଷାପଟରେ ପରିବର୍ତ୍ତନ ଘଟି ନୂତନ ନିଯୁକ୍ତି ସୃଷ୍ଟି ହେଉଛି। ଅବଶ୍ୟ ଡିଜିଟାଲ୍ ପ୍ରଯୁକ୍ତି ଓ ବିଭିନ୍ନ କ୍ଷେତ୍ରୀୟ ନିଯୁକ୍ତି ମଧ୍ୟରେ ସମାବେଶୀକରଣ ପରେ, କ୍ଷେତ୍ରଓ୍ୱାରୀ ନିଯୁକ୍ତି ବିବିଧତା ହ୍ରାସ ପାଇବ। ଏଭଳି ପରିସ୍ଥିତିରେ ସୂଚନା ଓ ପ୍ରଯୁକ୍ତିବିଦ୍ୟା ଆଧାରିତ ନିଯୁକ୍ତି କ୍ଷେତ୍ରରେ ସୁଯୋଗ ସୃଷ୍ଟିହେବ। ଦୃଷ୍ଟାନ୍ତ ସ୍ୱରୂପ ବର୍ତ୍ତମାନ ବିନିର୍ମାଣ କ୍ଷେତ୍ରର ଅଧିକାଂଶ କାର୍ଯ୍ୟକୁ ଆଉଟସୋର୍ସିଂ କରାଯାଉଛି। ଫଳସ୍ୱରୂପ ବିନିର୍ମାଣ କ୍ଷେତ୍ରକୁ ସେବାକ୍ଷେତ୍ର ପର୍ଯ୍ୟାୟଭୁକ୍ତ କରାଯାଇଛି।

ବିଗ୍ ଡାଟା ଆନାଲିସିସ୍ ବା ବୃହତ୍ ତଥ୍ୟ

ଅଧ୍ୟୟନ, ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ବା କୃତ୍ରିମ ବୁଦ୍ଧିମତ୍ତା, ରୋବୋଟିକ୍ ପ୍ରସେସ୍ ଅଟୋମେସନ୍, ଇଣ୍ଟରନେଟ୍ ଅଫ୍ ଥିଙ୍ଗ୍ସ, କ୍ଲାଉଡ୍ କମ୍ପ୍ୟୁଟିଂ, ଭର୍ଚୁଆଲ୍ ରିଆଲିଟି, ବ୍ଲକ୍ ଚେନ୍ ଓ ବୈଦ୍ୟୁତିକ ବାହନ ଭଳି କ୍ଷେତ୍ରରେ ଭବିଷ୍ୟତରେ ଉଚ୍ଚ କୌଶଳଯୁକ୍ତ ଓ ଉଚ୍ଚ ବେତନ ସମ୍ବଳିତ ନିଯୁକ୍ତି ସୁଯୋଗ ସୃଷ୍ଟିହେବ। ଅନ୍ୟପକ୍ଷରେ ଅର୍ଦ୍ଧକୁଶଳୀ ଓ ଅଳ୍ପଶିକ୍ଷିତ ଅନେକ ଗରିବ ବର୍ଗଙ୍କ ପାଇଁ ବସ୍ତ୍ର, ଚମଡ଼ା, ପର୍ଯ୍ୟଟନ ଓ ଆତିଥ୍ୟ ଏବଂ ନିର୍ମାଣ ଆଦି କ୍ଷେତ୍ରରେ ଓ ବୈଷୟିକ କ୍ଷେତ୍ରରେ ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ବେଶ୍ ପ୍ରଗତି ହୋଇଥିବା ଦୃଷ୍ଟିରୁ ଏଥିରେ ମଧ୍ୟ ନିଯୁକ୍ତି ସୁଯୋଗ ରହିଛି।

ସ୍ୱଳ୍ପ କୌଶଳଯୁକ୍ତ ଶ୍ରମଶକ୍ତି ପାଇଁ ଷ୍ଟାର୍ଟଅପ୍ ଇଣ୍ଡିଆ, ଷ୍ଟାଣ୍ଡଅପ୍ ଇଣ୍ଡିଆ, ମୁଦ୍ରା ଓ ସ୍ୱଚ୍ଛ ଭାରତ ଆଦି ପଦକ୍ଷେପ ଯୋଗୁଁ ମଧ୍ୟ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି। ସେହିପରି ସରକାରୀ ପୁଞ୍ଜିଲଗାଣ ଯୋଗୁଁ କୃଷି ଭିତ୍ତିଭୂମି, ମୋଟରଯାନ, ବସ୍ତ୍ର ଓ ଚମଡ଼ା ଭଳି ଉଦ୍ୟୋଗରେ ନୂତନ ଶ୍ରମଶକ୍ତି ପାଇଁ ନିଯୁକ୍ତି ସୁଯୋଗ ରହିଛି। ଏହି କ୍ଷେତ୍ରଗୁଡ଼ିକରେ ପୁରୁଣା ଶ୍ରମଶକ୍ତି ନୂତନ କୌଶଳ ଆହରଣ କରି ନିଯୁକ୍ତି ସୁଯୋଗ ପାଇପାରୁଛନ୍ତି।

**ନିଯୁକ୍ତି ସୃଷ୍ଟି ପାଇଁ ମାନସିକ ପରିବର୍ତ୍ତନ ଆବଶ୍ୟକ କି ଓ ଉଦ୍ୟମିତା ପ୍ରୋତ୍ସାହନ କରାଯିବା ଉଚିତ୍ କି ?**

ଉଦ୍ୟମିତା ଦ୍ୱାରା ନିଯୁକ୍ତି ସୃଷ୍ଟି ଓ ଅଭିନବତା ପ୍ରୋତ୍ସାହିତ ହୋଇଥାଏ ଏବଂ ଅଭିବୃଦ୍ଧି ତ୍ୱରାନ୍ୱିତ ହୋଇଥାଏ। ଭାରତର ବିଶାଳ ଜନସଂଖ୍ୟାର ଲାଭନେବା ପାଇଁ ତଥା ସ୍ୱଳ୍ପ ଶିକ୍ଷା ଓ କୌଶଳ ସତ୍ତ୍ୱେ ଶ୍ରମଶକ୍ତିକୁ ନିଯୁକ୍ତି ଦେବା ପାଇଁ ଏହା ଜରୁରୀ। ୨୦୦୪ ମସିହା ପରଠାରୁ ସରକାର ଏମିତି ଅନେକ ପଦକ୍ଷେପ ନେଇଛନ୍ତି। ଯଦ୍ୱାରା ଉଦ୍ୟମିତା ପ୍ରତି ଜନସାଧାରଣଙ୍କ ମାନସିକ ଦୃଷ୍ଟିଭଙ୍ଗୀରେ ପରିବର୍ତ୍ତନ ଆସିଛି। ଏ କ୍ଷେତ୍ରରେ ପୂର୍ବରୁ ଥିବା ଋଣ ସୁବିଧା, ବଜାର ସୁବିଧା, ସ୍ଥାନ, ମାର୍ଗଦର୍ଶକ ଇତ୍ୟାଦିର ଅଭାବ ଆଦି ସମସ୍ୟାଗୁଡ଼ିକୁ ଷ୍ଟାର୍ଟଅପ୍ ଇଣ୍ଡିଆ, ଷ୍ଟାଣ୍ଡଅପ୍ ଇଣ୍ଡିଆ, ମୁଦ୍ରା, ଅଟଳ ଇନୋଭେସନ୍ ମିଶନ ଓ ଅନୁକୂଳ ବ୍ୟବସାୟିକ ବାତାବରଣ ସୃଷ୍ଟି ଭଳି ଯୋଜନା/ପଦକ୍ଷେପ ଦ୍ୱାରା ଦୂରୀଭୂତ କରାଯାଇପାରିଛି।

ଆର୍ଥିକ ସେବା, ଶିକ୍ଷା, ଇ-ବାଣିଜ୍ୟ ଆଦି କ୍ଷେତ୍ରରେ ପ୍ରଯୁକ୍ତି ଆଧାରିତ ଷ୍ଟାର୍ଟଅପ୍‌ଗୁଡ଼ିକର ଦ୍ରୁତ ଆବିର୍ଭାବ ଘଟିଚାଲିଛି। ଫଳସ୍ୱରୂପ ଉତ୍ତମ ଷ୍ଟାର୍ଟଅପ୍ ପରିବେଶ ସୃଷ୍ଟି କରିବାରେ ଭାରତ ହେଉଛି ପୃଥିବୀର ତୃତୀୟ ବୃହତ୍ତମ ଦେଶ। ଉଦାହରଣ ସ୍ୱରୂପ ଜୁଲାଇ ୨୦୧୫ରେ ଏକ ଷ୍ଟାର୍ଟଅପ୍ ଭାବେ ଆରମ୍ଭ ହୋଇଥିବା ବାଇଜୁସ୍ ଲର୍ଣ୍ଣି ଆପ୍ ମାତ୍ର ୩ ବର୍ଷ ଭିତରେ ଏକ 'ୟୁନିକର୍ଣ୍ଣ' କମ୍ପାନି ହୋଇପାରିଛି।

ଗ୍ରାମାଞ୍ଚଳ ଓ ପାର୍ବତ୍ୟାଞ୍ଚଳରେ ଟେଲି ମେଡିସିନ୍ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇ ଏ କ୍ଷେତ୍ରରେ ଡାକ୍ତର ଅଭାବ ଭଳି ସମସ୍ୟାକୁ ଦୂର କରାଯାଇପାରୁଛି ଓ ଡାକ୍ତରଖାନାରେ ଭିଡ଼ ମଧ୍ୟ କମାଯାଇପାରୁଛି। ତେଣୁ ଏ କ୍ଷେତ୍ରରେ ଡିଜିଟାଲ୍ ସାକ୍ଷରତା ଥିବା ଅଧିକରୁ ଅଧିକ ଲ୍ୟାବ୍/ଏକ୍ସ-ରେ ଟେକ୍ନିସିଆନ୍, ଫାର୍ମାସିଷ୍ଟ୍ ଓ ନର୍ସଙ୍କ ଆବଶ୍ୟକତା ପଡ଼ିବ। ଏ କ୍ଷେତ୍ରର ଉଦ୍ୟମୀମାନେ ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ବେଶ୍ ପ୍ରଭାବ ପକାଇ ପାରିଛନ୍ତି।

**ଦେଶରେ ଉତ୍ତମ ନିଯୁକ୍ତି ସୃଷ୍ଟି ପାଇଁ ଅଟଳ ଇନୋଭେସନ୍ ମିଶନର ଭୂମିକା କ'ଣ ?**

ଉଦ୍ୟମିତା ଓ ଅଭିନବତାର ଏକ ବାତାବରଣ ସୃଷ୍ଟିକରି ଦେଶର ଯୁବପିଢ଼ିକୁ ନିଯୁକ୍ତି ଆଶାୟୀ ବଦଳରେ ନିଯୁକ୍ତିଦାତା ଭାବେ ଗଢ଼ିତୋଳିବା ପାଇଁ ଉଦ୍ଦିଷ୍ଟ ଅଟଳ ଇନୋଭେସନ୍ ମିଶନ ହେଉଛି ନୀତି ଆୟୋଗ ଅଧିନସ୍ଥ ଭାରତ ସରକାରଙ୍କ ଏକ ଧ୍ୱଜାଧାରୀ କାର୍ଯ୍ୟକ୍ରମ। ବେସରକାରୀ ସଂଗଠନ, ଏମ୍‌ଏସ୍‌ଏମ୍‌ଇ, ବିଦ୍ୟାଳୟ ଓ ବଡ଼ ବଡ଼ ଉଦ୍ୟୋଗମାନଙ୍କ ସହିତ ଏକ ସାମଗ୍ରିକ ଦୃଷ୍ଟିଭଙ୍ଗୀ ନେଇ ଏହି ଯୋଜନା ଅଧିନରେ ବିଭିନ୍ନ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳରେ ଅଟଳ ଟିଙ୍କରିଂ ଲ୍ୟାବ୍ ପ୍ରତିଷ୍ଠା କରାଯାଇଛି। ଏଗୁଡ଼ିକ ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କ ଅଭିନବତାକୁ ପ୍ରୋତ୍ସାହନ ମିଳୁଛି। ସେହିଭଳି ଅଟଳ ଇନ୍‌କ୍ୟୁବେଟର ମାଧ୍ୟମରେ ଷ୍ଟାର୍ଟଅପ୍ ଉଦ୍ୟମୀମାନଙ୍କୁ ପ୍ରୋତ୍ସାହିତ କରାଯିବା ସହିତ 'ଅଟଳ ନ୍ୟୁଇଣ୍ଡିଆ ଚାଲେଞ୍ଜ' ମାଧ୍ୟମରେ ସାମଗ୍ରି ଉତ୍ପାଦନରେ ଅଭିନବତା ଆଣିବା ପାଇଁ ଓ ନିଯୁକ୍ତି ସୃଷ୍ଟି ପାଇଁ ପ୍ରୟାସ ଚାଲିଛି।

ଆଜିସୁଦ୍ଧା ଦେଶର ୬୫୦ରୁ ଊର୍ଦ୍ଧ୍ୱ ଜିଲ୍ଲାରେ ୫୪୪୧ଟି ଅଟଳ ଟିଙ୍କରିଂ ଲ୍ୟାବ୍ ପ୍ରତିଷ୍ଠା କରାଯାଇଛି। ସେହିଭଳି ପ୍ରତ୍ୟେକ ୧୮ ମାସରେ ୨୫ରୁ ୩୦ଟି ପ୍ରଯୁକ୍ତି ଆଧାରିତ ଅଭିନବ ଷ୍ଟାର୍ଟଅପ୍ ସୃଷ୍ଟି କରିପାରୁଥିବା ୧୦୧ରୁ ଊର୍ଦ୍ଧ୍ୱ ଇନ୍‌କ୍ୟୁବେଟର ମଧ୍ୟ ପ୍ରତିଷ୍ଠା ହୋଇଛି। କୃଷି, ସହରୀ ଗୃହ ନିର୍ମାଣ, ପାନୀୟଜଳ ଓ ପରିମଳ, ରେଳ ଓ ପରିବହନ ଭଳି କ୍ଷେତ୍ରରେ ୨୪ରୁ ଊର୍ଦ୍ଧ୍ୱ ଅଟଳ ନ୍ୟୁଇଣ୍ଡିଆ ଚାଲେଞ୍ଜ ମଧ୍ୟ ଆରମ୍ଭ ହୋଇଛି। ଅଟଳ ଇନୋଭେସନ୍ ମିଶନ ଅଧିନରେ ଖୁବ୍‌ଶୀଘ୍ର ଏକ ସ୍ମଲ୍ ବିଜ୍‌ନେସ ଇନୋଭେସନ୍ ଆଣ୍ଡ ରିସର୍ଚ୍ଚ ଇନିସିଏସଟିଭ୍ ଉଦ୍‌ଘାଟିତ ହେବ। ଏହାଦ୍ୱାରା ଏମ୍‌ଏସ୍‌ଏମ୍‌ଇ ତଥା କ୍ଷୁଦ୍ର ବ୍ୟବସାୟ ଆଦି କ୍ଷେତ୍ରରେ ଅଭିନବତା ମାଧ୍ୟମରେ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟିହେବ ଓ ମେକ୍ ଇନ୍ ଇଣ୍ଡିଆ ପ୍ରୟାସ ତ୍ୱରାନ୍ୱିତ ହୋଇ ଆମଦାନୀ ବଦଳରେ ପ୍ରଯୁକ୍ତି ଆଧାରିତ ରପ୍ତାନୀ କ୍ଷେତ୍ରରେ ଅଭିବୃଦ୍ଧି ଘଟିବ। ନୂଆ ପ୍ରଯୁକ୍ତିବିଦ୍ୟା, କୃତ୍ରିମ ବୁଦ୍ଧିମତ୍ତା ଓ ନୂତନ ବ୍ୟବସାୟିକ ମଡେଲ୍ ଉପଯୋଗ କରି ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ସବୁ କ୍ଷେତ୍ରରେ ନିଯୁକ୍ତି ସୃଷ୍ଟିକୁ ପ୍ରୋତ୍ସାହନ ଦେବା ପାଇଁ ଅଟଳ ଇନୋଭେସନ୍ ମିଶନ କାର୍ଯ୍ୟ କରୁଛି।

ଲେଖକ ହେଉଛନ୍ତି ନୀତି ଆୟୋଗର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ। *E-mail: amitabh.kant@nic.in*

# ଭାରତୀୟ ଅର୍ଥନୀତି: ନିଯୁକ୍ତି ସୃଷ୍ଟି ପାଇଁ ପ୍ରୟାସ

● ବିବେକ୍ ଦେବରୟ



**ଅଭିବୃଦ୍ଧିରୁ ନିଯୁକ୍ତି ସୃଷ୍ଟି ହୋଇଥାଏ। ତେଣୁ ନିଯୁକ୍ତି ସୃଷ୍ଟି ପାଇଁ ସରକାର ଏକ ଅଭିବୃଦ୍ଧି-ଅନୁକୂଳ ବାତାବରଣ ତିଆରି କରିବା ଉଚିତ୍।**

ଭାରତ ଏକ ଅସଂଗଠିତ ଅର୍ଥନୀତି। ଏଥିରେ ଅନେକ ପ୍ରକାରର ପରିବର୍ତ୍ତନ ଘଟିଚାଲିଛି। ଉଦାହରଣ ସ୍ୱରୂପ ଗ୍ରାମାଞ୍ଚଳରୁ ସହରାଞ୍ଚଳ, କୃଷି କ୍ଷେତ୍ରରୁ ଅଣ କୃଷିକ୍ଷେତ୍ର, ଅସଂଗଠିତ କ୍ଷେତ୍ରରୁ ସଂଗଠିତ କ୍ଷେତ୍ର, ପେଟପାଟଣା ପାଇଁ କାର୍ଯ୍ୟ କରିବା ଠାରୁ ମୂଲ ମଜୁରୀ ଲାଗିବା, ଆଜୀବନ ନିଯୁକ୍ତି ପାଇବାଠୁ ସାମୟିକ ଠିକାଭିତ୍ତିକ ନିଯୁକ୍ତି ଓ ଅନ୍ୟ କାହା ପାଖରେ ନିଯୁକ୍ତି ପାଇବାଠୁ ଆତ୍ମନିଯୁକ୍ତି ଇତ୍ୟାଦି। ବେଳେବେଳେ ଏହି ପରିବର୍ତ୍ତନ ପାଇଁ କେତେକ କ୍ଷେତ୍ରରେ ବିରୋଧାଭାଷ ସୃଷ୍ଟି ହେଉଛି। ଅବଶ୍ୟ ଭାରତ ଭଳି ଏକ ବିବିଧ ଅର୍ଥନୀତିରେ ଏଭଳି ହେବା ସ୍ୱାଭାବିକ। ଶ୍ରମଶକ୍ତି ବହୁଳ ଅଞ୍ଚଳ ସହିତ ଶ୍ରମ ଶକ୍ତି ଅଭାବୀ ଅଞ୍ଚଳ ଓ ଅଳ୍ପ ବା ଅଣକୁଶଳୀ ଗୋଷ୍ଠୀଙ୍କ ସହିତ ବିଶ୍ୱ ବଜାରରେ କାର୍ଯ୍ୟ କରୁଥିବା କୁଶଳୀ ଶ୍ରମଗୋଷ୍ଠୀଙ୍କ ମଧ୍ୟରେ ସହାବସ୍ଥାନ ସମ୍ଭବ ହୋଇପାରିଛି। ଏଥିଯୋଗୁଁ କେବଳ ଉଦ୍ୟୋଗ ଭିତ୍ତିକ ସର୍ବେକ୍ଷଣରୁ ବିଶ୍ୱାସଯୋଗ୍ୟ ନିଯୁକ୍ତି ତଥ୍ୟ ହାସଲ କରାଯାଇପାରିବ ନାହିଁ। ତେଣୁ ଉଦ୍ୟୋଗ ଭିତ୍ତିକ ସର୍ବେକ୍ଷଣ ଜାରି ରହିଥିଲେ ମଧ୍ୟ ଏଥିରୁ ପ୍ରାପ୍ତ ତଥ୍ୟ ସମ୍ପୂର୍ଣ୍ଣ ନିର୍ଭରଯୋଗ୍ୟ ନୁହଁ। ଅନ୍ୟପକ୍ଷରେ ନିଯୁକ୍ତି ସମ୍ପର୍କିତ ନିର୍ଭରଯୋଗ୍ୟ ତଥ୍ୟ ପାଇଁ ଘରକୁ ଘର ସର୍ବେକ୍ଷଣ ଆବଶ୍ୟକ। କିନ୍ତୁ ଦୁର୍ଭାଗ୍ୟବଶତଃ ଏଭଳି ସର୍ବେକ୍ଷଣ କ୍ୱଚିତ୍ କରାଯାଉଛି। ଜାତୀୟ ନମୁନା ସର୍ବେକ୍ଷଣ ସଂସ୍ଥା ଦ୍ୱାରା କରାଯାଇଥିବା ଏଭଳି ସଦ୍ୟତମ ସର୍ବେକ୍ଷଣ ହୋଇଥିଲା ୨୦୧୧-୧୨ ମସିହାରେ। ତେଣୁ ନିଯୁକ୍ତି ଉପରେ ମିଳୁଥିବା ଏଭଳି ପୁରୁଣା ତଥ୍ୟ ସନ୍ତୋଷଜନକ ନୁହଁ। ଅବଶ୍ୟ ଚଳିତ ବର୍ଷର ଶେଷ ୪ ମାସରୁ ଆରମ୍ଭ କରି ପୁରୁଣାକାଳିଆ ପାଞ୍ଚବର୍ଷିଆ ସର୍ବେକ୍ଷଣ ବଦଳରେ ବାର୍ଷିକ ସର୍ବେକ୍ଷଣ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି।

ଅଭିବୃଦ୍ଧିରୁ ନିଯୁକ୍ତି ସୃଷ୍ଟି ହୋଇଥାଏ। ତେଣୁ ନିଯୁକ୍ତି ସୃଷ୍ଟି ପାଇଁ ସରକାର ଏକ ଅଭିବୃଦ୍ଧି-ଅନୁକୂଳ ବାତାବରଣ ତିଆରି କରିବା ଉଚିତ୍। ଏ ଦିଗରେ ସରକାରଙ୍କ କେତେକ ସମୟପୋଯୋଗୀ ପଦକ୍ଷେପକୁ ଅଣଦେଖା କରାଯାଇପାରିବ ନାହିଁ। ପ୍ରଥମତଃ ଚଳିତ ସରକାରଙ୍କ କାର୍ଯ୍ୟକାଳରେ କୌଣସି ଧନ୍ଦାମୂଳକ କାର୍ଯ୍ୟ ବା ବ୍ୟବସାୟ କରିବା ପ୍ରକ୍ରିୟାକୁ ସହଜ କରାଯାଇଛି। ତା' ସହିତ ଅଭିବୃଦ୍ଧି, ନିଯୁକ୍ତି ଓ ଉଦ୍ୟମିତା ପ୍ରୋତ୍ସାହନ ପାଇଁ ସରକାର ଭୌତିକ ଓ ସାମାଜିକ ଭିତ୍ତିଭୂମି ଦୃଢ଼ୀକରଣ ସକାଶେ ଆବଶ୍ୟକ ଖର୍ଚ୍ଚ କରୁଛନ୍ତି। ଆମ ଦେଶରେ ଉଦ୍ୟମିତାର ଅଭାବ ନାହିଁ। ତେବେ ଏଭଳି ଉଦ୍ୟମିତାର ପରିଚୟ କେବଳ କୌଣସି ଉଦ୍ୟୋଗ ସ୍ଥାପନରୁ ହିଁ ପ୍ରମାଣିତ ହୁଏନାହିଁ। ଏହାକୁ ଦୃଷ୍ଟିରେ ରଖି ଷ୍ଟାର୍ଟଅପ୍ ଇଣ୍ଡିଆ ଓ ମୁଦ୍ରା ଯୋଜନା ଭଳି ପଦକ୍ଷେପ ନିଆଯାଇଛି। କହିବାକୁ ଗଲେ ବ୍ୟବସାୟ ସ୍ଥାପନ ପାଇଁ ପ୍ରକ୍ରିୟାକୁ ଯେ ସରଳ ଏବଂ ସୁଗମ୍ୟ କରାଯାଇଛି କେବଳ ସେକଥା ନୁହଁ, ବରଂ ବ୍ୟକ୍ତିଗତ ଦେବାଳିଆ ସ୍ଥିତି ଉତ୍ପନ୍ନ ହେଲେ ସମ୍ପୃକ୍ତ ଉଦ୍ୟୋଗୀଙ୍କୁ ତାଙ୍କ ଉଦ୍ୟୋଗରୁ ବାହାରିଯିବା ପ୍ରକ୍ରିୟାକୁ ମଧ୍ୟ ସହଜ କରାଯାଇଛି।

ସରକାର ସମସ୍ତଙ୍କୁ ଚାକିରି ଯୋଗାଇ ଦେଇପାରିବେ ନାହିଁ। ସମସ୍ତେ କେବଳ ଚାକିରି ପଛରେ ଧାଇଁବା କଥା ମଧ୍ୟ ନୁହଁ। ତେଣୁ ଦୀର୍ଘମିଆଦି 'ଚାକିରି' ଅପେକ୍ଷା ସ୍ୱଳ୍ପ ସମୟାବଧି ବିଶିଷ୍ଟ ଠିକା ଭିତ୍ତିରେ 'ନିଯୁକ୍ତି' ସୃଷ୍ଟି କରିବା ଉପରେ ଧ୍ୟାନ ଦିଆଯିବା ଉଚିତ୍।

**ସତ୍ୟ ଆଧାରିତ ତଥ୍ୟ:**

ଅଭିବୃଦ୍ଧି ଦ୍ୱାରା ଆପଣାଛାଏଁ ନିଯୁକ୍ତି ସୃଷ୍ଟି ହୁଏନାହିଁ। ଅଭିବୃଦ୍ଧିର ସ୍ୱରୂପ ମଧ୍ୟ ଏଥିପାଇଁ ଗୁରୁତ୍ୱପୂର୍ଣ୍ଣ। ନିଯୁକ୍ତିବିହୀନ ଅଭିବୃଦ୍ଧି କୌଣସି ନୂଆକଥା ନୁହଁ। ଜାତୀୟ ନମୁନା ସର୍ବେକ୍ଷଣ ସଂସ୍ଥା ଦ୍ୱାରା ୨୦୦୪-୦୫ ଓ ୨୦୦୯-୧୦ରେ କରାଯାଇଥିବା ସର୍ବେକ୍ଷଣରୁ ଏହା ଜଣାପଡ଼ିଥିଲା। ତେବେ ଏଠି ଆମକୁ ଗୋଟିଏ ଦୁଇଟି କଥା ମନେ ରଖିବାକୁ

ପଡ଼ିବ । ପୂର୍ବଭଳି ଅସଲ ଘରୋଇ ଉତ୍ପାଦନ ବୃଦ୍ଧି ହୋଇଚାଲିଛି । ଧରିନିଆଯାଉ ଏହି ଅଭିବୃଦ୍ଧି ହେଉଛି ୭ ପ୍ରତିଶତ । ଏହାର ଅର୍ଥ କ'ଣ ଏଇଆ ଯେ ଶ୍ରମ ଉତ୍ପାଦକତା ୭ ପ୍ରତିଶତ ହାରରେ ବୃଦ୍ଧି ପାଇଛି ? ଯଦି ନୁହଁ, ତେବେ ନିଯୁକ୍ତି ସୃଷ୍ଟି ନିଶ୍ଚିତ ଭାବରେ ହୋଇଛି । ଏହି କଥାଟିକୁ ବର୍ତ୍ତମାନ ଉପଲବ୍ଧ ନିଯୁକ୍ତି ସୃଷ୍ଟି ସମ୍ପର୍କିତ ତଥ୍ୟ ସମ୍ପୂର୍ଣ୍ଣ ଭାବରେ ପ୍ରକାଶିତ କରିପାରେ ନାହିଁ । ଅନ୍ୟପକ୍ଷରେ ନୂତନ ଶ୍ରମଶକ୍ତି ସମ୍ପୂର୍ଣ୍ଣ ରୂପେ କୃଷି କ୍ଷେତ୍ରରେ ନିୟୋଜିତ ହୋଇପାରିବ ନାହିଁ । କୃଷିର ବ୍ୟବସାୟୀକରଣ, ବହୁମୁଖୀକରଣ ଓ ଅଣକୃଷି ନିଯୁକ୍ତି ସୁଯୋଗ ସତ୍ତ୍ୱେ ଏହା ସମ୍ଭବ ନୁହଁ । ବିନିର୍ମାଣ କ୍ଷେତ୍ର ମଧ୍ୟ ଆଉ ପୂର୍ବ ଭଳି ଶ୍ରମଭିତ୍ତିକ ହୋଇ ରହିନାହିଁ । ଏହି ଦୃଷ୍ଟିରୁ ଆମକୁ ସେବାକ୍ଷେତ୍ର ଉପରେ ନଜର ପକାଇବାକୁ ପଡ଼ିବ ।

**ଶ୍ରମଭିତ୍ତିକ ଅଭିବୃଦ୍ଧି:**

ବର୍ତ୍ତମାନ କେତେକ ପ୍ରମୁଖ ଦିଗ ଉପରେ ବିତର୍କ ନୁହଁ ବରଂ ଆଲୋଚନା କରାଯାଉ । ପ୍ରଥମ କଥାଟି ହେଉଛି ଯେ ଭାରତରେ ପର୍ଯ୍ୟାପ୍ତ ଶ୍ରମ ରହିଛି କିନ୍ତୁ ପୁଞ୍ଜି ନାହିଁ । ତେଣୁ ଶ୍ରମ-ପୁଞ୍ଜି ସମତୁଲତା ଯୋଗୁଁ ଆମର ଅଭିବୃଦ୍ଧି ଶ୍ରମ ଆଧାରିତ ହେବା ବାଞ୍ଛନୀୟ । ପୁନଶ୍ଚ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ପାଇଁ ଶ୍ରମ କିମ୍ବା ପୁଞ୍ଜି- ଏ ଦୁଇଟି ଭିତରୁ କାହାକୁ ଅଗ୍ରାଧିକାର ଦିଆଯିବ ତାହା ନିର୍ଭର କରେ ଏହି ଦୁଇଟିର ଆପେକ୍ଷିକ ମୂଲ୍ୟ ଉପରେ । ବେଳେବେଳେ ସଂଗଠିତ କ୍ଷେତ୍ରରେ ଶ୍ରମର ମୂଲ୍ୟକୁ ଅଧିକ ବୋଲି ଆକଳନ କରାଯାଏ, ଯାହାକି କୃତ୍ରିମ । ଏଥିପାଇଁ କେବଳ ମଜୁରୀ ନୁହଁ ବରଂ ମଜୁରୀ ଆଇନ ପାଳନ ପାଇଁ ଆବଶ୍ୟକ ଖର୍ଚ୍ଚକୁ ମଧ୍ୟ ଯୋଡ଼ି ଦିଆଯାଏ । ବର୍ତ୍ତମାନ କିନ୍ତୁ ଏହା ହ୍ରାସ ପାଇଛି । (ଏଠି 'ଶ୍ରମ ସୁବିଧା' ପୋର୍ଟାଲ୍ କଥାଟି ଉଲ୍ଲେଖନୀୟ) ଏହାସତ୍ତ୍ୱେ ଶ୍ରମ-ପୁଞ୍ଜି ସମ୍ପର୍କଟି ଏତେ ଅସନ୍ତୁଳିତ କାହିଁକି ? ଆମକୁ ଏହାର ଉତ୍ତର ମିଳିପାରିବ ପୁଞ୍ଜି ମୂଲ୍ୟ ହ୍ରାସରେ, ଯାହାକି ରିଆତି (ଟିକସମୁକ୍ତ)



ଆଧାରିତ । ଉଲ୍ଲେଖନୀୟ ଯେ ବର୍ତ୍ତମାନର ସରକାର ଏହି କଥାଟିର ପ୍ରଭାବକୁ ନିଯୁକ୍ତି ସୃଷ୍ଟି ପାଇଁ ରିଆତି ଦେଇ ହ୍ରାସ କରିପାରିଛନ୍ତି ।

ଦ୍ୱିତୀୟରେ କେତେକ ଅଞ୍ଚଳରେ ଶ୍ରମ ବହୁଳତା ଥିବାବେଳେ ଅନ୍ୟ କେତେକ ଅଞ୍ଚଳରେ ଶ୍ରମ ଅଭାବକୁ ନେଇ କାହିଁକି ଦ୍ୱନ୍ଦ୍ୱ ସୃଷ୍ଟି କରାଯାଏ । ଏହାର ଅର୍ଥ ହେଉଛି ଯେ ନିଯୁକ୍ତିଦାତା ଓ ନିଯୁକ୍ତି ଆଶାୟୀଙ୍କ ମଧ୍ୟରେ ସିଧାସଳଖ ସମ୍ପର୍କ (ମଧ୍ୟସ୍ଥି ବା ଦଲାଲଙ୍କ ବିନା) ସ୍ଥାପିତ ହୋଇ ପାରୁନାହିଁ । ଅଣ ପଞ୍ଜୀକୃତ ଶ୍ରମ ଠିକାଦାରମାନଙ୍କ କଥା କାହାକୁ ଅଛପା ନାହିଁ । ଏହି ପୃଷ୍ଠଭୂମିରେ ବର୍ତ୍ତମାନର ସରକାର ନ୍ୟାସ୍‌ନାଲ୍ କ୍ୟାରିଅର ସର୍ଭିସ୍ ପୋର୍ଟାଲ୍ ସୃଷ୍ଟିକରି ଏକ ଉଚିତ୍ ପଦକ୍ଷେପ ନେଇଛନ୍ତି ।

ତୃତୀୟରେ ବର୍ତ୍ତମାନ ଉପଲବ୍ଧ ତଥ୍ୟ ଅନୁସାରେ କାର୍ଯ୍ୟବଳ ଓ ଶ୍ରମଶକ୍ତି ଭିତରେ କାହିଁକି କ୍ରମବର୍ଦ୍ଧିଷ୍ଣୁ ପାର୍ଥକ୍ୟ ଦେଖାଦେଇଛି ? କେବଳ ସ୍ତ୍ରୀ ନୁହଁ ବରଂ ପୁରୁଷମାନଙ୍କ କ୍ଷେତ୍ରରେ ମଧ୍ୟ ଶ୍ରମଶକ୍ତି ଅଂଶଗ୍ରହଣ କାର୍ଯ୍ୟ ହ୍ରାସ ପାଇଛି । ଏହାର କାରଣ କ'ଣ ? କୌଣସି ସଂସ୍କାର କାର୍ଯ୍ୟ ହାତକୁ ନିଆଯାଉଥିବା ବେଳେ ମହିଳା ଶ୍ରମଶକ୍ତି ପାଇଁ ଅଂଶଗ୍ରହଣ ସୁଯୋଗ ସୃଷ୍ଟି ହୋଇ ପାରୁନଥିବା କଥାଟି କେବଳ ଏକ ସାଧାରଣ ପ୍ରଶ୍ନ ନୁହଁ ବରଂ ଏକ ଅତ୍ୟନ୍ତ ବିଭ୍ରାନ୍ତିକର ପ୍ରଶ୍ନ । ଉଚ୍ଚ ମାଧ୍ୟମିକ ଓ ଉଚ୍ଚଶିକ୍ଷା କ୍ଷେତ୍ରରେ ଏମାନଙ୍କର ପଞ୍ଜୀକରଣ ବୃଦ୍ଧି ଏକ କାରଣ ହୋଇପାରେ କି ? ସାଧାରଣ ବଜାର ଭଳି ଶ୍ରମ ବଜାର ମଧ୍ୟ ପ୍ରକୃଷ୍ଟ ମୂଲ୍ୟ ଉପରେ ଆଧାରିତ । ତା'ହେଲେ କ'ଣ ଶ୍ରମଶକ୍ତି ପାଇଁ ଉଚିତ୍ ମୂଲ୍ୟ ମିଳୁନାହିଁ ? ଏ ପରିପ୍ରେକ୍ଷୀରେ ସ୍ୱତଃସ୍ଫୂର୍ତ୍ତ ଓ ବାଧ୍ୟତାମୂଳକ ବେରୋଜଗାର ବା ବେକାରି ମଧ୍ୟରେ କୌଣସି ପାର୍ଥ୍ୟକ ଦୃଷ୍ଟିଗୋଚର ହୁଏନାହିଁ ।

ଚତୁର୍ଥରେ ଶିକ୍ଷା ଓ କୌଶଳ ତାଲିମ୍ ମଧ୍ୟରେ କୌଣସି ବ୍ୟବଧାନ ରହିଛି କି ? ଶିକ୍ଷା ଦ୍ୱାରା ଅଧିକ ଦରମା ବା ମଜୁରୀ ପ୍ରତି ଆଶା ବଢ଼ିଯାଏ । ଅନ୍ୟପକ୍ଷରେ କିନ୍ତୁ ଶିକ୍ଷାଦ୍ୱାରା ହାସଲ କରିହେଉଥିବା କୌଶଳ ବଜାରର ଆଶା ପୂରଣ କରିପାରେ ନାହିଁ ।

ପଞ୍ଚମରେ ଆମକୁ ମାନିନେବାକୁ ହେବ ଯେ ବର୍ତ୍ତମାନ କୌଶଳ ତାଲିମକୁ ନେଇ ଏକ ଅଭାବ ରହିଛି । ଏହି ଅଭାବ ପୂରଣ କରିବା ପାଇଁ ଜାତୀୟ କୌଶଳ ବିକାଶ ଅଭିଯାନ ଅଧିନରେ ଜାତୀୟ କୌଶଳ ବିକାଶ କର୍ତ୍ତୃପକ୍ଷ, ଜାତୀୟ କୌଶଳ ବିକାଶ ନିଗମ ଓ ପ୍ରଶିକ୍ଷଣ ମହାନିର୍ଦ୍ଦେଶାଳୟ ଭଳି ସଂସ୍ଥାଗୁଡ଼ିକ କାର୍ଯ୍ୟ କରୁଛନ୍ତି ।

୨୦୧୮ ମସିହା ଶେଷଆଡ଼କୁ ଯେତେବେଳେ ନିର୍ଭରଯୋଗ୍ୟ ନିଯୁକ୍ତି ତଥ୍ୟ ପଦାକୁ ଆସିବ, ସେତେବେଳେ ଜଣାପଡ଼ିବ ଯେ ଏହି ପଦକ୍ଷେପଗୁଡ଼ିକ ଦେଶର ନିଯୁକ୍ତି ଅଭିବୃଦ୍ଧି ଉପରେ ଏକ ସକାରାତ୍ମକ ପ୍ରଭାବ ପକାଇବାରେ ସମର୍ଥ ହୋଇଛନ୍ତି ।

ଲେଖକ ହେଉଛନ୍ତି ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶଦାତା ପରିଷଦ ଏବଂ ନୀତି ଆୟୋଗର ଜଣେ ସଦସ୍ୟ । *E-mail: bibek.debroy@gov.in*

**ବିକଳ୍ପ ନିଯୁକ୍ତି**

# ଜୀବିକା ବିକାଶ ଓ ବିବିଧତା

● ଅମରଜିତ୍ ସିହ୍ନା



ଗତ ଚାରିବର୍ଷ ମଧ୍ୟରେ ଗ୍ରାମୀଣ ଭିତ୍ତିଭୂମି, ଜୀବିକା ବିବିଧାୟନ ଏବଂ ଦାରିଦ୍ର୍ୟ ହ୍ରାସ ପାଇଁ ଆର୍ଥିକ ସମ୍ବଳ ଆବଣ୍ଟନ ବୃଦ୍ଧି କରାଯାଇଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ), ପ୍ରଧାନମନ୍ତ୍ରୀ ଗ୍ରାମସଡ଼କ ଯୋଜନା, ମନରେଗା, ଜାତୀୟ ଗ୍ରାମୀଣ ଜୀବିକା ମିଶନ(ଦିବବେଲା)- ଏହି କାର୍ଯ୍ୟକ୍ରମଗୁଡ଼ିକ ଭିତ୍ତିଭୂମି ସୃଷ୍ଟି ଏବଂ ଜୀବିକା ବିକାଶ ସକାଶେ ଉଦ୍ଦିଷ୍ଟ। ଏଥିସଯୋଗୁଁ ମଧ ପ୍ରତ୍ୟକ୍ଷ ଏବଂ ଅପ୍ରତ୍ୟକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଥାଏ।

ଦାରିଦ୍ର୍ୟର କାରଣ ଅନେକ ଏବଂ ଏହାର ମୁକାବିଲା ପାଇଁ ବହୁମୁଖୀ ପଦକ୍ଷେପ ଲୋଡ଼ା। ଏକଥା ନିରନ୍ତର ବିକାଶ ଲକ୍ଷ୍ୟ (ଏସ୍‌ଡିଜି) କାର୍ଯ୍ୟକ୍ରମରୁ ସ୍ପଷ୍ଟ ପ୍ରମାଣିତ। ଗ୍ରାମାଞ୍ଚଳରେ ଦାରିଦ୍ର୍ୟମୁକ୍ତ ଅଞ୍ଚଳ ପ୍ରତିଷ୍ଠାରେ ପ୍ରତିବନ୍ଧକ ସାଜୁଥିବା କାରଣସମୂହ ତଳେ ପ୍ରଦତ୍ତ ଚିତ୍ରରେ ଉଲ୍ଲେଖ କରାଯାଇଛି। ଦାରିଦ୍ର୍ୟଦୂରୀକରଣ ପାଇଁ ଅଣକୃଷି ଜୀବିକା ଓ ବହୁମୁଖୀ ଜୀବିକାର ଗୁରୁତ୍ୱ ଅଧିକ। ସାଂପ୍ରତିକ ତଥ୍ୟାବଳୀ ଅନୁସାରେ ମାନୁଫାକଚରିଙ୍ଗ କ୍ଷେତ୍ରର ଅଧା ଏବଂ ସେବା କ୍ଷେତ୍ରର ଏକ ତୃତୀୟାଂଶ ଏବେ ଗ୍ରାମ୍ୟ ଅର୍ଥନୀତିର ଅଂଶବିଶେଷ ହୋଇସାରିଛି। ଅତଏବ ଏ କ୍ଷେତ୍ରରେ ଆଗକୁ ଯିବାର ବାଟ ହେଲା ଜୀବିକା ବିକାଶ ଯୋଜନାରେ ରୋଜଗାର ଓ ନିଯୁକ୍ତି ସୃଷ୍ଟି ତଥା ଜୀବିକାର ବିବିଧାୟନ।

ଜୀବିକାର ବିବିଧାୟନ ପ୍ରକ୍ରିୟାରେ ରୋଜଗାରର ବିଭିନ୍ନ ଉତ୍ସ ତଥା ମାଧ୍ୟମ ସୃଷ୍ଟି କରିବା, ଦାରିଦ୍ର୍ୟ ଦୂରୀକରଣ ଓ ଗ୍ରାମାଞ୍ଚଳ ଭିତ୍ତିଭୂମିର ବିକାଶ ଓ ଲୋକଙ୍କ ସ୍ଥିତିରେ ଉନ୍ନତି ନିମନ୍ତେ ଗତ ଚାରି ବର୍ଷ ମଧ୍ୟରେ ବିପୁଳ ଅର୍ଥ ବ୍ୟୟ କରାଯାଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ଏଥିପାଇଁ ଅର୍ଥ ଯୋଗାଣରେ କାର୍ପଣ୍ୟ ପ୍ରଦର୍ଶନ କରିନାହାନ୍ତି। ୨୦୧୨-୧୩ରୁ ୨୦୧୭-୧୮ ମଧ୍ୟରେ ଏଥିପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ କରାଯାଇଥିବା ପ୍ରକୃତ ଖର୍ଚ୍ଚ ଏବଂ ୨୦୧୮-୧୯ର ବଜେଟ ଆକଳନ ଟେବୁଲ-୧ରେ ଦିଆଯାଇଛି।



**ଟେବୁଲ -୧ : ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରକୃତ ବ୍ୟୟ**

| ବର୍ଷ | ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟକ୍ରମରେ ଖର୍ଚ୍ଚ ହୋଇଥିବା ଅର୍ଥ (କୋଟିରେ) |
|---|---|
| ୨୦୧୨-୧୩ | ୫୦,୧୬୨ |
| ୨୦୧୩-୧୪ | ୫୬,୬୩୦ |
| ୨୦୧୪-୧୫ | ୬୭,୨୩୬ |
| ୨୦୧୫-୧୬ | ୭୭,୩୨୧ |
| ୨୦୧୬-୧୭ | ୯୫,୦୯୯ |
| ୨୦୧୭-୧୮ | ୧,୦୫,୪୪୮ (ଆର୍‌ଇ) |
| ୨୦୧୮-୧୯ | ୧,୧୨,୪୦୩.୯୨ (ବିଇ) |
| - ଆର୍‌ଇ -ସଂଶୋଧିତ ଅଟକଳ, ବି.ଇ-ବଜେଟ ଅଟକଳ | |

*ସୂତ୍ର : ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ*



ଏହି ତଥ୍ୟ ଅନୁସାରେ ୨୦୧୭-୧୮ରେ ଏ କ୍ଷେତ୍ରରେ ବାର୍ଷିକ ଖର୍ଚ୍ଚ ୨୦୧୨-୧୩ ଅନୁସାରେ ଦ୍ୱିଗୁଣିତ ହୋଇଛି। ଏଠାରେ ସ୍ମରଣଯୋଗ୍ୟ ଯେ ଏହି ସମୟରେ ଗ୍ରାମାଞ୍ଚଳ ଦାରିଦ୍ର୍ୟ ଦୂରୀକରଣ ପାଇଁ ଚାରିଟି ଅତିରିକ୍ତ ଉତ୍ସରୁ ପାଣ୍ଠି ଯୋଗାଇ ଦିଆଯାଇଛି।

୧) ଅଣ ହିମାଳୟ ରାଜ୍ୟଗୁଡ଼ିକ ପାଇଁ ଅଂଶୀଦାରୀ ଢାଞ୍ଚା ୬୦:୪୦ ଥିବାବେଳେ ହିମାଳୟ ରାଜ୍ୟଗୁଡ଼ିକ ପାଇଁ ଏହା ୯୦:୧୦। ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନା ଅଧୀନରେ ପୂର୍ବର ଅଂଶ ଅନୁପାତ ୭୫:୨୫କୁ ବଦଳାଇ ୬୦:୪୦ କରାଯାଇଛି। ଏହାଦ୍ୱାରା ରାଜ୍ୟ ଅଂଶରୁ ତିନିବର୍ଷ ମଧ୍ୟରେ ୪୫ ହଜାର କୋଟି ଟଙ୍କାର ଫାଇଦା ମିଳିଛି। ଏହି ସମୟରେ ଭାରତ ସରକାରଙ୍କ ଏବାବଦ ମୋଟ୍ ବ୍ୟୟ ଅଟକଳ ଥିଲା ୮୧,୯୭୫କୋଟି ଟଙ୍କା। ସେହିଭଳି ୨୦୧୫ ଡିସେମ୍ବରଠାରୁ ରାଜ୍ୟ ସରକାରମାନେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ପାଣ୍ଠିକୁ ୪୦ଶତାଂଶ ହାରରେ ଅର୍ଥ ଯୋଗାଉଛନ୍ତି। ଏହା ଫଳରେ କେନ୍ଦ୍ର ସରକାର ୮୦୦୦ରୁ ୯୦୦୦କୋଟି ଟଙ୍କାର ଅତିରିକ୍ତ ଅର୍ଥ ରାଶି ଫାଇଦା ଆକାରରେ ପାଇଛନ୍ତି। ଆଗରୁ ଏହା ସମ୍ଭବ ହେଉ ନ ଥିଲା। ଅନ୍ୟାନ୍ୟ ଯୋଜନାରେ ମଧ୍ୟ ଏହି ଅନୁପାତ ପରିମାଣ ପରିବର୍ତ୍ତନ ଫଳରେ ସରକାର ଅର୍ଥ ବଞ୍ଚାଇବାରେ ସକ୍ଷମ ହୋଇଛନ୍ତି।

୨) ୨୦୧୭-୧୮ ବର୍ଷରୁ ଆବାସ ନିର୍ମାଣ କାର୍ଯ୍ୟକ୍ରମ ପାଇଁ ବଜେଟ ବହିର୍ଭୁତ ସମ୍ବଳରୁ ଅତିରିକ୍ତ ଅର୍ଥ ସଂଗୃହୀତ ହେଉଥିଲା। ୨୦୧୭ ରୁ ୧୯ ମଧ୍ୟରେ ଏହି ସୂତ୍ରରୁ ୨୧,୯୭୫କୋଟି ଟଙ୍କାର ଅତିରିକ୍ତ ସମ୍ବଳ ସଂଗୃହୀତ ହେବ ବୋଲି ଆକଳନ କରାଯାଇଛି। ଏହି ଅର୍ଥ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ)ରେ ବିନିଯୋଗ ହେବ। ସେଥିମଧ୍ୟରୁ ଇତିମଧ୍ୟରେ ୭୩୨୯.୪୩କୋଟି ଟଙ୍କା ଆବଣ୍ଟିତ ହୋଇସାରିଲାଣି।

୩) ପାଣ୍ଠି ହସ୍ତାନ୍ତର କ୍ଷେତ୍ରରେ ଚତୁର୍ଦ୍ଦଶ ଅର୍ଥ କମିଶନଙ୍କ ରିପୋର୍ଟ କାର୍ଯ୍ୟକାରୀ ହେବା ପରେ ରାଜ୍ୟମାନଙ୍କୁ ଅର୍ଥ ପ୍ରଦାନ ପରିମାଣ ପୂର୍ବାପେକ୍ଷା ଯଥେଷ୍ଟ ବଢ଼ିଛି। ଟେବୁଲ-୨ ଦ୍ରଷ୍ଟବ୍ୟ।


**ଟେବୁଲ -୨ : ଚତୁର୍ଦ୍ଦଶ ଅର୍ଥ ଆୟୋଗଙ୍କ ସୁପାରିସ ଅନୁସାରେ ଦିଆଯାଇଥିବା ଅର୍ଥ**

| ବର୍ଷ | ଦିଆଯାଇଥିବା ମୋଟ୍ ଟଙ୍କାର ପରିମାଣ (କୋଟିରେ) |
|---|---|
| ୨୦୧୫-୧୬ | ୨୧୫୧୦.୪୬ |
| ୨୦୧୬-୧୭ | ୩୩୮୭୦.୫୨ |
| ୨୦୧୭-୧୮ | ୩୨୪୨୩.୭୨ |

୪) ଚତୁର୍ଥ ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କ ବ୍ୟାଙ୍କ ଋଣ ଜନିତ ଫାଇଦା। ଏହି ପାଞ୍ଚବର୍ଷ ମଧ୍ୟରେ ମୋଟ୍ ଏହି ଏସ୍‌ଏଚ୍‌ଜିଗୁଡ଼ିକ ୧.୬୪ କୋଟି ଟଙ୍କାର ବ୍ୟାଙ୍କ ଋଣ ପାଇଛନ୍ତି। ୨୦୧୩-୧୪ରେ ଡିଏୱାଇ-ଏନ୍‌ଆରଏଲ୍‌ଏମ୍ ଯୋଜନାରେ ବ୍ୟାଙ୍କ ଋଣ ବକେୟା ପରିମାଣ ୩୧୮୬୫ କୋଟି ଟଙ୍କା ଥିବାବେଳେ ୨୦୧୭-୧୮ରେ ଏହା ଦୁଇଗୁଣରୁ ଅଧିକ ହୋଇ ୬୯,୭୩୩ କୋଟି ଟଙ୍କାରେ ପହଞ୍ଚିଛି।

ନିର୍ଦ୍ଦିଷ୍ଟ ଗ୍ରାମାଞ୍ଚଳ ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମ ବ୍ୟତୀତ ସରକାର ସ୍ୱଚ୍ଛଭାରତ ମିଶନ ଉପରେ ଗୁରୁତ୍ୱ ଦେଉଛନ୍ତି। ସେହିଭଳି ଭିତ୍ତିଭୂମି ନିର୍ମାଣ ଓ ଗରିବଙ୍କ ଜୀବିକାର୍ଜନ କାର୍ଯ୍ୟକ୍ରମ ପାଇଁ କୃଷି ମନ୍ତ୍ରଣାଳୟ ତାହାର ବ୍ୟୟବରାଦ ବୃଦ୍ଧି କରିଛି। ଗ୍ରାମାଞ୍ଚଳ ପାଇଁ ସରକାର ସବୁଠୁ ଅଧିକ ବ୍ୟୟ ବରାଦ କରିଛନ୍ତି। ସେଥିମଧ୍ୟରୁ ଅଧିକ ଅର୍ଥ ନିଯୁକ୍ତି ଓ ରୋଜଗାର ସୃଷ୍ଟି ପାଇଁ ବିନିଯୋଗ କରାଯାଉଛି।

ଗ୍ରାମ୍ୟ ଉନ୍ନୟନ ବିଭାଗ ଏହି ସମୟରେ ଗରିବ ଲୋକଙ୍କ ଉନ୍ନତି ଏବଂ ସେମାନଙ୍କ ଜୀବିକାର୍ଜନ ପନ୍ଥାକୁ ବହୁମୁଖୀ କରିବାକୁ ପ୍ରୟାସ କରିଛି। ସାମାଜିକ ଅର୍ଥନୈତିକ ଜାତିଗତ ସର୍ଭେ ରିପୋର୍ଟ ୨୦୧୧ରେ ଏହାର ସବିଶେଷ ତଥ୍ୟ ରହିଛି। ବିଭିନ୍ନ ପ୍ରକଳ୍ପ ଓ କାର୍ଯ୍ୟକ୍ରମରେ ହିତାଧିକାରୀ ବାଛିବାକୁ ସରକାର ଗ୍ରହଣ କରିଥିବା




ନୀତି ଓ ପଦ୍ଧତିର ପ୍ରମାଣଭିତ୍ତିକ ତଥ୍ୟ ଏଥିରେ ସ୍ଥାନିତ ହୋଇଛି। ଉଜ୍ଜ୍ୱଳା ଯୋଜନାରେ ରନ୍ଧନ ଗ୍ୟାସ୍ ଯୋଗାଣର, ସୌଭାଗ୍ୟ ଯୋଜନାରେ ଘରକୁ ନିଃଶୁଳ୍କ ବିଜୁଳି ସଂଯୋଗ, ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନା ଓ ଏବେ ହେବାକୁ ଥିବା ଆୟୁଷ୍ମାନ ଭାରତ ଯୋଜନାରେ ଯେଉଁମାନେ ସବୁଠୁ ଅଧିକ ଉପକୃତ ହେଉଛନ୍ତି ସେମାନେ ଗରିବ ଓ ଅନୁନ୍ନତ ବର୍ଗର।

ଗ୍ରାମାଞ୍ଚଳରେ କାର୍ଯ୍ୟକାରୀ ହେଉଥିବା ସବୁ ଲୋକ କଲ୍ୟାଣକାରୀ କାର୍ଯ୍ୟକ୍ରମ ଜୀବନଜୀବିକା ସହିତ ଜଡ଼ିତ। ଏଥିରେ ଲୋକଙ୍କୁ ବିକଳ୍ପ ରୋଜଗାର ସୁବିଧା ଯୋଗାଇଦେବାକୁ ଚେଷ୍ଟା କରାଯାଉଛି। ଏମ୍‌ଜିନରେଗା ମାଧ୍ୟମରେ ଗ୍ରାମାଞ୍ଚଳରେ ଜଳସେଚନର ସୁବିଧା ପାଇଁ ବିଭିନ୍ନ ପ୍ରକାର ସ୍ଥାୟୀ ସଂବଳ ବା ଉତ୍ସ ତିଆରି କରାଯାଉଛି। ଏହାଛଡ଼ା ମାଛ ପୋଖରୀ ଖନନ, କୁକୁଡ଼ା ଫାର୍ମ ତିଆରି, ପଶୁପାଳନ ପାଇଁ ଗୁହାଳ ନିର୍ମାଣ ନିମନ୍ତେ ବ୍ୟକ୍ତି ବ୍ୟକ୍ତିବିଶେଷଙ୍କୁ ଋଣ ସବ୍‌ସିଡି ଏବଂ ସହାୟତା ଦିଆଯାଉଛି। କୃଷି ଓ ତତ୍ ସଂଲଗ୍ନ କ୍ଷେତ୍ରର ବିକାଶ କରାଇ ଲୋକଙ୍କୁ ବିକଳ୍ପ ରୋଜଗାର ଦେବା ଉପରେ ସରକାର ଗୁରୁତ୍ୱ

**ଟେବୁଲ -୩ : ସାମାଜିକ, ଆର୍ଥିକ ଓ ଜାତିଗତ ଜନଗଣନା ୨୦୧୧ ଅନୁସାରେ ବିଭିନ୍ନ ବଞ୍ଚିତ ବର୍ଗ**

| ସବିଶେଷ (ବର୍ଗ) | ବଞ୍ଚିତ ପରିବାର |
|---|---|
| କୋଠରୀ ନ ଥିବା ବା ଏକ ବଖରା ବିଶିଷ୍ଟ ସମ୍ପୂର୍ଣ୍ଣ କଚ୍ଚାଘର (ଡି-୧) | ୨,୩୭,୩୧,୬୭୪ |
| ୧୬ ରୁ ୫୯ ବର୍ଷ ବୟସ ମଧ୍ୟରେ କୌଣସି ସଦସ୍ୟ ନ ଥିବା (ଡି-୨) | ୬୫,୧୫,୨୦୫ |
| ମହିଳା ପ୍ରଧାନ ପରିବାର - ଯେଉଁଠି ୧୬ ରୁ ୫୯ ବର୍ଷ ବୟସର ପୁରୁଷ ସଦସ୍ୟ ନାହାନ୍ତି (ଡି-୩) | ୬୮,୯୬,୦୧୪ |
| ଭିନ୍ନକ୍ଷମ ସଦସ୍ୟ ଓ କୌଣସି ସକ୍ଷମ ସଦସ୍ୟ ନ ଥିବା (ଡି-୪) | ୭,୧୬,୦୪୫ |
| ତଫସିଲଭୁକ୍ତ ଜାତି / ଉପଜାତି ପରିବାର (ଡି-୫) | ୩,୮୫,୮୨,୨୨୫ |
| ୨୫ବର୍ଷ ବୟସରୁ ଅଧିକ ଶିକ୍ଷିତ ସଦସ୍ୟ ନ ଥିବା ପରିବାର (ଡି-୬) | ୪,୨୧,୪୭,୫୬୮ |
| ଭୂମିହୀନ ଓ ହାତ ପାଇଟି କରୁଥିବା ସାମୟିକ ଶ୍ରମିକ (ଡି-୭) | ୫,୩୭,୦୧,୩୮୩ |

ଦେଉଛନ୍ତି। ଗତ ତିନି ବର୍ଷ ମଧ୍ୟରେ ଗ୍ରାମାଞ୍ଚଳରେ କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମ ଓ ତାହାର ସଫଳତା ନିମ୍ନରେ ପ୍ରଦାନ କରାଯାଇଛି।

୧) ଜଳ ସଂରକ୍ଷଣ ପାଇଁ ୧୪୩ ଲକ୍ଷ ହେକ୍ଟର ଜମି ଯୋଗାଇଦିଆଯାଇଛି।

୨) ପ୍ରାୟ ୧୫ଲକ୍ଷ ଚାଷ ପୋଖରୀ ଓ ୪ ଲକ୍ଷ ସେଚ କୂପ ଖନନ ହୋଇଛି। ଗୋଷ୍ଠୀଗତ ଉଦ୍ୟମରେ ଏହି ସମୟରେ ଅନେକ ଜଳ ସଂରକ୍ଷଣ ପ୍ରକଳ୍ପ ପ୍ରତିଷ୍ଠା କରାଯାଇଛି।

୩) ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କ ଦ୍ୱାରା ୬୨୨୨ରୁ ଅଧିକ କଷ୍ଟମ୍ ହାୟାରିଂ ସେଣ୍ଟର କାର୍ଯ୍ୟକ୍ଷମ ହୋଇଛି।

୪) ୧୧ହଜାର ବ୍ୟାଙ୍କ ସାକ୍ଷୀ ଓ ୭୭୩ ବ୍ୟାଙ୍କ ମିତ୍ର ବ୍ୟାଙ୍କ ପ୍ରତିନିଧି ଭାବେ ଏସ୍‌ଏଚ୍‌ଜି ମହିଳା ତାଲିମ ପାଇଛନ୍ତି।

୫) ୩୩ଲକ୍ଷ ମହିଳା ଚାଷୀଙ୍କୁ ଜୈବିକ ଚାଷ ପାଇଁ ସହାୟତା ଦିଆଯାଇଛି।

୬) ୮୬୦୦୦ ଉତ୍ପାଦନ ଗୋଷ୍ଠୀ ଓ ୧୨୬ କୃଷି ଉତ୍ପାଦନ କମ୍ପାନୀ ଗଠନ କରାଯାଇଛି।

୭) ୪୪୯ ଯାନ ଆଜୀବିକ ଗ୍ରାମୀଣ ଏକ୍ସପ୍ରେସ୍ ଯୋଜନାରେ ସାମିଲ ହୋଇ ଗ୍ରାମୀଣ ପରିବହନ ବ୍ୟବସ୍ଥାକୁ ସୁଦୃଢ଼ କରିଛି। ଏଥିରେ ମହିଳାମାନେ ମୁଖ୍ୟତଃ ନିଯୁକ୍ତି ପାଇଛନ୍ତି।

୮) ୯ ଲକ୍ଷରୁ ଅଧିକ ସୌରବତି ଏସ୍‌ଏଚ୍‌ଜିଙ୍କଦ୍ୱାରା ତିଆରି କରାଯାଇ ବିହାର, ଉତ୍ତରପ୍ରଦେଶ, ଝାଡ଼ଖଣ୍ଡ ଓ ରାଜସ୍ଥାନର ଅଗମ୍ୟ ଅଞ୍ଚଳର ଆବଣ୍ଟିତ ହୋଇଛି।

୯) ୬୦୦୦ ରୁ ଅଧିକ ଗ୍ରାମୀଣ ଟେକ୍‌ନିସିଆନଙ୍କୁ ତାଲିମ ଦିଆଯାଇ ସାର୍ଟିଫିକେଟ ପ୍ରଦାନ କରାଯାଇଛି।

୧୦) ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନାରେ ୩.୫୪ ଲକ୍ଷ ପ୍ରାର୍ଥୀଙ୍କୁ ସଫଳତାର ସହ ମଜୁରି ଭିତ୍ତିକ ନିଯୁକ୍ତି ପ୍ରଦାନ କରାଯାଇଛି। ଏହାଛଡ଼ା ଗତ ଚାରିବର୍ଷରେ ୧୨.୬୫ ଲକ୍ଷ ପ୍ରାର୍ଥୀ ଆତ୍ମନିଯୁକ୍ତି ତାଲିମ

କାର୍ଯ୍ୟକ୍ରମରେ ନିଜସ୍ୱ ଧନ୍ଦା ଆରମ୍ଭ କରିବାରେ ସଫଳ ହୋଇଛନ୍ତି ।

୧୧) ଆବାସ ନିର୍ମାଣ ପ୍ରକଳ୍ପରେ ୧୦୯୪୯ ଗ୍ରାମ୍ୟ ରାଜମିସ୍ତ୍ରୀଙ୍କୁ ତାଲିମ୍ ଦିଆଯାଇ ସାର୍ଟିଫିକେଟ ପ୍ରଦାନ କରାଯାଇଛି ।

ନିଯୁକ୍ତି ଓ ରୋଜଗାର ଉପରେ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାର କିପ୍ରକାର ପ୍ରଭାବ ପଡୁଛି ତାହା ନିରୂପଣ କରିବାକୁ ଜାତୀୟ ପବ୍ଲିକ ଫାଇନାନ୍ସ ଓ ପଲିସି ପ୍ରତିଷ୍ଠାନକୁ ଅନୁରୋଧ କରାଯାଇଥିଲା । ଏହି ଅନୁଷ୍ଠାନର ରିପୋର୍ଟ ଅନୁସାରେ ୨୦୧୬-୧୭ରୁ ଏପର୍ଯ୍ୟନ୍ତ ତିଆରି ହୋଇଥିବା ଘର ଓ ନିର୍ମାଣାଧୀନ ଘର ସବୁ ୫୨.୪୭କୋଟି ଶ୍ରମଦିବସ ସୃଷ୍ଟି କରିଛି । ଅନ୍ୟ ଅର୍ଥରେ ଆୱାସ ସଫ୍ଟ ଓ ଏମ୍ଓଆର୍‌ଡିରୁ ମିଳିଥିବା ଏହି ତଥ୍ୟ ଅନୁସାରେ ମୋଟ୍ ୫୨.୪୭କୋଟି ଶ୍ରମ ଦିବସ ସୃଷ୍ଟି ହୋଇଛି । ଅନ୍ୟ ଅର୍ଥରେ ଆୱାସ ସଫ୍ଟ ଓ ଏମ୍ଓଆର୍‌ଡିରୁ ମିଳିଥିବା ଏହି ତଥ୍ୟ ଅନୁସାରେ ମୋଟ୍ ୫୨.୪୭କୋଟି ଦିନର ମଜୁରି ଲୋକେ ଏହି ଯୋଜନା ଦ୍ୱାରା ପାଇଛନ୍ତି । ସେଥି ମଧ୍ୟରୁ କୁଶଳି ଶ୍ରମିକଙ୍କ ପାଇଁ ୨୦.୮୫ ଶ୍ରମ ଦିବସ ସୃଷ୍ଟି ହୋଇଥିବା ବେଳେ ଅଣକୁଶଳୀଙ୍କ ପାଇଁ ଅବଶିଷ୍ଟ ୩୧.୬୨କୋଟି ଶ୍ରମ ଦିବସ ସୃଷ୍ଟି ହୋଇଛି । ଅତଏବ ଏହି ଦୁଇ ବର୍ଷ ମଧ୍ୟରେ ଉକ୍ତ ଯୋଜନାରେ ବେଶ୍ ଉଲ୍ଲେଖନୀୟ ନିଯୁକ୍ତି ସୁଯୋଗ ଓ ରୋଜଗାର ସୃଷ୍ଟି କରାଯାଇପାରିଛି ।

ଗ୍ରାମାଞ୍ଚଳ ଭିତ୍ତିଭୂମି ବିକାଶ କ୍ଷେତ୍ରରେ ପ୍ରଧାନମନ୍ତ୍ରୀ ଗ୍ରାମସଡ଼କ ଯୋଜନା ଏକ ଧ୍ୱଜାଧାରୀ କାର୍ଯ୍ୟକ୍ରମ । ଗତ ଚାରିବର୍ଷ ମଧ୍ୟରେ ୧.୬୯ଲକ୍ଷ କିମି ସଡ଼କ ନିର୍ମାଣ କରାଯାଇଛି । ୨୦୧୧-୧୨ରୁ ଏହି ଯୋଜନାରେ ବାର୍ଷିକ ହାରାହାରି କେତେ କିମି ସଡ଼କ ନିର୍ମିତ ହୋଇଛି ତାହାର ତଥ୍ୟ ଟେବୁଲ - ୪ରେ ଦିଆଯାଇଛି । ଏହି କାର୍ଯ୍ୟକ୍ରମ ସ୍ଥିର ନିରନ୍ତର ଭାବେ ଚାଲିଥିବାରୁ ଏଥିରେ ମଧ୍ୟ ପ୍ରତ୍ୟକ୍ଷ ଓ ପରୋକ୍ଷଭାବେ ଉଲ୍ଲେଖନୀୟ କର୍ମନିଯୁକ୍ତି ଏବଂ ରୋଜଗାର ସୃଷ୍ଟି ହୋଇଛି । ଗ୍ରାମସଡ଼କ ଯୋଜନାରେ ହାରାହାରି ନିର୍ମାଣ ଖର୍ଚ୍ଚର ଏକ ଚତୁର୍ଥାଂଶ ଅର୍ଥ କୁଶଳୀ, ଅର୍ଦ୍ଧକୁଶଳୀ ଓ ଅଣକୁଶଳୀ ଶ୍ରମିକଙ୍କ ମଜୁରି ବାବଦରେ ବ୍ୟୟ ହେଉଛି । ଏ କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ବାର୍ଷିକ ବ୍ୟୟ ବରାଦ ଗତ ତିନିବର୍ଷ ମଧ୍ୟରେ ୧୯ହଜାର କୋଟିରୁ ଅଧିକ

**ଟେବୁଲ -୪ :**

**ପ୍ରଧାନମନ୍ତ୍ରୀ ଗ୍ରାମସଡ଼କ ଯୋଜନାରେ ନିର୍ମିତ ରାସ୍ତାର ମୋଟ୍ ଦୈର୍ଘ୍ୟ**

| ବର୍ଷ | ଦୈନିକ ନିର୍ମିତ ହେଉଥିବା ରାସ୍ତାର ଦୈର୍ଘ୍ୟ (କିମିରେ) |
|---|---|
| ୨୦୧୧-୧୨ | ୮୫ |
| ୨୦୧୨-୧୩ | ୬୬ |
| ୨୦୧୩-୧୪ | ୬୯ |
| ୨୦୧୪-୧୫ | ୧୦୦ |
| ୨୦୧୫-୧୬ | ୧୦୦ |
| ୨୦୧୬-୧୭ | ୧୩୦ |
| ୨୦୧୭-୧୮ | ୧୩୪ |



ବଢ଼ିଛି । ଏହା ଫଳରେ ରାଜ୍ୟମାନଙ୍କ ଅଂଶବାବଦରେ ଏ କ୍ଷେତ୍ରରେ ୮୦୦୦ ରୁ ୯୦୦୦କୋଟି ଟଙ୍କା ମିଳିଛି ଯାହା ନିଯୁକ୍ତି ଓ ରୋଜଗାରକୁ ସିଧାସଳଖ ଅବଦାନ ଯୋଗାଇଛି । ଅର୍ଥାତ୍ ଗତ ତିନିବର୍ଷ ମଧ୍ୟରେ କେବଳ ସଡ଼କ ନିର୍ମାଣ ପାଇଁ ୭୦ ରୁ ୮୦ ହଜାର କୋଟି ଟଙ୍କା ମିଳିଛି । ଏହା ଫଳରେ ୨୫ ଶତାଂଶ ପ୍ରତ୍ୟକ୍ଷ ନିଯୁକ୍ତି ସୃଷ୍ଟି ହୋଇ ଗ୍ରାମାଞ୍ଚଳର ରୋଜଗାର ଉପରେ ଅନୁକୂଳ ପ୍ରଭାବ ପକାଇବା ସ୍ୱାଭାବିକ ।

ଏହି ସମୟରେ ଏମ୍‌ଜିନରେଗା ଗ୍ରାମାଞ୍ଚଳରେ ଶ୍ରମିକଙ୍କୁ କର୍ମ ସଂସ୍ଥାନ ଓ ରୋଜଗାର ଦେବାରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଛି ।

● କେନ୍ଦ୍ର ସରକାର ଏମ୍‌ଜିନରେଗାର ରୂପାୟଣ ଉପରେ ବିଶେଷ ଗୁରୁତ୍ୱ ଦେଉଛନ୍ତି । ପ୍ରତିବର୍ଷ ଏବାବଦ ବଜେଟ ବ୍ୟୟବରାଦ ବୃଦ୍ଧିରୁ ଏହା ପ୍ରମାଣିତ । ୨୦୧୭-୧୮ରେ ଏବାବଦରେ ସର୍ବାଧିକ ୫୫,୧୬୭କୋଟି ଟଙ୍କା ବ୍ୟୟ ବରାଦ ହୋଇଥିଲା । (ଟେବୁଲ-୫ ଦ୍ରଷ୍ଟବ୍ୟ)

**ଟେବୁଲ -୫ :**

| ବର୍ଷ | ବଜେଟ ବରାଦ (କୋଟିରେ) |
|---|---|
| ୨୦୧୪-୧୫ | ୩୩୦୦୦ |
| ୨୦୧୫-୧୬ | ୩୭୩୪୬ |
| ୨୦୧୬-୧୭ | ୪୮୨୨୦ |
| ୨୦୧୭-୧୮ | ୫୫୧୬୭ |

● ପାଣ୍ଠି ବିନିଯୋଗ : ଏହି ଯୋଜନାରେ ପାଣ୍ଠି ବିନିଯୋଗ (ଉଭୟ କେନ୍ଦ୍ରୀୟ ଓ ରାଜ୍ୟ ଅଂଶରେ) ମଧ୍ୟ ଉଲ୍ଲେଖନୀୟ ଭାବେ ବଢ଼ିଛି । ପ୍ରତିବର୍ଷ ବିନିଯୋଗ ହାର ବୃଦ୍ଧି ପାଉଛି ଏବଂ ୨୦୧୭-୧୮ ଆର୍ଥିକ ବର୍ଷରେ ବିନିଯୋଗ ହୋଇଥିବା ୬୪,୨୮୮ କୋଟି (ଚୂଡ଼ାନ୍ତ ନୁହେଁ) ଟଙ୍କା ଏହି ଯୋଜନାରେ ଏଯାବତ୍ ସର୍ବାଧିକ ବାର୍ଷିକ ଉପଯୋଗ ।

● - ତିନିବର୍ଷ ମଧ୍ୟରେ ଏମ୍‌ଜିନରେଗାରେ ସୃଷ୍ଟି ହୋଇଥିବା ଶ୍ରମଦିବସ ବାର୍ଷିକ ପ୍ରାୟ ୨୩୫କୋଟି । ଏହା ପୂର୍ବ ସମସ୍ତ ରେକର୍ଡକୁ ଭାଙ୍ଗିଛି ।

ଏଥିରୁ ସୂଚିତ ହେଉଛି ଯେ ଏମ୍‌ଜିନରେଗା ସ୍ଥାୟୀ ସଂପଦ ସୃଷ୍ଟି ସହ ବ୍ୟକ୍ତିଗତ ସ୍ତରରେ ଲୋକଙ୍କୁ ଆୟ ଓ କର୍ମନିଯୁକ୍ତି ଦେବାରେ ସହାୟକ ହେଉଛି।

**ଟେବୁଲ -୬ :**

| **ବର୍ଷ** | **ସୃଷ୍ଟି ହୋଇଥିବା ଶ୍ରମଦିବସ ସଂଖ୍ୟା (କୋଟିରେ)** |
|---|---|
| ୨୦୧୪-୧୫ | ୧୬୬.୨୧ |
| ୨୦୧୫-୧୬ | ୨୩୫.୧୪ |
| ୨୦୧୬-୧୭ | ୨୩୫.୬ |
| ୨୦୧୭-୧୮ | ୨୩୪.୩ |



ଜାତୀୟ ଖାଦ୍ୟ ନିରାପତ୍ତା ଆଇନ୍‌ର ସଂପ୍ରସାରଣ ଫଳରେ କ୍ଷୁଧା ବିରୋଧୀ ପ୍ରୟାସ ଜୋରଦାର ହୋଇଛି। ଏହି ପରିବର୍ଦ୍ଧିତ କାର୍ଯ୍ୟକ୍ରମରେ କିଲୋପିଛା ଚାଉଳ ତିନିଟଙ୍କାରେ ଓ ଗହମ ୨ଟଙ୍କାରେ ଗରିବ ହିତାଧିକାରୀଙ୍କୁ ଯୋଗାଇଦେବାର ବ୍ୟବସ୍ଥା କରାଯାଇଛି। ଖାଦ୍ୟ ମୂଲ୍ୟ ମୁଦ୍ରାସ୍ଫୀତି ଏହି ସମୟରେ କମିଥିବାରୁ କୃଷି ଶ୍ରମିକଙ୍କ ଖାଉଟି ମୂଲ୍ୟସୂଚୀରେ ମାମୁଲି ବୃଦ୍ଧି ଘଟିଛି। ଭବିଷ୍ୟତରେ ମଜୁରି ହାର ନିର୍ଦ୍ଧାରଣରେ ଚାଉଳ ଓ ଗହମ ଉପରେ ଦିଆଯାଉଥିବା ସବ୍‌ସିଡି ଏବଂ ଗରିବଙ୍କୁ ମିଳୁଥିବା ଶସ୍ତା ଚାଉଳ ଗହମର ପ୍ରଭାବକୁ ମଧ୍ୟ ବିଚାରକୁ ନେବାକୁ ପଡ଼ିବ। ବାସ୍ତବ ମଜୁରିରେ ନାମକୁ ମାତ୍ର ବୃଦ୍ଧି ସତ୍ତ୍ୱେ ଲୋକଙ୍କ କ୍ରୟଶକ୍ତି ବଢୁଛି। ପ୍ରମୁଖ ଖାଉଟି ସାମଗ୍ରୀ ଚାଉଳ ଓ ଗହମ ଅତି ଶସ୍ତାରେ ମିଳୁଥିବାରୁ ସେବାବଦ ସଂଚିତ ଅର୍ଥରେ ଅନ୍ୟାନ୍ୟ ସାମଗ୍ରୀ କିଣିବାକୁ ଲୋକେ ଅଧିକ ଆଗ୍ରହ ଦେଖାଇବା ସ୍ୱାଭାବିକ।

ଗ୍ରାମାଞ୍ଚଳ ଦାରିଦ୍ର୍ୟ ବାସ୍ତବିକ ବହୁମୁଖୀ। ଅତଏବ ଏହାର ମୁକାବିଲା ପାଇଁ ଏକକାଳୀନ ବହୁମୁଖୀ ପଦକ୍ଷେପ ଲୋଡ଼ା। ତେବେ ଯାଇ ଏ କ୍ଷେତ୍ରରେ ପ୍ରଗତି ଘଟିବ। ଗତ କେଇ ବର୍ଷର କାର୍ଯ୍ୟକ୍ରମର ଅନୁଭୂତି ଏ କ୍ଷେତ୍ରରେ ଅନେକ ଶିକ୍ଷଣୀୟ। ଯୋଜନାବଦ୍ଧ ମିଳିତ ପ୍ରୟାସ ଦ୍ୱାରା ଲକ୍ଷ୍ୟ ପ୍ରାପ୍ତି ହୋଇପାରିବ ବୋଲି ଏହା ସନ୍ଦେଶ ଦେଉଛି। ସରକାର ଏଥିପାଇଁ ପରିବାରର ଦାରିଦ୍ର୍ୟ ଓ ଭୌଗୋଳିକ ଦାରିଦ୍ର୍ୟ ଉଭୟକୁ ବିଚାରକୁ ନେଇ କାମ କରୁଛନ୍ତି। ଏହି ଦୁଇ ପ୍ରକାର ଦାରିଦ୍ର୍ୟ ସମ୍ପର୍କରେ ନିମ୍ନରେ କିଛି ତଥ୍ୟ ପ୍ରଦାନ କରାଯାଇଛି।

**ବ୍ୟକ୍ତିବିଶେଷ / ପରିବାରର ଦାରିଦ୍ର୍ୟ:**

- ଶିକ୍ଷା ଓ ଦକ୍ଷତାର ଅଭାବ
- ପୁଷ୍ଟିହୀନତା ଓ ଅସୁସ୍ଥତା
- ନିଯୁକ୍ତି ସୁଯୋଗର ଅଭାବ
- ସଂବଳର ଅଭାବ
- ନିରାପଦ ଆବାସର ଅଭାବ
- ସରକାରୀ ସେବା ମିଳିବାରେ ସ୍ୱଚ୍ଛତା
- ଦଲାଲ, ସାହୁକାର ଓ ଦୁର୍ନୀତିର ଜାଲ
- ସାମାଜିକ ପୁଞ୍ଜିର ଅଭାବ, ଗରିବ, ମହିଳା ଓ ଯୁବକଙ୍କ ସଂଗଠନର ଅଭାବ

**ଭୂଗୋଳର ଦାରିଦ୍ର୍ୟ:**

- ଉତ୍ପାଦିତ ସାମଗ୍ରୀର ସ୍ୱଳ୍ପ ମୂଲ୍ୟ ଓ ଅଭାବୀ ବିକ୍ରି
- ହିଂସା / ଅପରାଧ
- କୃଷି ପାଇଁ ଆବଶ୍ୟକ ସେଚ ସୁବିଧାର ଅଭାବ ଏବଂ ମୌସୁମିର ଅନିଶ୍ଚିତତା
- ମୌଳିକ ଭିତ୍ତିଭୂମି, ରାସ୍ତାଘାଟ, ବିଜୁଳି ଓ ଇଣ୍ଟରନେଟ୍‌ର ଅଭାବ
- ନିଯୁକ୍ତି ଓ ବଜାର ସୁବିଧାର ଅଭାବ
- ଅଣକୃଷିଭିତ୍ତିକ ସୁବିଧା ସୁଯୋଗର ଅଭାବ

ଉପର ବର୍ଣ୍ଣିତ ପ୍ରସଙ୍ଗ ଓ ତଥ୍ୟାବଳୀରୁ ଏହା ସୁବିଦିତ ଯେ ଗ୍ରାମାଞ୍ଚଳର ଦାରିଦ୍ର୍ୟ ଦୂରୀକରଣ ପାଇଁ ସରକାର ସମ୍ବଳ ଯୋଗାଣ ବ୍ୟବସ୍ଥାକୁ ଯଥେଷ୍ଟ ବଢ଼ାଇବା ସହ ବହୁବିଧ କାର୍ଯ୍ୟକ୍ରମ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟକାରୀ କରୁଛନ୍ତି। ବିକଳ୍ପ ବୃତ୍ତି ଯୋଗାଣ ପାଇଁ ବିଭିନ୍ନ ଯୋଜନାରେ ମହିଳା, ବେକାର ଓ ସମାଜର ବିଭିନ୍ନ ଦୁର୍ବଳ ବର୍ଗର ଲୋକଙ୍କୁ ସୁବିଧାରେ ବ୍ୟାଙ୍କ ଋଣ ଯୋଗାଇ ଦିଆଯାଉଛି। ଏହା ଫଳରେ କର୍ମନିଯୁକ୍ତି ଓ ରୋଜଗାର ପରିସର ବଢ଼ିଛି। ବିଭିନ୍ନ ଯୋଜନା ପ୍ରବର୍ତ୍ତନ କରି ସରକାର ଗ୍ରାମାଞ୍ଚଳରୁ ଦାରିଦ୍ର୍ୟ ହଟାଇବାକୁ ପ୍ରତ୍ୟକ୍ଷଭାବେ ମଧ୍ୟ ହସ୍ତକ୍ଷେପ କରୁଛନ୍ତି। ଆନନ୍ଦସ୍ଥିତ ଗ୍ରାମ୍ୟ ପରିଚାଳନା ପ୍ରତିଷ୍ଠାନ (ଇର୍‌ମା) ପକ୍ଷରୁ କରାଯାଇଥିବା ମୂଲ୍ୟାୟନ ଅନୁଧ୍ୟାନ ଅନୁସାରେ ଏସବୁ କାର୍ଯ୍ୟକ୍ରମର ଭଲ ପ୍ରଭାବ ପଡୁଛି ଏବଂ ଲୋକଙ୍କ ଆୟ ବଢ଼ିଛି। ଏହା ମଧ୍ୟ ଗ୍ରାମାଞ୍ଚଳରେ ଜୀବିକାର ସ୍ଥାୟୀ ବିକଳ୍ପ ଉତ୍ସ ସୃଷ୍ଟିରେ ସହାୟକ ହୋଇଛି। ଡିଏୱାଇ-ଏନ୍‌ଆରଏଲ୍‌ଏମ୍ ମାଧ୍ୟମରେ ମହିଳା ସ୍ୱେଚ୍ଛାସେବୀ ସଂଗଠନ, ଏମ୍‌ଜିନରେଗାରେ ଜଳ ସଂରକ୍ଷଣ କାର୍ଯ୍ୟକ୍ରମ ଆୟ ବୃଦ୍ଧିରେ ସହାୟକ ହେବା ସହ ଉତ୍ପାଦନ ତଥା ଉତ୍ପାଦକତା ବୃଦ୍ଧିରେ ପ୍ରଭାବଶାଳୀ ଭୂମିକା ନିର୍ବାହ କରୁଛି। ଏହି ପ୍ରକ୍ରିୟା ଦ୍ୱାରା ଆଗାମୀ ଦିନରେ ଅଧିକ କର୍ମନିଯୁକ୍ତି ସୃଷ୍ଟି ସହ ଅଧିକ ରୋଜଗାର ସୃଷ୍ଟିହେବା ନିଶ୍ଚିତ।

**ଲେଖକ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟର ସଚିବ। *E-mail: secyrd@nic.in)-***





ମାନୁଫାକଚରିଂ ଓ ସେବା ଉଦ୍ୟୋଗରେ ଟେକ୍‌ନୋଲୋଜିର ପରିବର୍ତ୍ତନ ଏବଂ କୃଷି କ୍ଷେତ୍ରରେ ମେସିନର ବହୁଳ ଉପଯୋଗ ଫଳରେ ସହରାଞ୍ଚଳରେ ବିପୁଳ ନିଯୁକ୍ତି ସୃଷ୍ଟି ହେବାର ସମ୍ଭାବନା ଅଛି... ଭାରତ ସରକାର ଏସବୁ ଆହ୍ୱାନ ମୁକାବିଲା ବହୁମୁଖୀ ଉପାୟରେ କରୁଛନ୍ତି। ସହରାଞ୍ଚଳରେ ଅଧିକ ନିଯୁକ୍ତି ସୃଷ୍ଟି ପାଇଁ ସରକାର ଗ୍ରହଣ କରିଥିବା ବିଭିନ୍ନ ପଦକ୍ଷେପ ଏବଂ ତାହାର ବିଭିନ୍ନ ଦିଗ ସମ୍ପର୍କରେ ଏହି ଲେଖାରେ ଆଲୋଚନା କରାଯାଉଛି।

# ସହରାଞ୍ଚଳରେ ଜୀବିକା ଉପାର୍ଜନର ସୁଯୋଗ ସୃଷ୍ଟି

● ଦୁର୍ଗାଶଙ୍କର ମିଶ୍ର

ଭାରତର ସ୍ଫୂର୍ତ୍ତିବନ୍ତ ଓ ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତି ଦକ୍ଷ ଓ ତାଲିମପ୍ରାପ୍ତ ଲୋକଶକ୍ତିର ନିରନ୍ତର ଯୋଗାଣ ଲୋଡୁଛି। ୨୦୧୧ ଜନଗଣନା ତଥ୍ୟ ଅନୁସାରେ ଦେଶର ଜନସଂଖ୍ୟାର ୩୧ ଭାଗରୁ ଅଧିକ ଲୋକ ସହରାଞ୍ଚଳରେ ବାସ କରନ୍ତି। ୨୦୫୦ ସୁଦ୍ଧା ଏହି ଅନୁପାତ ୫୦ ଭାଗକୁ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି। ଦେଶରେ ସହରର ସଂଖ୍ୟା କ୍ରମଶଃ ବଢୁଛି ଏବଂ ପୁରୁଣା ସହରଗୁଡ଼ିକର କଳେବର ତଥା ଲୋକସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏହା ଫଳରେ ସହରାଞ୍ଚଳରେ ଜୀବିକା ଉପାର୍ଜନର ସୁବିଧା ସୁଯୋଗ ସୃଷ୍ଟି ପାଇଁ ଚାପ ବଢ଼ିବା ସ୍ୱାଭାବିକ। ଦେଶରେ ପ୍ରତି ମାସରେ ୧୦ଲକ୍ଷ ନୂଆ ଲୋକ ଶ୍ରମଶକ୍ତିରେ ସାମିଲ ହୋଇ ଜୀବିକା ଉପାର୍ଜନର ସନ୍ଧାନ କରୁଛନ୍ତି। ଏକଥା ୨୦୧୭ ଅର୍ଥନୈତିକ ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି। କୃଷି କ୍ଷେତ୍ରରେ ଅଧିକରୁ ଅଧିକ ଯାନ୍ତ୍ରିକ ଉପଯୋଗ ଓ ବୈଷୟିକ ଶିଳ୍ପ ତଥା ସେବା କ୍ଷେତ୍ରରେ ଟେକ୍‌ନୋଲୋଜିର ରୂପରେଖରେ ପରିବର୍ତ୍ତନ ଯୋଗୁଁ ସହରାଞ୍ଚଳରେ ନିଯୁକ୍ତି ସୃଷ୍ଟିର ପରିସର ବଢ଼ିବାର ସୁଯୋଗ ଅଧିକ ହୋଇଛି। ଆକଳନ ଅନୁସାରେ ଆସନ୍ତା ୨୦ବର୍ଷ ମଧ୍ୟରେ ପ୍ରାୟ ୭୦ ଶତାଂଶ ନୂଆ ନିଯୁକ୍ତି ସୁଯୋଗ ସହରାଞ୍ଚଳରେ ସୃଷ୍ଟି ହେବ।

**୧) ଦକ୍ଷତା ପରିତନ୍ତ୍ରର ବିକାଶ:**

୨୦୦୯ରେ ଜାତୀୟ ଦକ୍ଷତା ବିକାଶ ନୀତି ପ୍ରକାଶ ପାଇଥିଲା। ଏହା ସହ ୨୦୨୨ସୁଦ୍ଧା ୧୫କୋଟି ଲୋକଙ୍କ ଦକ୍ଷତା ବୃଦ୍ଧି ପାଇଁ ଜାତୀୟ ଦକ୍ଷତା ବିକାଶ ନିଗମ ଗଠନ କରାଯାଇଥିଲା। ଘରୋଇ-ସରକାରୀ ସହଭାଗିତା (ପିପିପି)ରେ ଗଠିତ ଏହି ନିଗମରେ ସରକାରଙ୍କ ଅଂଶଥିଲା ୪୯ ଶତାଂଶ। ଏହାର ସଂଖ୍ୟାଗରିଷ୍ଠ ଅଂଶଧନ ଘରୋଇ ଉଦ୍ୟୋଗ ହାତରେ ଥିଲା ଏବଂ ୧୦ଟି ଶିଳ୍ପ ମହାସଂଘ ଓ କିଛି ନିର୍ଦ୍ଦିଷ୍ଟ କ୍ଷେତ୍ରର ବୃହତ୍ ଶିଳ୍ପ ସଂସ୍ଥା ଏଥିପାଇଁ ଅଂଶଧନ ଯୋଗାଇ ଦେଇଥିଲେ।

ଇତିମଧ୍ୟରେ ଦେଶର ଦକ୍ଷତା ବିକାଶ ସ୍ଥିତିରେ ଉଲ୍ଲେଖନୀୟ ପରିବର୍ତ୍ତନ ଘଟିଛି। ସରକାରଙ୍କ ୨୨ଟି ମନ୍ତ୍ରଣାଳୟ ବିଭିନ୍ନ ପ୍ରକାର ଦକ୍ଷତା ବିକାଶ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଏ କ୍ଷେତ୍ରରେ ଏକ ସ୍ଥାୟୀ ନିରନ୍ତର ନୀତି ନିର୍ଦ୍ଧାରଣ ଓ କାର୍ଯ୍ୟକ୍ରମ ଜାରି ରଖିବା ଉଦ୍ଦେଶ୍ୟରେ ୨୦୧୫ରେ ସ୍କିଲ ଇଣ୍ଡିଆ ମିଶନ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଆରମ୍ଭ ହୋଇଥିଲା। ଦେଶର ଭବିଷ୍ୟତର ଦକ୍ଷଲୋକଶକ୍ତି ଆବଶ୍ୟକତା



*ସ୍ୱୟଂସହାୟକ ଗୋଷ୍ଠୀ ଫେଡେରେସନ୍ ବୈଠକ, ଓଡ଼ିଶା*

## ବହୁମୁଖୀ ଜୀବିକା ରଣନୀତି

**ଏହି ଅଭିଯାନର ଉଦ୍ଦେଶ୍ୟ ହେଉଛି ଏକ ସାମଗ୍ରିକ ଦୃଷ୍ଟିଭଙ୍ଗୀ ସହ ଏବଂ ଜୀବିକା ପ୍ରୋତ୍ସାହନ ପ୍ରତି ଧ୍ୟାନ ଦେଇ ସହରୀ ଦାରିଦ୍ର୍ୟକୁ ନିରାକରଣ କରିବା।**

ପୂରଣ ପାଇଁ ସ୍କିଲ ଇଣ୍ଡିଆ ମିଶନ ସବୁ ମନ୍ତ୍ରଣାଳୟ ମଧ୍ୟରେ ସମନ୍ୱୟ ରଖି ଏକ ନୋଡାଲ ସଂସ୍ଥା ଭାବେ କାର୍ଯ୍ୟ କରୁଛି। ଏଥିସହିତ ପୂର୍ବ ଲକ୍ଷ୍ୟକୁ ସଂଶୋଧିତ କରାଯାଇ ୨୦୨୨ ସୁଦ୍ଧା ଦେଶରେ ୪୦କୋଟି ଦକ୍ଷ ଓ ତାଲିମପ୍ରାପ୍ତ ଲୋକଶକ୍ତି ସୃଷ୍ଟି କରିବାକୁ ସ୍କିଲ୍ ଇଣ୍ଡିଆ ମିଶନ ତାହାର କାର୍ଯ୍ୟକ୍ରମ ଜାରି ରଖିଛି।

ଦେଶରେ ଦକ୍ଷତାବିକାଶ କାର୍ଯ୍ୟକ୍ରମକୁ ସୁସଂହତ ଓ ପ୍ରୋତ୍ସାହିତ କରିବା ପାଇଁ ଆନୁଷ୍ଠାନିକ ଆର୍ଥିକ ସେବା ବ୍ୟବସ୍ଥାର ବିକାଶ ପ୍ରକ୍ରିୟା ସମାନ୍ତରାଳ ଭାବେ ଆରମ୍ଭ କରାଯାଇଛି। ଏହାଦ୍ୱାରା ଆତ୍ମନିଯୁକ୍ତି ସୁଯୋଗ ସୃଷ୍ଟି ଉଦ୍ୟମକୁ ପ୍ରୋତ୍ସାହନ ମିଳୁଛି। ଜନଧନ, ଆଧାର ଓ ମୋବାଇଲ ଭିତ୍ତିକ ସେବା (ଜାମ+ଆର୍କିଟେକଚର) ଆର୍ଥିକ ସମାବେଶୀ ପ୍ରକ୍ରିୟାକୁ ଦ୍ରୁତତର କରିଛି। ଏ ବର୍ଷ ପ୍ରକାଶିତ ବିଶ୍ୱବ୍ୟାଙ୍କର ବିଶ୍ୱ ଆର୍ଥିକ ସୂଚକାଙ୍କ (ଫିନ୍‌ଡେକ୍ସ) ରିପୋର୍ଟରେ ଭାରତର ପ୍ରୌଢ଼ ବ୍ୟାଙ୍କ ଆକାଉଣ୍ଟଧାରୀଙ୍କ ସଂଖ୍ୟାରେ ୪୫ ଶତାଂଶ ବୃଦ୍ଧି ଘଟିଥିବା କୁହାଯାଇଛି। ୨୦୧୧ରେ ଏହି ହାର ୩୫% ଥିବାବେଳେ ୨୦୧୪ରେ ୫୩ ଓ ୨୦୧୭ରେ ୮୦%କୁ ବୃଦ୍ଧି ପାଇଛି। ଆକାଉଣ୍ଟଧାରୀଙ୍କ ମଧ୍ୟରେ ଥିବା ଲିଙ୍ଗଗତ ବ୍ୟବଧାନରେ ମଧ୍ୟ ହ୍ରାସ ଘଟିଛି। ପୁରୁଷ ବ୍ୟାଙ୍କ ଆକାଉଣ୍ଟଧାରୀଙ୍କ ଅନୁପାତ ୮୩ ଶତାଂଶ ହୋଇଥିବାବେଳେ ମହିଳା ବ୍ୟାଙ୍କ ଆକାଉଣ୍ଟଧାରୀଙ୍କ ଅନୁପାତ ୭୭ ଶତାଂଶରେ ପହଞ୍ଚିଛି। ସେହିଭଳି ମହିଳା ମୁଦ୍ରାଋଣ ହୀତାଧିକାରୀଙ୍କ ସଂଖ୍ୟା ୭୫ ଶତାଂଶକୁ ବୃଦ୍ଧି ପାଇଛି। (ବିଶ୍ୱବ୍ୟାଙ୍କ ରିପୋର୍ଟ)

ଉଭୟ ବେତନଭିତ୍ତିକ ନିଯୁକ୍ତି ସୁବିଧା ସୃଷ୍ଟି ଓ ଆତ୍ମନିଯୁକ୍ତି ସୁଯୋଗ ସୃଷ୍ଟି କ୍ଷେତ୍ରରେ ସରକାର ଏକ ସମନ୍ୱିତ ଆଭିମୁଖ୍ୟ ଗ୍ରହଣ କରି କାର୍ଯ୍ୟ କରୁଛନ୍ତି। ଦୀନଦୟାଲ ଅନ୍ତ୍ୟୋଦୟ ଯୋଜନା ଜାତୀୟ ସହରାଞ୍ଚଳ ଜୀବିକା ମିଶନ (ଡିଏୱାଇ-ଏନ୍‌ୟୁଏଲ୍‌ଏମ୍) କେନ୍ଦ୍ର ସହରାଞ୍ଚଳ ବିକାଶ ଓ ଆବାସ ମନ୍ତ୍ରଣାଳୟ ଅଧୀନରେ କାର୍ଯ୍ୟକାରୀ ହେଉଛି। ଦେଶର ସବୁ ମାନ୍ୟତାପ୍ରାପ୍ତ ସହରରେ ଦୁର୍ବଳ ଓ ଦରିଦ୍ର ଲୋକଙ୍କ ପାଇଁ ଜୀବିକାର୍ଜନର ସୁଯୋଗ ସୁବିଧା ସୃଷ୍ଟି କରିବାକୁ ଏହି ମିଶନ ଜରିଆରେ କାର୍ଯ୍ୟ କରାଯାଉଛି।

ଦୀନଦୟାଲ ଅନ୍ତ୍ୟୋଦୟ ଯୋଜନା – ଜାତୀୟ ଜୀବିକା ଅର୍ଜନ ମିଶନ କେନ୍ଦ୍ର ସହରାଞ୍ଚଳ ବିକାଶ ଓ ଆବାସ ମନ୍ତ୍ରଣାଳୟର ଏକ ଧ୍ୱଜାଧାରୀ କାର୍ଯ୍ୟକ୍ରମ। ଅନ୍ୟ ଧ୍ୱଜାଧାରୀ ସହରାଞ୍ଚଳ କାର୍ଯ୍ୟକ୍ରମଗୁଡ଼ିକ ହେଲା - ସ୍ୱଚ୍ଛ ଭାରତ ମିଶନ, ସହରାଞ୍ଚଳ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ସ୍ମାର୍ଟ ସିଟି ମିଶନ, ଅମୃତ ଓ ହୃଦୟ। ଏସବୁ ଅଭିଯାନର ଲକ୍ଷ୍ୟ ସହରାଞ୍ଚଳରେ ନିରନ୍ତର ନିଯୁକ୍ତି ସୁବିଧା ସୁଯୋଗ ସୃଷ୍ଟି କରିବା।

**(କ) ବହୁମୁଖୀ ଜୀବିକା ଉପାର୍ଜନ କୌଶଳ :** ଏହି କାର୍ଯ୍ୟକ୍ରମ ସହରାଞ୍ଚଳରୁ ଦାରିଦ୍ର୍ୟ ହ୍ରାସ କରିବାକୁ ଉଦ୍ଦିଷ୍ଟ। ଏଥିପାଇଁ ଏକ ସାମଗ୍ରିକ ପଦକ୍ଷେପ ଗ୍ରହଣ ସହ ଜୀବିକାର୍ଜନର ସୁଯୋଗ ସୃଷ୍ଟି ଉପରେ ସ୍ୱତନ୍ତ୍ର ଧ୍ୟାନ ଦିଆଯାଇଛି।

ଏହି କାର୍ଯ୍ୟକ୍ରମର ସାମାଜିକ ଉତ୍‌ଥାନ ଓ ଆନୁଷ୍ଠାନିକ ବିକାଶର ଯେଉଁ ଭାଗ ରହିଛି ସେଥିରେ ସାମାଜିକ ପୁଞ୍ଜି ନିର୍ମାଣ ପାଇଁ ତ୍ରିସ୍ତରୀୟ ଗୋଷ୍ଠୀଗତ ଢାଞ୍ଚା ପ୍ରସ୍ତୁତ ହୋଇଛି। ଏଥିରେ ସ୍ୱୟଂସହାୟକ ଗୋଷ୍ଠୀ, ବସ୍ତିସ୍ତରୀୟ ମହାସଂଘ ଓ ନଗର ସ୍ତରୀୟ ମହାସଂଘମାନ ଗଠନ କରାଯାଇଛି। ନିଜର ଜୀବିକା ଉପାର୍ଜନକୁ ଆବଶ୍ୟକ ମିଳିତ ସମର୍ଥନ ଓ ସହାୟତା ଯୋଗାଇବା ଏହାର ଲକ୍ଷ୍ୟ।

ନଗର ଜୀବିକାର୍ଜନ କେନ୍ଦ୍ରମାନ ଏହି ମିଶନ ମାଧ୍ୟମରେ ସ୍ଥାପନ କରାଯାଉଛି। ସ୍ଥାନୀୟ ପୌର ପ୍ରଶାସନସ୍ତରରେ ଅତି ସ୍ଥାନୀୟ ଅଣଆନୁଷ୍ଠାନିକ ସେବା ଆୟୋଜନ / ପରିଚାଳନା ପାଇଁ ଏହି କେନ୍ଦ୍ରମାନ କାର୍ଯ୍ୟ କରୁଛି। ଆତ୍ମନିଯୁକ୍ତ କିମ୍ବା ମୁକ୍ତବୃତ୍ତି ଇଲେକ୍‌ଟ୍ରିସିଆନ, ବଢ଼େଇ, ପାଣିପାଇପ ମିସ୍ତ୍ରି, ରଙ୍ଗମିସ୍ତ୍ରୀ, ଦରଜି, ଟ୍ୟୁସନ ଶିକ୍ଷକମାନେ ସ୍ଥାନୀୟ ଲୋକଙ୍କୁ ସେବା ଯୋଗାଇ ଦେବାକୁ ଏହି କେନ୍ଦ୍ରଗୁଡ଼ିକରେ ପଞ୍ଜୀକୃତ ହେବାର ବ୍ୟବସ୍ଥା ଅଛି। ଗ୍ରାହକ ବା ସେବା ଲୋଡୁଥିବା ବ୍ୟକ୍ତି ଏହି କେନ୍ଦ୍ର



**ଛତିଶଗଡ଼ର ରାୟପୁରରେ କମ୍ପ୍ୟୁଟର ଆପ୍ଲିକେଶନ ତାଲିମ**

**ଛତିଶଗଡ଼ର ଅମ୍ବିକାପୁର ଏସ୍‌ଏଚ୍‌ଜି ଫେଡେରେସନର ସଫଳତା :** ଆବର୍ଜନା ପରିଚାଳନା କାର୍ଯ୍ୟ ହାତକୁ ନେଇଥିବା ଏହି ଏସ୍‌ଏଚ୍‌ଜି ଫେଡେରେସନ ୫୦୦ ରୁ ଅଧିକ ମହିଳାଙ୍କ ଦ୍ୱାରା ଘରକୁ ଘର ବୁଲି ଝାଟୁଆ/ ଆବର୍ଜନା ସଂଗ୍ରହ କରି ତାହାକୁ ସଲିଡ୍ ଲିକ୍ୟୁଡ୍ ରିସୋର୍ସ ମ୍ୟାନେଜମେଣ୍ଟରେ ପହଞ୍ଚାଇଥାନ୍ତି। ଏହି ସବୁ କାମକୁ କେନ୍ଦ୍ରୀୟ ନିୟନ୍ତ୍ରଣ ପ୍ରକୋଷ୍ଠରେ ଥିବା ପୌରସଂସ୍ଥାର ଅଧିକାରୀ ଅନ୍‌ଲାଇନ୍ ପୋର୍ଟାଲରେ ତଦାରଖ କରନ୍ତି। ପ୍ରତି ଦିନ ସଂଗୃହୀତ ଆବର୍ଜନାର ହିସାବ ରଖାଯାଏ। ଏହି କାର୍ଯ୍ୟକ୍ରମର ନାମ ରଖାଯାଇଚି 'ଆବର୍ଜନାରୁ ସୁନା'।

ସହ ଯୋଗାଯୋଗ କରି ନିର୍ଦ୍ଦିଷ୍ଟ ଦେୟ ଅନୁସାରେ ସେମାନଙ୍କର ସେବା ପାଇପାରିବେ। ଏହି ଅଭିଯାନର ଦକ୍ଷତା ତାଲିମ ଓ ନିଯୁକ୍ତି ଭାଗଟି ବଜାର ଭିତ୍ତିକ ସୁବିଧା ଯୋଗାଇଦେବାକୁ ଉଦ୍ଦିଷ୍ଟ। କେଉଁ ପ୍ରକାର ଦକ୍ଷତା ବିକାଶ ଓ ତାଲିମର ଆବଶ୍ୟକତା ବଜାରରେ ଅଧିକ ତାହାକୁ ନିର୍ଦ୍ଧାରଣ କରି ସେଥିପାଇଁ ଲୋକଶକ୍ତିକୁ ପ୍ରସ୍ତୁତ କରାଯିବାର ବ୍ୟବସ୍ଥା ଅଛି। ତଦନୁସାରେ ଦକ୍ଷ ଓ ତାଲିମପ୍ରାପ୍ତ ଲୋକଙ୍କୁ ସ୍କିଲ୍ ଇଣ୍ଡିଆ ମିଶନ ମାଧ୍ୟମରେ କର୍ମନିଯୁକ୍ତିର ସୁଯୋଗ ଯୋଗାଇ ଦିଆଯାଇଥାଏ। ତାଲିମ ପରେ ପ୍ରାର୍ଥୀମାନଙ୍କୁ ନିଯୁକ୍ତି ସୁଯୋଗ କିମ୍ବା ଆତ୍ମନିଯୁକ୍ତିର ପନ୍ଥା ଯୋଗାଇ ଦିଆଯାଏ। ଆତ୍ମ ନିଯୁକ୍ତି କାର୍ଯ୍ୟକ୍ରମ ଏହି ଅଭିଯାନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ଏଥିରେ ସହରାଞ୍ଚଳ ଗରିବମାନଙ୍କୁ ଆର୍ଥିକ ସମାବେଶୀ ପ୍ରକ୍ରିୟାରେ ସାମିଲ କରାଯିବାର ବ୍ୟବସ୍ଥା ରହିଛି। ଏହା ଫଳରେ ସେମାନଙ୍କୁ ନିଜର କିଛି ନିଜସ୍ୱ ଧନ୍ଦା କରି ଆତ୍ମ ନିର୍ଭରଶୀଳ ହେବାର ସୁଯୋଗ ଯୋଗାଇ ଦିଆଯାଏ। ଏଥିପାଇଁ ତାଙ୍କୁ ରିଆତି ହାରରେ ଋଣ ମିଳେ।

ମିଶନର ସହରାଞ୍ଚଳ ଷ୍ଟ୍ରିଟ୍ ଭେଣ୍ଡର (ରାସ୍ତା କଡ଼ ବେପାରୀ)ଙ୍କ ପାଇଁ ଉଦ୍ଦିଷ୍ଟ କାର୍ଯ୍ୟକ୍ରମରେ ସେମାନଙ୍କ ଜୀବିକାର ସୁରକ୍ଷା ଅଗ୍ରାଧିକାର ପାଇଛି। ୨୦୧୪ ଷ୍ଟ୍ରିଟ୍ ଭେଣ୍ଡର ଆଇନ ଅନୁସାରେ ଷ୍ଟ୍ରିଟ୍ ଭେଣ୍ଡରମାନଙ୍କୁ ଆଠଲକ୍ଷ ପରିଚୟପତ୍ର ପ୍ରଦାନ କରାଯାଇଛି। ଏହାଦ୍ୱାରା ରାସ୍ତା କଡ଼ରେ ସେମାନଙ୍କର ବେପାର କରିବାର ଅଧିକାର ଓ ସେମାନେ ବେପାର କରୁଥିବା ସ୍ଥାନକୁ ସ୍ୱୀକୃତି ମିଳିଛି। ଅନେକ ସହରରେ ଟାଉନ୍ ଭେଣ୍ଡିଂ ଯୋଜନା ପ୍ରସ୍ତୁତ ହୋଇଛି। ତଦନୁସାରେ ଉତ୍ସର୍ଗୀକୃତ ଭେଣ୍ଡିଂ ଅଞ୍ଚଳ ଓ ଏଥିପାଇଁ ଆବଶ୍ୟକ ଭିତ୍ତିଭୂମି ତିଆରି କରାଯାଉଛି।

ଏହି ମିଶନର ମଧ୍ୟମାବଧି ମୂଲ୍ୟାୟନ ଅନୁସାରେ ପ୍ରାୟ ୪୫ ଶତାଂଶ ସ୍ୱୟଂସହକ ଗୋଷ୍ଠୀ ବ୍ୟାଙ୍କ ସଂଯୁକ୍ତ ଋଣର ବିନିଯୋଗ ହୋଇ ଅତିକ୍ଷୁଦ୍ର ଉଦ୍ୟୋଗ ସ୍ଥାପନ କରାଯାଇଛି। ଏହି ମିଶନ ମାଧ୍ୟମରେ ଏଯାଏ ନିଯୁକ୍ତି ସୃଷ୍ଟିରେ ଉଲ୍ଲେଖନୀୟ ଅଗ୍ରଗତି ସାଧିତ ହେବା ସହ ୨୫ ଲକ୍ଷରୁ ଅଧିକ ଜୀବିକାକୁ ପ୍ରତ୍ୟକ୍ଷ ସହାୟତା ଯୋଗାଇ ଦିଆଯାଇଛି।

**(ଖ) ଦକ୍ଷତା ବିକାଶ ତାଲିମ ଓ ନିୟୋଜନ ମାଧ୍ୟମରେ ନିଯୁକ୍ତି:** ମିଶନର ଅନ୍ୟ ଗୁରୁତ୍ୱପୂର୍ଣ୍ଣ ଅଙ୍ଗଟି ହେଲା ସହରାଞ୍ଚଳ ଗରିବଙ୍କୁ ଦକ୍ଷତା ବିକାଶ ତାଲିମ ପ୍ରଦାନ ଓ ନିଯୁକ୍ତି ପ୍ରଦାନର ସୁଯୋଗ ସୃଷ୍ଟି। ଏହା ସଂକ୍ଷେପରେ ଇଏମ୍‌ଟିପି ନାମରେ ପରିଚିତ। ଏଥିରେ ଲୋକଙ୍କ ରୋଜଗାର ଦକ୍ଷତା ବଢ଼ାଇବା, ସେମାନଙ୍କୁ ତାଲିମ ଦେବା, ବିଭିନ୍ନ ରୋଜଗାରରେ ନିୟୋଜନ କରାଇ ରୋଜଗାରର ସୁଯୋଗ ଯୋଗାଇବାକୁ ଗୁରୁତ୍ୱ ଦିଆଯାଉଛି। ଏଥିପାଇଁ ପ୍ରଥମେ ଚାହିଦାର ଆକଳନ କରି ଆବଶ୍ୟକ ଦକ୍ଷ ଲୋକଶକ୍ତି ସୃଷ୍ଟି କରିବାକୁ ସର୍ଭେ କରାଯାଇଥାଏ। ତା'ପରେ ସର୍ଭେ ଭିତ୍ତିରେ ଲୋକଙ୍କୁ ଦକ୍ଷତା ବିକାଶ ତାଲିମ ପ୍ରଦାନ କରାଯାଏ। ପ୍ରାର୍ଥୀମାନଙ୍କୁ ଏଥିପାଇଁ ପ୍ରଥମେ ବଛାଯାଏ ଏବଂ ସେମାନଙ୍କ ଦକ୍ଷତା ଓ ଆଗ୍ରହକୁ ବିଚାରକୁ ନେଇ ସେମାନଙ୍କୁ ବିଭିନ୍ନ ଧନ୍ଦା ବିଷୟରେ ପରାମର୍ଶ ଦିଆଯାଏ। ନିଜନିଜର ଆଗ୍ରହ ଓ ଦକ୍ଷତା ଅନୁସାରେ ପ୍ରାର୍ଥୀ ପାଠ୍ୟକ୍ରମ ବାଛିବା ପରେ ସେମାନଙ୍କୁ ତାଲିମ ଦେଇ ବଜାରର ଚାହିଦା ଅନୁସାରେ ରୋଜଗାର ସୁଯୋଗ ଯୋଗାଇ ଦିଆଯାଏ।

ତାଲିମର ମାଧ୍ୟମ ସ୍ୱଳ୍ପ ଅବଧି ବିଶିଷ୍ଟ ଏବଂ ଦକ୍ଷତା ବିକାଶ କୈନ୍ଦ୍ରୀକ। ତାଲିମ ୩ ରୁ ୬ ମାସ ପର୍ଯ୍ୟନ୍ତ ଯୋଗାଇଦିଆଯାଏ। ବିଭିନ୍ନ ଉଦ୍ୟୋଗ ପାଇଁ ଏବେ ୨୦୦ରୁ ଅଧିକ ବିଷୟରେ ତାଲିମ ପ୍ରଦାନ କରାଯାଉଛି। ସେଥିମଧ୍ୟରୁ ଆଇଟି, ଆଇଟିଇଏସ୍, ପୋଷାକ, ସୌନ୍ଦର୍ଯ୍ୟ, ପ୍ରସାଧନ, ନିର୍ମାଣ କ୍ଷେତ୍ର,

**ସିଟିଲାଇଭଲୀହୁଡ୍ ସେଣ୍ଟର, ଜୟପୁର, ରାଜସ୍ଥାନ**

ଜୟପୁର ସିଏଲ୍‌ସି ନିଜର ଅଭିନବ ବିପଣନ କାର୍ଯ୍ୟ ମାଧ୍ୟମରେ ଏକ ଉଦାହରଣ ସୃଷ୍ଟି କରିଛି। ଏହା ପ୍ରତିଷ୍ଠିତ ଇ-କମର୍ସ ପ୍ଲାଟଫର୍ମ- ଆମାଜନ, ସ୍ନାପଡିଲ, ଫ୍ଲିପ୍‌କାର୍ଟ ଓ ସପ୍‌କ୍ଲୁଜ୍ ସହ ସମ୍ପର୍କ ସ୍ଥାପନ କରି ଏସ୍‌ଏଚ୍‌ଜିର ମହିଳା କ୍ଷୁଦ୍ର ଉଦ୍ୟୋଗୀଙ୍କ ସାମଗ୍ରୀ ବିକିବାର ନୂଆ ବାଟ କରିଛନ୍ତି।

ଜୟପୁରର ଏହି କେନ୍ଦ୍ର ମଧ୍ୟ ଏକ କଲ୍‌ସେଣ୍ଟର ସ୍ଥାପନ କରି ଏଯାଏ ୧୦ହଜାରରୁ ଅଧିକ ଗ୍ରାହକଙ୍କୁ ସେବା ଯୋଗାଇଦେଇଛି। ପ୍ରଥମେ ଏହା ସରକାରୀ ଅନୁଦାନରେ ଗଠିତ ହୋଇଥିଲା। ଏବେ ଆତ୍ମନିର୍ଭରଶୀଳ।



- ୧୦ଜଣ ସଦସ୍ୟ ବିଶିଷ୍ଟ ୨.୯୯ ଲକ୍ଷ ସ୍ୱୟଂସହାୟକ ଗୋଷ୍ଠୀ ଗଠନ। ସେଥିମଧ୍ୟରୁ ୨.୦୯ ଗୋଷ୍ଠୀଙ୍କୁ ରିଭଲଭିଂ ଫଣ୍ଡ ମିଳିଛି।



- ୧୧.୭୬ ଲକ୍ଷ ପ୍ରାର୍ଥୀଙ୍କୁ ତାଲିମ ପ୍ରଦାନ କରାଯାଇଛି। ସେଥିରୁ ୩.୮୬ ଜଣଙ୍କୁ ନିଯୁକ୍ତି ସୁବିଧା ଯୋଗାଇ ଦିଆଯାଉଛି।



- ୩.୦୧ ଲକ୍ଷ ଲୋକଙ୍କୁ କ୍ଷୁଦ୍ର ଉଦ୍ୟୋଗୀ ଋଣ ପ୍ରଦାନ କରାଯାଇଛି। ୪.୦୯ ଲକ୍ଷ ଏସ୍‌ଏଚ୍‌ଜିଙ୍କୁ ବ୍ୟାଙ୍କ ଋଣ ଦିଆଯାଇଛି। ମୋଟ୍ ୨୩,୫୫୪.୬ କୋଟି ଟଙ୍କା ଋଣ ଆକାରରେ ପ୍ରଦାନ କରାଯାଇଛି।



- ୧୬୨୫ ଆଶ୍ରୟସ୍ଥଳ (ସେଲଟର) ମଂଜୁର ହୋଇଛି ଓ ସେଥିରୁ ୯୧୧ଟି ଏଯାଏ କାର୍ଯ୍ୟକ୍ଷମ ହୋଇଛି।



- ୨୨୧୨ ସହରରେ ଷ୍ଟ୍ରିଟ୍ ଭେଣ୍ଡର ଗଣତି ଓ ସର୍ଭେ ଶେଷ ହୋଇଛି। ମୋଟ୍ ୮,୦୩,୪୫୭ ଭେଣ୍ଡରଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଛି।

ସ୍ୱାସ୍ଥ୍ୟସେବା ଓ ପୁଷ୍ଟିସାଧନ କ୍ଷେତ୍ର ପ୍ରତି ପ୍ରାର୍ଥୀମାନଙ୍କର ଆଗ୍ରହ ଅଧିକ ରହିଛି ।

ଇଏସ୍‌ଟିପି ମଧ ମୋଡୁଲାର ଏମ୍ପ୍ଲଏବଲ ସ୍କିଲ ପାଠ୍ୟକ୍ରମ ଓ ତାଲିମ ଡିଜିଟି ମାଧମରେ ଯୋଗାଇ ଦେଇଛି । ଏସବୁ ପାଠ୍ୟକ୍ରମ ଜାତୀୟ ଧନ୍ଦାମୂଳକ ତାଲିମ ପରିଷଦ ଦ୍ୱାରା ଅନୁମୋଦିତ । ଏହିସବୁ ପାଠ୍ୟକ୍ରମକୁ ଏବେ ଜାତୀୟ ଦକ୍ଷତା ଶିକ୍ଷା ପରିସରଭୁକ୍ତ କରାଯାଇଛି । ଏଥିରେ ୩୮ଟି ଉଦ୍ୟୋଗକୁ ସିଧାସଳଖ ସଂପୃକ୍ତ କରାଯାଇ ଶିକ୍ଷାଦାନ ଓ ଡିଗ୍ରୀ ପ୍ରଦାନର ବ୍ୟବସ୍ଥା ହୋଇଛି ।

**(ଗ) ଆତ୍ମନିଯୁକ୍ତି କାର୍ଯ୍ୟକ୍ରମ:** ମିଶନର ଆତ୍ମନିଯୁକ୍ତି ଭାଗଟି ବ୍ୟକ୍ତିବିଶେଷଙ୍କୁ ନିଜସ୍ୱ କର୍ମସଂସ୍ଥାନ ସୃଷ୍ଟିରେ ସହାୟତା ଦେଇଥାଏ । ଏଥିରେ ବ୍ୟକ୍ତିବିଶେଷ ଓ ଗୋଷ୍ଠୀ ଅଥବା ବିଭିନ୍ନ ଦଳଙ୍କୁ ଅଂଶୀଦାରୀ ଭିତ୍ତିରେ ଆର୍ ଓ ଆର୍‌ର ସାତ ଶତାଂଶ ସୁଧରେ ବ୍ୟାଙ୍କ ଋଣ ଯୋଗାଇ ଦିଆଯାଇ କ୍ଷୁଦ୍ର ଉଦ୍ୟୋଗ ସୃଷ୍ଟିର ସୁଯୋଗ ଦିଆଯାଇଥାଏ । ଏହି କାର୍ଯ୍ୟକ୍ରମରେ ତିନିପ୍ରକାର ରିଆତି ହାରର ଋଣ ମିଳେ । ସେସବୁ ହେଲା-ଦୁଇ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବ୍ୟକ୍ତିଗତ ଋଣ, ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଗୋଷ୍ଠୀ ଋଣ ଏବଂ ସ୍ୱୟଂସହାୟକ ଗୋଷ୍ଠୀ ଭିତ୍ତିକ ଋଣ । ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ୧:୪ ଅନୁପାତରେ ସବ୍‌ସିଡି ଋଣ ମିଳିଥାଏ । ଏହି ଋଣ ଯୋଗାଣ ନୀତି ରିଜର୍ଭବ୍ୟାଙ୍କ ଦ୍ୱାରା ଧାର୍ଯ୍ୟ ହୋଇଛି । ଋଣ ଯୋଗାଣ ପାଇଁ ଏକ ଟାସ୍କ ଫୋର୍ସ ରହିଛି । ସେଥିରେ ବ୍ୟାଙ୍କ ପ୍ରତିନିଧି ଓ ସ୍ଥାନୀୟ ସ୍ୱାୟତ୍ତ ସଂସ୍ଥାର ପ୍ରତିନିଧି ରହିବାର ବ୍ୟବସ୍ଥା ଅଛି । ସେମାନେ ଋଣ ଆବେଦନକାରୀଙ୍କ ଦକ୍ଷତା, ଯୋଗ୍ୟତା, ପ୍ରକଳ୍ପ ଆଦିର ସମୀକ୍ଷା କରି ଋଣ ପ୍ରଦାନ ପାଇଁ ସୁପାରିସ କରିଥାନ୍ତି ।



*ଜାତୀୟ ସହରୀ ଜୀବିକା ମିଶନ ଅଧିନରେ ପ୍ରଶିକ୍ଷଣ ଏବଂ ପ୍ରସ୍ଥାପନ ସହାୟତା ଦେବା ପାଇଁ ୧୧୮୭ଟି କୌଶଳ ପ୍ରଶିକ୍ଷଣ ପ୍ରଦାନକାରୀ ଓ ୬୧୩୬ଟି ତାଲିମ୍ କେନ୍ଦ୍ର କାର୍ଯ୍ୟ କରୁଛନ୍ତି ।*

ଋଣ ଉପରେ ସାତ ଶତାଂଶରୁ ଅଧିକ ସୁଧର ନିୟମ ଥିଲେ ସେ ବାବଦ ସୁଧ ସମ୍ପୃକ୍ତ ବ୍ୟାଙ୍କ, ଋଣ ପ୍ରଦାନକାରୀ ସଂସ୍ଥା ହିତାଧିକାରୀଙ୍କୁ ସବ୍‌ସିଡି ଆକାରରେ ଛାଡ଼ କରିବେ । ମହିଳାଙ୍କ କ୍ଷେତ୍ରରେ ଏହି ସୁଧ ରିଆତି ପରିମାଣ ୩ ଶତାଂଶ । ତେବେ ସେମାନଙ୍କୁ ଏହାର ସୁଯୋଗ ଦେବାକୁ ହେଲେ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଋଣ ଓ ସୁଧ ପରିଶୋଧ କରିବାକୁ ପଡ଼ିବ । ତା' ନ ହେଲେ ସୁଧ ସବ୍‌ସିଡି ମିଳିବ ନାହିଁ । ଏହାଛଡ଼ା ଉଦ୍ୟୋଗୀଙ୍କୁ ଦକ୍ଷତା ବିକାଶ ଓ ଅନ୍ୟାନ୍ୟ ପରାମର୍ଶ ସୁବିଧା ସୁଯୋଗ ଯୋଗାଣର ବ୍ୟବସ୍ଥା ରହିଛି ।

**(ଘ) ମିଶନ ମୂଲ୍ୟାୟନ ଓ ନୂଆ ପ୍ରୟାସ:** ଏହି ମିଶନର କାର୍ଯ୍ୟକାରିତା, ତଦାରଖ ଓ ମୂଲ୍ୟାୟନ ସହିତ ମଧମାବଧି ଆକଳନ ଜରିଆରେ ତ୍ରୁଟିଠାବ କରି ସଂଶୋଧନ କରିବାର ଏକ ବ୍ୟବସ୍ଥା ରହିଛି । ସେହିଭଳି ହିତାଧିକାରୀଙ୍କୁ ମିଳୁଥିବା ଋଣ / ସୁଧ ସବ୍‌ସିଡି ସିଧାସଳଖ ସେମାନଙ୍କ ବ୍ୟାଙ୍କ ଖାତାକୁ ଡିବିଟି ବ୍ୟବସ୍ଥାରେ ଯୋଗାଇ ଦିଆଯାଉଛି । ଏଥିପାଇଁ ଏକ ୱେବ୍ ପୋର୍ଟାଲ ଖୋଲାଯାଇଛି । ସେହିଭଳି ଡିଏୱାଇ-ଏନ୍‌ୟୁଏଲ୍‌ଏମ୍ ଯୋଜନାରେ ଦିଆଯାଉଥିବା ମୁଦ୍ରାଋଣ ରିଆତିମୂଳକ ହୋଇଥିଲେ ହେଁ ତା' ଉପରେ ଅତିରିକ୍ତ ରିଆତି ଦେବାର ବ୍ୟବସ୍ଥା ଅଛି ।

ଏହି ମିଶନ ଦକ୍ଷ ଓ ତାଲିମପ୍ରାପ୍ତ ଲୋକଶକ୍ତି ପ୍ରସ୍ତୁତ କରି କର୍ମଯୋଗାଣ କ୍ଷେତ୍ରରେ ଭଲ ପ୍ରଦର୍ଶନ କରୁଛି । ନିଯୁକ୍ତି ପାଇଁ ବିଭିନ୍ନ ସଂସ୍ଥାକୁ ଏଥିରେ ସଂପୃକ୍ତ କରାଯାଇଛି । ଭଲ ପ୍ରଦର୍ଶନକାରୀ ଘରୋଇ ଉଦ୍ୟୋଗର ସହାୟତା ଏଥିରେ ନିଆଯାଉଛି । ପର୍ସନାଲାଇଜ୍‌ଡ ର୍‍ୟାପିଡ୍ ଆସେସ୍‌ମେଣ୍ଟ ସିଷ୍ଟମ ବା 'ପରସ' ନାମରେ ଏକ ପ୍ରତ୍ୟକ୍ଷ ଫିଡ୍‌ବ୍ୟାକ୍ ବ୍ୟବସ୍ଥା ତାଲିମପ୍ରାପ୍ତ ଲୋକଙ୍କ ପାଇଁ ତିଆରି କରାଯାଇଛି । ଏଥିରୁ ସେମାନେ ଯାବତୀୟ ତଥ୍ୟ ନିଜର ଦକ୍ଷତା ବିକାଶ, ତାଲିମ ଓ ନିଯୁକ୍ତି ପାଇଁ ପାଇପାରୁଛନ୍ତି ।

'ସ୍ୱାର୍କ' ନାମରେ ଏକ ର୍‍ୟାଙ୍କିଂ ବ୍ୟବସ୍ଥା ମଧ ସୃଷ୍ଟି କରାଯାଇଛି, ଯାହା ଏହି ମିଶନର ବିଭିନ୍ନ ମାନକୁ ବିଚାରକୁ ନେଇ ବିଭିନ୍ନ ରାଜ୍ୟ ଏ କ୍ଷେତ୍ରରେ ନିଜ ନିଜ ମଧରେ ପ୍ରତିଯୋଗିତା କରୁଛନ୍ତି ।

**୨) ସମ୍ଭାବ୍ୟ ସମସ୍ୟାର ଚିହ୍ନଟିକରଣ ଓ ପ୍ରତିବିଧାନ ବ୍ୟବସ୍ଥା:** ସହରାଞ୍ଚଳ ବିକାଶ ଓ ଆବାସ ନିର୍ମାଣ ମନ୍ତ୍ରଣାଳୟ ନିଜର ଭବିଷ୍ୟତ କାର୍ଯ୍ୟକ୍ରମର ରୂପରେଖ ପ୍ରସ୍ତୁତ କରିବାବେଳେ ନୂଆ ସୁଯୋଗ ଓ ସମ୍ଭାବନାର ସଦୁପଯୋଗ ଉପରେ ସ୍ୱାଭାବିକ ଗୁରୁତ୍ୱ ଦେଉଛି । ସମାନ ଭାବେ ମଧ ଏହି ନୂଆ ବ୍ୟବସ୍ଥାର ଉପଯୋଗଜନିତ ସମସ୍ୟା ଓ ଜଟିଳ ଅବସ୍ଥାର ଉଚିତ ମୁକାବିଲା ପାଇଁ ମଧ



*ଛତିଶଗଡ଼, ରାୟପୁରଠାରେ କମ୍ପ୍ୟୁଟର ସମ୍ପର୍କିତ ପ୍ରଶିକ୍ଷଣ*

ନିଜକୁ ପ୍ରସ୍ତୁତ କରୁଛି । ଯେଉଁସବୁ କଥା ଉପରେ ଗୁରୁତ୍ୱ ଦିଆଯାଉଛି ସେଥିମଧ୍ୟରୁ ୧)ନିଯୁକ୍ତିର ଅଣଆନୁଷ୍ଠାନିକତା, ୨) ଶ୍ରମଶକ୍ତିରେ ମହିଳାଙ୍କ ସ୍ୱଳ୍ପ ଯୋଗଦାନ ଓ ୩) ରୂପାୟଣକାରୀ ସଂସ୍ଥାର ସୀମିତ କ୍ଷମତାଜନିତ ବାଧବାଧକତା ।

**(କ) ସହରାଞ୍ଚଳ ଶ୍ରମ ଶକ୍ତିର ଆନୁଷ୍ଠାନୀକରଣ:**

ଭାରତୀୟ ଶ୍ରମଶକ୍ତିର ଏକ ବିରାଟ ଭାଗ-(୮୧ ଶତାଂଶ) ଅଣଆନୁଷ୍ଠାନିକ ଓ ଅସଂଗଠିତ କ୍ଷେତ୍ରରେ କାମ କରନ୍ତି । ସେହିଭଳି ୨୦୧୯ସୁଦ୍ଧା ଭାରତର ୭୭ ଶତାଂଶ ଶ୍ରମିକ ଅତ୍ୟନ୍ତ ବିପଜ୍ଜନକ ଓ ଦୟନୀୟ ସ୍ଥିତିରେ କାର୍ଯ୍ୟ କରିବାକୁ ବାଧ ହେବେ ବୋଲି ଆଇଏଲଓ ରିପୋର୍ଟ-୨୦୧୮ରେ କୁହାଯାଇଛି । ଦେଶରେ ସହରାୟଣ ଯେଉଁ ଦ୍ରୁତ ବେଗରେ ବଢୁଛି ତଦନୁସାରେ ଆନୁଷ୍ଠାନିକ ନିଯୁକ୍ତି ପରିସର ତାଳଦେଇ ବଢୁ ନ ଥିବା ସାମ୍ପ୍ରତିକ ଧାରାରୁ ଜଣାପଡୁଛି । ସହର ବୃଦ୍ଧି ସହ ଅସଂଗଠିତ, ଅଣଆନୁଷ୍ଠାନିକ ନିଯୁକ୍ତି ବଢୁଛି ଯେଉଁଠି ଶ୍ରମିକଙ୍କୁ ଅନେକ ପ୍ରତିକୂଳ ବ୍ୟବସ୍ଥା ଓ ସ୍ୱଳ୍ପ ବେତନରେ କାମ କରିବାକୁ ପଡୁଛି । ଏହାର ପ୍ରଭାବ ଆନୁଷ୍ଠାନିକ ନିଯୁକ୍ତି ଓ ଦେଶର ଅର୍ଥନୀତି ଉପରେ ମଧ୍ୟ ପଡୁଛି । ସହରାଞ୍ଚଳ ନିର୍ମାଣ ଓ ସଫେଇ କ୍ଷେତ୍ରରେ ବହୁ ଶ୍ରମିକ ନିୟୋଜିତ ଓ ସେମାନେ ସ୍ୱାସ୍ଥ୍ୟ ତଥା ନିରାପତ୍ତା ଦୃଷ୍ଟିରୁ ସବୁଠୁ ଖରାପ ସ୍ଥିତିରେ କାମ କରିଥାନ୍ତି । ଏହି ଆହ୍ୱାନକୁ ଡିଏୱାଇ-ଏନ୍‌ୟୁଏଲ୍‌ଏମ୍‌ଏ ଦୁଇଟି ପ୍ରୟାସ ସମାଧାନ କରୁଛି । ପ୍ରଥମଟି ହେଲା, ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନାରେ ପ୍ରାକ୍ ଶିକ୍ଷାକୁ ସ୍ୱୀକୃତି (ଆରପିଏଲ୍) ପ୍ରଦାନ ପୂର୍ବକ ଏହାକୁ ସେଥିରେ ସାମିଲ କରାଯାଇଛି । ଏହାର ଉଦ୍ଦେଶ୍ୟ ହେଲା ଯେଉଁମାନେ ଅଣଆନୁଷ୍ଠାନିକ ଭାବେ ଦକ୍ଷତା ହାସଲ କରିଛନ୍ତି ସେମାନଙ୍କୁ ଚିହ୍ନଟ କରି ତାଲିମ ଉପରେ ବିଶେଷ ଗୁରୁତ୍ୱ ନ'ଦେଇ ସେମାନଙ୍କୁ ଆନୁଷ୍ଠାନିକ କୁଶଳୀ ଶ୍ରମିକ ଭାବେ ସ୍ୱୀକୃତି ଦେବା । ଆରପିଏଲ୍ ଦ୍ୱାରା ନିର୍ମାଣ ଓ ସଫେଇ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକଙ୍କ ସ୍ୱାସ୍ଥ୍ୟ, ନିରାପତ୍ତା ବିଶେଷ ସୁରକ୍ଷିତ ହୋଇପାରିବ । ସଫେଇ କର୍ମଚାରୀଙ୍କୁ ସ୍ୱଚ୍ଛଭାରତ ମିଶନରେ ହରିତ୍ ନିଯୁକ୍ତି (ପରିବେଶର କ୍ଷତିସାଧନା ହେଉ ନ ଥିବା କାର୍ଯ୍ୟ) ମାଧ୍ୟମରେ ବିକଳ୍ପ ଜୀବିକା ଉପାର୍ଜନ ଯୋଗାଇଦେବାକୁ ପ୍ରୋତ୍ସାହିତ କରାଯାଉଛି । ଏଥିପାଇଁ ଗ୍ରୀନ୍ ଜବ୍ କାଉନ୍‌ସିଲ ସହାୟତା ଯୋଗାଉଛି ।

ଦ୍ୱିତୀୟତଃ- ନଗର ଜୀବିକା କେନ୍ଦ୍ର (ସିଏଲ୍‌ସି) ଯାହା ସବୁ ନଗରୀରେ ସ୍ଥାପନ ହେବାର ବ୍ୟବସ୍ଥା ରହିଛି, ତା' ମାଧ୍ୟମରେ ମୁକ୍ତବୃତ୍ତ ସେବା ପ୍ରଦାନକାରୀଙ୍କର ଏକ ତାଲିକା ପ୍ରସ୍ତୁତ କରାଯିବ । ମୋବାଇଲ ଆପ୍ ମାଧ୍ୟମରେ ସେମାନେ ସେମାନଙ୍କର ସେବା ଯୋଗାଣ ପାଇଁ ଉପଲବ୍ଧ ହେବେ । ଆହୁରି ମଧ୍ୟ ଅଣଆନୁଷ୍ଠାନିକ ଶ୍ରମିକମାନଙ୍କୁ ବିଭିନ୍ନ ସିଏଲ୍‌ସି ପକ୍ଷରୁ ତାଲିମ ପ୍ରଦାନ କରାଯାଇ ସେମାନଙ୍କୁ କୁଶଳୀ କରାଯାଉଛି । ଏହାଦ୍ୱାରା ମ୍ୟୁନିସିପାଲ୍‌ଟିର ଠିକା କାମରେ ସେମାନେ ନିଯୁକ୍ତି ପାଇ ଆନୁଷ୍ଠାନିକ ହୋଇପାରୁଛନ୍ତି । ହିମାଚଳପ୍ରଦେଶର ନହାନରେ ଏହାର ଏକ ସଫଳ ଉଦାହରଣ ଦେଖିବାକୁ ମିଳେ ।

**(ଖ) ସହରାଞ୍ଚଳ ଶ୍ରମଶକ୍ତିରେ ମହିଳାଙ୍କ ଯୋଗଦାନ ବୃଦ୍ଧି:**

ଶ୍ରମଶକ୍ତିରେ ମହିଳାଙ୍କ ସଂଖ୍ୟା ହ୍ରାସ ଏକ ଉଦ୍‌ବେଗଜନକ ବିଷୟ । ୧୯୯୦ରୁ ୨୦୧୫ ମଧ୍ୟରେ ଶ୍ରମଶକ୍ତିରେ ମହିଳାଙ୍କ ଅଂଶ ୩୭ ରୁ ୨୮ ଶତାଂଶକୁ ହ୍ରାସ ପାଇଛି । ମହିଳାଙ୍କ ସଂଖ୍ୟା ଶ୍ରମଶକ୍ତିରେ ଯେତେ ଅଧିକ ହେବେ ଦେଶର ଜିଡିପି ସେତେ ଅଧିକ ବଢ଼ିବ । ଯାବତୀୟ ଘରକାର୍ଯ୍ୟ ତୁଲାଇବା ମହିଳାଙ୍କ ମଧ୍ୟରୁ ଅନେକ ସମୟ ବାହାର କରି ବାହାରେ ଅନ୍ୟ କିଛି କାମ କରିବା ସହ ନିଜର ଆୟ ବୃଦ୍ଧି କରିବାକୁ ଆଗ୍ରହୀ । ତେଣୁ ଶ୍ରମଶକ୍ତିରେ ରହିଥିବା ଏହି ଲିଙ୍ଗଗତ ବ୍ୟବଧାନକୁ ଦୂର କରିବା ପାଇଁ ଡିଏୱାଇ-ଏନ୍‌ୟୁଏଲ୍‌ଏମ୍ କାର୍ଯ୍ୟକ୍ରମରେ ପଦକ୍ଷେପ ନିଆଯାଇଛି । ସ୍ୱୟଂସହାୟକ ଗୋଷ୍ଠୀ ଓ ମହାସଂଘ ଗଠନ କରି ମହିଳାମାନଙ୍କୁ ଏକଜୁଟ୍ କରାଯାଉଛି ଏବଂ ରୋଜଗାର ପନ୍ଥା ଯୋଗାଇ ଦିଆଯାଉଛି । ଏହାର ମୁଖ୍ୟ ଲକ୍ଷ୍ୟ ହେଲା ମହିଳାମାନଙ୍କୁ ପାରମ୍ପରିକ ଭୂମିକାରୁ ବାହାରକୁ ଆଣି ସେମାନଙ୍କୁ ସାମାଜିକ-ଆର୍ଥିକ ଦୃଷ୍ଟିରୁ ସବଳ କରିବା । ଏଥିପାଇଁ ଏହି ଗୋଷ୍ଠୀଗୁଡ଼ିକୁ ସ୍ୱଳ୍ପ ସୁଧରେ ଋଣ ଯୋଗାଇ କ୍ଷୁଦ୍ର ଉଦ୍ୟୋଗ ସ୍ଥାପନ ତଥା ରୋଜଗାର ସୃଷ୍ଟି ପାଇଁ ପ୍ରୋତ୍ସାହିତ କରାଯାଉଛି ।

ନିଯୁକ୍ତି ପାଇଁ ମହିଳାଙ୍କ ଦକ୍ଷତା ବୃଦ୍ଧି ଓ କୁଶଳ ବିକାଶକୁ ମିଶନରେ ଅଗ୍ରାଧିକାର ଦିଆଯାଇଛି । ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମରେ ଯେତେ ତାଲିମ ନେଇଛନ୍ତି ଓ କୁଶଳୀ ହୋଇଛନ୍ତି ସେମାନଙ୍କ ମଧ୍ୟରୁ ୭୦ ଶତାଂଶ ମହିଳା । ସରକାରୀ ବ୍ୟବସ୍ଥାରେ ମହିଳାଙ୍କ ପାଇଁ ଏହି ତାଲିମ କାର୍ଯ୍ୟକ୍ରମରେ ୩୦ ଭାଗ

ସ୍ଥାନ ସୀମିତ ଥିବାବେଳେ ସେମାନଙ୍କର ପ୍ରତିନିଧିତ୍ୱ ବୃଦ୍ଧି ଏକ ଉତ୍ତମ ଲକ୍ଷଣ।

ଡିଏୱାଇ-ଏନ୍‌ୟୁଏଲ୍‌ଏମ୍‌ର କାର୍ଯ୍ୟ ନିର୍ବାହ କରିବାରେ ସ୍ଥାନୀୟ ସ୍ୱୟଂଶାସିତ ସଂସ୍ଥା (ସହରାଞ୍ଚଳ ସଂସ୍ଥା) ଏକ ପ୍ରମୁଖ ଏକକ। ମନ୍ତ୍ରଣାଳୟ ପକ୍ଷରୁ ସମନ୍ୱିତ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ସେମାନେ ପ୍ରଥମେ ଦକ୍ଷ, ସମର୍ଥ ହେଲେ ସହରାଞ୍ଚଳ ଗରିବମାନଙ୍କ ସମସ୍ୟା ସମାଧାନ ଓ ସେମାନଙ୍କୁ ସଶକ୍ତ କରିବାରେ ସହାୟକ ହୋଇପାରିବେ। ସହରାଞ୍ଚଳ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ଏଥିପାଇଁ ତ୍ରିସ୍ତରୀୟ ତାଲିମ ବ୍ୟବସ୍ଥା କରାଯାଇଛି, ଯେଉଁଠି ସ୍ଥାନୀୟ ସହରାଞ୍ଚଳ ସଂସ୍ଥାର କର୍ମଚାରୀ, ଅଧିକାରୀ, ନିର୍ବାହୀ ଓ ଲୋକପ୍ରତିନିଧିଙ୍କ ପାଇଁ ମଧ୍ୟ ସଚେତନତା ବିକାଶ ତାଲିମ କର୍ମଶାଳା ଆୟୋଜନର ବ୍ୟବସ୍ଥା ରହିଛି। କାର୍ଯ୍ୟକ୍ରମ ରୂପାୟଣ କ୍ଷେତ୍ରର ପ୍ରତ୍ୟକ୍ଷ ଜ୍ଞାନ ଆହରଣ ପାଇଁ ଗୋଟିଏ ପୌରସଂସ୍ଥାର କର୍ମକର୍ତ୍ତାଙ୍କୁ ଅନ୍ୟତ୍ର ପଠାଇବାର ମଧ୍ୟ ବ୍ୟବସ୍ଥା ଅଛି।



*ସହରୀ ଭାରତୀୟଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ହେବା ସହିତ ଭାରତୀୟ ଅର୍ଥନୀତିରେ ନିଯୁକ୍ତି ସୁଯୋଗ ସୃଷ୍ଟିକାରୀ ନୂତନ କ୍ଷେତ୍ରଗୁଡ଼ିକ ମଧ୍ୟ ବିକଶିତ ହେଉଛି। ସେଗୁଡ଼ିକ ମଧ୍ୟରେ ଇ-କମର୍ସ, ଶିଶୁ ଯତ୍ନ, ବ୍ୟାୟାମ ଆଦି କ୍ଷେତ୍ର ଅନ୍ତର୍ଭୁକ୍ତ।*

**୩) ଆଗକୁ ରାସ୍ତା:**

ମନ୍ତ୍ରଣାଳୟ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ପିଏମ୍‌ଏୱାଇ-ୟୁ, ଏସ୍‌ବିଏମ୍-ୟୁ, ଅମୃତ, ହୃଦୟ ଓ ଏସ୍‌ସିଏମ୍ କାର୍ଯ୍ୟକ୍ରମ ମାଧ୍ୟମରେ ସହରାଞ୍ଚଳରେ ବିପୁଳ ପୁଞ୍ଜି ନିବେଶ ହେଉଛି। ସହରାଞ୍ଚଳର ଗଣ ଗମନାଗମନ ବ୍ୟବସ୍ଥାକୁ ଉନ୍ନତ, ଆଧୁନିକ ଏବଂ ତ୍ୱରିତ କରିବା ପାଇଁ ମଧ୍ୟ ନାନାବିଧ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ଏଥିରେ 'ମାସ୍ ରାପିଡ୍ ଟ୍ରାନ୍ସପୋର୍ଟ' ପ୍ରୋଜେକ୍ଟ ଅନ୍ୟତମ। ଏସବୁ ସହରାଞ୍ଚଳ ଭିତ୍ତିଭୂମି ନିର୍ମାଣ ପ୍ରକଳ୍ପରେ ପ୍ରଚୁର ନିଯୁକ୍ତି ସୁଯୋଗ ସୃଷ୍ଟି ହେଉଛି। ଏହାଛଡ଼ା ମର୍ଯ୍ୟାଦାଜନକ ଜୀବିକାର୍ଜନ ସୁବିଧା ସୃଷ୍ଟି ସହିତ ପରିଚ୍ଛନ୍ନତା ଏବଂ ତତ୍‌ସହ ଜଡ଼ିତ କ୍ଷେତ୍ରଗୁଡ଼ିକୁ ସଂଯୋଗ କରାଯାଉଛି। ଜାତୀୟ ସ୍ୱାସ୍ଥ୍ୟ ମିଶନ ସହ ମଧ୍ୟ ସହରାଞ୍ଚଳ ବିକାଶର କିଛି କାର୍ଯ୍ୟକୁ ସଂଯୁକ୍ତ କରି ରୂପାୟନଗତ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବାର ଉଦ୍ୟମ ହୋଇଛି। କେନ୍ଦ୍ରୀୟ ପୂର୍ତ୍ତବିଭାଗ ଏବେ ୨୦ ଶତାଂଶ ପ୍ରମାଣିତ ଶ୍ରମିକଙ୍କୁ ନିଜ କାମରେ ନିଯୁକ୍ତି ଦେଇଛି।

ଭାରତୀୟଙ୍କ ଜୀବନଧାରଣ ମାନରେ ଉନ୍ନତି ଆସିଛି। ଟିକସ ପରେ ଭାରତୀୟଙ୍କ ହାତକୁ ଖର୍ଚ୍ଚବାର୍ଚ୍ଚ ଓ ସଞ୍ଚୟ କରିବା ପାଇଁ ଯେଉଁ ଅର୍ଥ ଆସୁଛି ସେଥିରେ ଉଲ୍ଲେଖନୀୟ ବୃଦ୍ଧି ଘଟିଛି। ଭାରତୀୟ ଅର୍ଥନୀତିର ନିରନ୍ତର ଅଭିବୃଦ୍ଧି ଯୋଗୁଁ ଏହା ସମ୍ଭବ ହୋଇଛି। ଅର୍ଥନୀତିରେ କେତେକ ନୂଆ କ୍ଷେତ୍ର ଯୋଡ଼ି ହୋଇଛି ଯେଉଁଠି ଅଭିବୃଦ୍ଧିର ହାର ଅତି ଅଧିକ। ଇ-କମର୍ସ ଡେଲିଭରି, ତତ୍କାଳ ଟ୍ୟାକ୍ସି ସେବା, ଫିଟ୍‌ନେସ୍ ଆଣ୍ଡ ୱେଲନେସ୍, ବୟସ୍କଙ୍କ ଯତ୍ନ, ଶିଶୁଙ୍କ ଯତ୍ନ ଓ ଗୃହଭିତ୍ତିକ ସେବା ସେଥିମଧ୍ୟରୁ ଅନ୍ୟତମ। ଏସବୁ ନୂଆ କ୍ଷେତ୍ର ପାଇଁ ଆବଶ୍ୟକ ପଡୁଥିବା ଲୋକଶକ୍ତିଙ୍କୁ କୁଶଳୀ କରିବା ଓ ତାଲିମ ଦେବାକୁ ଡିଏୱାଇ-ଏନ୍‌ୟୁଏଲ୍‌ଏମ୍ ବିଭିନ୍ନ କାର୍ଯ୍ୟ ହାତକୁ ନେଇଛି। ଏଥିପାଇଁ ଘରୋଇ ଉଦ୍ୟୋଗର ସହାୟତା ମଧ୍ୟ ନିଆଯାଉଛି। ଏସବୁ ପ୍ରଶିକ୍ଷଣ ଓ କୁଶଳ ବିକାଶ ତାଲିମ ଦେଶ ବାହାରେ ମଧ୍ୟ ଭାରତୀୟଙ୍କୁ ଯୋଗାଇ ଦିଆଯାଉଛି। ଏନ୍‌ଏସ୍‌ଡିସି ପକ୍ଷରୁ ପ୍ରବାସୀ କୌଶଳ ବିକାଶ ଯୋଜନା ଓ ଇଣ୍ଡିଆ ଇଣ୍ଟରନେଶନାଲ ସ୍କିଲ ସେଣ୍ଟର ସ୍ଥାପନ କରାଯାଉଛି। ବିଦେଶରେ ଚାକିରି ଖୋଜୁଥିବା ଭାରତୀୟମାନଙ୍କ ପାଇଁ ଏହା ବିଶେଷ ସହାୟକ ହୋଇପାରିବ। ବିଶ୍ୱସ୍ତରରେ ଏବେ ଯେଉଁ ଦକ୍ଷତାର ଚାହିଦା ରହିଛି ଭାରତୀୟ ଶ୍ରମିକମାନଙ୍କୁ ତାହାର ସମକକ୍ଷ କରିବା ଏବଂ ଏକ୍ଷେତ୍ରରେ ଆମେ କେତେ ପଛରେ ଅଛୁ ତାହାର ନିର୍ଦ୍ଧାରଣ ପାଇଁ ଅନୁଧ୍ୟାନ ଚାଲିଛି। ଏ କ୍ଷେତ୍ରରେ ଏନ୍‌ଏସ୍‌ଡିସି ଓ ସରକାର ଯେଉଁ ଉଦ୍ୟମ କରୁଛନ୍ତି ତାହା ଭାରତ ପାଇଁ ଆଗକୁ ଅବଶ୍ୟ ଅତି ଉତ୍ତମ ଫଳାଫଳ ଆଣିବ।

ଲେଖକ ଭାରତ ସରକାରଙ୍କ ସହରାଞ୍ଚଳ ବିକାଶ ଓ ଗୃହ ନିର୍ମାଣ ମନ୍ତ୍ରଣାଳୟର ସଚିବ।
*E-mail: secyurban@nic.in*

# ନିଯୁକ୍ତିର ବେଗ ତ୍ୱରାନ୍ୱିତ

● ଏଚ୍ ଏଲ୍ ସମାରିୟା



**ଭାରତ ସରକାର ନିଯୁକ୍ତି ସୃଷ୍ଟିର ବେଗକୁ ତ୍ୱରାନ୍ୱିତ କରିବାକୁ ଅଙ୍ଗୀକାରବଦ୍ଧ । ସେଥିପାଇଁ ବହୁମୁଖୀ ପଦକ୍ଷେପ ଗ୍ରହଣ କରି ସବୁ ଆଶାୟୀଙ୍କୁ ନିଯୁକ୍ତି ସୁଯୋଗ ଯୋଗାଇଦେବାକୁ ଉଦ୍ୟମ କରୁଛନ୍ତି । ଏହି ପ୍ରକ୍ରିୟାରେ ସମାଜର ଗରିବ ଏବଂ ଦୁର୍ବଳ ଶ୍ରେଣୀର ଲୋକଙ୍କ ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଛି ।**

ଆର୍ଥିକ ଓ ସାମାଜିକ ଲକ୍ଷ୍ୟ ହାସଲ ପାଇଁ ଉତ୍ତମ ମାନର ନିଯୁକ୍ତି ବ୍ୟବସ୍ଥା ବିଶେଷ ସହାୟକ ହୋଇଥାଏ । ଏହାଦ୍ୱାରା ସଂପୃକ୍ତ ଲୋକଙ୍କର ବ୍ୟକ୍ତିଗତ ସୁଖସୁବିଧା ସାଧିତ ହୁଏ । ଭଲ ବେତନ, ଭଲ ଚାକରି ଓ ସାମାଜିକ ସୁରକ୍ଷା ଦ୍ୱାରା ସେମାନେ ସିଧାସଳଖ ଉପକୃତ ହୁଅନ୍ତି । ଏହା ବ୍ୟତୀତ ଏହାଦ୍ୱାରା ବିଭିନ୍ନ ସାମାଜିକ ଲକ୍ଷ୍ୟ, ଦାରିଦ୍ର୍ୟ ଦୂରୀକରଣ ଓ ସାମାଜିକ ଐକ୍ୟ ଓ ସଂପ୍ରୀତି ପ୍ରୋତ୍ସାହିତ ହୁଏ । ଭାରତ ସରକାର ନିଯୁକ୍ତି ସୃଷ୍ଟିର ବେଗକୁ ତ୍ୱରାନ୍ୱିତ କରିବାକୁ ଅଙ୍ଗୀକାରବଦ୍ଧ । ସେଥିପାଇଁ ବହୁମୁଖୀ ପଦକ୍ଷେପ ଗ୍ରହଣ କରିବା ସହ ସବୁ ଆଶାୟୀଙ୍କୁ ନିଯୁକ୍ତି ସୁଯୋଗ ଦେବାକୁ ଉଦ୍ୟମ କରୁଛନ୍ତି । ଏହି ପ୍ରକ୍ରିୟାରେ ସମାଜର ଗରିବ ଓ ଦୁର୍ବଳ ଶ୍ରେଣୀର ଲୋକଙ୍କ ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଉଛି ।

ଶ୍ରମ ଓ ନିଯୁକ୍ତି ମନ୍ତ୍ରଣାଳୟ ନିଯୁକ୍ତି ଜନିତ ସେବା ଯୋଗାଣ ଏବଂ କର୍ମଚାରୀଙ୍କ ସ୍ୱାର୍ଥ ରକ୍ଷା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ । ଏହା ନିଜର ମୌଳିକ ଦାୟିତ୍ୱ ଯଥା କର୍ମଚାରୀଙ୍କୁ ସାମାଜିକ ସୁରକ୍ଷା ଯୋଗାଣ, ଶ୍ରମିକ ନିଯୁକ୍ତି ଓ ସେମାନଙ୍କ ସ୍ଥିତି ସଂକ୍ରାନ୍ତ ତଥ୍ୟ ସଂଗ୍ରହ, ନିଯୁକ୍ତି ଜନିତ ସେବା କର୍ମଚାରୀଙ୍କୁ ପ୍ରଦାନ, ଦୁର୍ବଳ ଶ୍ରେଣୀ ଓ ଶାରୀରିକ ଭିନ୍ନକ୍ଷମ କର୍ମଚାରୀଙ୍କୁ ବିଭିନ୍ନ ସୁବିଧା ଯୋଗାଣ କାର୍ଯ୍ୟ ସମ୍ପନ୍ନ କରିଥାଏ ।

ଯୁବ ଚାକିରି ଆଶାୟୀମାନଙ୍କୁ ନିଯୁକ୍ତି ସୁବିଧା ସୁଯୋଗ ଯୋଗାଣ ପରିସରକୁ ବଢ଼ାଇବା ପାଇଁ ଭାରତରେ ସରକାରୀ ନିଯୁକ୍ତି ସେବା ଜାତୀୟ ଜୀବିକା ସେବା (ଏନ୍‌ସିଏସ୍) ମଞ୍ଚରେ ପରିଣତ ହୋଇଛି । ଏହି ବ୍ୟବସ୍ଥାରେ ନିଯୁକ୍ତି ପ୍ରତ୍ୟାଶୀ, ନିଯୁକ୍ତିଦାତା ଓ ତାଲିମ କାର୍ଯ୍ୟକ୍ରମକୁ ଗୋଟିଏ ମଞ୍ଚରେ ଏକାଠି କରିବାର ପ୍ରୟାସ ସୂଚନା ପ୍ରଯୁକ୍ତି ସହାୟତାରେ କରାଯାଇଛି । ଏନ୍‌ସିଏସ୍‌ର ପ୍ରମୁଖ ବିଶେଷତ୍ୱ ହେଲା ଏହା ନିଯୁକ୍ତି ଚାହୁଁଥିବା ପ୍ରାର୍ଥୀଙ୍କୁ ବିଭିନ୍ନ ଜୀବିକା ବା ବୃତ୍ତି ସମ୍ପର୍କରେ ତଥ୍ୟ ଓ ପରାମର୍ଶ ଦିଏ । ଏହା ସେମାନଙ୍କୁ ବିଭିନ୍ନ ପ୍ରକାର ପାଠ୍ୟକ୍ରମ ଓ ତାଲିମ ସମ୍ପର୍କରେ ସୂଚନା ପ୍ରଦାନ କରେ । କଲ୍ ସେଣ୍ଟର ଓ ଆଦର୍ଶ କ୍ୟାରିୟର ସେଣ୍ଟର ମାଧ୍ୟମରେ ଏହା ନିଯୁକ୍ତି ଖୋଜୁଥିବା ପ୍ରାର୍ଥୀଙ୍କୁ ଦକ୍ଷତା ନିର୍ମାଣ ସହ ଯାବତୀୟ ସୂଚନା ଦିଏ । ଏହା ମଧ୍ୟ ନିୟମିତ ନିଯୁକ୍ତି ମେଳାମାନ ଆୟୋଜନ କରିବା ସହ ଏମ୍ପ୍ଲଏମେଣ୍ଟ ଏକ୍ସଚେଞ୍ଜଗୁଡ଼ିକୁ ଇ-ଲିଙ୍କିଙ୍ଗ ବ୍ୟବସ୍ଥାରେ ସଂଯୁକ୍ତ କରି ପ୍ରାର୍ଥୀଙ୍କୁ ସହାୟତା ଯୋଗାଇଥାଏ ।

ଦେଶରେ ଏପର୍ଯ୍ୟନ୍ତ ୧୦୭ଟି ମଡେଲ କ୍ୟାରିୟର ସେଣ୍ଟର ପ୍ରତିଷ୍ଠା କରାଯାଇଛି । ଆଉ ୧୦୦ଏଭଳି କେନ୍ଦ୍ର ଖୁବ୍ ଶୀଘ୍ର ସ୍ଥାପନ କରିବାକୁ ଯୋଜନା କରାଯାଉଛି । ଏହା ମାଧ୍ୟମରେ ଆଶାୟୀ ପ୍ରାର୍ଥୀମାନେ ନିଜର ଯୋଗ୍ୟତା ଓ ଦକ୍ଷତା ଅନୁସାରେ କର୍ମ ନିଯୁକ୍ତି ବାଛିବାର ସୁଯୋଗ ପାଉଛନ୍ତି । ନିଯୁକ୍ତି ପ୍ରତ୍ୟାଶୀମାନଙ୍କର ପ୍ରୋଫାଇଲ ବା ରୂପରେଖ ସର୍ବଦା ପରିବର୍ତ୍ତନଶୀଳ ହୋଇଥିବାରୁ ତାହାକୁ ଦୃଷ୍ଟିରେ ରଖି ଏମ୍‌ସିଏସ୍ ସର୍ବଦା ନିଜକୁ ସମୟ ଉପଯୋଗୀ କରୁଛନ୍ତି । ଏନ୍‌ସିଏସ୍‌ର ସହାୟତାରେ ଦେଶରେ ପ୍ରାୟ ୨୨୦୦ ନିଯୁକ୍ତି ମେଳା ଆୟୋଜିତ ହୋଇଛି । କେନ୍ଦ୍ର ଶ୍ରମ ମନ୍ତ୍ରଣାଳୟର

## ସଫଳ କାହାଣୀ

# ଶ୍ରୀ ରାଜେଶକୁମାର ସାହୁ- ଦିବ୍ୟାଙ୍ଗ ନିଯୁକ୍ତି ପ୍ରାର୍ଥୀ



ଓଡ଼ିଶାର ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ଘାଟିକିଆର ୨୮ ବର୍ଷ ବୟସ୍କ ଦିବ୍ୟାଙ୍ଗ ଶ୍ରୀ ରାଜେଶ କୁମାର ସାହୁ। ସେ ବାକ୍-ଶ୍ରବଣ ବାଧିତ। ନିଯୁକ୍ତି ପାଇଁ ସେ ଦିବ୍ୟାଙ୍ଗଙ୍କ ନିମନ୍ତେ ଉଦ୍ଦିଷ୍ଟ ନେଶନାଲ କ୍ୟାରିୟର ସର୍ଭିସ୍ ସେଣ୍ଟରରେ ନାମ ପଞ୍ଜୀକୃତ କରିଥିଲେ। କାଉନସେଲିଂ ପରେ ସାଢ଼େ ତିନି ମାସର ତାଲିମ ନେଇ କମ୍ପ୍ୟୁଟର ଓ ଟାଲି ଶିଖିଥିଲେ। ୨୦୧୬ ଫେବୃୟାରୀ ୨୩ରେ ତାଙ୍କର ତାଲିମ ଶେଷ ହୋଇଥିଲା। ଦକ୍ଷତା ବିକାଶ କର୍ତ୍ତୃପକ୍ଷ, ଏସ୍‌ଏସ୍‌ଇପିଡି ଓ ଆଉ କେତେକ ସଂସ୍ଥା ପକ୍ଷରୁ ତାଙ୍କୁ ତାଲିମ ଦିଆଯାଇଥିଲା।

ନିଯୁକ୍ତି ପରୀକ୍ଷା ଦେଇଥିବା ୨୮ ଜଣଙ୍କ ମଧ୍ୟରୁ ଶ୍ରୀ ସାହୁ କୃତକାର୍ଯ୍ୟ ହୋଇ ମୌଖିକ ପରୀକ୍ଷା ପାଇଁ ମନୋନୀତ ହୋଇଥିଲେ। ଶେଷରେ ସେ ସଫଳ ହେଲେ ଓ ତାଙ୍କୁ ନିଯୁକ୍ତି ମିଳିଲା। ତାଙ୍କର ୭୫ଶତାଂଶ ବାକ୍ ଓ ଶ୍ରବଣ ଶକ୍ତି ନାହିଁ। ଏହା ସତ୍ତ୍ୱେ ସେ ନିଜର କାର୍ଯ୍ୟ ସୂଚାରୁ ରୂପେ ସମ୍ପାଦନ କରିପାରୁଛନ୍ତି ଏବଂ ଅଫିସରେ ସମସ୍ତଙ୍କ ପ୍ରୀୟଭାଜନ ହୋଇଛନ୍ତି ବୋଲି ଏକ ସାକ୍ଷାତକାରରେ କହିଛନ୍ତି।

ସହଯୋଗରେ ବିଭିନ୍ନ ରାଜ୍ୟରେ ଏହାର ଆୟୋଜନ କରାଯାଇଛି। ଏହା ମାଧ୍ୟମରେ ୨୦୧୮ସୁଦ୍ଧା ୩୦.୨ ଲକ୍ଷ ନିଯୁକ୍ତି ସୁବିଧା ଯୋଗାଡ଼ କରିବାରେ ଏହା ସଫଳ ହୋଇଛି।

ସରକାରଙ୍କ ପ୍ରଧାନ ନିଯୁକ୍ତି ଯୋଗାଣକାରୀ ପୋର୍ଟାଲ କରିବା ପାଇଁ ଏନ୍‌ସିଏସ୍‌କୁ ଆହୁରି ଅଧିକ ଉନ୍ନତ ଓ ବିକଶିତ କରିବାକୁ ପଡ଼ିବ। ସେଥିପାଇଁ ଏହାକୁ ସବୁ ସରକାରୀ ପୋର୍ଟାଲ ସହ ସଂଯୁକ୍ତ କରିବାର ଆବଶ୍ୟକତା ରହିଛି। ବୁଝାମଣା ଏବଂ ଚୁକ୍ତି ମାଧ୍ୟମରେ ଏନ୍‌ସିଏସ୍ ମଧ୍ୟ ବିଭିନ୍ନ ଘରୋଇ ନିଯୁକ୍ତି ପୋର୍ଟାଲ ସହ ସଂଯୁକ୍ତ। ଏହା ଫଳରେ ନିଯୁକ୍ତି ପ୍ରଦାନକାରୀ ଓ ନିଯୁକ୍ତି ଆଶାୟୀଙ୍କ ସଂଖ୍ୟା ତଥା ଅନ୍ୟାନ୍ୟ ତଥ୍ୟ ମିଳିପାରିବ।

ଦିବ୍ୟାଙ୍ଗମାନଙ୍କୁ ଆର୍ଥିକ ଦୃଷ୍ଟିରୁ ସବଳ କରିବା ପାଇଁ ଶ୍ରମ ମନ୍ତ୍ରଣାଳୟ ୨୧ଟି ଜାତୀୟ ଜୀବିକା ସେବା କେନ୍ଦ୍ର (ଏନ୍‌ସିଏସ୍‌ସି) ଦେଶର ବିଭିନ୍ନ ଅଞ୍ଚଳରେ ସ୍ଥାପନ କରିଛି। ଏହି କେନ୍ଦ୍ର ଦିବ୍ୟାଙ୍ଗମାନଙ୍କର ପରିଶ୍ରମ କରିବାର ଦକ୍ଷତା ମାପିବା ସହ ସେମାନଙ୍କୁ ଧନ୍ଦାମୂଳକ ତାଲିମ ଓ ଆର୍ଥିକ ସହାୟତା ଯୋଗାଇଥାନ୍ତି। ଏହି କେନ୍ଦ୍ର ପକ୍ଷରୁ ଗ୍ରାମାଞ୍ଚଳ ଓ




### ନେଶନାଲ କ୍ୟାରିୟର ସର୍ଭିସ (ଏନ୍‌ସିଏସ୍) ପ୍ଲାଟଫର୍ମ

- ଏହା ଏକ ନେଶନାଲ କ୍ୟାରିୟର ସର୍ଭିସ ପ୍ଲାଟଫର୍ମ
- ଚାକିରି ସନ୍ଧାନୀମାନଙ୍କୁ ଏହା ଜୀବିକା ଜନିତ ସେବା, ପରାମର୍ଶ, କଲ୍‌ସେଣ୍ଟର, ମଡେଲ କ୍ୟାରିୟର ସେଣ୍ଟର, ବିଭିନ୍ନ ପ୍ରକାର ବିଷୟବସ୍ତୁ, ଦକ୍ଷତା ବିକାଶ ଓ ଅନ୍ୟାନ୍ୟ ସେବା ଯୋଗାଇଥାଏ।
- ଏହା ମଧ୍ୟ ଜବ୍ ମ୍ୟାଚିଂ, ଏମ୍ପ୍ଲଏମେଣ୍ଟ ଏକ୍ସଚେଞ୍ଜଗୁଡ଼ିକ ସହ ଇ-ଲିଙ୍କିଙ୍ଗ, ନିୟମିତ ନିଯୁକ୍ତି ମେଳା ଆୟୋଜନ ଆଦିର ସୁବିଧା ଯୋଗାଏ।
- ଏହା ୨୨୦୦ ନିଯୁକ୍ତି ମେଳା ଆୟୋଜନ କରି ୩୦.୨ ଲକ୍ଷ ନିଯୁକ୍ତି ଯୋଗାଣ ବ୍ୟବସ୍ଥା କରିପାରିଛି।
- ଚାକିରି ଆଶାୟୀଙ୍କ ଯୋଗ୍ୟତା, ଦକ୍ଷତାକୁ ଆକଳନ କରି ସେମାନଙ୍କୁ ଏଠାରେ ପରାମର୍ଶ ଯୋଗାଇ ଦିଆଯାଏ ଏବଂ ନିଜ ପାଇଁ ନିଯୁକ୍ତିଟିଏ ଖୋଜି ପାଇବାର ସୁବିଧା ଦିଆଯାଇଥାଏ।
- ସାରା ଦେଶରେ ୧୦୭ଟି ମଡେଲ କ୍ୟାରିୟର ସର୍ଭିସ ସେଣ୍ଟର ଖୋଲାଯାଇଛି ଏବଂ ଆଉ ୧୦୦ଟି ଖୋଲିବାକୁ ଯୋଜନା କରାଯାଇଛି।
- ଏମ୍‌ଏନ୍‌ସିଗୁଡ଼ିକୁ ଦେଶର ପ୍ରମୁଖ ଘରୋଇ ଜବ୍ ପୋର୍ଟାଲ ସହ ସଂପୃକ୍ତ କରାଯାଇଛି। ଏହା ମଧ୍ୟ ସୂଚନା ପ୍ରସାରଣ ମନ୍ତ୍ରଣାଳୟର 'ଏମ୍ପ୍ଲୟମେଣ୍ଟ ନ୍ୟୁଜ୍' ପୋର୍ଟାଲ ସହ ସଂପୃକ୍ତ।
- ୨୧ଟି ନେଶନାଲ କ୍ୟାରିୟର ସର୍ଭିସ ସେଣ୍ଟର ଦିବ୍ୟାଙ୍ଗଙ୍କ ପାଇଁ ଉଦ୍ଦିଷ୍ଟ। ଏହା ଡିଜି(ଇ)ଙ୍କ ଦ୍ୱାରା ପରିଚାଳିତ।
- ତଫସିଲଭୁକ୍ତ ଜାତି ଓ ଉପଜାତିଙ୍କ ପାଇଁ ୨୫ଟି ନେଶନାଲ କ୍ୟାରିୟର ସେଣ୍ଟର ଚାଲିଛି।

For more details, please log on to:
www.efilelabourreturn.gov.in





## ଶ୍ରମ ସୁବିଧା ପୋର୍ଟାଲ


କେନ୍ଦ୍ର ଶ୍ରମ ଓ ନିଯୁକ୍ତି ମନ୍ତ୍ରଣାଳୟ ଏକ ଏକୀକୃତ ୱେବ ପୋର୍ଟାଲ - ଶ୍ରମ ସୁବିଧା- ତିଆରି କରିଛନ୍ତି। ଏଥିରେ ଚାରିଟି ପ୍ରମୁଖ ଅନୁଷ୍ଠାନର ଆବଶ୍ୟକତା ପୂରଣ ପାଇଁ ଧ୍ୟାନ ଦିଆଯାଇଛି। ସେଗୁଡ଼ିକ ହେଲା - ମୁଖ୍ୟ ଲେବର କମିଶନର ଅଫିସ (ସେଣ୍ଟ୍ରାଲ), ଖଣି ନିରାପତ୍ତା ସଂକ୍ରାନ୍ତ ମହାନିର୍ଦ୍ଦେଶକ, ଏମ୍ପ୍ଲଇଜ ପ୍ରୋଭିଡେଣ୍ଟ ଫଣ୍ଡ୍ ଅର୍ଗାନାଇଜେସନ ଓ ଏମ୍ପ୍ଲଇଜ୍ ଷ୍ଟେଟ୍ ଇନ୍ସୁରାନ୍ସ କର୍ପୋରେସନ୍।

- 'ଶ୍ରମ ସୁବିଧା' ପୋର୍ଟାଲକୁ ପ୍ରଧାନମନ୍ତ୍ରୀ ୨୦୧୪ ଅକ୍ଟୋବର ୧୬ରେ ଉନ୍ମୋଚନ କରିଥିଲେ। ଏଥିରୁ ଶ୍ରମ ଆଇନ ଏହାର ପରିପାଳନ ସଂକ୍ରାନ୍ତ ତଥ୍ୟ ଗୋଟିଏ ସ୍ଥାନରେ ଉପଲବ୍ଧ।
- ଏହି ପୋର୍ଟାଲକୁ https://shramsuvidha.gov.inରେ ଆକ୍‌ସେସ୍ କରିହେବ। ଏହା ୟୁନିଫାଏଡ୍ ରେଜିଷ୍ଟ୍ରେସନ, ଇପିଏଫ୍‌ଓ ଓ ଏସିକ୍ ଆଦି ସଂସ୍ଥାର ଲାଇସେନ୍ସିଂ ଓ ରିଟର୍ଣ୍ଣ ସର୍ଭିସ ବ୍ୟବସ୍ଥା ପ୍ରଦାନ କରିଥାଏ।
- ବିଭିନ୍ନ ସଂସ୍ଥା ମଧ୍ୟ ଖଣି ଓ ଫ୍ୟାକ୍ଟ୍ରି ଆଇନ ଅନୁସାରେ ଏହା ମାଧ୍ୟମରେ ବାର୍ଷିକ ରିଟର୍ଣ୍ଣ ଦାଖଲ କରିପାରିବେ।
- ଶ୍ରମ ଆଇନ ପ୍ରବର୍ତ୍ତନକାରୀ ସଂସ୍ଥା ଏହି ପୋର୍ଟାଲ ଜରିଆରେ ୨୦୧୮ ଜୁନ୍ ଯାଏ ୩.୭୫ ଲକ୍ଷ ପରିଦର୍ଶନ / ତଦାରଖ ସମ୍ପନ୍ନ କରିଛନ୍ତି।

ବସ୍ତିଆଦିରେ ଶିବିର ଆୟୋଜନ ମାଧ୍ୟମରେ ଦିବ୍ୟାଙ୍ଗଙ୍କୁ ଠାବ କରାଯାଇ ସେମାନଙ୍କୁ ତାଲିମ ଓ ଅନ୍ୟାନ୍ୟ ସାହାଯ୍ୟ ସହଯୋଗ ଯୋଗାଇ ଦିଆଯାଉଛି।

କର୍ମ ନିଯୁକ୍ତି ବିଭାଗର ମହାନିର୍ଦ୍ଦେଶାଳୟ (ଡିଜିଇ) ମାଧ୍ୟମରେ ତଫସିଲଭୁକ୍ତ ଜାତି ଓ ଉପଜାତି ବର୍ଗର ଚାକିରି ପ୍ରତ୍ୟାଶୀଙ୍କୁ କୋଚିଂ, ଟ୍ରେନିଂ ଓ ଧନ୍ଦାମୂଳକ ଦିଗ୍‌ଦର୍ଶନ ପ୍ରଦାନ କରାଯାଉଛି। ଜାତୀୟ ଜୀବିକା ସେବା କେନ୍ଦ୍ର ଅଧୀନରେ ଆଉ କିଛି ନୂଆ ପାଠ୍ୟକ୍ରମ ପ୍ରବର୍ତ୍ତନ କରିବାକୁ ଡିଜିଇ ମଧ୍ୟ ବିଚାର କରୁଛି। ଏହା ବ୍ୟତୀତ ତଫସିଲଭୁକତ ଜାତି ଓ ଉପଜାତି ବର୍ଗର ନିଯୁକ୍ତି ଖୋଜୁଥିବା ପ୍ରାର୍ଥୀଙ୍କ ପାଇଁ ସ୍ୱତନ୍ତ୍ର ଜୀବିକା ସେବାକେନ୍ଦ୍ର ଖୋଲିବାର ପ୍ରୟାସ ଚାଲିଛି। ଯେଉଁସବୁ ରାଜ୍ୟରେ ଏହା ନାହିଁ ସେଠାରେ ଏହା ଖୋଲାଯିବ। କେତେକ ସ୍ଥାନରେ ଏହି ସେବା ଯୋଗାଣ ବ୍ୟବସ୍ଥାକୁ ମଧ୍ୟ ଆଉଟ ସୋର୍ସିଂ କରାଯାଇଛି। ଶ୍ରମ ଓ ନିଯୁକ୍ତି ମନ୍ତ୍ରଣାଳୟ ଶ୍ରମ ଆଇନର ସଂଶୋଧନ ଉପରେ ଗୁରୁତ୍ୱ ଦେଉଛନ୍ତି। ପରିବର୍ତ୍ତିତ ପରିସ୍ଥିତିରେ ଦେଶର ଅର୍ଥନୀତି ଓ ଶିଳ୍ପ ସଂସ୍ଥାଙ୍କ ଆବଶ୍ୟକତା ପୂରଣ ପାଇଁ ପ୍ରଚଳିତ ଶ୍ରମ ଆଇନରେ ସଂଶୋଧନ / ପରିବର୍ତ୍ତନ ଜରୁରୀ। ସେଥିପାଇଁ ଶ୍ରମ ସୁବିଧା ପୋର୍ଟାଲ ମାଧ୍ୟମରେ ବିଭିନ୍ନ ଶିଳ୍ପ ସଂସ୍ଥା ଓ ପ୍ରତିଷ୍ଠାନର ପରିଦର୍ଶନ ତଥା ତଦାରଖ ସ୍ୱଚ୍ଛ, ବିଜ୍ଞାନଭିତ୍ତିକ ଉପାୟରେ କରାଯାଉଛି। ଏହା ମଧ୍ୟ ଇପିଏଫ୍‌ଓ ଓ ଏସିକ୍ ସଂଗଠନ ଜରିଆରେ କର୍ମଚାରୀଙ୍କ ପାଇଁ ଏକକ ପଞ୍ଜୀକରଣ ବ୍ୟବସ୍ଥା ପ୍ରବର୍ତ୍ତନ କରିଛି। ଏହା ମାଧ୍ୟମରେ ମାଲିକ ମାସିକ ଦେୟ କର୍ମଚାରୀଙ୍କ ଖାତାକୁ ଇଲେକ୍‌ଟ୍ରୋନିକ୍-କମ୍-ଚାଲାଣ (ଇସିଆର୍) ଜରିଆରେ ସହଜରେ ଜମା କରିପାରୁଛନ୍ତି। ପୂର୍ବରୁ ୯ଟି କେନ୍ଦ୍ରୀୟ ଆଇନର ପରିପାଳନ କ୍ଷେତ୍ରରେ ଯେଉଁ ୫୬ଟି ରେଜିଷ୍ଟର/ଫର୍ମ ପୂରଣ କରିବାକୁ ପଡୁଥିଲା ତାହାକୁ ୫କୁ କମାଇ






*ଉପରୋକ୍ତ ଚାର୍ଟରେ ପିଏମ୍ଆର୍ପିୱାଇ ଯୋଜନା ଆରମ୍ଭ ହେବା ପରଠାରୁ ଜୁନ୍ ୨୦୧୮ ପର୍ଯ୍ୟନ୍ତ ସରକାରଙ୍କ ଦ୍ୱାରା ଆବଣ୍ଟିତ ଅର୍ଥ ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଛି। ଅଗଷ୍ଟ ୨୦୧୬ରୁ ମାର୍ଚ୍ଚ ୨୦୧୭ ମଧ୍ୟରେ ୨.୭୬ କୋଟି ଟଙ୍କା ଆବଣ୍ଟିତ ହୋଇଥିବା ବେଳେ ୨୦୧୮ ଜୁନ୍ ଶେଷ ସୁଦ୍ଧା ୧୧୪୫.୩୪ କୋଟି ଟଙ୍କା ଆବଣ୍ଟିତ ହୋଇଛି।*

ଦିଆଯାଇଛି। ଏହା ଫଳରେ ରେଜିଷ୍ଟର ଓ ଫର୍ମ ଭରିବା କାମ ସହଜ ହେବା ସହିତ ଖର୍ଚ୍ଚ ଓ ସମୟ ଅପଚୟ ହ୍ରାସ ପାଇଛି। ଶ୍ରମ ସୁବିଧା ପୋର୍ଟାଲରେ ପ୍ରବର୍ତ୍ତନ ବିଧି ବ୍ୟବସ୍ଥା ସମ୍ପର୍କରେ ଭରସାଯୋଗ୍ୟ ଓ ନିରୋଳା ତଥ୍ୟ ଯୋଗାଇ ଦିଆଯାଉଛି। ଶ୍ରମିକ ତଦାରଖ ବ୍ୟବସ୍ଥା, ସରକାର ବା ସଂପୃକ୍ତ ବିଭାଗକୁ ଆବଶ୍ୟକ ତଥ୍ୟାବଳୀ ଯୋଗାଣ, ଆଠଟି ଶ୍ରମ ଆଇନର ପରିପାଳନ ସଂକ୍ରାନ୍ତ ଏକକ ବାର୍ଷିକ ରିଟର୍ଣ୍ଣ ଦାଖଲ ଆଦି ସମ୍ପର୍କରେ ଏହା ତଥ୍ୟ ଓ ଦିଗ୍‌ଦର୍ଶନ ଦେଉଛି। ଭାରତରେ ବ୍ୟବସାୟ ବାଣିଜ୍ୟକୁ ସୁଗମ କରିବା ପାଇଁ ସରକାର ଯେଉଁ ପ୍ରୟାସ ଚଳାଇଛନ୍ତି ତାହାକୁ ସଫଳ କରିବା କ୍ଷେତ୍ରରେ ଉପରୋକ୍ତ ପଦକ୍ଷେପ ବିଶେଷ ସହାୟକ ହେଉଛି।

ମଜୁରି କୋଡ୍, ସାମାଜିକ ନିରାପତ୍ତା କୋଡ୍, ଶିଳ୍ପ ସମ୍ପର୍କ କୋଡ୍, ପେସାଗତ ନିରାପତ୍ତା, ସ୍ୱାସ୍ଥ୍ୟ ଓ କାର୍ଯ୍ୟ କରିବାର ପରିବେଶ ଏବଂ ସ୍ଥିତି କୋଡ୍ ଏହି ଚାରିଟି କୋଡ୍‌କୁ ମିଶାଇ ଗୋଟିଏ ସରଳ, ଏକକ ଓ ଯୁକ୍ତିଯୁକ୍ତ ଆଇନ ପ୍ରସ୍ତୁତ କରିବାକୁ ଶ୍ରମ ଓ ନିଯୁକ୍ତି ମନ୍ତ୍ରଣାଳୟ ପକ୍ଷରୁ  କାର୍ଯ୍ୟ ଚାଲିଛି। ୨୦୧୭ ଅଗଷ୍ଟ ମାସରେ ଏ ସଂକ୍ରାନ୍ତ ବିଲ୍ ଲୋକସଭାରେ ଉପସ୍ଥାପିତ ହୋଇଥିଲା। ଏଥିରେ କେତେକ ଶିଳ୍ପରେ ଋତୁକାଳୀନ ଓ ସାମୟିକ (ନିର୍ଦ୍ଦିଷ୍ଟ ସମୟ ପାଇଁ) ଶ୍ରମିକ ନିଯୁକ୍ତି ସୁବିଧା ପ୍ରଚଳନର ବ୍ୟବସ୍ଥା ରହିଛି। ଶ୍ରମିକଙ୍କୁ ରୋଜଗାର ପ୍ରଦାନ, ଦେଶର ଉଦ୍ୟୋଗର ଆବଶ୍ୟକତା ପୂରଣ ଏବଂ ରପ୍ତାନୀ ବୃଦ୍ଧିକୁ ଦୃଷ୍ଟିରେ ରଖି ଏହି ସବୁ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରାଯାଉଛି। ନିର୍ଦ୍ଦିଷ୍ଟ ସମୟ ପାଇଁ ଯେଉଁ ଶ୍ରମିକଙ୍କୁ ନିଯୁକ୍ତି ମିଳିବ ସେମାନେ ସ୍ଥାୟୀ କର୍ମଚାରୀଙ୍କ ଭଳି ସାମାଜିକ ନିରାପତ୍ତା ସୁବିଧା, ବେତନ, କାର୍ଯ୍ୟ କରିବାର ଉପଯୁକ୍ତ ପରିବେଶ ଓ ଅନ୍ୟାନ୍ୟ ସୁବିଧା ପାଇବେ।

ପ୍ରଧାନମନ୍ତ୍ରୀ ରୋଜଗାର ଯୋଜନା ମଧ ୨୦୧୬-୧୭ରୁ ଦେଶରେ କାର୍ଯ୍ୟକାରୀ ହେଉଛି। ଏହାର ଲକ୍ଷ୍ୟ ହେଲା ଶିଳ୍ପକୁ ପ୍ରୋତ୍ସାହନ ଯୋଗାଣ ସହ ନିଯୁକ୍ତି ସୁଯୋଗ ସୃଷ୍ଟି। ଏହି ଯୋଜନାରେ ସରକାର ନବନିଯୁକ୍ତ କର୍ମଚାରୀଙ୍କ

## ନିଯୁକ୍ତିକୁ ଜୀବିକାରେ ପରିବର୍ତ୍ତନ ପାଇଁ ଧନ୍ଦାମୂଳକ ତାଲିମ



ଶ୍ରମ ଶକ୍ତିରେ ମହିଳାଙ୍କ ସକ୍ରିୟ ଓ ଅଧିକ ସହଯୋଗ ଉପରେ ଶ୍ରମ ମନ୍ତ୍ରଣାଳୟ ଗୁରୁତ୍ୱ ଦେଇଛନ୍ତି। ଚାକିରି ଓ ନିଯୁକ୍ତି ବ୍ୟତୀତ ମହିଳାମାନଙ୍କୁ ଆତ୍ମନିଯୁକ୍ତି ଜରିଆରେ ଅଧିକ ସ୍ୱାବଲମ୍ବୀ କରିବାକୁ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି। ମହିଳାଙ୍କ ମଧ୍ୟରେ ଆତ୍ମନିଯୁକ୍ତିକୁ ଜୀବିକା ଉପାର୍ଜନର ଏକ ସଂସ୍କୃତି ଭାବେ ଗଢ଼ି ତୋଳିବା ଏହି ଉଦ୍ୟମର ଲକ୍ଷ୍ୟ।

ନିଯୁକ୍ତି ଓ ତାଲିମ ସଂକ୍ରାନ୍ତ ମହାନିର୍ଦ୍ଦେଶାଳୟ ମହିଳାମାନଙ୍କୁ ଶ୍ରମିକ, ସୁପରଭାଇଜର ଓ ଉଦ୍ୟୋଗୀ ବିଭିନ୍ନ ଭାବେ ଗଢ଼ି ତୋଳିବାକୁ ନାନାବିଧ ତାଲିମ ଓ ପ୍ରଶିକ୍ଷଣ ପ୍ରଦାନର ବ୍ୟବସ୍ଥା କରିଛନ୍ତି। ଏହାଛଡ଼ା ବିଭିନ୍ନ ସାମାଜିକ-ଆର୍ଥିକ ବର୍ଗର ମହିଳାଙ୍କୁ ଅତିରିକ୍ତ ରୋଜଗାର ପାଇଁ ସୁବିଧା ସୁଯୋଗ ଯୋଗାଇ ଦିଆଯାଉଛି। ଏଥିପାଇଁ ନିଆଯାଉଥିବା ପଦକ୍ଷେପଗୁଡ଼ିକ ହେଲା –

- ମହିଳା ଧନ୍ଦାମୂଳକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ
- ଶିଳ୍ପରେ ମଜୁରିଭିତ୍ତିକ ନିଯୁକ୍ତି
- ଶିଳ୍ପ ଦକ୍ଷତା ବୃଦ୍ଧି ଯୋଜନା
- ଇନଷ୍ଟ୍ରକ୍ଟର ସ୍କିଲ୍ ଡେଭେଲେପମେଣ୍ଟ ସ୍କିମ୍

## ପ୍ରଧାନମନ୍ତ୍ରୀ ରୋଜଗାର ପ୍ରୋତ୍ସାହନ ଯୋଜନା



- ସରକାର ୧.୪.୨୦୧୮ଠାରୁ ସବୁକ୍ଷେତ୍ରର ନୂଆ ଯୋଗ୍ୟ କର୍ମଚାରୀଙ୍କ ଇପିଏଫ୍‌କୁ ୧୨ ଶତାଂଶ ଅର୍ଥ ପ୍ରଦାନ କରୁଛନ୍ତି।
- ଏହା ତିନିବର୍ଷ ପାଇଁ ଦିଆଯିବ ଏବଂ ପ୍ରତ୍ୟେକ ନୂଆ କର୍ମଚାରୀଙ୍କର ଆଧାର ଭୁକ୍ତ 'ୟୁଏଏନ୍' ରହିବା ଆବଶ୍ୟକ।
- ଜୁନ୍ ୨୦୧୮ ସୁଦ୍ଧା ଇପିଏଫ୍‌ଓ ଦ୍ୱାରା ୫୩ଲକ୍ଷ ୭୨ହଜାର ନୂଆ କର୍ମଚାରୀ ପଞ୍ଜୀକୃତ ହୋଇଛନ୍ତି।
- ଏପର୍ଯ୍ୟନ୍ତ ମୋଟ୍ ୧୧୪୫ କୋଟି ୩୪ ଲକ୍ଷ ଟଙ୍କା ଏହି ଯୋଜନାରେ ଖର୍ଚ୍ଚ ହୋଇଛି। ପିଏମ୍‌ଆର୍‌ପିୱାଇ କାର୍ଯ୍ୟକ୍ରମରେ ଆହୁରି ୪୫୦୦କୋଟି ଟଙ୍କା ଦରକାର ପଡ଼ିବ ବୋଲି ଆଶା କରାଯାଉଛି।

ପେନ୍‌ସନ୍ ପାଣ୍ଠିକୁ ମୁଣ୍ଡପିଛା ବେତନର ୮.୩୩% ଅର୍ଥ ପ୍ରଦାନ କରୁଛନ୍ତି। ଫଳରେ ଏବାବଦ ଅର୍ଥ ଯାହା ମାଲିକ / ନିଯୁକ୍ତିଦାତାଙ୍କୁ ଦେବାକୁ ପଡୁଥିଲା ତାହା ଆଉ ଦେବାକୁ ପଡୁନାହିଁ। ମାସିକ ୧୫ହଜାର ଟଙ୍କା ପର୍ଯ୍ୟନ୍ତ ବେତନ ପାଉଥିବା ସମ୍ପୃକ୍ତ କର୍ମଚାରୀଙ୍କୁ ତିନିବର୍ଷ ପର୍ଯ୍ୟନ୍ତ ସରକାର ଏହି ପ୍ରୋତ୍ସାହନ ଯୋଗାଇବେ ଏବଂ ସେମାନେ ଏକ ନୂଆ ୟୁନିଭର୍ସାଲ ଆକାଉଣ୍ଟ ନମ୍ବର ପାଇବେ। ୨୦୧୭-୧୮ ଅର୍ଥନୈତିକ ସର୍ଭେ ରିପୋର୍ଟ ଅନୁସାରେ ଆନୁଷ୍ଠାନିକ ନିଯୁକ୍ତିରେ ଦେଶରେ କାମ କରୁଥିବା ଲୋକଙ୍କ ସଂଖ୍ୟା ଅଣକୃଷି ଶ୍ରମିକ ସଂଖ୍ୟାର ୩୧ ଶତାଂଶ। ଏହାର ଅର୍ଥ ବ୍ୟବସ୍ଥାଗତ ଆନୁଷ୍ଠାନିକ ଦରମା, ବିଶ୍ୱାସ କରାଯାଉଥିବା ପ୍ରଚଳିତ ବେତନଠାରୁ ଅଧିକ।

ବୟନ ଉଦ୍ୟୋଗର ପ୍ରୋତ୍ସାହନ ପାଇଁ ସରକାର କର୍ମଚାରୀଙ୍କ ଭବିଷ୍ୟନିଧି ଓ ପେନ୍‌ସନ୍ ପାଣ୍ଠିକୁ ମାସିକ ବେତନ ଉପରେ ମାଲିକର ଦେୟ ବାବଦ ମୋଟ୍ ୧୨ ଶତାଂଶ ଯାକ ଅବଦାନ ବହନ କରୁଛନ୍ତି। ଏହା ଫଳରେ ନିଯୁକ୍ତିଦାତାଙ୍କ ବୋଝ ହାଲକା ହୋଇଛି। ତେବେ ବଜେଟ ବ୍ୟବସ୍ଥା ଅନୁସାରେ ସରକାର ପ୍ରଧାନମନ୍ତ୍ରୀ ରୋଜଗାର ପ୍ରୋତ୍ସାହନ ଯୋଜନାରେ ୨୦୧୮-୧୯ ବର୍ଷଠାରୁ ସବୁ ନୂତନ ନିଯୁକ୍ତି କ୍ଷେତ୍ରର ସବୁ ଉଦ୍ୟୋଗ ପାଇଁ କର୍ମଚାରୀଙ୍କ ଭବିଷ୍ୟନିଧି ଓ ପେନ୍‌ସନ୍ ପାଣ୍ଠିକୁ ମାଲିକ ଦେୟ ବାବଦକୁ ୧୨ ଶତାଂଶ ଅର୍ଥ କେନ୍ଦ୍ର ସରକାର ୩ବର୍ଷ ପାଇଁ ପ୍ରଦାନ କରିବେ। ପୁରାତନ କର୍ମଚାରୀଙ୍କ ପାଇଁ ମଧ୍ୟ ତିନିବର୍ଷ ପାଇଁ ଏହି ସୁବିଧା ଯୋଗାଇଦେବାର ବ୍ୟବସ୍ଥା କରାଯାଇଛି।

ସରକାରଙ୍କ ଆଭିମୁଖ୍ୟ ହେଲା ନିଯୁକ୍ତିର ଉଭୟ ପରିମାଣ ଓ ମାନ ମଧ୍ୟରେ ଭାରସାମ୍ୟ ରକ୍ଷା କରିବା ଏବଂ ଅଧିକରୁ ଅଧିକ ତଥା ଉତ୍କୃଷ୍ଟମାନର ନିଯୁକ୍ତି ସୃଷ୍ଟି ପାଇଁ ସୁଯୋଗ ଯୋଗାଇଦେବା। ୨୦୩୦ ସୁଦ୍ଧା ନିରନ୍ତର ବିକାଶ ଲକ୍ଷ୍ୟ (ଏସ୍‌ଡିଜି) ହାସଲ କରିବାକୁ ସରକାର ଯେଉଁ ଉଦ୍ୟମ ଜାରି ରଖିଛନ୍ତି ତାହାକୁ ପୂରଣ କରିବାରେ ଏହି ନିଯୁକ୍ତି ପ୍ରୟାସ ଏକ ଅଣୁଘଟକ ଭାବେ କାର୍ଯ୍ୟ କରିବ।

ଲେଖକ ଶ୍ରମ ଓ ନିଯୁକ୍ତି ମନ୍ତ୍ରଣାଳୟର ସଚିବ। *E-mail: secy-labour@nic.in*

ଯୋଜନା

ଆଗାମୀ ସଂଖ୍ୟା

ମହିଳା ସଶକ୍ତିକରଣ

# ଶିକ୍ଷା, ନିଯୁକ୍ତି ଯୋଗ୍ୟତା ଓ ନିଯୁକ୍ତି

● ମନୀଷ ସଭରୱାଲ୍



ଶିକ୍ଷା, ନିଯୁକ୍ତି ଦକ୍ଷତା ଓ ନିଯୁକ୍ତିକୁ ନେଇ ଆମର ଅତୀତ ଦୃଷ୍ଟିଭଙ୍ଗୀ ମୁକାବିଲାଧର୍ମୀ ନ ହୋଇ ପଳାୟନଧର୍ମୀ ଥିଲା । ଭାରତର ନିମ୍ନ ଉତ୍ପାଦକତା ଓ ଦାରିଦ୍ର୍ୟ ପଛରେ ଅନେକ କାରଣ ରହିଛି । କିନ୍ତୁ ଏଥିରେ ପରିବର୍ତ୍ତନ ଆଣିବା ପାଇଁ ଆମ ପାଖରେ ସହରୀକରଣ, ଉଦ୍ୟୋଗୀକରଣ, ମୁଦ୍ରୀକରଣ ଓ ମାନବସମ୍ବଳ ପରି ଉପକରଣମାନ ମଧ୍ୟ ରହିଛି ।

ଚଳିତ ବର୍ଷ ଖୁବ୍‌ଶୀଘ୍ର ଭାରତର ସକଳ ଘରୋଇ ଉତ୍ପାଦନ ଇଂଲଣ୍ଡର ସକଳ ଘରୋଇ ଉତ୍ପାଦନ (୨.୬ ଟ୍ରିଲିଅନ୍ ଡଲାର)କୁ ଟପିଯିବ । ଏଥିପାଇଁ ଆମେ ଉତ୍ସବ ପାଳନ କରିବା ଉଚିତ କି ? କିମ୍ବା ଆମେ ପ୍ରଶ୍ନ କରିବା ଉଚିତ ଯେ, ମାତ୍ର ୬୬ ନିୟୁତ ଜନସଂଖ୍ୟାର ଉତ୍ପାଦନ କ୍ଷମତାକୁ ଟପିବା ପାଇଁ ୧ କୋଟି ୨୦ ଲକ୍ଷ ଜନସଂଖ୍ୟାକୁ ୭୧ ବର୍ଷ ଲାଗିଲା କାହିଁକି ? କବି ମାୟା ଆଞ୍ଜେଲୁଙ୍କ ଭାଷାରେ- "ଅଣୁ ନୁହଁ ବରଂ କାହାଣୀକୁ ନେଇ ଏ ବ୍ରହ୍ମାଣ୍ଡ ଗଠିତ" । ମୁଁ ବିଶ୍ୱାସ କରେ ଯେ ଆମର ଦୟନୀୟ ଉତ୍ପାଦନ କ୍ଷମତା ହେଉଛି ୧୯୪୭ ମସିହା ପରେ ଆମେ ନିଜକୁ ଶୁଣାଉଥିବା ଅଡୁଆତଡୁଆ ଅର୍ଥନୈତିକ କାହାଣୀର ପ୍ରତିଫଳ । ଆମ ରାଜନୈତିକ କାହାଣୀଗୁଡ଼ିକ ସଫଳତା ପାଇଥିବା ବେଳେ ଆର୍ଥିକ କାହାଣୀଗୁଡ଼ିକ କିନ୍ତୁ ଭିନ୍ନ କଥା କୁହନ୍ତି । ବିକେନ୍ଦ୍ରୀକରଣ ପ୍ରତି ଅବିଶ୍ୱାସ, ଅନୁଷ୍ଠାନ ପ୍ରତି ଅନାଦର ଓ ପ୍ରତିଯୋଗିତା ପ୍ରତି ହତାଦର ଭାବ ଯୋଗୁଁ ଆମ ଅର୍ଥନୈତିକ କାହାଣୀଗୁଡ଼ିକର ବିଷୟବସ୍ତୁ ଉତ୍ପାଦନ କ୍ଷମତାକୁ ସମ୍ବୋଧନ ନ କରି ଦାରିଦ୍ର୍ୟର ଲକ୍ଷଣଗୁଡ଼ିକୁ ସମାଧାନ କରିବା ପାଇଁ ପ୍ରଚେଷ୍ଟା କରନ୍ତି । ୧୯୫୫ ମସିହାର ଆଭାଡ଼ି ସଂକଳ୍ପ ଯୋଗୁଁ ଆମକୁ ନିମ୍ନ ଗୁଣବତ୍ତା ସମ୍ପନ୍ନ ଟେଲିଫୋନ୍ ସେବା ମିଳିବା ସହ ବିଦ୍ୟାଳୟ ବଦଳରେ ମହାବିଦ୍ୟାଳୟ ଓ ସରକାରୀ ଉଦ୍ୟୋଗ ଉପରେ ଅଧିକ ଗୁରୁତ୍ୱ ଦିଆଗଲା । ପୁଞ୍ଜି ବଜାରକୁ ସୀମିତ କରିଦିଆଗଲା । ଏସବୁ ପାଇଁ ଆମ ଉତ୍ପାଦନ କ୍ଷମତା କଳୁଷିତ ହେଲା । ଫଳସ୍ୱରୂପ ଆଜି ଆମ ପାଖରେ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ କେବଳ ୫୨ଟି ସହର ରହିଥିବା ବେଳେ ଆମ ଶ୍ରମଶକ୍ତିର ମାତ୍ର ୫୦ ପ୍ରତିଶତ ଅଣକୃଷି କାର୍ଯ୍ୟରେ ନିୟୋଜିତ ଅଛନ୍ତି । ସେହିଭଳି ମାତ୍ର ୨୫ ପ୍ରତିଶତ ଶ୍ରମଶକ୍ତିକୁ ସଂଗଠିତ ମଜୁରୀ ବ୍ୟବସ୍ଥାର ସୁବିଧା ମିଳିପାରୁଥିବା ବେଳେ ୧୪ରୁ ୧୮ ବର୍ଷ ବୟସ୍କ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ମାତ୍ର ୪୩ ପ୍ରତିଶତ ହିଁ କୌଣସି ମୌଳିକ ଗାଣିତିକ ସମସ୍ୟାର ସମାଧାନ କରିବାରେ ସମର୍ଥ ହୋଇଥାନ୍ତି । ପୁନଶ୍ଚ ୩୦ ଲକ୍ଷ ଛାତ୍ରଛାତ୍ରୀଙ୍କ ମଧ୍ୟରୁ କେବଳ ୫ ଲକ୍ଷଙ୍କୁ ହିଁ ଆପ୍ରେଣ୍ଟିସିପ୍ ସୁବିଧା ମିଳିଥାଏ । ସାମଗ୍ରୀ ଓ ସେବା କର ବ୍ୟବସ୍ଥା ପ୍ରଚଳନ ପୂର୍ବରୁ ୬୩ ନିୟୁତ ଉଦ୍ୟୋଗଗୁଡ଼ିକ ମଧ୍ୟରୁ କେବଳ ୭ ନିୟୁତ ଉଦ୍ୟୋଗ ଅପ୍ରତ୍ୟକ୍ଷ ଟିକସ ବ୍ୟବସ୍ଥାରେ ପଞ୍ଜୀକୃତ ଥିଲେ । ସେହିପରି ବିମୁଦ୍ରୀକରଣ ପୂର୍ବରୁ ୧୦୦ କୋଟି ୨୦ ଲକ୍ଷ ନାଗରିକଙ୍କ ମଧ୍ୟରୁ କେବଳ ୧୫ ପ୍ରତିଶତ ବ୍ୟକ୍ତି ଆୟକର ଦେଉଥିଲେ । ଭାରତର ଦାରିଦ୍ର୍ୟର ଉଦ୍ଭବ ହୁଏ ଆମର ନିମ୍ନ ଉତ୍ପାଦକତାରୁ ।

ମୋ' ମତରେ ଉତ୍ପାଦକତା ବୃଦ୍ଧି ପାଇଁ ଯେଉଁ ତିନୋଟି ଜିନିଷ ଆବଶ୍ୟକ ତା' ହେଉଛି ଶିକ୍ଷା, ନିଯୁକ୍ତି ଯୋଗ୍ୟତା ଓ କର୍ମନିଯୁକ୍ତି । ଏହା ହେଲେ ହିଁ ଆମେ ଦାରିଦ୍ର୍ୟକୁ କୌଣସି ସଂଗ୍ରହାଳୟ, ଯାହାକି ତା'ର ଅସଲ ସ୍ଥାନ,କୁ ପଠାଇ ପାରିବା । ମୁଁ ଏକଥା ମାନିବାକୁ ପ୍ରସ୍ତୁତ ନୁହେଁ ଯେ ଭାରତରେ କୌଣସି ଚାକିରି ସମସ୍ୟା ରହିଛି । ନିଯୁକ୍ତି ଆଶାୟୀ ପ୍ରତ୍ୟେକଙ୍କୁ ନିଯୁକ୍ତି ମିଳିଛି । ଅବଶ୍ୟ ସେମାନଙ୍କୁ ଆଶାନୁରୂପ ମଜୁରୀ/ ବେତନ ମିଳୁନାହିଁ । ତେଣୁ ଆମକୁ ଏହି ନିଯୁକ୍ତି-



ମଜୁରୀ ସମ୍ପର୍କର ସତ୍ୟତା ଜାଣିବାକୁ ହେବ। ନିଯୁକ୍ତିକୁ ନେଇ ଯଦି ଭାରତର ସମସ୍ୟା ଥା'ନ୍ତା ତା'ହେଲେ ହୁଏତ ଟଙ୍କା ବର୍ଷା କରାହୁଅନ୍ତା। ସପ୍ତାହକୁ କେବଳ ୩ ଦିନ କାର୍ଯ୍ୟ ଦିବସର ବ୍ୟବସ୍ଥା କରାଯାଆନ୍ତା ଏବଂ ଶ୍ରମିକମାନଙ୍କ ଠାରୁ ତାଙ୍କ ଉପକରଣ ଛଡ଼ାଇ ନେଇ ତାଙ୍କ ମୁହଁରେ ଚାମଚ ଗେଞ୍ଜି ଦିଆଯା'ନ୍ତା। କିନ୍ତୁ ଯଦି ମଜୁରୀ/ବେତନକୁ ସମସ୍ୟା ଭାବେ ଧରାଯାଏ, ତେବେ ଉତ୍ପାଦକତାର ଗତି ଭିନ୍ନ ହେବ-ସହରୀକରଣ, ଉଦ୍ୟୋଗୀକରଣ ଓ ଆର୍ଥିକ ଅନ୍ତର୍ଭୁକ୍ତିକରଣର ଦିଗ ହିଁ ବଦଳିଯିବ। ଭାରତର ଉତ୍ପାଦକତା ବୃଦ୍ଧି କରିବାକୁ ହେଲେ ୫୦ ପ୍ରତିଶତ ଶ୍ରମ ଶକ୍ତିକୁ ସଂଗଠିତ ବ୍ୟବସ୍ଥା ମଧ୍ୟକୁ ଆଣିବାକୁ ହେବ। ବର୍ତ୍ତମାନ ଏହା ମାତ୍ର ୨୫ ପ୍ରତିଶତ ରହିଛି। ଏହା ସହିତ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ସହରଗୁଡ଼ିକର ସଂଖ୍ୟା ୫୦ରୁ ୨୦୦କୁ ବୃଦ୍ଧି କରିବାକୁ ପଡ଼ିବ, ଆମ ଶ୍ରମଶକ୍ତିର ଯେଉଁ ୫୦ ପ୍ରତିଶତ ବ୍ୟକ୍ତି କୃଷି କ୍ଷେତ୍ରରେ ନିୟୋଜିତ ଅଛନ୍ତି ତାକୁ ୧୦ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ କରିବାକୁ ପଡ଼ିବ ଓ ସୁନା ଏବଂ ଜମି ମାଧ୍ୟମରେ ବର୍ତ୍ତମାନ ଯେଉଁ ୯୦ ପ୍ରତିଶତ ସଞ୍ଚୟ କରାଯାଉଛି ତାହାକୁ ୫୦ ପ୍ରତିଶତକୁ ହ୍ରାସ କରିବାକୁ ପଡ଼ିବ।

**ସଂଗଠିତ ବ୍ୟବସ୍ଥା:**

ଉପରଠାଉରିଆ ଭାବେ ଦେଖିଲେ ଭାରତର ଉଦ୍ୟମିତା ପରିବେଶ ବେଶ୍ ଭଲ ବୋଲି ପ୍ରତୀୟମାନ ହୁଏ। କାରଣ ଆମ ଶ୍ରମ ଶକ୍ତିର ୫୦ ପ୍ରତିଶତ ଆତ୍ମନିଯୁକ୍ତି ଭିତ୍ତିରେ କାମ କରୁଛନ୍ତି ଓ ପ୍ରତ୍ୟେକ ୪ ଜଣ ଅଣକୃଷିକ୍ଷେତ୍ରର ଶ୍ରମିକଙ୍କ ପାଇଁ ଗୋଟିଏ ଉଦ୍ୟୋଗ ରହିଛି। କିନ୍ତୁ ଆମର ଅଧିକାଂଶ ଉଦ୍ୟୋଗ ଅତି ଛୋଟ। ଭାରତରେ ଥିବା ଉଦ୍ୟୋଗଗୁଡ଼ିକ ମଧ୍ୟରୁ ମାତ୍ର ୧୧ ପ୍ରତିଶତ ଉଦ୍ୟୋଗରେ ହିଁ ୨୦୦ ଜଣ ବ୍ୟକ୍ତି କର୍ମନିଯୁକ୍ତି ପାଇଥାନ୍ତି। ଚୀନ୍‌ରେ ଏହା ୫୨ ପ୍ରତିଶତ। ଏହି କାରଣରୁ ବିନିର୍ମାଣ କ୍ଷେତ୍ରରେ ଆକାର ଅନୁସାରେ ଦଶମ ସ୍ଥାନରେ ଥିବା ଉଦ୍ୟୋଗ ଓ ୯୦ ତମ ସ୍ଥାନରେ ଥିବା ଉଦ୍ୟୋଗର ଉତ୍ପାଦକତା ଦକ୍ଷତା ଭିତରେ ୨୨ ଗୁଣ ପାର୍ଥକ୍ୟ ରହିଛି। ଉଲ୍ଲେଖନୀୟ ଯେ, ଆମ ଶ୍ରମ ଶକ୍ତିର ୪୦ ପ୍ରତିଶତ ଲୋକ ଅତି ଗରିବ, ଯେଉଁମାନେ ବଞ୍ଚିବା ପାଇଁ ଅର୍ଥ ଉପାର୍ଜନ ତ ଯଥେଷ୍ଟ କରିପାରନ୍ତି କିନ୍ତୁ ଦାରିଦ୍ର୍ୟର ପରିଧି ଭିତରୁ ବାହାରି ପାରନ୍ତି ନାହିଁ।

ଭାରତର ଅଧିକାଂଶ ଉଦ୍ୟୋଗର ଉତ୍ପାଦକତା ଯଥେଷ୍ଟ ହେଉନଥିବାରୁ ସେମାନେ ଅଧିକ ମଜୁରୀ ପ୍ରଦାନ କରିପାରୁନାହାନ୍ତି। ଦେଶର ୬.୩ କୋଟି ଉଦ୍ୟୋଗ ମଧ୍ୟରୁ ୧.୨ କୋଟି ଉଦ୍ୟୋଗ ପାଖରେ କୌଣସି କାର୍ଯ୍ୟାଳୟ ନାହିଁ, ଯଦ୍ଦ୍ୱାରା ସେମାନେ ଘରେ ହିଁ ନିଜର କାର୍ଯ୍ୟ ପରିଚାଳନା କରନ୍ତି। ଏଗୁଡ଼ିକ ମଧ୍ୟରୁ ଜିଏସ୍‌ଟି ବ୍ୟବସ୍ଥା ପୂର୍ବରୁ କେବଳ ୭୦ ଲକ୍ଷ ଉଦ୍ୟୋଗ ହିଁ ଟିକସ ବ୍ୟବସ୍ଥାରେ ହିଁ ପଞ୍ଜୀକୃତ ହୋଇଥିଲେ। କେବଳ ୧୪ ଲକ୍ଷ ଉଦ୍ୟୋଗ ହିଁ ବାଧ୍ୟତାମୂଳକ 'ନିଯୁକ୍ତିଦାତା ସାମାଜିକ ସୁରକ୍ଷା ଦେୟ' ସୁନିଶ୍ଚିତ କରନ୍ତି ଏବଂ ମାତ୍ର ୧୦ ଲକ୍ଷ ଉଦ୍ୟୋଗ କମ୍ପାନି ଭାବେ ପଞ୍ଜୀକୃତ ହୋଇଛନ୍ତି। ଦୁର୍ଭାଗ୍ୟର ବିଷୟ ଯେ, କେବଳ ୧୭୫୦୦ଟି କମ୍ପାନିର ପ୍ରତିଷ୍ଠା-ପୁଞ୍ଜି ୧୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ। ଅଭିବୃଦ୍ଧିରୋଧକ ଭାରତୀୟ ପାରମ୍ପାରିକ ନିୟନ୍ତ୍ରଣ ବ୍ୟବସ୍ଥା ହିଁ ଏଥିପାଇଁ ଦାୟୀ। ହେଲେ ଜିଏସ୍‌ଟି ବ୍ୟବସ୍ଥା ଏଥିରେ ପରିବର୍ତ୍ତନ ଆଣିପାରିଛି। ଏହା ଲାଗୁହେଲା ପରେ ଅପ୍ରତ୍ୟକ୍ଷ ଟିକସ ବ୍ୟବସ୍ଥାରେ ପଞ୍ଜୀକୃତ କମ୍ପାନୀଙ୍କ ସଂଖ୍ୟା ୫୦ ପ୍ରତିଶତ ବୃଦ୍ଧି ପାଇଛି। ଖୁବ୍‌ଶୀଘ୍ର ଏଗୁଡ଼ିକର ସଂଖ୍ୟା ୧୫ ନିୟୁତ ଛୁଇଁବ। ବ୍ୟବସାୟିକ ବାତାବରଣରେ ଉନ୍ନତି ଆସିଲେ ନୂଆ ନୂଆ ଉଦ୍ୟୋଗଗୁଡ଼ିକର ଏକ ପ୍ରକାରର ବିସ୍ଫୋରଣ ସୃଷ୍ଟି ହେବ ଏବଂ ପୂର୍ବରୁ ଥିବା ଉଦ୍ୟୋଗଗୁଡ଼ିକର ଉତ୍ପାଦକତା ବଢ଼ାଇବାରେ ସହାୟକ ହେବ। ଏଥିପାଇଁ ବୈଚାରିକ ପରିବର୍ତ୍ତନ ସହ ଗ୍ୟାରେଣ୍ଟି ରହିତ ଋଣ ସୁବିଧା, ଶ୍ରମ ଓ ଟିକସ ସମ୍ପର୍କିତ 'ଇନ୍ସପେକ୍ଟର ରାଜ୍'ର ଉଚ୍ଛେଦ, ସାମଗ୍ରୀ ଓ ସେବା କର ବ୍ୟବସ୍ଥାର ସରଳୀକରଣ, ଭେଞ୍ଚର କ୍ୟାପିଟାଲ୍ ଉଦ୍ୟୋଗଗୁଡ଼ିକୁ ପ୍ରୋତ୍ସାହନ ଓ ସର୍ବୋପରି ନିଯୁକ୍ତିଦାତା ଓ ନିଯୁକ୍ତ ବ୍ୟକ୍ତି ତଥା ନିଯୁକ୍ତ ବ୍ୟକ୍ତି-ସରକାରଙ୍କ ମଧ୍ୟରେ ଏକ କାଗଜମୁକ୍ତ, ଶାରିରୀକ ଉପସ୍ଥିତିମୁକ୍ତ ଓ ନଗଦ ରହିତ ଆପୋଷ ଆଲୋଚନା ବ୍ୟବସ୍ଥା ଆଦି ସୃଷ୍ଟି କରାଯିବା ଉଚିତ୍।

**ସହରୀକରଣ:**

ଏକ କଠିନ ପ୍ରଶ୍ନ ହେଉଛି ଯେ ଭାରତ ତା'ର ଜନସାଧାରଣଙ୍କୁ ଚାକିରି ପାଖରେ ପହଞ୍ଚାଇବ ନା ଚାକିରିକୁ ଜନସାଧାରଣଙ୍କ ପାଖରେ ହାଜର କରିବ ? ରାଜନୈତିକ କଳ୍ପନାରେ ସବୁବେଳେ ଜନସାଧାରଣଙ୍କ ପାଖରେ 'ଚାକିରି' ଉପଲବ୍ଧ କରାଯାଏ କିନ୍ତୁ ବିକାଶ ପରିପ୍ରେକ୍ଷୀରେ ସବୁବେଳେ ଜନସାଧାରଣଙ୍କୁ ହିଁ 'ଚାକିରି' ପାଖକୁ ନିଆଯାଏ। କାରଣ ଚାକିରି ପାଇଁ ଏକ ଉର୍ବର ବାସସ୍ଥାନ ନିର୍ମାଣ କରିବା ସହଜ ନୁହେଁ। ଭାରତରେ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ କେବଳ ୫୦ଟି ସହର ଥିବାବେଳେ ଚୀନ୍‌ରେ ଏହାର ସଂଖ୍ୟା ହେଉଛି ୩୭୫। ଆମେ ଚୀନ୍ ଭଳି ନୂଆବର୍ଷ

ପାଳନ କରୁନାହାଁନ୍ତି। ସେ ସମୟରେ ସେଠାରେ ସପ୍ତାହନ୍ତ ୪ ଦିନ ଛୁଟି ହୁଏ। ଯେତେବେଳେ ୨୦ କୋଟି ଲୋକ, ଯେଉଁମାନଙ୍କୁ 'ଚାକିରି' ପାଖକୁ ଅଣାଯାଇଥିଲା, ସେମାନେ ଟ୍ରେନ୍ ଟିକଟ କିଣି ନିଜ ନିଜ ଗୃହ ଅଭିମୁଖେ ଯାତ୍ରା କରନ୍ତି- ସେ ଦୀପାବଳି ହେଉ କିମ୍ବା ଛଟ୍, ଇଦ୍ ବା ଖ୍ରୀଷ୍ଟମାସ୍ ହେଉ। ଆମ ପାଖରେ ୬ ଲକ୍ଷ ଗ୍ରାମ ଅଛି, ଯେଉଁଥିରୁ ୨ ଲକ୍ଷ ଗ୍ରାମର ଜନସଂଖ୍ୟା ପ୍ରତ୍ୟେକ ଠାରେ ୨୦୦ରୁ କମ୍। ଏଥିରୁ ସହଜରେ ଅନୁମେୟ ଯେ ଏଗୁଡ଼ିକ କୌଣସି ନିଯୁକ୍ତି ସୁଯୋଗ ସୃଷ୍ଟି କରିପାରନ୍ତି ନାହିଁ। ଏଭଳି ସ୍ୱଳ୍ପ ସହରୀକରଣର ଅନିଚ୍ଛାକୃତ ଫଳ ହେଉଛି ସହରଗୁଡ଼ିକରେ ମଜୁରୀକୁ ନେଇ ଦେଖା ଦେଉଥିବା ବ୍ୟବଧାନ। ଗ୍ୱାଲିଅରଠାରେ ଅନୁଷ୍ଠିତ ଏକ ନିଯୁକ୍ତି ମେଳାରେ ଜଣେ ନିଯୁକ୍ତି ଆଶାୟୀ ବାଳକ ମତେ ମାସିକ ୪୦୦ ଟଙ୍କା ମାଗିଲା ବେଳେ ଗୁରୁଗ୍ରାମରେ ୬ ହଜାର ଟଙ୍କା, ଦିଲ୍ଲୀରେ ୯ ହଜାର ଟଙ୍କା ଓ ମୁମ୍ବାଇରେ ୧୮ ହଜାର ଟଙ୍କା ମାଗେ। ଏହାର ଅର୍ଥ ହେଉଛି ଯେ ସେ ମୋତେ ମଜୁରୀ ମାଗୁନାହିଁ, ବରଂ ପ୍ରତିପୂରଣ ମାଗୁଛି।

ଆଗାମୀ ଦୁଇଦଶନ୍ଧି ଭିତରେ ଆମେ ଦିଲ୍ଲୀ, ମୁମ୍ବାଇ ଓ ବାଙ୍ଗାଲୋର ସହରକୁ ଆଉ ଅଧିକ ଲୋକ ନ ପଠାଇ ଦିଲ୍ଲୀ ସମୀପବର୍ତ୍ତୀ ଗୁରୁଗାଓଁ, ହାଇଦ୍ରାବାଦ ନିକଟବର୍ତ୍ତୀ ଗାଚିବଉଲି, ପୁଣେ ପାଖରେ ଥିବା ମଗରପଟା, ବାଙ୍ଗାଲୋର ନିକଟବର୍ତ୍ତୀ ହ୍ୱାଇଟ୍ ଫିଲ୍ଡ ଓ ଚଣ୍ଡିଗଡ଼ ସମୀପବର୍ତ୍ତୀ ମୋହାଲି ଠାରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଉଚିତ୍।

**ଉଦ୍ୟୋଗୀକରଣ:**

ଭାରତରେ ବହୁତ ଅଧିକ ଲୋକ କୃଷି କାର୍ଯ୍ୟରେ ଲିପ୍ତ (ଶ୍ରମ ଶକ୍ତିର ୫୦ ଭାଗ), ବହୁତ ଅଧିକ ଲୋକ ଆତ୍ମ ନିଯୁକ୍ତ (ଶ୍ରମ ଶକ୍ତିର ୫୦ ଭାଗ) କିନ୍ତୁ ବିନିର୍ମାଣ କ୍ଷେତ୍ରରେ ବହୁତ କମ୍ ଲୋକ ନିୟୋଜିତ ଅଛନ୍ତି (ଶ୍ରମ ଶକ୍ତିର ମାତ୍ର ୧୧ ପ୍ରତିଶତ)। ଏହି ତିନୋଟିଯାକ କ୍ଷେତ୍ର ପରସ୍ପର ସହ ସଂଶ୍ଳିଷ୍ଟ। ଅଣକୃଷି କ୍ଷେତ୍ରରେ ନିଯୁକ୍ତି ସୁଯୋଗ ଅଭାବରୁ କୃଷି କ୍ଷେତ୍ରରୁ ଅଣକୃଷି କ୍ଷେତ୍ରକୁ ପ୍ରବାସନ ସମ୍ଭବ ହୋଇ ପାରୁନାହିଁ। ଗରିବ ମାନେ ବେକାର ରହିପାରିବେ ନାହିଁ, ତେଣୁ ସେମାନେ ଆତ୍ମନିଯୁକ୍ତିକୁ ଆପଣେଇ ନିଅନ୍ତି। ସମସ୍ତେ ଉଦ୍ୟୋଗୀ ମଧ୍ୟ ହୋଇପାରିବେ ନାହିଁ। ଆତ୍ମନିଯୁକ୍ତ ଥିବା ଲୋକମାନଙ୍କ ୫୦ ପ୍ରତିଶତ ହେଉଛନ୍ତି ଗରିବ ଶ୍ରମଜୀବୀ, ଯେଉଁମାନଙ୍କୁ କୌଣସି ମଜୁରୀଭିତ୍ତିକ କାମ ମିଳିପାରୁନାହିଁ। କୃଷି ଓ ଆତ୍ମନିଯୁକ୍ତି କ୍ଷେତ୍ରରେ ଯାହା ଘଟେ, ଋଷୀୟ ଅର୍ଥନୀତିଜ୍ଞ ଚାୟା ନୋଭଙ୍କ ଭାଷାରେ ତା' ହେଉଛି 'ଆତ୍ମ ଶୋଷଣ'। କାରଣ ଛୋଟ ଛୋଟ ଧନ୍ଦା ବା ବୃତ୍ତିର କଳେବର ସୀମିତ ଥିବାରୁ ସେଗୁଡ଼ିକ ଧାରଣକ୍ଷମ ହୋଇପାରନ୍ତି। ଅର୍ଥାତ୍ ଏଥିରେ ନିୟୋଜିତ ନିଜେ ନିଜକୁ ବା ପତ୍ନୀଙ୍କୁ ବା ପିଲାଛୁଆଙ୍କୁ କୌଣସି ଦରମା ଦେବାକୁ ପଡ଼େନାହିଁ। କିନ୍ତୁ ଭାରତୀୟମାନେ ଆତ୍ମନିଯୁକ୍ତିକୁ ନେଇ ଥକି ସାରିଲେଣି। ସେଥିପାଇଁ ସଂଗଠିତ ବ୍ୟବସ୍ଥା ଅଧିନରେ ଅଧିକ ମଜୁରୀଭିତ୍ତିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ସହିତ ବିନିର୍ମାଣ କ୍ଷେତ୍ରରେ ମଧ୍ୟ ଅନୁରୂପ ବ୍ୟବସ୍ଥା କରିବା ବିଧେୟ।

**ମୁଦ୍ରୀକରଣ:**

ପାରମ୍ପରିକ ଭାବେ ଭାରତୀୟମାନେ ଜମିଜମା ଆଦିରେ ନିଜ ସଞ୍ଚୟକୁ ରଖିଥାନ୍ତି ଓ କୌଣସି ଉଦ୍ୟୋଗ ସ୍ଥାପନ ପାଇଁ ବ୍ୟାଙ୍କ୍‌ରୁ ଋଣ ଆଣିଥାନ୍ତି। ଏହାଦ୍ୱାରା ରିଅଲ୍ ଇଷ୍ଟେଟ୍‌ର ଭ୍ରମାତ୍ମକ ମୂଲ୍ୟାୟନ ହୁଏ। ଅର୍ଥାତ୍ ଆମେ ବିଶ୍ୱରେ ଖୁବ୍ ଅଳ୍ପ କେତୋଟି ଦେଶ ମଧ୍ୟରୁ ଗୋଟିଏ ଦେଶ, ଯେଉଁଠାରେ ଭଡ଼ାରେ ମିଳୁଥିବା ଆୟ ଓ ବ୍ୟାଙ୍କ୍ ସୁଧ ଭିତରେ କୌଣସି ସାମଞ୍ଜସ୍ୟ ନଥାଏ। ଏହାସହ ଆମ ପାଖରେ ଗୋଟିଏ ବଣ୍ଡ୍ ବଜାର ମଧ୍ୟ ନାହିଁ ଓ ବେସରକାରୀ ବ୍ୟାଙ୍କ୍‌ଗୁଡ଼ିକର ପରିସର ମଧ୍ୟ ଅତି ସୀମିତ। ବାସ୍ତବରେ କହିବାକୁ ଗଲେ ବିମୁଦ୍ରୀକରଣ ଯୋଗୁଁ ବ୍ୟାପକ ମୁଦ୍ରୀକରଣ ସମ୍ଭବ ହୋଇପାରିଥିଲା। କାରଣ ଏହାଦ୍ୱାରା ୧୮ ଲକ୍ଷ କୋଟି ନୂତନ ଋଣ ସାମର୍ଥ୍ୟ ସୃଷ୍ଟି ହେବା ସହ ୧୫ କୋଟି ନୂତନ ମାସିକ ଡିଜିଟାଲ୍ କାରବାର, ୩ ଲକ୍ଷ କୋଟି ନୂତନ ବିତ୍ତୀୟ ସଞ୍ଚୟ ଓ ସ୍ୱଳ୍ପ ସୁଧ ହାର ଆଦି ସମ୍ଭବପର ହୋଇପାରିଥିଲା।

**ମାନବସମ୍ବଳ:**

ଆମ ଶିକ୍ଷା ଓ ନିଯୁକ୍ତି ଦକ୍ଷତାର ଆମୂଳଚୂଳ ପରିବର୍ତ୍ତନ ଲୋଡ଼ା। କିନ୍ତୁ ଗୁଣବତ୍ତା, ପରିମାଣ ଓ ଅନ୍ତର୍ଭୁକ୍ତୀକରଣକୁ ନେଇ ଆମର ଲକ୍ଷ୍ୟଗୁଡ଼ିକ ବିରୋଧାଭାଷୀ। କାର୍ଯ୍ୟ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନର ମାନେ ହେଉଛି ଶିକ୍ଷା ଓ ନିଯୁକ୍ତି ଦକ୍ଷତା କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ। ଜାଣିବା ଅପେକ୍ଷା ଶିଖିବା ହେଉଛି ଅଧିକ ଗୁରୁତ୍ୱପୂର୍ଣ୍ଣ (ଗଗୁଲ୍ ସବୁକିଛି ଜାଣେ)। କାର୍ଯ୍ୟ କ୍ଷେତ୍ରରେ ପରିବର୍ତ୍ତନ (ଅଟୋମେସନ୍, ଯାନ୍ତ୍ରିକ ଶିକ୍ଷା, କୃତ୍ରିମ ବୁଦ୍ଧିମତ୍ତା) ଅର୍ଥାତ୍ ନୂତନ ନିଯୁକ୍ତି କ୍ଷେତ୍ରରେ ପଢ଼ିବା, ଲେଖିବା ଓ ଗଣିତର ଆବଶ୍ୟକତା ଅନୁଭୂତ କରିବା। ତେଣୁ ଆମକୁ ଜ୍ଞାନ ପାଖରୁ ଶିକ୍ଷାଆଡ଼କୁ ମୁହାଁଇବା ଦରକାର- ନିବେଶ ପରିବେର୍ତ୍ତ ଉତ୍ପାଦକତାର ଆକଳନଆଡ଼କୁ ଅଗ୍ରସର ହେବା ଦରକାର। କାରଣ ଏଠାରେ କେବଳ ପୁଞ୍ଜିର ଯୋଗଦାନ ନଥାଏ।

ଶିକ୍ଷା, ନିଯୁକ୍ତି ଦକ୍ଷତା ଓ ନିଯୁକ୍ତିକୁ ନେଇ ଆମର ଅତୀତ ଦୃଷ୍ଟିଭଙ୍ଗୀ ମୁକାବିଲାଧର୍ମୀ ନ ହୋଇ ପଳାୟନଧର୍ମୀ ଥିଲା। ଦାୟିତ୍ୱବୋଧ ପରିବର୍ତ୍ତେ ଅଭିଯୋଗ ଥିଲା। ଘାଲିବ୍‌ଙ୍କ ଭାଷାରେ- "ଉମ୍ରଭର ଘାଲିବ୍ ଯହି ଭୁଲ୍ କର୍‌ତା ରହା / ଧୁଲ୍ ଚେହେରେ ପେ ଥୀ, ଔର ଆଇନା ସାଫ୍ କର୍‌ତା ରହା।" ଅର୍ଥାତ୍ ମୁହଁରେ ଲାଗିଥିବା ଧୂଳି ସଫା ନକରି ଦର୍ପଣକୁ ସଫା କରିବା ଭଳି ଭୁଲ୍ କରିବସିବା। ଭାରତର ନିମ୍ନ ଉତ୍ପାଦକତା ଓ ଦାରିଦ୍ର୍ୟ ପଛରେ ଅନେକ କାରଣ ରହିଛି। କିନ୍ତୁ ଏଥିରେ ପରିବର୍ତ୍ତନ ଆଣିବା ପାଇଁ ଆମ ପାଖରେ ସହରୀକରଣ, ଉଦ୍ୟୋଗୀକରଣ, ମୁଦ୍ରୀକରଣ ଓ ମାନବସମ୍ବଳ ପରି ଉପକରଣମାନ ମଧ୍ୟ ରହିଛି। କାର୍ଲ ମାକ୍ସ୍‌ଙ୍କ ଭାଷାରେ- "ଦାର୍ଶନିକମାନେ ପୃଥିବୀକୁ ହଜାରେ ପ୍ରକାରେ ବର୍ଣ୍ଣନା କରିଛନ୍ତି। କିନ୍ତୁ ଅସଲ କଥା ହେଉଛି ପୃଥିବୀରେ ପରିବର୍ତ୍ତନ ଆଣିବା ଦରକାର।"

ଲେଖକ ହେଉଛନ୍ତି ଟିମ୍ ଲିଜ୍ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍‌ର ଅଧ୍ୟକ୍ଷ। *E-mail: manish@teamlease.com*

**ପ୍ରତିଯୋଗିତା ଦକ୍ଷତା ବୃଦ୍ଧି**

**କୁଶଳୀ ଯୁବଗୋଷ୍ଠୀ**

# ଜନସଂଖ୍ୟାରୁ ଫାଇଦା ଉଠାଇବାର ସମୟ

● କେ.ପି. କୃଷ୍ଣନ୍



କାମ ଉଦ୍ଦେଶ୍ୟରେ ଭାରତୀୟ ଶ୍ରମିକଙ୍କ ଆତଯାତ ଓ ପରିଭ୍ରମଣ ଦକ୍ଷତା ବୃଦ୍ଧିକୁ ଲକ୍ଷ୍ୟରେ ରଖି ବହୁମୁଖୀ ଦକ୍ଷତା ବିକାଶ କେନ୍ଦ୍ରମାନ (ପ୍ରଧାନମନ୍ତ୍ରୀ କୁଶଳ କେନ୍ଦ୍ର) ଦେଶର ୪୬୦ ଜିଲ୍ଲାରେ ଖୋଲାଯାଉଛି। ଏହାଫଳରେ ବିଭିନ୍ନ ବୃତ୍ତିରେ ତାଲିମପ୍ରାପ୍ତ ଶ୍ରମିକଙ୍କ ସଂଖ୍ୟା ବଢ଼ିବ ଏବଂ ବିଶ୍ୱ ଶ୍ରମ ବଜାରରେ ସେମାନଙ୍କ ଚାହିଦା ବୃଦ୍ଧି ପାଇବ।

ଭାରତ ଏବେ ଜନସଂଖ୍ୟା ଦୃଷ୍ଟିରୁ ଏକ ସନ୍ଧିକ୍ଷଣ ଦେଇ ଗତିକରୁଛି। ଦେଶର ମୋଟ୍ ଲୋକସଂଖ୍ୟାର ହାରାହାରି ବୟସ ୨୯ବର୍ଷ। ଏହାର ଅର୍ଥ ଭାରତ ସମଗ୍ର ବିଶ୍ୱରେ ଜନସଂଖ୍ୟାର ହାରାହାରି ବୟସରେ ସର୍ବକନିଷ୍ଠ। ଏହା ଏକ ବଡ଼ ସୁଯୋଗ ଭାରତ ପାଇଁ ଆଣିଛି। ଏହି ଯୁବ ଲୋକଶକ୍ତିକୁ ଆବଶ୍ୟକ ପ୍ରଶିକ୍ଷଣ ଓ ତାଲିମ ପ୍ରଦାନ କରି ଦେଶ ପାଇଁ ସୁଦକ୍ଷ ଲୋକଶକ୍ତି ଯୋଗାଣ ନିଶ୍ଚିତ କରିବା ସହ ପାଶ୍ଚାତ୍ୟର ବୟସ୍କ ଅର୍ଥନୀତି ପାଇଁ ଦକ୍ଷ, କୁଶଳୀ ମାନବସମ୍ବଳ ଯୋଗାଇ ଦେବାର ସମୟ ଆସିଛି। ୨୦୧୬-୧୭ ଅର୍ଥନୈତିକ ସର୍ଭେ ରିପୋର୍ଟ ଅନୁସାରେ ୧୯୫୦ପରେ ପ୍ରଥମ ଥର ପାଇଁ ଜନସଂଖ୍ୟାର କାମକରିବାର ମିଶ୍ରିତ ବୟସ ବା କମ୍ବାଇଣ୍ଡ୍ ୱାର୍କିଂଏଜ୍ (୧୫-୫୯ ବର୍ଗରେ) ବିଶ୍ୱର ସବୁ ଅଗ୍ରଣୀ ଦେଶରେ ହ୍ରାସ ପାଇଛି। ଚୀନ୍ ଓ ରୁଷିଆରେ ଏହି ବୟସ ୨୦ ଶତାଂଶ ଯାଏ କମିଛି। ଅନ୍ୟ ପକ୍ଷରେ ଭାରତରେ ଯୁବବର୍ଗର ଲୋକଙ୍କ ସଂଖ୍ୟା ୨୮ ଶତାଂଶ ରହିଛି। ଫଳରେ କାର୍ଯ୍ୟକାରୀ ବୟସ ବର୍ଗରେ ଲୋକଙ୍କ ସଂଖ୍ୟା କ୍ରମଶଃ ବଢୁଛି। ୨୦୪୦ ସୁଦ୍ଧା ଏହି ସଂଖ୍ୟା ଶିଖରରେ ପହଞ୍ଚିବ ବୋଲି ଆକଳନ କରାଯାଉଛି।

ଦେଶର ରାଜ୍ୟସମୂହଙ୍କ ଜନସଂଖ୍ୟାର ରୂପରେଖ ଓ ବିବର୍ତ୍ତନରେ ବ୍ୟାପକ ବିସଂଗତି ରହିଛି। ଉପଦ୍ୱୀପୀୟ ଭରତର ରାଜ୍ୟ ସମୂହ (ପଶ୍ଚିମବଙ୍ଗ, କେରଳ, କର୍ଣ୍ଣାଟକ, ତାମିଲନାଡୁ, ଗୁଜରାଟ, ଆନ୍ଧ୍ରପ୍ରଦେଶ ଓ ଓଡ଼ିଶା) ତଥା ଅଣ ଉପକୂଳ / ଆଭ୍ୟନ୍ତରୀଣ ରାଜ୍ୟ ଯଥା ମଧ୍ୟପ୍ରଦେଶ, ରାଜସ୍ଥାନ, ଉତ୍ତରପ୍ରଦେଶ ଓ ବିହାର ଆଦି ରାଜ୍ୟର



ଜନସଂଖ୍ୟା ମଧ୍ୟରେ ଏକ ସ୍ପଷ୍ଟ ବିଭାଜନ ରେଖା ବିଭିନ୍ନ ଦୃଷ୍ଟିରୁ ଦୃଶ୍ୟମାନ। ଉପକୂଳବର୍ତ୍ତୀ ରାଜ୍ୟ ସମୂହର ବିକାଶ ଢାଞ୍ଚାରେ ବିକଶିତ ଅର୍ଥନୀତିର ସାମଞ୍ଜସ୍ୟ ରହିଛି। ସେ କଥା ଅଣତଟବର୍ତ୍ତୀ ରାଜ୍ୟରେ ନାହିଁ। ଦେଶର ଅଣତଟବର୍ତ୍ତୀ ରାଜ୍ୟସମୂହ ଅପେକ୍ଷାକୃତ ଯୁବ ଓ ଦକ୍ଷ ଲୋକଶକ୍ତିରେ ସମୃଦ୍ଧ। ଏସବୁ ରାଜ୍ୟରେ ଯୁବବର୍ଗର ଶ୍ରମିକଙ୍କ ସଂଖ୍ୟା ଅଧିକ। ଲୋକସଂଖ୍ୟାର ଏହି ବିଶେଷତ୍ୱ ଆମ ପାଇଁ ଏକେ ଭଲ ସୁଯୋଗ ଆଣିଛି ନିଶ୍ଚୟ; କିନ୍ତୁ ତାହାର ସଦୁପଯୋଗ ପାଇଁ ସଂପୃକ୍ତ ଯୁବଶକ୍ତିକୁ ଦକ୍ଷ, ନିଯୁକ୍ତି ଉପଯୋଗୀ କରିବାକୁ ଆବଶ୍ୟକ ତାଲିମ, ପ୍ରଶିକ୍ଷଣ ଓ ଶିକ୍ଷା ଦେବାକୁ ପଡ଼ିବ। ଏହାଦ୍ୱାରା ଉତ୍ପାଦକତା ବଢ଼ିବା ସହ ଅର୍ଥନୀତି ମଧ୍ୟ ପ୍ରତିଯୋଗିତା କରିବାକୁ ସକ୍ଷମ ହେବ।

ଉଇବକ୍ସ ଦ୍ୱାରା ପ୍ରକାଶିତ ଇଣ୍ଡିଆ ସ୍କିଲ ରିପୋର୍ଟ ୨୦୧୮ର ତଥ୍ୟ ଅନୁସାରେ ଦେଶର ଉଚ୍ଚଶିକ୍ଷାନୁଷ୍ଠାନରୁ ଡିଗ୍ରୀ / ଡିପ୍ଲୋମା ଧରି ଆସୁଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରୁ ମାତ୍ର ୪୬ ଶତାଂଶ ନିଯୁକ୍ତି ଯୋଗ୍ୟ। ଏହି କାରଣରୁ ଦେଶରେ ଦକ୍ଷ ଲୋକଶକ୍ତିର ଅଭାବ ପଡୁଛି ବା ଏଥିରେ ଅମେଳ ପରିଲକ୍ଷିତ ହେଉଛି। ଉପଯୁକ୍ତ ଲୋକଶକ୍ତି ମିଳୁ ନ ଥିବାରୁ ତୁଳନାତ୍ମକ ଭାବେ ସ୍ୱଳ୍ପ ଦକ୍ଷ ଲୋକମାନଙ୍କୁ ନିଯୁକ୍ତି ଦେବାକୁ ପଡୁଛି। ଉଦ୍ୟୋଗ ଓ ଶିଳ୍ପ ସଂସ୍ଥା ଦକ୍ଷ ଲୋକଶକ୍ତିର ଅଭାବ କଥା କହୁଥିବାବେଳେ ଶିକ୍ଷିତ ଯୁବକଯୁବତୀଙ୍କୁ ଉପଯୁକ୍ତ ନିଯୁକ୍ତି ମିଳୁନାହିଁ। ବାସ୍ତବରେ ଦକ୍ଷତାର ଅଭାବ ଦେଶରେ ଏକ ପରସ୍ପର ବିରୋଧୀ ପରିସ୍ଥିତି ସୃଷ୍ଟି କରିଛି।

ଏନ୍ଏସ୍‌ଡିସି ଦ୍ୱାରା କରାଯାଇଥିବା ଦକ୍ଷତା ବ୍ୟବଧାନ ଅନୁଧ୍ୟାନ ରିପୋର୍ଟ ଅନୁସାରେ ୨୦୨୨ସୁଦ୍ଧା ଦେଶର ଅର୍ଥନୀତିର ୨୪ଟି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ୧୦୯.୭୩ ନିୟୁତ ଦକ୍ଷ ଲୋକଶକ୍ତିର ଆବଶ୍ୟକତା ପଡ଼ିବ। ଏଥିରୁ ଦକ୍ଷତା ବିକାଶ ନିଯୁକ୍ତିର ଏକ ଅପରିହାର୍ଯ୍ୟ ଆବଶ୍ୟକତା



ହୋଇଥିବା ଜଣାଯାଏ। ତା' ନ ହେଲେ ଅର୍ଥନୈତିକ ବିକାଶର ଯୋଜନା ପ୍ରସ୍ତୁତି ସମ୍ଭବ ହୋଇପାରିବ ନାହିଁ। ଅତଏବ ଦେଶରେ ଅର୍ଥନୀତିର ବିକାଶ ପାଇଁ ଉପଯୁକ୍ତ, ଦକ୍ଷ ଓ ଯୋଗ୍ୟ ଲୋକଶକ୍ତି ସୃଷ୍ଟି ସହ ନିଯୁକ୍ତି ସୁଯୋଗ ସୃଷ୍ଟିକୁ ଯୋଡ଼ିବାକୁ ପଡ଼ିବ। ଯୁବ ସମାଜର ଆଶା ଆକାଂକ୍ଷା ପୂରଣ ପାଇଁ ଆମକୁ ଏକ ଉପଯୁକ୍ତ ପରିବେଶ ସୃଷ୍ଟି କରିବାକୁ ହେବ। ସର୍ବାଧିକ ମାନବସମ୍ବଳ ବିନିଯୋଗ କ୍ଷେତ୍ରରେ ଯେଉଁସବୁ ସମସ୍ୟା ରହିଛି ତାହାର ସମାଧାନ ଉପରେ ମଧ୍ୟ ଗୁରୁତ୍ୱ ଦେବାକୁ ପଡ଼ିବ।

**ପ୍ରମୁଖ ସମସ୍ୟା:**

ଦକ୍ଷ ଲୋକଶକ୍ତି ସୃଷ୍ଟି ପାଇଁ ଉପଯୁକ୍ତ ପରିବେଶ ସୃଷ୍ଟି ସହିତ ଦ୍ରୁତ ଆର୍ଥିକ ଅଭିବୃଦ୍ଧି ଓ ଏହାର ପ୍ରଭାବକୁ ମଧ୍ୟ ବିଚାରକୁ ନେବାକୁ ପଡ଼ିବ। ତେବେ ଏ କ୍ଷେତ୍ରରେ କିଛି ସମସ୍ୟା ରହିଛି। ସେଗୁଡ଼ିକ ହେଲା –

୧) ଭଲ ଶିକ୍ଷାଦୀକ୍ଷା ନ ଥିବା ବିପୁଳ ଯୁବଶକ୍ତି।

୨) ଦକ୍ଷ ଲୋକଶକ୍ତିର ଅଧିକ ଚାହିଦା ଥିବାବେଳେ ନିଯୁକ୍ତିଯୋଗ୍ୟ ଲୋକଙ୍କ ସଂଖ୍ୟା ବହୁତ କମ୍।

୩) ଅଧାରୁ ପାଠଛାଡୁଥିବା ପିଲାଙ୍କୁ ମୌଳିକ ଶିକ୍ଷା ପ୍ରଦାନ କରିବାକୁ ଦ୍ୱିତୀୟ ବାର ସୁଯୋଗ ଦେବା ଓ ସେମାନଙ୍କୁ ଯତ୍‌କିଞ୍ଚିତ୍ ଦକ୍ଷ କରି ଆନୁଷ୍ଠାନିକ କ୍ଷେତ୍ରରେ ନିଯୁକ୍ତି ଉପଯୋଗୀ କରାଇବା।

୪) ଯୁବ ଲୋକସଂଖ୍ୟା ଅନୁପାତରେ ଦେଶର ସବୁଆଡ଼େ ଆବଶ୍ୟକ ସଂଖ୍ୟକ ତାଲିମ ପ୍ରଦାନକାରୀ ଭିତ୍ତିଭୂମି ଓ ସୁବିଧାସୁଯୋଗର ଅଭାବ।

୫) ଆବଶ୍ୟକ ଉତ୍ତମମାନର ପ୍ରଶିକ୍ଷକଙ୍କ ଅଭାବ ଓ ଉତ୍ତମ ପ୍ରଶିକ୍ଷକ ସୃଷ୍ଟି ପାଇଁ ଆବଶ୍ୟକ ମୌଳିକ ସୁବିଧା ସୁଯୋଗର ଅଭାବ।

୬) ବିଭିନ୍ନ ପ୍ରକାର ଆକଳନପରେ ସାର୍ଟିଫିକେଟ ପ୍ରଦାନ ବ୍ୟବସ୍ଥା ଫଳରେ ତାଲିମପ୍ରାପ୍ତ ଲୋକଶକ୍ତିକୁ ନେଇ ନିଯୁକ୍ତିଦାତାଙ୍କ ମଧ୍ୟରେ ଏକ ଭ୍ରାନ୍ତି ସୃଷ୍ଟି ହେଉଛି।

୭) ଅଣଆନୁଷ୍ଠାନିକ / ଅସଂଗଠିତ କ୍ଷେତ୍ରକୁ ଗୁରତ୍ୱ ଏବଂ ବର୍ତ୍ତମାନର ଦକ୍ଷତା ଏବଂ ଆବଶ୍ୟକ ଦକ୍ଷତା ଆକଳନ କରିବାର ଅସୁବିଧା।

୮) ବିଭିନ୍ନ ଉଦ୍ୟୋଗରେ ଦକ୍ଷତା ବିକାଶ ମଧ୍ୟରେ ସମନ୍ୱୟ ରକ୍ଷା ଜନିତ ପ୍ରସଙ୍ଗ।

ଏସବୁ ଆହ୍ୱାନ ଭାରତୀୟ ଅର୍ଥନୀତିର ବିଭିନ୍ନ ଆବଶ୍ୟକତାକୁ ଦର୍ଶାଉଛି। ତାହାର ସମାଧାନ ଉପରେ ଭାରତୀୟ ଯୁବବର୍ଗର ନିଯୁକ୍ତି ଜନିତ ଆଶା ଆକାଂକ୍ଷା ନିର୍ଭର କରେ। ଏହା ମଧ୍ୟ ବିଶ୍ୱ ଦରବାରରେ ଆମ ଶ୍ରମିକଙ୍କ ନିଯୁକ୍ତି ସୁଯୋଗ ଓ ଦକ୍ଷତା ପ୍ରମାଣନ ପାଇଁ ବାଟ କଢ଼ାଇବ।

**ଶାସନସ୍ତରରେ ପରିବର୍ତ୍ତନ:**


ପୂର୍ବ ଶାସନବ୍ୟବସ୍ଥା କାଳରୁ ଦକ୍ଷତା ପରିତନ୍ତ୍ର ଢାଞ୍ଚା ୨୧ଟି ମନ୍ତ୍ରଣାଳୟ ଓ ୪୦ଟି ଯୋଜନା ମଧ୍ୟରେ ବିଭାଜିତ ଥିଲା। ଏଥିରେ ସମନ୍ୱୟ ଆଣିବା ପାଇଁ ୨୦୧୪ ନଭେମ୍ବରରେ ସ୍ୱତନ୍ତ୍ର ଦକ୍ଷତା ବିକାଶ ମନ୍ତ୍ରଣାଳୟ ଗଠନ କରାଯାଇ ନୋଡାଲ ସଂସ୍ଥା ଭାବେ ଏହାର ପ୍ରତ୍ୟକ୍ଷ ନିୟନ୍ତ୍ରଣରେ ଏସଂକ୍ରାନ୍ତ ସବୁ କାର୍ଯ୍ୟ ରହିଲା। ଏହା ଅଧୀନରେ ତାଲିମ ନିର୍ଦ୍ଦେଶାଳୟ ଡିଜିଟି, ଏମ୍ଏସ୍ଡିସି ଓ ଏନ୍ଏସ୍ଡିଏ ଏପରି ତିନିଟି ସ୍ୱତନ୍ତ୍ର ସଂସ୍ଥା ଖୋଲାଗଲା। ପରବର୍ତ୍ତୀ ସମୟରେ ଦକ୍ଷତା ବିକାଶ ମନ୍ତ୍ରଣାଳୟ ଅଧୀନକୁ ପଲିଟେକ୍ନିକ୍, ଜନଶିକ୍ଷଣ ସଂସ୍ଥାନ ଏବଂ ଭାରତୀୟ ଉଦ୍ୟମିତା ପ୍ରତିଷ୍ଠାନ ଆଦିର ଦାୟିତ୍ୱ ଏହି ମନ୍ତ୍ରଣାଳୟକୁ ନ୍ୟସ୍ତ କରାଯାଇଥିଲା।

କେନ୍ଦ୍ର ସରକାରଙ୍କ ନୂଆ ନୀତି ଓ ଶାସନ ଖସଡ଼ା ନିମ୍ନରେ ପ୍ରଦାନ କରାଯାଇଛି।

**ଜାତୀୟ ନୀତିର ପରିସରକୁ ବ୍ୟାପକ କରିବା:**

୨୦୦୯ର ଜାତୀୟ ଦକ୍ଷତା ବିକାଶ ନୀତିର ସଂଶୋଧନ କରାଯାଇ ୨୦୧୫ରେ ଏକ ନୂଆ ବ୍ୟାପକ ନୀତି କାର୍ଯ୍ୟକାରୀ ହୋଇଥିଲା। ଏହା ଜାତୀୟ ଦକ୍ଷତା ବିକାଶ ନୀତି ଓ ଉଦ୍ୟମିତା ନିୟମ ୨୦୧୫ ନାମରେ ନାମିତ। ଏଥିରେ ସ୍କିଲ ଇଣ୍ଡିଆର ଲକ୍ଷ୍ୟକୁ ସଂଶୋଧିତ କରାଯାଇଛି। ସଂଶୋଧିତ ଲକ୍ଷ୍ୟରେ ଦକ୍ଷତା ବିକାଶ ପ୍ରୟାସକୁ ବ୍ୟାପକ କରିବା ସହ ଉଚ୍ଚମାନର ତାଲିମ ପ୍ରଦାନ ଓ ଅଭିନବ କର୍ମ ସଂସ୍କୃତି ସୃଷ୍ଟି ଅଗ୍ରାଧିକାର ପାଇଛି। ସବୁଲୋକଙ୍କ ପାଇଁ ଜୀବିକା ଉପାର୍ଜନକୁ ନିରନ୍ତର କରିବା ସହ ନିଯୁକ୍ତି ଓ ସଂପଦ ସୃଷ୍ଟି ଉପରେ ସରକାର ନୀତିରେ ଗୁରୁତ୍ୱ ଦେଇଛନ୍ତି। ଏହି କ୍ରମରେ ୧୯୬୧ର ଶିକ୍ଷାନବିସ ଆଇନକୁ ୨୦୧୪ରେ ସଂଶୋଧିତ କରାଯାଇଛି। ଏହି ସଂଶୋଧନର ମୂଳଲକ୍ଷ୍ୟ ହେଲା ଅଧିକ ସଂଖ୍ୟକ ଶିକ୍ଷାନବିସ ଗ୍ରହଣ ଓ ଏହାର ପରିସରକୁ ବୃଦ୍ଧି କରିବା ପାଇଁ ଶିଳ୍ପ ସଂସ୍ଥାଙ୍କୁ ପ୍ରୋତ୍ସାହିତ କରିବା। ୨୦୧୫ ଦକ୍ଷତା ବିକାଶ ନୀତିରେ ନିଯୁକ୍ତି ମାଧ୍ୟମରେ ତାଲିମ (ଅନ୍ ଦି ଜବ୍ ଟ୍ରେନିଂ)କୁ ମଧ୍ୟ ମାନ୍ୟତା ପ୍ରଦାନ କରାଯାଇଛି। ଏହା ଫଳରେ ଶିକ୍ଷନବିସ କାର୍ଯ୍ୟସ୍ଥଳରେ କାମ କରିବା ସହ ଏକାସାଙ୍ଗରେ ତାଲିମ ପାଇବାର ସୁଯୋଗ ଲାଭ କରିବେ।

ଏନ୍ଏସ୍ଡିସି ଦ୍ୱାରା କରାଯାଇଥିବା ଦକ୍ଷତା ବ୍ୟବଧାନ ଅନୁଧାନ ରିପୋର୍ଟ ଅନୁସାରେ ୨୦୨୨ସୁଦ୍ଧା ଦେଶର ଅର୍ଥନୀତିର ୨୪ଟି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ୧୦୯.୭୩ ନିୟୁତ ଦକ୍ଷ ଲୋକଶକ୍ତିର ଆବଶ୍ୟକତା ପଡ଼ିବ। ଏଥିରୁ ଦକ୍ଷତା ବିକାଶ ନିଯୁକ୍ତିର ଏକ ଅପରିହାର୍ଯ୍ୟ ଆବଶ୍ୟକତା ହୋଇଥିବା ଜଣାଯାଏ। ତା' ନ ହେଲେ ଅର୍ଥନୈତିକ ବିକାଶର ଯୋଜନା ପ୍ରସ୍ତୁତି ସମ୍ଭବ ହୋଇପାରିବ ନାହିଁ। ଅତଏବ ଦେଶରେ ଅର୍ଥନୀତିର ବିକାଶ ପାଇଁ ଉପଯୁକ୍ତ, ଦକ୍ଷ ଓ ଯୋଗ୍ୟ ଲୋକଶକ୍ତି ସୃଷ୍ଟି ସହ ନିଯୁକ୍ତି ସୁଯୋଗ ସୃଷ୍ଟିକୁ ଯୋଡ଼ିବାକୁ ପଡ଼ିବ। ଯୁବ ସମାଜର ଆଶା ଆକାଂକ୍ଷା ପୂରଣ ପାଇଁ ଆମକୁ ଏକ ଉପଯୁକ୍ତ ପରିବେଶ ସୃଷ୍ଟି କରିବାକୁ ହେବ। ସର୍ବାଧିକ ମାନବସମ୍ବଳ ବିନିଯୋଗ କ୍ଷେତ୍ରରେ ଯେଉଁସବୁ ସମସ୍ୟା ରହିଛି ତାହାର ସମାଧାନ ଉପରେ ମଧ୍ୟ ଗୁରୁତ୍ୱ ଦେବାକୁ ପଡ଼ିବ।




**ବ୍ୟବସ୍ଥାଗତ ହସ୍ତକ୍ଷେପ:**

ଏ ସମ୍ପର୍କରେ ସରକାର ନାନାବିଧ ପ୍ରୟାସ ଆରମ୍ଭ କରିଛନ୍ତି। ସୂଚନା ସଂଗ୍ରହ ଓ ପ୍ରଦାନ ବ୍ୟବସ୍ଥାରେ ଉନ୍ନତି, ଦକ୍ଷତାର ମାନକୀକରଣ ଏବଂ ତାଲିମ ମଧ୍ୟରେ ସମନ୍ୱୟ ସେଥିମଧ୍ୟରୁ ଅନ୍ୟତମ। ଧନ୍ଦାମୂଳକ ତାଲିମ ମାଧ୍ୟମରେ ଭଲ ନିଯୁକ୍ତି ମିଳିବାର ଆବଶ୍ୟକତା ରହିଛି। ଏଥିପାଇଁ ସୁଯୋଗ ସଂକ୍ରାନ୍ତ ତଥ୍ୟ ସୂଚନା ମିଳିବା ଆବଶ୍ୟକ। ଶ୍ରମ ବଜାର ସୂଚନା ବ୍ୟବସ୍ଥା (ଏଲ୍ଏମ୍ଆଇଏସ୍) ମାଧ୍ୟମରେ ଏଥିପାଇଁ ବିଭିନ୍ନ ପ୍ରକାର ସୂଚନା ସେବା ଯୋଗାଇ ଦିଆଯାଉଛି। ଏହା ଏକ ପ୍ରକାର 'ୱାନ୍ ଷ୍ଟପ୍ ଉଇଣ୍ଡୋ' ଭଳି କାମ କରୁଛି ଯେଉଁଠୁ ନିଯୁକ୍ତି, ତାଲିମ, ବେତନ, କାମର ଶ୍ରେଣୀ ବିଭାଗ ଓ ସ୍ୱରୂପ ତଥା ଏବାବଦ ସବିଶେଷ ଖବର ଗୋଟିଏ ସ୍ଥାନରୁ ମିଳିପାରୁଛି। ଏହି ଉଇଣ୍ଡୋ ସହ ଶ୍ରମିକ ବ୍ୟତୀତ



ଶ୍ରମ ସହ ସଂପୃକ୍ତ ସମସ୍ତ ସମ୍ଭାବ୍ୟ ପକ୍ଷ ସଂପୃକ୍ତ। ଭାରତରେ ନିୟୁତ ନିୟୁତ ଲୋକ ଅଣଆନୁଷ୍ଠାନିକ ବ୍ୟବସ୍ଥାରେ ଦକ୍ଷତା ହାସଲ କରିଥାନ୍ତି। ସେମାନଙ୍କ ଦକ୍ଷତାର କୌଣସି ବିଧିବଦ୍ଧ ପ୍ରମାଣପତ୍ର ନ ଥାଏ। ସେମାନଙ୍କୁ ଜାଣିଥିବା ବା ଚିହ୍ନିଥିବା ଲୋକମାନଙ୍କ ଗହଣରେ ଏକ ସୀମିତ ଅଞ୍ଚଳରେ ଏସବୁ କୁଶଳୀ ଲୋକ ନିଜର କାମ ଧନ୍ଦା କରି ଜୀବିକା ଉପାର୍ଜନ କରିଥାନ୍ତି। ଏକ ଦକ୍ଷତାଭିତ୍ତିକ ବ୍ୟବସ୍ଥା ଏନ୍‌ଏସ୍‌କ୍ୟୁଏଫ୍ ମାଧ୍ୟମରେ ଏହି ସବୁ ଲୋକଙ୍କୁ ସେମାନଙ୍କ ଦକ୍ଷତା ଓ ଯୋଗ୍ୟତା ଆକଳନ କରି ପ୍ରମାଣପତ୍ର ଯୋଗାଇଦେବାର ବ୍ୟବସ୍ଥା କରାଯାଇଛି। ଏହା ଫଳରେ ସେମାନେ ସେମାନଙ୍କ ଦକ୍ଷତାର ଉପଯୋଗ କରି ଉପଯୁକ୍ତ ସାମାଜିକ, ଆର୍ଥିକ ସୁବିଧା ସୁଯୋଗ ଲାଭ କରିପାରିବେ। ଏହି ସ୍ୱୟଂତାଲିମପ୍ରାପ୍ତମାନେ ବିଭିନ୍ନ ଉଦ୍ୟୋଗର ନୂଆ ଆବଶ୍ୟକତା ପୂରଣ କରିବାକୁ ସକ୍ଷମ କି ନାହିଁ ତାହାର ଅନୁଧ୍ୟାନ କରି ପ୍ରତି ତିନି ବର୍ଷରେ ସେମାନଙ୍କୁ ତାଲିମ ଦେବାର ମଧ୍ୟ ବ୍ୟବସ୍ଥା କରାଯାଇଛି।

ନିର୍ମାଣ, କୃଷି, ଘରୋଇ କାମ, ସ୍ୱାସ୍ଥ୍ୟସେବା, ରତ୍ନପଥର ଓ ସୁନାରୂପା ଗହଣା ତିଆରି କ୍ଷେତ୍ରରେ ଅଧିକ ଲୋକ କାମ କରନ୍ତି। ଦକ୍ଷତା ବିକାଶ ତାଲିମ ନେଇଥିବା ଲୋକଙ୍କର ଏ କ୍ଷେତ୍ରରେ ଚାହିଦା ଅଧିକ ରହିବ ଓ ସଂପୃକ୍ତ କ୍ଷେତ୍ର ମଧ୍ୟ ଲାଭବାନ ହେବ।

**ତାଲିମ ଦକ୍ଷତା ବୃଦ୍ଧି:**

ଦକ୍ଷତା ବୃଦ୍ଧି ପରିତନ୍ତ୍ରର ପରିସର ଓ ସାମର୍ଥ୍ୟ ବୃଦ୍ଧି କ୍ଷେତ୍ରରେ ଉଲ୍ଲେଖନୀୟ ଉଦ୍ୟମ ଆରମ୍ଭ କରାଯାଇଛି। ଆଇଟିଆଇଗୁଡ଼ିକର ଦୀର୍ଘମିଆଦି ତାଲିମ ସାମର୍ଥ୍ୟ ବୃଦ୍ଧି ପାଇଁ ସେସବୁର ଆସନ ସଂଖ୍ୟାରେ ୫୬ଶତାଂଶ ବୃଦ୍ଧି ଘଟିଛି। ୨୦୧୪ ମଇରେ ଏହି ଆସନ ସଂଖ୍ୟା ୧୦,୭୫୦ ବୃଦ୍ଧି କରାଯାଇଥିବାବେଳେ ୨୦୧୮ ମଇ ସୁଦ୍ଧା ଏହାକୁ ବଢ଼ାଇ ୧୪,୨୭୬ କରାଯାଇଛି। ଏ କ୍ଷେତ୍ରରେ ମୋଟ୍ ୩୦.୭୩ ଲକ୍ଷ ଆସନ ସୃଷ୍ଟି କରିବାର ଲକ୍ଷ୍ୟ ରଖାଯାଇଛି। ସ୍ୱଳ୍ପ ମିଆଦି ତାଲିମ ବ୍ୟବସ୍ଥାକୁ ପ୍ରୋତ୍ସାହିତ କରାଯାଇ ଏଥିପାଇଁ ଥିବା ଆସନ ସଂଖ୍ୟାକୁ ୨୦୧୭-୧୮ରେ ଯଥେଷ୍ଟ ବୃଦ୍ଧି କରାଯାଇଛି। ୨୦୧୩-୧୪ରେ ଏହି ସଂଖ୍ୟାଥିଲା ମାତ୍ର ୩.୩୪ ଲକ୍ଷ। ଏହି ଆସନ ସଂଖ୍ୟା ୧୬ ଲକ୍ଷକୁ ବଢ଼ାଇବାକୁ ପିଏମ୍‌କେଭିୱାଇ କାର୍ଯ୍ୟକ୍ରମରେ ନିରନ୍ତର ଉଦ୍ୟମ ଚାଲିଛି। ପିଏମ୍‌କେଭିୱାଇ କେନ୍ଦ୍ରମାନ ଦେଶର ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଅଧିକରୁ ଅଧିକ ଖୋଲାଯାଉଛି। ପ୍ରତି ଜିଲ୍ଲାରେ ଏଭଳି କେନ୍ଦ୍ରମାନ ଖୋଲିବାର ଲକ୍ଷ୍ୟ ରହିଛି।

କାମ ଉଦ୍ଦେଶ୍ୟରେ ଭାରତୀୟ ଶ୍ରମିକଙ୍କ ଆତଯାତ ଓ ପରିଭ୍ରମଣ ଦକ୍ଷତା ବୃଦ୍ଧିକୁ ଲକ୍ଷ୍ୟରେ ରଖି ବହୁମୁଖୀ ଦକ୍ଷତା ବିକାଶ କେନ୍ଦ୍ରମାନ (ପ୍ରଧାନମନ୍ତ୍ରୀ କୁଶଳ କେନ୍ଦ୍ର) ଦେଶର ୪୬୦ ଜିଲ୍ଲାରେ ଖୋଲାଯାଉଛି। ଏହାଫଳରେ ବିଭିନ୍ନ ବୃତ୍ତିରେ ତାଲିମପ୍ରାପ୍ତ ଶ୍ରମିକଙ୍କ ସଂଖ୍ୟା ବଢ଼ିବ ଏବଂ ବିଶ୍ୱ ଶ୍ରମ ବଜାରରେ ସେମାନଙ୍କ ଚାହିଦା ବୃଦ୍ଧି ପାଇବ। ଏହା ସେମାନଙ୍କୁ ନିଯୁକ୍ତିରେ ମଧ୍ୟ ସହାୟକ ହେବ। ଏସବୁ କାର୍ଯ୍ୟକ୍ରମ ବ୍ୟତୀତ ଡିଡିୟୁ-ଜିକେୱାଇ, ଏନ୍‌ୟୁଏଲ୍‌ଏମ୍, ଆଇଏସ୍‌ଡିଏସ୍ ଯୋଜନା ମାଧ୍ୟମରେ ମଧ୍ୟ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ସହର ଓ ଗ୍ରାମାଞ୍ଚଳରେ ହାତକୁ ନିଆଯାଇଛି। ଏହାର ଲକ୍ଷ୍ୟ ହେଲା ଉଭୟ ସହର ଓ ଗ୍ରାମାଞ୍ଚଳରେ ଶ୍ରମିକଙ୍କୁ ଦକ୍ଷ ଓ କୁଶଳୀ କରି ନିଯୁକ୍ତିର ସୁଯୋଗ ଦେବା। ଗତ ଚାରିବର୍ଷ ମଧ୍ୟରେ ବିଭିନ୍ନ ପ୍ରକାର ତାଲିମ ପ୍ରଦାନ ସାମର୍ଥ୍ୟ ବୃଦ୍ଧି ଭିତ୍ତିଭୂମିରେ ଉଲ୍ଲେଖନୀୟ ପ୍ରଗତି ଘଟିଛି। ଏଯାଏ ଏ କ୍ଷେତ୍ରରେ ବାର୍ଷିକ ଏକ କୋଟି ନୂଆ ଆସନ ସୃଷ୍ଟି ହେଉଛି।

ଏହାଛଡ଼ା ଇ-ମାର୍କେଟ ଓ ଆପ୍ ଭିତ୍ତିକ ପାଠାଗାର କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହା ମାଧ୍ୟମରେ ଆଗ୍ରହୀ ଶ୍ରମିକଙ୍କୁ ଦକ୍ଷତା ବୃଦ୍ଧି ଓ ପାଠ୍ୟକ୍ରମ ସଂକ୍ରାନ୍ତ ତଥ୍ୟ ସୂଚନା ପ୍ରଦାନ କରାଯାଉଛି।

**ମାନରେ ଉନ୍ନତି ଓ ପ୍ରାସଙ୍ଗିକତା ଉପରେ ଗୁରୁତ୍ୱ:**

ତାଲିମ ପ୍ରଦାନ କ୍ଷେତ୍ରରେ ମାନ ଓ ପ୍ରାସଙ୍ଗିକତାକୁ ଗୁରୁତ୍ୱ ଦିଆଯାଉଛି। ଯେଉଁ ସବୁ ତାଲିମ ଓ କାମର ଗୁରୁତ୍ୱ ଅଧିକ ରହିଛି ତାହାକୁ ଅଗ୍ରାଧିକାର ଦିଆଯାଇ ଉତ୍କୃଷ୍ଟ ମାନର ତାଲିମ ପ୍ରଦାନ କରାଯାଉଛି। ମୌଳିକ ସୁବିଧା ସୁଯୋଗ, ପାଠ୍ୟକ୍ରମ, ଯନ୍ତ୍ରପାତି, ତାଲିମଦାତା, ପ୍ରଦର୍ଶନ, ଶିଳ୍ପସଂସ୍ଥା ସହ ସଂଯୋଗ ସ୍ଥାପନ ଆଦି କେତେକ ପ୍ରସଙ୍ଗକୁ ବିଚାରକୁ ନେଇ ୫୦୦୦ ଆଇଟିଆଇ ଓ ୧୫ହଜାର ତାଲିମ କେନ୍ଦ୍ରକୁ ମାନ୍ୟତା ଦିଆଯାଇ ତାଲିକା ପ୍ରସ୍ତୁତ ହୋଇଛି। ଏହା ଫଳରେ ନିଜ ପସନ୍ଦର ତାଲିମ ଅନୁଷ୍ଠାନ ବାଛିବାକୁ ଆଗ୍ରହୀ ଯୁବକ ଯୁବତୀ ସୁଯୋଗ ପାଉଛନ୍ତି। ଏହା ମଧ୍ୟ ପ୍ରତିଯୋଗିତାର ଏକ ବାତାବରଣ ସୃଷ୍ଟି



(ଆର୍‌ପିଏଲ୍) ପ୍ରବର୍ତ୍ତନ କରାଯାଇଛି। ଏହି ବ୍ୟବସ୍ଥାରେ ଶ୍ରମିକଙ୍କର ଦକ୍ଷତା ମପାଯାଇଥାଏ ଏବଂ ଆନୁଷ୍ଠାନିକ ମୂଲ୍ୟାୟନ ପରେ ତାଙ୍କୁ ପ୍ରମାଣପତ୍ର ଦିଆଯାଏ। ଏପର୍ଯ୍ୟନ୍ତ ପିଏମ୍‌କେଭିୱାଇ ମାଧ୍ୟମରେ ୯ଲକ୍ଷ ଶ୍ରମିକଙ୍କ ଦକ୍ଷତା ମୂଲ୍ୟାୟନ କରି ସେମାନଙ୍କୁ 'ଦକ୍ଷ' ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଏହାଛଡ଼ା ଅନେକ ଶ୍ରମିକଙ୍କୁ ସେମାନଙ୍କ ପସନ୍ଦର ପେସା ଅନୁସାରେ ଆବଶ୍ୟକ ତାଲିମ ପ୍ରଦାନ କରାଯାଇ ସେମାନଙ୍କ ଦକ୍ଷତାରେ ଉନ୍ନତି ଅଣାଯାଇଛି। ଏହା ଫଳରେ ସେମାନେ ଆନୁଷ୍ଠାନିକ କ୍ଷେତ୍ରରେ କାର୍ଯ୍ୟକରିବାର ସୁଯୋଗ ପାଇବାକୁ ଯୋଗ୍ୟ ହୋଇଛନ୍ତି। ଦେଖାଯାଉଛି ଯେ ଦକ୍ଷ ମାନ୍ୟତା ପାଇଥିବା ଅନେକ ଶ୍ରମିକ ନିଜର ପ୍ରମାଣପତ୍ର ଦେଖାଇ ଅଧିକ ମଜୁରି ଓ ବୃତ୍ତିଗତ ଲାଭ ପାଇବାରେ ସଫଳ ହେଉଛନ୍ତି। ତାଲିମ ଓ ପ୍ରମାଣନ ବ୍ୟବସ୍ଥା ସେମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବଢ଼ାଇବାରେ ସହାୟକ ହୋଇଛି।

ଦକ୍ଷତା/କୌଶଳ ହସ୍ତାନ୍ତରରେ ଗୁରୁ-ଶିଷ୍ୟ ପରମ୍ପରା ଏକ ପୁରୁଣା ପ୍ରଥା। ଦକ୍ଷତା ବିକାଶର ଏହି ପରମ୍ପରା ବୃତ୍ତିଗତ ତାଲିମ କ୍ଷେତ୍ରରେ କାଳଜୟୀ ସାବ୍ୟସ୍ତ ହୋଇଛି। ବିଭିନ୍ନ ଦେଶରେ ଏହି ପଦ୍ଧତିକୁ ଦକ୍ଷତା ବିକାଶରେ ଅଗ୍ରାଧିକାର ଦିଆଯାଇଛି। ଶିକ୍ଷାନବିସ ବା ଆପ୍ରେଣ୍ଟିସିପ୍ ମଡେଲରେ ଉଦ୍ୟୋଗ ପାଇଁ ପ୍ରସ୍ତୁତ ଲୋକଶକ୍ତି ସୃଷ୍ଟି ହୋଇଥାନ୍ତି। ଅଧିକାଂଶ ଦେଶରେ ଏହି ଆପ୍ରେଣ୍ଟିସିପ୍ ମଡେଲ କାର୍ଯ୍ୟକାରୀ ହେଉଛି। ଜାପାନ୍‌ରେ ଆପ୍ରେଣ୍ଟିସିପ୍‌ଙ୍କ ସଂଖ୍ୟା ୧୦ ନିୟୁତ। ଜର୍ମାନୀରେ ଏହି ସଂଖ୍ୟା ୩ ନିୟୁତ ଓ ଆମେରିକାରେ ୦.୫ ନିୟୁତ। ଭାରତରେ ଆପ୍ରେଣ୍ଟିସିପ୍‌ଙ୍କ ସଂଖ୍ୟା ମାତ୍ର ୦.୩ ନିୟୁତ। ଭାରତର ଲୋକସଂଖ୍ୟା ଓ ବିପୁଳ ଶ୍ରମଶକ୍ତି ତୁଳନାରେ ଏହି ସଂଖ୍ୟା ନଗଣ୍ୟ। ଭାରତରେ କାମ କରିବାର ଆଦ୍ୟ ବୟସ ୧୮ ରୁ ୩୫ବର୍ଷ ବୟସରେ ଥିବା ଲୋକଙ୍କ ସଂଖ୍ୟା ୩୦ କୋଟିରୁ ଅଧିକ। ତେଣୁ ଭାରତରେ ଆପ୍ରେଣ୍ଟିସିପ୍‌ଙ୍କ ସଂଖ୍ୟା ଯଥେଷ୍ଟ ଅଧିକ ହେବାର ଆବଶ୍ୟକତା ରହିଛି।

କରିଛି। ସଂପୃକ୍ତ ଅନୁଷ୍ଠାନ ସମୂହ ମଧ୍ୟ ନିଜର ଭିତ୍ତିଭୂମି ସଜାଡ଼ି ଆକ୍ରେଡିଟେସନ, ସହବନ୍ଧନ ନେବାକୁ ନିଜନିଜ ମଧ୍ୟରେ ପ୍ରତିଯୋଗିତା କରୁଛନ୍ତି।

ଆହୁରି ମଧ୍ୟ ମିଳିତ ଯାଞ୍ଚ ବା କନ୍‌କରେଣ୍ଟ ମନିଟରିଂ ବ୍ୟବସ୍ଥା ସ୍ମାର୍ଟ ପୋର୍ଟାଲ ଜରିଆରେ କରାଯାଉଛି। ଏହା ଫଳରେ ତାଲିମର ମାନ ରକ୍ଷା ପାଇଁ ସଂପୃକ୍ତ ଅନୁଷ୍ଠାନ ବାଧ୍ୟ ହେଉଛନ୍ତି। ଏସବୁ ଅନୁଷ୍ଠାନର ବାସ୍ତବ ସ୍ଥିତି ଓ ତାଲିମ ବ୍ୟବସ୍ଥାକୁ ନିୟମିତ ପରିଦର୍ଶନ ମାଧ୍ୟମରେ ତଦାରଖ କରାଯାଉଛି। ଉତ୍ତମ ତାଲିମ ପ୍ରଦାନ କରୁଥିବା ଅନୁଷ୍ଠାନର ଶ୍ରମିକଙ୍କୁ ଭଲ ନିଯୁକ୍ତି ସୁବିଧା ମିଳୁଛି। ଏସବୁ ଅନୁଷ୍ଠାନରେ ଉଭୟ ଦେୟ (ଫି) ଭିତ୍ତିକ ଓ ଅନୁଦାନ ଭିତ୍ତିକ ଆସନର ବ୍ୟବସ୍ଥା କରାଯାଇଛି। ମୋଟ୍ ୨୬ ଶତାଂଶ ଆସନ ଦେୟଭିତ୍ତିରେ ତାଲିମ ପ୍ରୟାସୀଙ୍କ ପାଇଁ ସଂରକ୍ଷିତ ଥିବାବେଳେ ୫୦ ଶତାଂଶ ସରକାରୀ ଅନୁଦାନ ଭିତ୍ତିରେ ସଂରକ୍ଷିତ। ଏସବୁ ଅନୁଷ୍ଠାନର ପରିଚାଳନାରେ ଘରୋଇ ଉଦ୍ୟୋଗଙ୍କୁ ସଂପୃକ୍ତ କରାଯାଇଛି।

ଆହୁରି ମଧ୍ୟ ତାଲିମର ମାନ ବୃଦ୍ଧି ପାଇଁ ତାଲିମଦାତାଙ୍କ ତାଲିମ ଉପରେ ଗୁରୁତ୍ୱ ଦିଆଯାଉଛି। ଏଥିପାଇଁ ନିର୍ଦ୍ଦେଶାବଳୀ ଜାରି କରାଯାଇଛି। ତାଲିମଦାତାଙ୍କ ପାଇଁ ତକ୍ଷଶୀଳା

> ନିର୍ମାଣ, କୃଷି, ଘରୋଇ କାମ, ସ୍ୱାସ୍ଥ୍ୟସେବା, ରତ୍ନପଥର ଓ ସୁନାରୂପା ଗହଣା ତିଆରି କ୍ଷେତ୍ରରେ ଅଧିକ ଲୋକ କାମ କରନ୍ତି। ଦକ୍ଷତା ବିକାଶ ତାଲିମ ନେଇଥିବା ଲୋକଙ୍କର ଏ କ୍ଷେତ୍ରରେ ଚାହିଦା ଅଧିକ ରହିବ ଓ ସଂପୃକ୍ତ କ୍ଷେତ୍ର ମଧ୍ୟ ଲାଭବାନ ହେବ।

ପୋର୍ଟାଲର ବ୍ୟବସ୍ଥା କରାଯାଇ ସେମାନଙ୍କୁ ତଥ୍ୟାବଳୀ ଦିଆଯାଉଛି।

**ଅଣଆନୁଷ୍ଠାନିକ ଦକ୍ଷତାର ଆନୁଷ୍ଠାନିକରଣ:** ଭାରତରେ ୯୩ ଶତାଂଶ ଲୋକ ଅଣ ଆନୁଷ୍ଠାନିକ କ୍ଷେତ୍ରରେ ନିଯୁକ୍ତ। ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କର ଆନୁଷ୍ଠାନିକ ଧନ୍ଦାମୂଳକ ତାଲିମ ନାହିଁ। ଫଳରେ ବୃତ୍ତିଗତ ସ୍ତରରେ ସେମାନଙ୍କର ପ୍ରଗତି ବ୍ୟାହତ ହୋଇଥାଏ। ଏଭଳି ଶ୍ରମିକଙ୍କୁ ସହାୟତା କରିବା ଏବଂ ସେମାନଙ୍କ 'ଦକ୍ଷତା' ସ୍ତର ମାପିବା ପାଇଁ 'ପ୍ରାକ୍ ଶିକ୍ଷା ମାନ୍ୟତା' ବ୍ୟବସ୍ଥା

ଆଗରୁ କୁହାଯାଇଛି ଯେ ଆପ୍ରେଣ୍ଟିସିପ୍‌କୁ ଦକ୍ଷତାବିକାଶର ଏକ ମାଧ୍ୟମ ଭାବେ ପ୍ରୋତ୍ସାହନ ଦେବାପାଇଁ ୨୦୧୪ରେ ୧୯୬୧ର ଆପ୍ରେଣ୍ଟିସିପ୍ ଆଇନର ସଂଶୋଧନ କରାଯାଇଛି। ଅଣଇଞ୍ଜିନିୟରିଂ କ୍ଷେତ୍ରରେ ମଧ୍ୟ ଆପ୍ରେଣ୍ଟିସିପ୍ ପରିସର ବଢ଼ାଇବାକୁ ସଂଶୋଧିତ ଆଇନରେ ବ୍ୟବସ୍ଥା ରହିଛି। ଏହାଛଡ଼ା ଜାତୀୟ ଆପ୍ରେଣ୍ଟିସିପ୍ ପ୍ରୋତ୍ସାହନ ଯୋଜନାରେ ନିଯୁକ୍ତିଦାତାଙ୍କ ସହ ଅଂଶୀଦାରୀ ଭିତ୍ତିରେ ସରକାର ଶିକ୍ଷାନବିସମାନଙ୍କୁ ମାସିକ ୧୫୦୦ ଟଙ୍କାର ଷ୍ଟାଇପେଣ୍ଡ ଏବଂ ମୂଳବେତନ (୭୫୦୦ଟଙ୍କା) ତାଲିମ ବ୍ୟୟ ବାବଦରେ ନିଯୁକ୍ତିଦାତା ଯୋଗାଇ ଦେଉଛନ୍ତି।

ସହଜରେ ବ୍ୟବହାର କରାଯାଇପାରୁଥିବା ଏକ ଅନ୍‌ଲାଇନ୍ ପୋର୍ଟାଲ (www.apprenticeship.gov.in) ଆରମ୍ଭ କରାଯାଇଛି। ଏଥିରେ ଶିକ୍ଷାନବିସ ବା ଆପ୍ରେଣ୍ଟିସିପ୍ ସଂକ୍ରାନ୍ତ ସମସ୍ତ ତଥ୍ୟ, ପ୍ରଶାସନିକ ଓ ପ୍ରଶିକ୍ଷଣ ବ୍ୟବସ୍ଥା, ମନିଟରିଂ ଓ ଅନ୍ୟାନ୍ୟ ତଥ୍ୟ ଉପଲବ୍ଧ। ଏହି ପୋର୍ଟାଲ ନିଯୁକ୍ତିଦାତାଙ୍କୁ ବିଭିନ୍ନ ପ୍ରକାର ସେବା ମଧ୍ୟ ଯୋଗାଉଛି। ଏମ୍ଏସ୍‌ଡିଇ ଦକ୍ଷତା ପରିତନ୍ତ୍ରକୁ ପ୍ରୋତ୍ସାହିତ କରିବାକୁ ନାନାବିଧ କାର୍ଯ୍ୟ ହାତକୁ ନେଇଛି। ଏହା ନିଯୁକ୍ତିଦାତାଙ୍କୁ ବିଭିନ୍ନ ପ୍ରୋତ୍ସାହନ ଦେବା ସହିତ ବିବାଦ ସମାଧାନ ପାଇଁ ଏକ ନିୟାମକ ବ୍ୟବସ୍ଥା ମଧ୍ୟ କରିଛି। ଏନ୍ଏପିଏସ୍ ଦ୍ୱାରା ଶିଳ୍ପ ପାଇଁ ପ୍ରସ୍ତୁତ ଏକ ଶ୍ରମଶକ୍ତି ସୃଷ୍ଟି କରିବାରେ ଏହି ପ୍ରୟାସ ସଫଳ ହୋଇଛି ବୋଲି ଅନୁଭବ କରାଯାଉଛି। ଏହାଦ୍ୱାରା ଭାରତ କ୍ରମଶଃ ବିଶ୍ୱର ଦକ୍ଷତା ବିକାଶ ରାଜଧାନୀରେ ପରିଣତ ହେବାର ଆଶା ଉଜ୍ଜ୍ୱଳ ହେଉଛି।

**ଦକ୍ଷତା ହାସଲକୁ ଆକାଂକ୍ଷିତ କରିବା:**

ଯେଉଁ ଦକ୍ଷତା ଓ କଳାକୌଶଳଦ୍ୱାରା ଭଲ ରୋଜଗାର ମିଳେନା ବା ନିଯୁକ୍ତି ବଜାରରେ କାଟ୍‌ତି ରହେନା, ସେଭଳି ଦକ୍ଷତା ହାସଲ ପ୍ରତି ସାମାଜିକ ଦୃଷ୍ଟିକୋଣ ଭଲ ନୁହେଁ। ତେଣୁ ଭଲ ନିଯୁକ୍ତି ଓ ଚାହିଦା ଅନୁଯାୟୀ ଦକ୍ଷ ହେବା ଏବଂ ନିଜକୁ ପ୍ରସ୍ତୁତ କରିବା ଏକ ସାଧାରଣ ଆକାଂକ୍ଷା ଓ ବିଚାର। ଧନ୍ଦାମୂଳକ ଶିକ୍ଷା କ୍ଷେତ୍ରରେ ଦକ୍ଷତା ବିକାଶକୁ ଆକାଂକ୍ଷିତ ଓ ବଜାର ଉପଯୋଗୀ କରିବାକୁ ଏନ୍ଏସ୍‌କ୍ୟୁଏଫ୍ ବିଭିନ୍ନ ପଦକ୍ଷେପ ନେଇଛି। ଏଥିରେ ଶ୍ରମିକଟିଏ ନିଜର ଦକ୍ଷତା ଓ କୁଶଳତା ବଳରେ ତଳୁ ଉପରକୁ ଉଠିବା ପାଇଁ କିପରି ସୁଯୋଗ ପାଇବ ସେ ବନ୍ଦୋବସ୍ତ ମଧ୍ୟ କରାଯାଇଛି। ଏଥିରେ ଉଭୟ ସାଧାରଣ ଶିକ୍ଷା ଓ ଧନ୍ଦାମୂଳକ ଶିକ୍ଷା ମଧ୍ୟରେ ସମନ୍ୱୟ ଓ ସଂହତି ରକ୍ଷା କରାଯାଉଛି।

ବିଶ୍ୱସ୍ତରୀୟ ଦକ୍ଷତା ପ୍ରତିଯୋଗିତା ଏବଂ ଆଞ୍ଚଳିକ ସ୍ତରର ଏଭଳି ପ୍ରତିଯୋଗିତା ଆୟୋଜନ ଫଳରେ ପ୍ରତିଯୋଗୀ ନିଜନିଜର ଦକ୍ଷତା ଓ କୃତିତ୍ୱ ପ୍ରଦର୍ଶନ କରିବାର ମଞ୍ଚ ପାଉଛନ୍ତି। ନିକଟରେ ଆବୁଧାବିରେ ଅନୁଷ୍ଠିତ ବିଶ୍ୱ ଦକ୍ଷତା ପ୍ରତିଯୋଗିତାରେ ଭାରତର ପ୍ରତିଯୋଗୀମାନଙ୍କୁ ରୌପ୍ୟ ଓ ବ୍ରୋଞ୍ଜ ସମେତ ୯ଟି ଉତ୍କର୍ଷ ପଦକ ମିଳିଛି।

ପ୍ରଥମଥର ପାଇଁ ଆଇଆଇଟି ଓ ଦକ୍ଷତା କେନ୍ଦ୍ରଗୁଡ଼ିକରେ ସମାବର୍ତ୍ତନ ଉତ୍ସବ ପାଳନ କରାଯାଇ ସାର୍ଟିଫିକେଟ ପ୍ରଦାନ କରାଯାଉଛି। ଯୁବବର୍ଗଙ୍କୁ ଆକର୍ଷିତ କରିବାକୁ କୌଶଳ ମେଳାମାନ ଆୟୋଜନ କରାଯିବା ସହିତ କୁଶଳତା ଓ ଦକ୍ଷତାକୁ ନିଜର ଜୀବିକାର୍ଜନର ବିକଳ୍ପ ପନ୍ଥା ଭାବେ ଗ୍ରହଣ କରିବାକୁ ପ୍ରୋତ୍ସାହନ ଦିଆଯାଉଛି। ଭଲ ନିଯୁକ୍ତି ସୁଯୋଗ ଯୋଗାଣ ଲକ୍ଷ୍ୟରେ ରୋଜଗାର ମେଳାମାନ ଆୟୋଜନ କରାଯାଉଛି। ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ ଡାଞ୍ଚାରେ ଏଥିରେ ନିଯୁକ୍ତିଦାତା ଓ ଉଦ୍ୟୋଗୀମାନଙ୍କୁ ସଂପୃକ୍ତ କରାଇବାର ବ୍ୟବସ୍ଥା ହୋଇଛି।

**ଭାରତକୁ ବିଶ୍ୱର ଦକ୍ଷତା ବିକାଶ ରାଜଧାନୀ କରିବାର ପ୍ରୟାସ:**

ଭାରତୀୟ ଶ୍ରମିକମାନେ ଏବେ ବହୁସଂଖ୍ୟାରେ ଉତ୍ତମ କର୍ମସଂସ୍ଥାନ ଉଦ୍ଦେଶ୍ୟରେ ମଧ୍ୟପ୍ରାଚ୍ୟ ଭଳି ବିଭିନ୍ନ ରାଷ୍ଟ୍ରକୁ ଯାଉଛନ୍ତି। ସେମାନେ ନିଜର ବୈଷୟିକ ଦକ୍ଷତା ଯୋଗୁଁ ଆରବ ଓ ୟୁରୋପୀୟ ଦେଶଗୁଡ଼ିକରେ ନିର୍ମାଣ ଏବଂ ଖୁଚୁରା (ରିଟେଲ) ଉଦ୍ୟୋଗରେ ଅଧିକ ସଂଖ୍ୟାରେ କାମ ପାଉଛନ୍ତି। ଆଗରୁ କର୍ଣ୍ଣାଟକ ଓ କେରଳ ଭଳି ସମୃଦ୍ଧ ରାଜ୍ୟରୁ ଅଧିକ ଶ୍ରମିକ ବିଦେଶ ଯାଉଥିଲେ। ଏବେ କିନ୍ତୁ ସେ ଧାରା ବଦଳିଯାଇଛି ଏବଂ ଉତ୍ତରପ୍ରଦେଶ ଓ ବିହାର ଭଳି ପଛୁଆ ରାଜ୍ୟରୁ ଅଧିକରୁ ଅଧିକ ଶ୍ରମିକ ବିଦେଶ ଯାଉଛନ୍ତି। ଉତ୍ତରପ୍ରଦେଶ ଏବେ ଏ କ୍ଷେତ୍ରରେ ସର୍ବାଗ୍ରେ ରହିଛି ଏବଂ ଏହି ରାଜ୍ୟର ମୋଟ୍ ଶ୍ରମଶକ୍ତିର ୨୫ ଶତାଂଶ କୁଶଳୀ ଓ ଅଣକୁଶଳୀ ଶ୍ରମିକ କାମ ଅନ୍ୱେଷଣରେ ବିଦେଶ ଯାତ୍ରା କରୁଛନ୍ତି। ସମଗ୍ର ବିଶ୍ୱରେ ଭାରତୀୟ ଶ୍ରମିକଙ୍କ ଆତଯାତକୁ ସହଜ କରିବା ପାଇଁ ଏମ୍ଏସ୍‌ଡିଇ ବୈଦେଶିକ ମନ୍ତ୍ରଣାଳୟର ସହଯୋଗରେ ଆନ୍ତର୍ଜାତିକ ଦକ୍ଷତା ବିକାଶ କେନ୍ଦ୍ରମାନ ଭାରତୀୟ ଶ୍ରମିକଙ୍କ ପାଇଁ ତିଆରି କରିଛି। ଏହି କେନ୍ଦ୍ରରେ ବିଦେଶ ଯିବାକୁ ଆଗ୍ରହୀ ଶ୍ରମିକମାନଙ୍କୁ ଭାଷା ତାଲିମ, ଦକ୍ଷତା ବିକାଶ ଓ ବିଭିନ୍ନ ବୈଷୟିକ ପ୍ରଶିକ୍ଷଣ ଯୋଗାଇ ଦିଆଯାଉଛି। ସେମାନଙ୍କୁ ମଧ୍ୟ ଦକ୍ଷତା ଓ କୁଶଳବିକାଶ ସଂକ୍ରାନ୍ତ ପ୍ରମାଣପତ୍ର ଯୋଗାଇଦେବାର ବ୍ୟବସ୍ଥା କରାଯାଇଛି। ଏହି ସବୁ ଶ୍ରମିକଙ୍କୁ ବିଦେଶରେ ସାମୟିକ ନିଯୁକ୍ତି ଯୋଗାଣର ସୁବିଧା ଯୋଗାଇ ଦିଆଯାଉଛି। କେଉଁ ଦେଶରେ କେଉଁ କେଉଁ କ୍ଷେତ୍ରରେ ଶ୍ରମିକଙ୍କର ଆବଶ୍ୟକତା ରହିଛି ସେ ସମ୍ପର୍କରେ ମଧ୍ୟ ଆବଶ୍ୟକ ସୂଚନା ଓ ଅନ୍ୟାନ୍ୟ ସାହାଯ୍ୟ ସହଯୋଗ ଏହି କେନ୍ଦ୍ର ଯୋଗାଉଛି।

**ଆହୁରି କିଛି ଯୋଜନା ରହିଛି:**

ଦେଶର ବିପୁଳ ଶ୍ରମଶକ୍ତି ଓ ଜନସଂଖ୍ୟାକୁ ଦୃଷ୍ଟିରେ ରଖି ସରକାର ଶ୍ରମଶକ୍ତିକୁ ଅଧିକ ଦକ୍ଷ ଓ କୁଶଳୀ କରିବାକୁ ଆହୁରି ଅନେକ ଯୋଜନା ଓ କାର୍ଯ୍ୟକ୍ରମ ପ୍ରସ୍ତୁତ କରୁଛନ୍ତି। ଏଥିରେ ସରକାରୀ ସଂସ୍ଥା, ଉଦ୍ୟୋଗ, ନାଗରିକ ସମାଜ ଓ ରାଜ୍ୟ ସରକାରଙ୍କ ସହଯୋଗ ନିଆଯାଉଛି। ଗତ ତିନିବର୍ଷ ମଧ୍ୟରେ ଦେଶରେ ଦକ୍ଷତା ବିକାଶ ପରିତନ୍ତ୍ରରେ ଯଥେଷ୍ଟ ଉନ୍ନତି ଘଟିଛି। ବିଶେଷ କରି ଆନୁଷ୍ଠାନିକ ଢାଞ୍ଚାଗଠନ ଓ ନୀତିଗତ ସଂସ୍କାର କ୍ଷେତ୍ରରେ ଭାରତର ଉପଲବ୍ଧି ଉଲ୍ଲେଖନୀୟ ହୋଇଛି। ଏହାର ପରିଣାମ ମଧ୍ୟ ଭଲ ହେଉଛି ଓ ଉଭୟ ଉତ୍ପାଦକତା ଏବଂ ଉପାର୍ଜନ ଉପରେ ଏହାର ଅନୁକୂଳ ପ୍ରଭାବ ପଡୁଛି। ଏ କ୍ଷେତ୍ରରେ ଯେଉଁସବୁ ପ୍ରତିବନ୍ଧକ ରହିଛି

## ଆତ୍ମନିଯୁକ୍ତଙ୍କୁ ଉଦ୍ୟୋଗ ପ୍ରତିଷ୍ଠା ପାଇଁ ସୁଯୋଗ ଯୋଗାଉଥିବା ବିଭିନ୍ନ କାର୍ଯ୍ୟକ୍ରମ / ଯୋଜନା

| କାର୍ଯ୍ୟକ୍ରମର ନାମ | ଯୋଗ୍ୟତା | ଦିଆଯାଉଥିବା ବିଭିନ୍ନ ସହାୟତା |
|---|---|---|
| -ଦୀନଦୟାଲ ଅନ୍ତ୍ୟୋଦୟ ଯୋଜନାରେ ଗ୍ରାମ୍ୟ ଆତ୍ମନିଯୁକ୍ତି ତାଲିମ ପ୍ରତିଷ୍ଠାନ ଖୋଲିବା (ଅତି କ୍ଷୁଦ୍ର ସଂସ୍ଥା ପାଇଁ)<br>- ଆଜୀବକ ଗ୍ରାମୀଣ ଏକ୍ସପ୍ରେସ୍ ଯୋଜନା<br>- ଷ୍ଟାର୍ଟଅପ୍ ଗ୍ରାମ ଉଦ୍ୟୋଗୀ କାର୍ଯ୍ୟକ୍ରମ | ଗ୍ରାମ୍ୟ ବିପିଏଲ୍ ପରିବାର-୫୦% ହିତାଧିକାରୀ ଏସ୍‌ସି, ଏସ୍‌ଟି, ୧୫% ସଂଖ୍ୟାଲଘୁ, ୩% ଶାରୀରିକ ଅକ୍ଷମ, ମୁଖ୍ୟତଃ ମହିଳା କୈନ୍ଦ୍ରୀକ ପରିବାର, ଏକା ରହୁଥିବା ମହିଳା ଓ ଉଦ୍ଧାର ହୋଇଥିବା ମହିଳା | ବ୍ୟାଙ୍କ ଜରିଆରେ ଋଣ ପ୍ରଦାନ, ଉଦ୍ୟୋଗ ପ୍ରତିଷ୍ଠା ପାଇଁ ପ୍ରାରମ୍ଭିକ ସରକାରୀ ସହାୟତା ଏବଂ ଆତ୍ମନିଯୁକ୍ତି ପାଇଁ ନାନା ପ୍ରକାର ପ୍ରୋତ୍ସାହନ |
| ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା | କ୍ଷୁଦ୍ର, ସିବି, ଆର୍.ଆର୍.ବି, ଏନ୍‌ବିଏଫ୍‌ସି ଆଦିକୁ ପୁନଃ ଅର୍ଥଯୋଗାଣ | ପାଞ୍ଚରୁ ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବ୍ୟାଙ୍କ ଋଣ ଯୋଗାଣ |
| ଷ୍ଟାଣ୍ଡଅପ୍ ଇଣ୍ଡିଆ | ମହିଳା, ତଫସିଲଭୁକ୍ତ ଜାତି, ଉପଜାତି ଓ ମହିଳାଙ୍କ ଦ୍ୱାରା ନୂଆ ଉଦ୍ୟୋଗ ସ୍ଥାପନ ପ୍ରୟାସ | ୧୦ଲକ୍ଷରୁ ଏକ କୋଟି ଟଙ୍କା ପର୍ଯ୍ୟନ୍ତ ବ୍ୟାଙ୍କ ଋଣ ଯୋଗାଣ ସୁବିଧା |
| ପିଏମ୍‌ଇଜିପି | ୧୮ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିବିଶେଷ, ସମବାୟ ସମିତି, ଏସ୍‌ଏଚ୍‌ଜି, ଟ୍ରଷ୍ଟ, ସବ୍‌ସିଡି ପାଇ ନ ଥିବା ନୂଆ ପ୍ରକଳ୍ପ ପାଇଁ କେବଳ ଋଣ ଯୋଗାଣ | ମାନୁଫାକଚରିଙ୍ଗ ୟୁନିଟ୍ ପାଇଁ ୨୫ ଲକ୍ଷ ଟଙ୍କା, ସର୍ଭିସ୍ ୟୁନିଟ୍ ପାଇଁ ୧୦ ଲକ୍ଷ ଟଙ୍କା ଏହାଛଡ଼ା ଅନ୍ୟାନ୍ୟ ସୁବିଧା |
| ଆସ୍‌ପାୟାର | ଯୋଗ୍ୟ ଯୁବକ/ଯୁବତୀଙ୍କ ତାଲିମ ପ୍ରଶିକ୍ଷଣ ପାଇଁ ଉନ୍‌କ୍ୟୁବେଟର ପ୍ରତିଷ୍ଠା ଓ ନିଜସ୍ୱ ଉଦ୍ୟୋଗ ପ୍ରତିଷ୍ଠା ପ୍ରୟାସ | ଜୀବିକା ଉପାର୍ଜନ ଇନ୍‌କ୍ୟୁବେଟର ପାଇଁ ଜମି ଯନ୍ତ୍ରପାତି ଓ ବ୍ୟୟ ପାଇଁ ଶତପ୍ରତିଶତ ଏକକାଳୀନ ସହାୟତା, ଏହା ସର୍ବାଧିକ ୧୦ଲକ୍ଷ ଟଙ୍କା ଅନ୍ୟାନ୍ୟ ପ୍ରକଳ୍ପ ପାଇଁ ୫୦% ସହାୟତା ଓ ଆଉ କେତେକ ରିଆତି |
| ସ୍ଫୂର୍ତ୍ତି (କତା ଉଦ୍ୟମୀ ଯୋଜନା) | ପାରମ୍ପରିକ କତାଶିଳ୍ପ ସ୍ଥାପନ ଓ ସଂପୃକ୍ତ ଓ କାରିଗରଙ୍କ ପାଇଁ ରୋଜଗାର ସୃଷ୍ଟି ପ୍ରୟାସ | ହେରିଟେଜ୍ କ୍ଲଷ୍ଟର ପାଇଁ ଆଠ କୋଟି ସହାୟତା (୧୦୦୦ରୁ ୨୫୦୦ କାରିଗରଙ୍କ ପାଇଁ)<br>ବୃହତ୍ କ୍ଲଷ୍ଟର-(୫୦୦ରୁ ୧୦୦୦ କାରିଗର) - ୩ କୋଟି<br>କ୍ଷୁଦ୍ର (ପ୍ରକଳ୍ପର ସର୍ବାଧିକ ମୂଲ୍ୟ ୧୦ ଲକ୍ଷ) କ୍ଲଷ୍ଟର - (୫୦୦ କାରିଗର ଯାଏ) - ୧.୫ କୋଟି |

### ଟେବୁଲ-୧ : ହାରାହାରି ମାସିକ ଆୟ

| | ଆତ୍ମନିଯୁକ୍ତ | ନିୟମିତ ବେତନ / ମଜୁରି | ଠିକା ଶ୍ରମିକ | ସାମୟିକ ଶ୍ରମିକ |
|---|---|---|---|---|
| ଶ୍ରମଶକ୍ତିରେ ଥିବା ଲୋକ | ୪୬.୬ | ୧୭.୦ | ୩.୭ | ୩୨.୮ |
| ୫୦୦୦ ଟଙ୍କା ପର୍ଯ୍ୟନ୍ତ | ୪୧.୩ | ୧୮.୭ | ୩୮.୫ | ୫୯.୩ |
| ୫୦୦୧ରୁ ୭୫୦୦ଟଙ୍କା | ୨୬.୨ | ୧୯.୫ | ୨୭.୯ | ୨୫.୦ |
| ୭୫୦୦ରୁ ୧୦,୦୦୦ଟଙ୍କା | ୧୭.୪ | ୧୯.୦ | ୨୦.୩ | ୧୨.୦ |
| ୧୦,୦୦୧ରୁ ୨୦,୦୦୦ଟଙ୍କା | ୧୧.୧ | ୨୩.୬ | ୧୧.୦ | ୩.୫ |
| ୨୦,୦୦୧ରୁ୫୦,୦୦୦ଟଙ୍କା | ୩.୫ | ୧୭.୭ | ୨.୧ | ୦.୩ |
| ୫୦,୦୦୧ରୁ ୧୦,୦୦୦୦ଟଙ୍କା | ୦.୪ | ୧.୪ | ୦.୧ | ୦.୦ |
| ୧୦ଲକ୍ଷରୁ ଉର୍ଦ୍ଧ୍ୱ | ୦.୧ | ୦.୨ | ୦.୦ | ୦.୦ |

ତାହାର ଅବସାନ ଦିଗରେ ଚେଷ୍ଟା ଅବ୍ୟାହତ ରହିବା ବିଶେଷ ଜରୁରୀ।

**ସମସ୍ୟାବଳୀ:**

ଏ କ୍ଷେତ୍ରରେ ଯେଉଁସବୁ ପ୍ରମୁଖ ସମସ୍ୟା ରହିଛି ସେଥିମଧ୍ୟରୁ ସ୍କିଲ ୱେଜ ପ୍ରିମିୟମ, ଅତି କ୍ଷୁଦ୍ର ଉଦ୍ୟୋଗକୁ ବଜାର ସହିତ ସଂଯୁକ୍ତି କରିବା, ଅଣଆନୁଷ୍ଠାନିକ ଅର୍ଥନୀତି ଓ ଘରୋଇ ଉଦ୍ୟୋଗଦ୍ୱାରା ପାଣ୍ଠି ଯୋଗାଣ ଆଦି ଅନ୍ୟତମ। ସେ ବିଷୟରେ ନିମ୍ନରେ ଆଲୋଚନା କରାଯାଇଛି।

**ଅତିକ୍ଷୁଦ୍ର ଉଦ୍ୟୋଗ-ବଜାର ସଂଯୋଗ:**

ଦେଶରେ ଅତିକ୍ଷୁଦ୍ର ଉଦ୍ୟୋଗ ସମୂହର ବଜାର ସଂଯୁକ୍ତ ବ୍ୟବସ୍ଥା ସନ୍ତୋଷଜନକ ନୁହେଁ। ଫଳରେ ଜୀବିକାର୍ଜନ କ୍ଷେତ୍ରରେ ବାଧା ସୃଷ୍ଟି ହେଉଛି। ନୂଆ ଟେକ୍‌ନୋଲୋଜି ସହାୟତାରେ ଏହି ସମସ୍ୟାକୁ ଦୂର କରାଯାଇପାରିବ। ଗ୍ରାମାଞ୍ଚଳରେ ଥିବା କ୍ଷୁଦ୍ର ଓ ଅତିକ୍ଷୁଦ୍ର ଉଦ୍ୟୋଗଗୁଡ଼ିକୁ ବଜାର ବ୍ୟବସ୍ଥା ସହିତ ଏହାଦ୍ୱାରା ସଂଯୁକ୍ତ କରିବାକୁ ହେବ। ଏଥିପାଇଁ ଦକ୍ଷତା ବିକାଶ ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ। ଏହାଦ୍ୱାରା ନିଯୁକ୍ତି ସୃଷ୍ଟି ଓ ଉଦ୍‌ଯୋଗ ବିକାଶ ଧାରା ତ୍ୱରାନ୍ୱିତ ହୋଇପାରିବ।

**ସ୍କିଲ ୱେଜ୍ ପ୍ରିମିୟମ୍:**

ଦକ୍ଷ ଓ କୁଶଳି ଶ୍ରମିକଙ୍କୁ ଅଧିକ ବେତନ ଦେବା (ସ୍କିଲ ୱେଜ ପ୍ରିମିୟମ୍) ବ୍ୟବସ୍ଥାଟି ଭାରତରେ ବିଶେଷ ଆଦୃତି ଲାଭ କରିନାହିଁ। ଭାରତୀୟ ଉଦ୍ୟୋଗ ସମୂହ ଖର୍ଚ୍ଚ ଉପରେ ବିଶେଷ ନଜର ରଖନ୍ତି ଓ ସ୍ୱାଭାବତଃ ବ୍ୟୟକୁଣ୍ଠ। ତେଣୁ ସେମାନେ ଶ୍ରମିକଙ୍କ ପାଇଁ ସମାନ ମଜୁରି ନୀତି ପାଳନ କରନ୍ତି ଏବଂ କୁଶଳି ଶ୍ରମିକଙ୍କୁ ଅଧିକ ଅର୍ଥ ସାଧାରଣତଃ ଦିଅନ୍ତି ନାହିଁ। ଫଳରେ ଯେଉଁମାନେ ତାଲିମପ୍ରାପ୍ତ ଓ କୁଶଳି ସେମାନେ ଅଧିକ ମଜୁରିରୁ ବଞ୍ଚିତ ହୋଇଥାନ୍ତି ଓ ସେମାନଙ୍କ ମଧ୍ୟରେ ନୈରାଶ୍ୟଭାବ ପ୍ରକାଶ ପାଏ। ସେମାନେ ଅନେକ ସମୟରେ ବେକାର ରହନ୍ତି କିମ୍ବା ଯୋଗ୍ୟତାଠାରୁ କମ୍ ମଜୁରିରେ କାମ କରନ୍ତି। ଏହି ଅସୁବିଧା ଦୂର ନ'ହେଲେ ଦକ୍ଷତା ବିକାଶର କୌଣସି ମୂଲ୍ୟ ରହିବ ନାହିଁ ଏବଂ ଧୂଆମୂଳା ଅଧୁଆମୂଳା ସବୁ ସମାନ ଭାବେ ଗଣ୍ୟ ହେବେ।

**ଅଣଆନୁଷ୍ଠାନିକ ଓ ଅସଂଗଠିତ ଅର୍ଥନୀତି:**

ଅଣଆନୁଷ୍ଠାନିକ କ୍ଷେତ୍ରର ଦକ୍ଷତା / କୁଶଳ ଆବଶ୍ୟକତା ପୂରଣ ପାଇଁ ଦକ୍ଷ ଲୋକଶକ୍ତିର ଚାହିଦା ଓ ନିଯୁକ୍ତି ସୁଯୋଗ ସଂକ୍ରାନ୍ତ ତଥ୍ୟ ଜିଲ୍ଲାସ୍ତରରେ ନିର୍ଭୁଲ ଭାବେ ସଂଗ୍ରହ କରିବାକୁ ପଡ଼ିବ। ତେବେ ଯାଇ କୁଶଳି ଓ ଦକ୍ଷ ଶ୍ରମିକଙ୍କ ନିଯୁକ୍ତିର ସୁଯୋଗ ସୁଗମ ହେବ ଓ ଅର୍ଥନୀତି ଲାଭବାନ ହେବ।

**ଘରୋଇ ଉଦ୍ୟୋଗଦ୍ୱାରା ପାଣ୍ଠି ପ୍ରୋତ୍ସାହନ:**

ଦକ୍ଷତା ବିକାଶ ପାଇଁ ଘରୋଇ ଉଦ୍ୟୋଗ ଦ୍ୱାରା ପାଣ୍ଠି ଯୋଗାଣ ବ୍ୟବସ୍ଥା ଘେନି ବହୁଦିନରୁ ଉଦ୍ୟମ ହେଉଛି। ତେବେ ଏ କ୍ଷେତ୍ରରେ ସେମିତି ଉତ୍ସାହଜନକ ଜବାବ ମିଳୁ ନାହିଁ। ଦକ୍ଷ ଲୋକଶକ୍ତି ଦ୍ୱାରା ଶିଳ୍ପୋଦ୍ୟୋଗ ସିଧାସଳଖ ଉପକୃତ ହୋଇଥାନ୍ତି। ମାତ୍ର ସେମାନେ ଏ ଦିଗରେ ସହଯୋଗ କରୁ ନ ଥିବାରୁ ଦକ୍ଷତା ବିକାଶ ଜନିତ ସମସ୍ତ ବ୍ୟୟ ସରକାରଙ୍କୁ ବହନ କରିବାକୁ ପଡୁଛି। ଏଥିପାଇଁ କେତେକ ପ୍ରସ୍ତାବକୁ ଗୁରୁତ୍ୱର ସହ ବିଚାର କରିବା ଜରୁରୀ। ଏ କ୍ଷେତ୍ରରେ ଶିଳ୍ପ ସଂସ୍ଥା ଉପରେ ଉପକର (ସେସ୍) ଲାଗୁ କରିବା କିମ୍ବା ସେମାନଙ୍କର ଏବାବଦ ଖର୍ଚ୍ଚକୁ ଅନ୍ୟ ଉପାୟରେ ଭରଣ କରିବାର ବାଟ ବାହାର କରିବା ଦରକାର।

ଶେଷ କଥା ହେଲା କେବଳ ଦକ୍ଷତା ବିକାଶ ଯଥେଷ୍ଟ ନୁହେଁ। ପର୍ଯ୍ୟାପ୍ତ ଉନ୍ନତମାନର ନିଯୁକ୍ତି ସୁଯୋଗ ମିଳିବା ବା ସୃଷ୍ଟି ହେବା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଉଭୟ ନିଯୁକ୍ତି ଓ ଦକ୍ଷତା ବିକାଶ ମଧ୍ୟରେ ସବୁସ୍ତରରେ ସୁସମନ୍ୱୟ ଲୋଡ଼ା। ଏଥିପାଇଁ କର୍ମନିଯୁକ୍ତିର ସବୁ କ୍ଷେତ୍ରରେ ଦକ୍ଷତା ବିକାଶ କରି ଲୋକଶକ୍ତିକୁ ଉଦ୍ୟୋଗଯୋଗ୍ୟ ଓ ପ୍ରସ୍ତୁତ ରଖିବାକୁ ପଡ଼ିବ।

**ଲେଖକ ଭାରତ ସରକାରଙ୍କ ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟର ସଚିବ।** *E-mail: secy-msde@nic.in*




# ଅତିକ୍ଷୁଦ୍ର ଉଦ୍ୟୋଗର ବିକାଶ ଓ ନିଯୁକ୍ତି ପ୍ରୋତ୍ସାହନରେ 'ମୁଦ୍ରା'


● ରାଜୀବ କୁମାର

'ମାଇକ୍ରୋ ୟୁନିଟ୍ ଡେଭେଲପମେଣ୍ଟ ଆଣ୍ଡ ରିଫାଇନାନ୍ସ ଏଜେନ୍ସି ଲିମିଟେଡ୍ (ମୁଦ୍ରା) ଦେଶର ପୁଞ୍ଜି ଅଭାବର ସମ୍ମୁଖୀନ ହେଉଥିବା ଉଦ୍ୟୋଗଗୁଡ଼ିକୁ ପୁଞ୍ଜି ଯୋଗାଇ ଦେବାକୁ ଗଠନ କରାଯାଇଛି। ଏହି ସଂସ୍ଥା କ୍ଷୁଦ୍ର ଓ ଅତି କ୍ଷୁଦ୍ର ଉଦ୍ୟୋଗକୁ ଋଣ ଯୋଗାଉଥିବା ସବୁ ବ୍ୟାଙ୍କ, ମାଇକ୍ରୋ ଫାଇନାନ୍ସ ପ୍ରତିଷ୍ଠାନ ଓ ଅନ୍ୟାନ୍ୟ ଋଣ ଲଗାଣକାରୀ ସଂସ୍ଥାଙ୍କୁ ଅର୍ଥ ଯୋଗାଇଥାଏ। ସେହି ଅର୍ଥକୁ ଅତିକ୍ଷୁଦ୍ର ଓ କ୍ଷୁଦ୍ର ଉଦ୍ୟୋଗଙ୍କୁ ସେମାନେ ଋଣ ଆକାରରେ ଦେଇ ଉଦ୍ୟୋଗ ବିକାଶରେ ସହାୟକ ହୋଇଥାନ୍ତି। ଅର୍ଥାଭାବରୁ ଏଭଳି କୌଣସି ଉଦ୍ୟୋଗୀ ଓ ଉଦ୍ୟୋଗ ଯେପରି ଅକାଳରେ ଝଡ଼ି ନ'ପଡ଼ନ୍ତି ତାହା ନିଶ୍ଚିତ କରିବା ମୁଦ୍ରା ଯୋଜନାର ଲକ୍ଷ୍ୟ। ସଂପୃକ୍ତ ଉଦ୍ୟୋଗୀଙ୍କୁ ଋଣ ଯୋଗାଣ ସହ ସେମାନଙ୍କୁ ବ୍ୟବସାୟ ଓ ଅର୍ଥ ପରିଚାଳନା ସମ୍ପର୍କରେ ମଧ୍ୟ ଆବଶ୍ୟକ ତାଲିମ ପ୍ରଦାନ କରାଯାଏ। କେବଳ ଆର୍ଥିକ ଦୃଷ୍ଟିରୁ ସଫଳ ହେବା ଭଳି ପ୍ରକଳ୍ପକୁ ମୁଦ୍ରାଋଣ ଯୋଗାଇ ଦିଆଯାଏ।

ଦେଶର ଅଣଆନୁଷ୍ଠାନିକ କ୍ଷେତ୍ରରେ ପ୍ରାୟ ୫କୋଟି ୭୭ ଲକ୍ଷ କ୍ଷୁଦ୍ର ଓ ଅତିକ୍ଷୁଦ୍ର ବ୍ୟାବସାୟିକ ଉଦ୍ୟୋଗ, ସଂସ୍ଥା ରହିଛି। ମାନୁଫାକଚରିଙ୍ଗ, କ୍ଷୁଦ୍ର ବ୍ୟବସାୟ ଓ ସେବା ଯୋଗାଣ କ୍ଷେତ୍ରରେ ଏସବୁ ସଂସ୍ଥା ଏକକ ବା ଯୌଥ ଉଦ୍ୟମରେ ପରିଚାଳିତ। ଏସବୁ ଉଦ୍ୟୋଗ ନିଜର ବିକାଶ ପାଇଁ ସର୍ବଦା ପାଣ୍ଠି ଯୋଗାଡ଼ରେ ଅସୁବିଧାର ସମ୍ମୁଖୀନ ହୁଅନ୍ତି। ଉଦ୍ୟୋଗୀଙ୍କର ନିଜସ୍ୱ ସମ୍ବଳ ଓ ପୁଞ୍ଜି ସୀମିତ ଥିବା ଦୃଷ୍ଟିରୁ ସେମାନେ ବ୍ୟାପାର, କାରବାର ବଢ଼ାଇ ପାରି ନ ଥାନ୍ତି। ଏହାକୁ ଦୃଷ୍ଟିରେ ରଖି ସରକାର ଏସବୁ ସଂସ୍ଥାଙ୍କୁ ଋଣ ସହାୟତା ଯୋଗାଇ ଦେବା ଲକ୍ଷ୍ୟରେ ମୁଦ୍ରାଋଣ ଯୋଗାଣ ବ୍ୟବସ୍ଥା ଆରମ୍ଭ କରିଛନ୍ତି। ବଡ଼ବଡ଼ ଉଦ୍ୟୋଗ, ବ୍ୟବସାୟ ଓ କମ୍ପାନୀ କଥା ଭିନ୍ନ। ସେମାନଙ୍କୁ ସହାୟତା ଯୋଗାଇବାକୁ ଆନୁଷ୍ଠାନିକ ବ୍ୟାଙ୍କ ଋଣ ଯୋଜନା ଓ କାର୍ଯ୍ୟକ୍ରମ ଦେଶରେ ରହିଛି। ତେବେ କ୍ଷୁଦ୍ର ଓ ଅତିକ୍ଷୁଦ୍ର ଉଦ୍ୟୋଗ ଯେଉଁମାନେ ଆର୍ଥିକ ଦୃଷ୍ଟିରୁ ଅତି ଦୁର୍ବଳ ଅଥଚ କର୍ମନିଯୁକ୍ତି ଯୋଗାଣରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥାନ୍ତି ସେମାନଙ୍କ ସ୍ଥିତି ହୃଦୟଙ୍ଗମ କରି ସରକାର ମୁଦ୍ରା ଋଣ ଯୋଗାଣ ବ୍ୟବସ୍ଥାକୁ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟକାରୀ କରୁଛନ୍ତି।

ଏହିସବୁ କ୍ଷୁଦ୍ରକ୍ଷୁଦ୍ର ଉଦ୍ୟୋଗର ଅନେକ ସମସ୍ୟା ରହିଛି। ସେମାନଙ୍କର ପଞ୍ଜୀକରଣ ନ ଥାଏ। ଆନୁଷ୍ଠାନିକ କ୍ଷେତ୍ରରୁ ଋଣ ଆଣିବାର ସୁଯୋଗ ନ ଥିବାରୁ ସେମାନେ ସାହୁକାର ବା ଅନ୍ୟାନ୍ୟ ପାରମ୍ପରିକ ଋଣ ଦାତାଙ୍କଠାରୁ ଚଢ଼ା ସୁଧରେ ଋଣ ଆଣିଥାନ୍ତି। ଏହା ଫଳରେ ଏହି ଉଦ୍ୟୋଗର ଅଭିବୃଦ୍ଧି ବ୍ୟାହତ ହୋଇଥାଏ।

ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା ୨୦୧୫ ଏପ୍ରିଲ ଆଠରେ ଆରମ୍ଭ ହୋଇଥିଲା। ପାଣ୍ଠି ନ ଥିବା ଉଦ୍ୟୋଗକୁ ପୁଞ୍ଜି ଯୋଗାଣ ଏହାର ଲକ୍ଷ୍ୟ। ଏହି ଋଣ ବିଭିନ୍ନ ବ୍ୟାଙ୍କ, ବିତ୍ତଲଗାଣକାରୀ ସଂସ୍ଥା ମାଧ୍ୟମରେ ହିତାଧିକାରୀଙ୍କୁ ଯୋଗାଇ ଦିଆଯାଇଥାଏ। ନିଯୁକ୍ତି ସୃଷ୍ଟିକାରୀ କ୍ଷୁଦ୍ର କ୍ଷୁଦ୍ର ଉଦ୍ୟୋଗଗୁଡ଼ିକୁ ସର୍ବାଧିକ ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଣର ବ୍ୟବସ୍ଥା ଅଛି। ଏସବୁ ଉଦ୍ୟୋଗକୁ ଶିଶୁ, କିଶୋର




ଓ ତରୁଣ ଏପରି ତିନି ଶ୍ରେଣୀରେ ବିଭକ୍ତ କରାଯାଇଛି । ଶିଶୁ ବର୍ଗର ଉଦ୍ୟୋଗ ପାଇଁ ସର୍ବାଧିକ ୫୦ହଜାର ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଣର ବ୍ୟବସ୍ଥା ଥିବାବେଳେ କିଶୋର ବର୍ଗ ପାଇଁ ୫୦ହଜାରରୁ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଏବଂ ତରୁଣ ବର୍ଗର ଉଦ୍ୟୋଗ ପାଇଁ ପାଞ୍ଚଲକ୍ଷରୁ ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଣର ବ୍ୟବସ୍ଥା ଅଛି । ଏହାଛଡ଼ା ଯୁବ, ଦକ୍ଷ ଓ ତାଲିମପ୍ରାପ୍ତ ଉଦ୍ୟୋଗୀଙ୍କୁ ପ୍ରଥମ ପିଢ଼ିର ଉଦ୍ୟୋଗ ପ୍ରତିଷ୍ଠା ପାଇଁ ମଧ୍ୟ ଋଣ ଯୋଗାଣର ବ୍ୟବସ୍ଥା ରହିଛି । ଏହାର ଲକ୍ଷ୍ୟ ହେଲା ଉଦ୍ୟୋଗ ବିକାଶକୁ ତ୍ୱରାନ୍ୱିତ କରି ଅଧିକରୁ ଅଧିକ ନିଯୁକ୍ତି ସୃଷ୍ଟି କରିବା ।

୨୦୧୮ ଜୁଲାଇ ୬ରୁ ଏହି ଯୋଜନା ଆରମ୍ଭ ଠାରୁ ଏ ପର୍ଯ୍ୟନ୍ତ ୧୩କୋଟି ୧୬ଲକ୍ଷ ଉଦ୍ୟୋଗୀଙ୍କୁ ମୁଦ୍ରା ଋଣ ପ୍ରଦାନ କରାଯାଇଛି । ଏବାବଦରେ ଦିଆଯାଇଥିବା ମୋଟ ଋଣ ପରିମାଣ ୬.୧୯ ଲକ୍ଷ କୋଟି । ଯୋଜନା ଆରମ୍ଭ କାଳରେ ଋଣ ଯୋଗାଣର ଯେଉଁ ବାର୍ଷିକ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା ତାହାଠାରୁ ଅଧିକ ସଫଳତା ମିଳିଛି । ଚଳିତ ବର୍ଷ ୩ଲକ୍ଷ କୋଟି ଟଙ୍କାର ଋଣ ଯୋଗାଣର ଲକ୍ଷ୍ୟ ରଖାଯାଇଛି ।

ପ୍ରଧାନମନ୍ତ୍ରୀ ମୁଦ୍ରା ଋଣ ଯୋଜନା କ୍ଷୁଦ୍ର ଓ ଅତିକ୍ଷୁଦ୍ର ସଂସ୍ଥାଙ୍କୁ ଋଣ ଯୋଗାଣରେ ଏକ ନୂଆ ପରିବେଶ ତନ୍ତ୍ର ସୃଷ୍ଟି କରିଛି । ବ୍ୟାଙ୍କ ବ୍ୟବସ୍ଥା ବାହାରେ ଋଣ ପ୍ରଦାନର ଏକ ନୂଆ ଢାଞ୍ଚା ତିଆରି ହୋଇପାରିଛି । ଏବେ ମୁଦ୍ରା ଋଣ ୧୧୦ଟି ବ୍ୟାଙ୍କ ବ୍ୟତୀତ ୭୨ଟି ମାଇକ୍ରୋ ଫାଇନାନ୍ସ ସଂସ୍ଥା, ୯୦ଗୋଟି ଅଣବ୍ୟାଙ୍କିଙ୍ଗ ଅର୍ଥ ଲଗାଣକାରୀ ସଂସ୍ଥା ମାଧ୍ୟମରେ ପ୍ରଦାନ କରାଯାଉଛି । ଋଣ ପାଇଁ ଅନ୍‌ଲାଇନରେ www.udyamimitra.in ପୋର୍ଟାଲ୍‌ରେ ମଧ୍ୟ ଆବେଦନ କରିବାର ବ୍ୟବସ୍ଥା ଅଛି ।


**ସଫଳ କାହାଣୀ:**


ରାଜସ୍ଥାନର ଭିଲଓ୍ୱାରାର ଶ୍ରୀମତୀ ଅନୀତା ସୋନୀ ନିଜ ଘରେ ଏକ ମହିଳା ପୋଷାକ ବ୍ୟବସାୟ କରୁଥିଲେ । ଅର୍ଥାଭାବରୁ ସେ ବ୍ୟବସାୟ ବଢ଼ାଇବାକୁ ଅସମର୍ଥ ଥିଲେ । ମୁଦ୍ରାଋଣ 'ତରୁଣ' ବର୍ଗରେ ୧୦ ଲକ୍ଷ ଟଙ୍କାର ଋଣ ନେଇ ସେ 'ଲାଡ୍‌ଲୀ କଲେକସନ୍' ନାମରେ ଏକ ସ୍ଥାୟୀ ଦୋକାନ ଖୋଲିଲେ । ଏହା ଫଳରେ ତାଙ୍କର ବିକ୍ରିବଟା ଓ ଆୟ ମଧ୍ୟ ବୃଦ୍ଧି ପାଇଲା ।

*(ଉତ୍ସ: ମୁଦ୍ରାପୋର୍ଟାଲ)*


## ନିଯୁକ୍ତି ଉପରେ ପ୍ରଭାବ:

ପିରାମିଡ୍‌ର ସବା ତଳେ ଥିବା ଲୋକଙ୍କୁ ଋଣ ଯୋଗାଣରେ ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା ବିଶେଷ ସହାୟକ ହୋଇଛି । ଏହା ଫଳରେ ସଂପୃକ୍ତ ଉଦ୍ୟୋଗ ସମୂହର ଆର୍ଥିକ ସ୍ଥିତିରେ ଉନ୍ନତି ଆସିବା ସହ ଉତ୍ପାଦନ ମଧ୍ୟ ବୃଦ୍ଧି ପାଉଛି । ଏହି ଯୋଜନାରେ ଋଣ ପାଇଥିବା ଉଦ୍ୟୋଗଗୁଡ଼ିକ ମଧ୍ୟରୁ ପ୍ରାୟ ୯୦ ଶତାଂଶ 'ଶିଶୁ'ବର୍ଗରେ ଏହି ଋଣର ପ୍ରଭାବ ଭଲ




ରହିଛି ଏବଂ ଏହା ସଂପୃକ୍ତ ଉଦ୍ୟୋଗର ବିକାଶରେ ସହାୟକ ହେଉଥିବା ବିଭିନ୍ନ ଅନୁଧ୍ୟାନରୁ ଜଣାପଡ଼ିଛି। ଏସବୁ ଉଦ୍ୟୋଗର ବିକାଶ ନିଯୁକ୍ତି ସୁଯୋଗ ସୃଷ୍ଟିକୁ ମଧ୍ୟ ପ୍ରୋତ୍ସାହିତ କରୁଛି। 'ଦ୍ୱାର' ନାମକ ଏକ ସଂସ୍ଥାର ଅନୁଧ୍ୟାନ ଅନୁସାରେ ଦୁଇ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଣରେ ମୁଦ୍ରା ଯୋଜନାର ସଫଳତା ଉଲ୍ଲେଖନୀୟ ରହିଛି। ଏବେ ଦୁଇ ଲକ୍ଷ ଟଙ୍କାରୁ ଅଧିକ ଋଣ ଯୋଗାଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବାର ଆବଶ୍ୟକତା ରହିଛି ବୋଲି ଏହି ସଂସ୍ଥା କହିଛି। ଉଭୟ ଶିଶୁ ଓ କିଶୋର ବର୍ଗର ଶିଳ୍ପ ସଂସ୍ଥା ଏହା ଦ୍ୱାରା ଅଧିକ ଉପକୃତ ହେଉଛନ୍ତି। ମହିଳାମାନଙ୍କ ଉପରେ ଏହି ଋଣର ପ୍ରଭାବ ଭଲ ପଡୁଛି। ଏହାଦ୍ୱାରା ଶ୍ରମ ବଜାରରେ ସେମାନଙ୍କର ଅଂଶଗ୍ରହଣ କ୍ରମଶଃ ବଢୁଛି। ମୁଦ୍ରା ଋଣର ୭୪ଭାଗ ମହିଳାଙ୍କୁ ହିଁ ଦିଆଯାଇଛି। ସେମାନେ ଏହି ଅର୍ଥରେ ସାବୁନ, ଅଗରବତି, ବୁଣେଇ, ସିଲେଇ, ଗ୍ୟାଜେଟ ମରାମତି, କମ୍ପ୍ୟୁଟର ଟ୍ରେନିଂ ଆଦି ବିଭିନ୍ନ ଧନ୍ଦା ସୁରୁଖୁରୁରେ ଚଳାଇ ନିଜର ଆୟ ବଢ଼ାଇବାରେ ସଫଳ ହୋଇଛନ୍ତି। ମହିଳାଙ୍କ ନେତୃତ୍ୱରେ ପରିଚାଳିତ ଉଦ୍ୟୋଗ ୨୦୧୩-୧୪ରେ ୧୩.୪ ଶତାଂଶ କ୍ରମ ଅଭିବୃଦ୍ଧି ହାସଲ କରିଥିବା ବେଳେ ୨୦୧୫-୧୬ରେ ଏହା ୧୯.୫କୁ ବୃଦ୍ଧି ପାଇଥିବା ନମୁନା ସର୍ଭେରୁ ଜଣାପଡ଼ିଛି। ଏଥିରୁ ମୁଦ୍ରାଯୋଜନାରେ ମହିଳାଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟିର ଯଥାର୍ଥତା ପ୍ରମାଣିତ ହୁଏ। ମୁଦ୍ରା ଯୋଜନା ମଧ୍ୟ ଉଦ୍ୟୋଗୀଙ୍କୁ ବିକାଶ ପାଇଁ ଏକ ମଞ୍ଚ ଯୋଗାଇ ଦେଇଛି। ଏହି ଋଣର ପ୍ରାୟ ୨୮% ନୂଆ ଉଦ୍ୟୋଗୀଙ୍କୁ ପ୍ରଦାନ କରାଯାଇଛି। ଏହିଭଳି ଉଦ୍ୟୋଗର ଅଭିବୃଦ୍ଧିହାର ୨୦୧୩-୧୪ରେ ୩.୦୧ ଶତାଂଶ ଥିବା ଅର୍ଥନୈତିକ ସର୍ଭେ ରିପୋର୍ଟରୁ ଜଣାପଡ଼େ। ଜାତୀୟ ନମୁନା ସର୍ଭେ ତଥ୍ୟ ଅନୁସାରେ ୨୦୧୫-୧୬ରେ ଏହି ହାର ୫.୩୩ ଶତାଂଶ। ତେବେ ଏହି ସବୁ ଉଦ୍ୟୋଗୀ ନିଜେ ଅଧିକାଂଶ କାମ କରନ୍ତି ଏବଂ ବାହାର ଶ୍ରମିକଙ୍କୁ ନିଯୁକ୍ତି ଦିଅନ୍ତି ନାହିଁ କିମ୍ବା ନିୟମିତ ଭାବେ ସେମାନଙ୍କୁ ଲୋଡ଼ନ୍ତି ନାହିଁ। ତଥାପି ଏସବୁ ଉଦ୍ୟୋଗର ଅଭିବୃଦ୍ଧି ଓ ବିକାଶ ଘଟୁଥିବାରୁ ସରକାର ସେସବୁକୁ ପ୍ରୋତ୍ସାହିତ କରିବାକୁ ନିଷ୍ପତ୍ତି ନେଇଛନ୍ତି।




**ମହିଳା ସଶକ୍ତିକରଣ**




୧ ଏପ୍ରିଲ୍ ୨୦୧୫ ଏବଂ ୩୧ ମାର୍ଚ୍ଚ ୨୦୧୮

ଶ୍ରୀମତୀ ହେମା ରାଠୋଡ୍ ଜୟପୁରର ଜଣେ ମହିଳା ଉଦ୍ୟୋଗୀ। ତିନିମାସ ବ୍ୟବଧାନରେ ସେ ନିଜର ପୁଅ ଓ ସ୍ୱାମୀଙ୍କୁ ହରାଇବା ପରେ ନିରାଶ ହୋଇପଡ଼ିଥିଲେ। ନିଜର ଦୁଇ ବିଧବା ବୋହୂ ଓ ଚାରି ନାତି ନାତୁଣୀଙ୍କ ବୋଝ ତାଙ୍କ ଉପରେ ପଡ଼ିଲା। ମୁଦ୍ରା ଋଣ ଯୋଜନାରେ ସେ ବ୍ୟାଙ୍କରୁ ଋଣ ନେଇ ନିଜ ସ୍ୱାମୀଙ୍କ ପୁରୁଣା ଡ୍ରାଇଭିଂ ତାଲିମ ସ୍କୁଲର ପୁନରୁଦ୍ଧାର କରି ତାହାକୁ ଚଳାଇଲେ। ସେ ନିଜ ଉଦ୍ୟମରେ ସଫଳ ହୋଇଛନ୍ତି ଏବଂ ଏବେ ମାସିକ ପ୍ରାୟ ୧.୫ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି।


**ଅସ୍ତିବାଚକ ଋଣଯୋଗାଣ ପରିବେଶତନ୍ତ୍ର:** ପ୍ରଧାନମନ୍ତ୍ରୀ ମୁଦ୍ରା ଋଣ ଯୋଜନା ଜରିଆରେ ଅର୍ଥ, ପିରାମିଡ଼ର ନିମ୍ନକୁ ଯାଉଛି ଓ ଉଦ୍ଦିଷ୍ଟବର୍ଗଙ୍କ ପାଖରେ ପହଞ୍ଚୁଛି। ଋଣଯୋଗାଣ ପରିବେଶକୁ ଆନୁଷ୍ଠାନିକ ରୂପ ଦେବା ଏହାର ବିଶେଷତ୍ୱ। ତେଣୁ ଏହା ନିଯୁକ୍ତି ସୃଷ୍ଟିରେ ଏକ ଅଣୁ ଘଟକ ଭାବେ କାର୍ଯ୍ୟ କରୁଛି। ଏହା ସମ୍ଭବ ହୋଇଛି ନିମ୍ନଲିଖିତ କାରଣ ପାଇଁ। ସେଗୁଡ଼ିକ ହେଲା - ପୋର୍ଟଫୋଲିଓ କ୍ରେଡିଟ୍ ଗ୍ୟାରେଣ୍ଟି, ପୁନଃ ଅର୍ଥଯୋଗାଣ, ମୁଦ୍ରାକାର୍ଡ ବ୍ୟବସ୍ଥା, ଋଣ ଇତିହାସ, ଏମ୍ଏଫ୍ଆଇରେ ପରିବର୍ତ୍ତନ ଓ ଋଣକୁ ଅନୁଦାନ ଭାବେ ବିଚାର ନ' କରିବା।

- ପୋର୍ଟଫୋଲିଓ କ୍ରେଡିଟ୍ ଗ୍ୟାରେଣ୍ଟି : ମୁଦ୍ରା ଯୋଜନାରେ ପୋର୍ଟଫୋଲିଓ କ୍ରେଡିଟ୍ ଗ୍ୟାରେଣ୍ଟି ବ୍ୟବସ୍ଥା ପ୍ରବର୍ତ୍ତନ କରାଯାଇଛି ଯ'ଦ୍ୱାରା ୫୦ଶତାଂଶ କ୍ଷତି ଭରଣାର ବ୍ୟବସ୍ଥା ଅଛି। ଉଦ୍ୟୋଗର ପ୍ରଥମ କ୍ଷତି ଏକ ନିର୍ଦ୍ଦିଷ୍ଟ ସୀମା ପର୍ଯ୍ୟନ୍ତ ଋଣଦାତା ବହନ କରିବେ। ଋଣଦାତା ନିଜର ରେଟିଂ ସହିତ ପ୍ରିମିୟମ ହାରକୁ ସଂଯୋଗ କରିବେ। ଏଥିରେ ଅଚଳ ପୁଞ୍ଜିର ପରିଚାଳନା ସଂପୃକ୍ତ ଋଣଦାତାଙ୍କ ଦ୍ୱାରା କରାଯିବ।

- **ପୁନଃ ଅର୍ଥଯୋଗାଣ:** ମୁଦ୍ରା ଯୋଜନାରେ ପୁନଃ ଋଣଯୋଗାଣ ବା ରିଫାଇନାନ୍ସ ବ୍ୟବସ୍ଥା ରହିଛି ଯେଉଁଠି ଏକ ନିର୍ଦ୍ଦିଷ୍ଟ ସୀମାପର୍ଯ୍ୟନ୍ତ ଋଣୀକୁ କମ୍ ସୁଧରେ ପୁନର୍ବାର ଋଣ ଯୋଗାଇ ଦିଆଯାଇପାରିବ। ନିର୍ଦ୍ଦିଷ୍ଟ ନୀତି ଓ ନିୟମ ଅନୁସାରେ ଏହି ପୁନଃ ଋଣ ଯୋଗାଣ କରାଯିବ ଏବଂ ଉଦ୍ୟୋଗୀଙ୍କ ବିଫଳତାର ସମୀକ୍ଷା ହେବ।

- **ମୁଦ୍ରାକାର୍ଡ:** ଏହା ଏକ ରୁପେ ଡେବିଟ୍ କାର୍ଡ ଯାହା ମାଧ୍ୟମରେ ଅଭିନବ ଉପାୟରେ କାର୍ଯ୍ୟକାରୀ ପୁଞ୍ଜି ଯୋଗାଣର ବ୍ୟବସ୍ଥା କରାଯାଇଛି। ଜରୁରୀ ଆବଶ୍ୟକତା ସ୍ଥଳେ ଉଦ୍ୟୋଗୀ କ୍ୟାସ୍ କ୍ରେଡିଟ୍ ବା ଓଭରଡ୍ରାଫ୍ଟ ଆକାରରେ ଏହି ପୁଞ୍ଜି ଉଠାଇପାରିବେ। ଦରକାର ବେଳେ ଏଟିଏମ୍‌ରୁ ମଧ୍ୟ ଏହି କାର୍ଡ ସାହାଯ୍ୟରେ ଟଙ୍କା ଉଠାଇ ଉଦ୍ୟୋଗରେ ବିନିଯୋଗ କରାଯାଇପାରିବ। ଗୋଟିଏ ଦିନରେ ଟଙ୍କା ଉଠାଣ ଓ ପରିଶୋଧ ପାଇଁ କୌଣସି ସୁଧ ଦେବାକୁ ପଡ଼ିବ ନାହିଁ।

- **ଋଣ ଇତିହାସ ବା କ୍ରେଡିଟ୍ ହିଷ୍ଟ୍ରୀ:** ମୁଦ୍ରାଋଣ ପ୍ରଦାନର ସମସ୍ତ ତଥ୍ୟ କ୍ରେଡିଟ୍ ବ୍ୟୁରୋ ରଖିଥାଏ। ଏହି ତଥ୍ୟ ଆଧାରରେ




ସଂପୃକ୍ତ ଉଦ୍ୟୋଗୀଙ୍କୁ ଆନୁଷ୍ଠାନିକ ଅର୍ଥ ବ୍ୟବସ୍ଥାର ଅନ୍ତର୍ଭୁକ୍ତ କରାଯାଏ। ଋଣର ସଦୁପଯୋଗ, ଉଦ୍ୟୋଗର ବିକାଶ ଓ ନିଯୁକ୍ତି ସୃଷ୍ଟି ଆଦିର ତଥ୍ୟ ରଖି କର୍ତ୍ତୃପକ୍ଷ ଏହି ଋଣ ଯୋଗାଣ କାର୍ଯ୍ୟକ୍ରମର ସଫଳତା ଆକଳନ କରିଥାନ୍ତି।

## ଡ୍ରାଇଭର ସୁରେନ୍ଦ୍ର ସିଂହଙ୍କ ସଫଳତା

ସୁରେନ୍ଦ୍ର ସିଂହ ଜଣେ  ଅଟୋ ଡ୍ରାଇଭର। ସେ ତାଙ୍କ ସାଙ୍ଗର ଅଟୋ ରିକ୍ସା ଚଳାଇ ନିଜ ପରିବାର ଚଳାଉଥିଲେ। ସୁରେନ୍ଦ୍ର ମଧ୍ୟ ନିଜ ପରିବାରର ଏକମାତ୍ର ରୋଜଗାରକ୍ଷମ ସଦସ୍ୟ ଥିଲେ। ଯାହା ଆୟ କରୁଥିଲେ ସେ ନିଜ ସାଙ୍ଗଙ୍କୁ ଗାଡ଼ିର ଭଡ଼ା ବାବଦ ଦେୟ ଦୈନିକ ପୈଠ କରି ଅବଶିଷ୍ଟ ଅର୍ଥରେ ନିଜର ପରିବାରର ଗୁଜରାଣ ଭଲରେ ମେଣ୍ଟାଉଥିଲେ।

ତାଙ୍କର ଦୁଇଟି ପିଲା ବଡ଼ ହେବାରୁ ସେମାନଙ୍କ ପାଠପଢ଼ା ଖର୍ଚ୍ଚ ବଢ଼ିଲା। ଏହା ସହିତ ଘରର ଅନ୍ୟାନ୍ୟ ଖର୍ଚ୍ଚ ବଢ଼ିବାରୁ ପଇସାର ଅଭାବ ପଡ଼ିଲା। ସେ ଦେଖିଲେ ତାଙ୍କ ମୋଟ୍ ଆୟର ପ୍ରାୟ ଅଧା ଅଟୋ ମାଲିକଙ୍କୁ ଭଡ଼ା ଆକାରରେ ପ୍ରତି ମାସରେ ଦେବାକୁ ପଡୁଛି। ତେଣୁ ସେ ନିଜର ଏକ ଅଟୋ କିଣିବାକୁ ନିଷ୍ପତ୍ତି ନେଇ ବ୍ୟାଙ୍କକୁ ଋଣ ପାଇଁ ଗଲେ।

ତାଙ୍କ ପାଖରେ ଜମିବାଡ଼ି, ଘର, ସୁନା ବା ଅର୍ଥ ନ ଥିବାରୁ ତାଙ୍କୁ ଋଣ ମିଳିବା ସହଜ ହେବନାହିଁ ବୋଲି ସେ ଭାବୁଥିଲେ। ତେବେ ତାଙ୍କ ପାଖରେ ସାଧୁତା ରୂପକ ଏକମାତ୍ର ସମ୍ବଳ ଥିଲା। ଋଣ ସମ୍ପର୍କରେ ବୁଝାବୁଝି କରିବାବେଳେ ବ୍ୟାଙ୍କବାଲା ତାଙ୍କୁ ମୁଦ୍ରାଋଣ ଯୋଜନା ସମ୍ପର୍କରେ କହିଲେ ଏବଂ ସେ 'କିଶୋର' ପର୍ଯ୍ୟାୟରେ ଏହି ଋଣ ପାଇଁ ଆବେଦନ କଲେ। କେଇଥର ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଭେଟିବା ପରେ ତାଙ୍କୁ ଋଣ ମିଳିଗଲା ଓ ସେ ନିଜର ଖଣ୍ଡିଏ ଅଟୋ କିଣିଲେ। ଏବେ ସେ ନିଜ ଅଟୋ ଚଳାଇ ନିଜ ପରିବାରର ବର୍ଦ୍ଧିତ ଅର୍ଥ ଆବଶ୍ୟକତା ପୂରଣ କରିବା ସହ ଭଲରେ ଚଳୁଛନ୍ତି। ଏବେ ସେ ନିଜର ଆଉ ଖଣ୍ଡେ ଅଟୋ କିଣିବାକୁ ମଧ୍ୟ ଯୋଜନା କରୁଛନ୍ତି। ଏହି ଅଟୋକୁ ଭଡ଼ାରେ ଲଗାଇ ନିଜର ରୋଜଗାର ବଢ଼ାଇବାକୁ ସେ ଚାହୁଁଛନ୍ତି। ଏହା ଫଳରେ ସେ ଆଉ ଜଣକୁ ମଧ୍ୟ କର୍ମନିଯୁକ୍ତି ଦେବାକୁ ଚାହୁଁଛନ୍ତି। ନିଜର ଲକ୍ଷ୍ୟ ପୂରଣ ପାଇଁ ସୁରେନ୍ଦ୍ର ସିଂହ କଠିନ ପରିଶ୍ରମ କରୁଛନ୍ତି। ମୁଦ୍ରା ଯୋଜନାଦ୍ୱାରା ତାଙ୍କର ଏହି ଲକ୍ଷ୍ୟ ପୂରଣ ହେବ ବୋଲି ସେ ବେଶ୍ ଆଶାବାଦୀ।

- **ଋଣ, ଅନୁଦାନ ନୁହେଁ:** ମୁଦ୍ରା ଯୋଜନାରେ ସବୁ ଋଣ ଗ୍ରହୀତା ଋଣକାରୀ ଗ୍ରାହକ। ସେମାନେ ମାଗଣା ସରକାରୀ ଯୋଜନାର ହିତାଧିକାରୀ ନୁହଁନ୍ତି। ଏହା କାହାକୁ ମାଗଣାରେ ଅନୁଦାନ ଆକାରରେ ମିଳେନାହିଁ। ଏହା ସର୍ତ୍ତଭିତ୍ତିକ ଋଣ। ଏଥିରେ ସବ୍‌ସିଡ଼ିର ବ୍ୟବସ୍ଥା ନାହିଁ। ଶୃଙ୍ଖଳିତ ଋଣ ବ୍ୟବସ୍ଥାରେ ସଂପୃକ୍ତ ଅର୍ଥ ଯୋଗାଣ ନିଶ୍ଚିତ କରାଯାଏ। ଏହା ଫଳରେ ଋଣକାରୀ ମାଗଣା ହିତାଧିକାରୀ ପରିବର୍ତ୍ତେ 'ମୁଦ୍ରାଦ୍ୟୋଗୀ' ଭାବେ ବିବେଚିତ ହୁଏ।

**ଭ୍ୟାଲ୍ୟୁଚେନ୍ ସହିତ ସଂଯୋଗ:**

ଆଗାମୀ ଦିନରେ ମୁଦ୍ରାଋଣ ଅଂଶୀଦାରୀ ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କରିବ। ଏହା ଭ୍ୟାଲ୍ୟୁଚେନ୍ ଓ ସପ୍ଲାଇଚେନ୍‌ର ପ୍ରୋତ୍ସାହନ ପାଇଁ ଋଣ ଯୋଗାଇ ଏଥିରେ ସଂପୃକ୍ତ ସମସ୍ତ ସହଯୋଗୀ, ବ୍ୟକ୍ତିବିଶେଷ ଓ ଇ-କମର୍ସ ମଞ୍ଚର ଉନ୍ନତି ପାଇଁ କାର୍ଯ୍ୟ କରିବ। ଏହା ଫଳରେ 'ମୁଦ୍ରା ଉଦ୍ୟୋଗୀ' ବୃହତ୍ତର ବ୍ୟବସାୟ ସହ ସଂପୃକ୍ତ ହୋଇ ଅଧିକ କର୍ମନିଯୁକ୍ତି ସୃଷ୍ଟି କରିବାର ସୁଯୋଗ ପାଇବେ। ଫଳରେ ଏହି ଭ୍ୟାଲ୍ୟୁ ଚେନ୍‌ରେ ସମ୍ପୃକ୍ତ ସମସ୍ତ ପକ୍ଷ ଉପକୃତ ହେବେ। ଭ୍ୟାଲ୍ୟୁ ଚେନ୍ ଏକ

# ‘ମୁଦ୍ରା’ ଉଦ୍ୟମୀଙ୍କୁ ପ୍ରୋତ୍ସାହିତ କରିବା ପାଇଁ ‘ଜାମ୍’ ଭିତ୍ତିଭୂମି




Source: PMJDY Portal

ପରସ୍ପର ସମ୍ବର୍ଦ୍ଧିତ ପ୍ରକ୍ରିୟା ଯେଉଁଠି ଗୋଟିଏ ଶୃଙ୍ଖଳରେ ସମସ୍ତେ ଛନ୍ଦାଛନ୍ଦି ହୋଇ ନିଜ ନିଜର ସାମର୍ଥ୍ୟ ମତେ ଏକ ମହତ୍ ଉଦ୍ଦେଶ୍ୟ ହାସଲ ପାଇଁ ଅବଦାନ ଦେଇଥାନ୍ତି। ସପ୍ଲାଇଚେନ୍ ସେହିଭଳି ଏକ ସମ୍ମିଳିତ ପ୍ରୟାସ ଯେଉଁଠି ଯୋଗାଣକାରୀ ନିଜନିଜ ସହିତ ସହବନ୍ଧିତ।

ଭାରତର ବିରାଟ ଖାଉଟି ବଜାର ନୂଆ ନୂଆ ଉଦ୍ୟୋଗ ଓ ଉପକ୍ରମ ପାଇଁ ବିପୁଳ ସୁଯୋଗ ପ୍ରଦାନ କରିଥାଏ। ପୁରୁଣା ଉଦ୍ୟୋଗର ସଂପ୍ରସାରଣ ପାଇଁ ମଧ୍ୟ ଏଠାରେ ପ୍ରଚୁର ସୁଯୋଗ ରହିଛି। ଅତଏବ ଏହାକୁ ତ୍ୱରାନ୍ୱିତ କରିବା ପାଇଁ ମୁଦ୍ରା ଯୋଜନା ପ୍ରବର୍ତ୍ତନ ଏକ ଉଲ୍ଲେଖନୀୟ ପଦକ୍ଷେପ। ଜନଧନ ଯୋଜନା, ଆଧାର ଓ ମୋବାଇଲ୍ ଏହି ତ୍ରିମୂର୍ତ୍ତି-ଆର୍ଥିକ ସମାବେଶୀ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଛି। ଏହା ଆନୁଷ୍ଠାନିକ ଋଣ ଯୋଗାଣ ପାଇଁ ମଧ୍ୟ ଏକ ଉତ୍ତମ ଭିତ୍ତିଭୂମି ଦେଇଛି। ତେଣୁ ମୁଦ୍ରାଋଣର ଚାହିଦା ଓ ଲୋକପ୍ରିୟତା ବଢ଼ିଛି।

ଫିନ୍‌ଟେକ୍ ଭଳି ନୂଆ ପଦ୍ଧତି ବାହାରିବା ପରେ ଋଣ ପ୍ରଦାନ ବ୍ୟବସ୍ଥା ସହଜ ହୋଇଛି ଏବଂ ଏଥିରେ ଋଣୀଙ୍କର ବ୍ୟକ୍ତିଗତ ଉପସ୍ଥିତି ଋଣ ଲଗାଣକାରୀ ସଂସ୍ଥାଙ୍କ ପାଖରେ ଆଉ ଆବଶ୍ୟକ ପଡୁନାହିଁ।

### ମୁଦ୍ରାମିତ୍ର

**ମୁଦ୍ରାମିତ୍ର ଏକ ମୋବାଇଲ ଫୋନ୍ ଆପ୍ଲିକେସନ। ଏହା ଗୁଗୁଲ୍ ପ୍ଲେ ଷ୍ଟୋର ଓ ଗୁଗୁଲ୍ ଆପ୍ ଷ୍ଟୋରରୁ ମିଳିପାରିବ। ଏହା ମୁଦ୍ରା ଓ ଏହାର ବିଭିନ୍ନ ଲକ୍ଷ୍ୟ, ଉଦ୍ଦେଶ୍ୟ ଓ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥାଏ। ପ୍ରଧାନମନ୍ତ୍ରୀ ମୁଦ୍ରାଯୋଜନାରେ ବ୍ୟାଙ୍କରୁ କିପରି ଋଣ ମିଳିପାରିବ ସେ ସମ୍ପର୍କରେ ଏଥିରେ ସବିଶେଷ ସୂଚନା ରହିଛି। ଆଗ୍ରହୀ ବ୍ୟକ୍ତିବିଶେଷ ଏହା ମାଧ୍ୟମରେ ବିଭିନ୍ନ ତଥ୍ୟ ଜାଣିପାରିବେ।**

ଟିଆରଡିଏସ୍, ସରକାରୀ ଇ-ବଜାର, ଜିଏସ୍‌ଟି, ଆୟକର ରିଟର୍ଣ୍ଣ ଆଦିର ସମସ୍ତ ତଥ୍ୟାବଳୀ ଅଚିରେ ହାସଲ କରିବା ପାଇଁ ଏସବୁ ବ୍ୟବସ୍ଥାର ଆନ୍ତଃ ସଂଯୋଗୀକରଣ କରାଯାଇଛି। ଏହା ଫଳରେ ଏଥିରୁ ତଥ୍ୟାବଳୀ ସଂଗ୍ରହ କରି ଋଣ ପ୍ରଦାନ ସହଜରେ କରାଯାଇପାରିବ। ଏହି ବ୍ୟବସ୍ଥାରେ ଯେତେ ଅଧିକ ପକ୍ଷ ବା ବ୍ୟକ୍ତିବିଶେଷ ଅଂଶୀଦାର ହେବେ ଉଦ୍ୟୋଗ ବିକାଶ ପ୍ରକ୍ରିୟା ସେତେ ତ୍ୱରାନ୍ୱିତ ହୋଇ ଦେଶରେ ନିଯୁକ୍ତି ସୁଯୋଗ ବଢ଼ିବ।

ପାଣ୍ଠି ନ ଥିବା ଉଦ୍ୟୋଗକୁ ପାଣ୍ଠି ଯୋଗାଣ ଓ ଅଣଆନୁଷ୍ଠାନିକ ସ୍ଥିତିରେ ଥିବା ଉଦ୍ୟୋଗକୁ ଆନୁଷ୍ଠାନିକ ରୂପ ଦେବାରେ ମୁଦ୍ରାଋଣ ଏକ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଛି। ସମାଜର ବଞ୍ଚିତ ଓ ଅବହେଳିତ ବର୍ଗର ଲୋକଙ୍କ ଔଦ୍ୟୋଗିକ ପ୍ରୟାସକୁ ଫଳବତୀ କରିବାରେ ଏହା ଋଣ ମାଧ୍ୟମରେ ପୁଞ୍ଜି ଯୋଗାଇ ଦେଉଛି। ଏହା ପ୍ରଥମ ପିଢ଼ିର ଉଦ୍ୟୋଗୀଙ୍କ ମଧ୍ୟରେ ଆତ୍ମବିଶ୍ୱାସ ସୃଷ୍ଟି କରିବାରେ ସଫଳ ହୋଇଛି। ଯେଉଁମାନେ ଉଦ୍ୟୋଗ ସ୍ଥାପନ କରିବାକୁ ଅର୍ଥାଭାବ ଓ ଅନ୍ୟାନ୍ୟ କାରଣରୁ ଏକଦା କୁଣ୍ଠିତ ହେଉଥିଲେ ସେମାନେ ଏବେ ନିଜର ବିଚାର ବଦଳାଇ ଏ କ୍ଷେତ୍ରରେ ଆଗୁସାର ହେଉଛନ୍ତି। ସେହିଭଳି ଉଦ୍ୟୋଗ ଆରମ୍ଭ କରି ଅର୍ଥାଭାବ ଓ ବଜାର ସୁବିଧା ପାଉ ନ ଥିବା ଉଦ୍ୟୋଗୀ ମଧ୍ୟ ଏହି ଯୋଜନାରେ ଉପକୃତ ହେଉଥିବା ଏକ ବଡ଼ ଉପଲବ୍ଧି। ମୁଦ୍ରା ଋଣ ବ୍ୟବସ୍ଥା ଦେଶର କ୍ଷୁଦ୍ର ଉଦ୍ୟୋଗ କ୍ଷେତ୍ରରେ ଏକ ଉତ୍ତମ ପରିବେଶ ସୃଷ୍ଟି କରିବାରେ ସଫଳ ହୋଇଛି।

**ଲେଖକ ଭାରତ ସରକାରଙ୍କ ଆର୍ଥିକ ସେବା ବିଭାଗର ସଚିବ।** ***E-mail: secy-fs@nic.in***



ଆମ ଦେଶର ସାମାଜିକ ଔଦ୍ୟୋଗିକ ବିକାଶରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏଭଳି ଉଦ୍ୟୋଗ ଯୋଗୁଁ କର୍ମନିଯୁକ୍ତି ସୁଯୋଗ ବୃଦ୍ଧିପାଏ। ବର୍ତ୍ତମାନ ଆମ ଦେଶରେ ୭ କୋଟିରୁ ଉର୍ଦ୍ଧ୍ୱ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ରହିଛି, ଯେଉଁଗୁଡ଼ିକ ପ୍ରାୟ ୧୨ କୋଟି କର୍ମନିଯୁକ୍ତି ଯୋଗାଇ ପାରିଛନ୍ତି। ଆତ୍ମନିଯୁକ୍ତି ଓ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାରେ କୃଷିକ୍ଷେତ୍ର ପରେ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଜଗତର ସ୍ଥାନ ହେଉଛି ଦ୍ୱିତୀୟ। ଏହି ଉଦ୍ୟୋଗ କ୍ଷେତ୍ରରେ ଶ୍ରମ-ପୁଞ୍ଜି ଅନୁପାତ ମଧ୍ୟ ବେଶ୍ ଅଧିକ।

# ଏମ୍ଏସ୍ଏମ୍ଇ: ଅଭିବୃଦ୍ଧି ଓ ନିଯୁକ୍ତି ସୃଷ୍ଟିର ନୂଆ ଇଞ୍ଜିନ୍

● **ଅରୁଣ କୁମାର ପଣ୍ଡା**

ଭାରତର ସାମଗ୍ରିକ ସାମାଜିକ ଓ ଆର୍ଥିକ ପ୍ରଗତି ପ୍ରତି ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗର ଅବଦାନ ଅବ୍ୟାହତ ରହିଛି। ପ୍ରତ୍ୟେକ ଉଦ୍ୟୋଗର ଯଥେଷ୍ଟ ମୂଲ୍ୟ ରହିଥାଏ। କାରଣ ଏହା ଆତ୍ମନିଯୁକ୍ତି ପାଇଁ ସୁଯୋଗ ସୃଷ୍ଟି କରିବା ସହ କ୍ରମବର୍ଦ୍ଧିଷ୍ଣୁ ଭାବରେ ଅନ୍ୟମାନଙ୍କ ପାଇଁ ମଧ୍ୟ ନିଯୁକ୍ତି ସୁଯୋଗ ଯୋଗାଇଥାଏ। ଏପରିକି ଏକ ଛୋଟ ଉଦ୍ୟୋଗ ମଧ୍ୟ ମହାନ ଭାରତୀୟ ଅଭିବୃଦ୍ଧିର କାହାଣୀକୁ ପ୍ରୋତ୍ସାହିତ କରିଥାଏ। ତେଣୁ ଏହା ସ୍ୱାଭାବିକ ଯେ ଏଭଳି ଉଦ୍ୟୋଗଗୁଡ଼ିକୁ ଅର୍ଥନୀତିର ମେରୁଦଣ୍ଡ ଭାବେ ଅଭିହିତ କରାଯାଏ। ଏହି କ୍ଷେତ୍ରକୁ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟ ତରଫରୁ ନାନାବିଧ ପଦକ୍ଷେପ ଦ୍ୱାରା ଆହୁରି ପ୍ରୋତ୍ସାହିତ କରାଯାଉଛି। ଯଦ୍ଦ୍ୱାରା ଏଗୁଡ଼ିକ ଅଧିକରୁ ଅଧିକ ଆତ୍ମନିଯୁକ୍ତି ଓ ନିଯୁକ୍ତି ସୁଯୋଗ ସୃଷ୍ଟି କରିପାରିବେ।

**ନିଯୁକ୍ତି ସୁଯୋଗ ସୃଷ୍ଟି:**

ଆମ ଦେଶର ସାମାଜିକ ଔଦ୍ୟୋଗିକ ବିକାଶରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏଭଳି ଉଦ୍ୟୋଗ ଯୋଗୁଁ କର୍ମନିଯୁକ୍ତି ସୁଯୋଗ ବୃଦ୍ଧିପାଏ। ବର୍ତ୍ତମାନ ଆମ ଦେଶରେ ୭ କୋଟିରୁ ଉର୍ଦ୍ଧ୍ୱ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ରହିଛି, ଯେଉଁଗୁଡ଼ିକ ପ୍ରାୟ ୧୨ କୋଟି କର୍ମନିଯୁକ୍ତି ଯୋଗାଇ ପାରିଛନ୍ତି। ଆତ୍ମନିଯୁକ୍ତି ଓ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାରେ କୃଷିକ୍ଷେତ୍ର ପରେ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଜଗତର ସ୍ଥାନ ହେଉଛି ଦ୍ୱିତୀୟ। ଏହି ଉଦ୍ୟୋଗ କ୍ଷେତ୍ରରେ ଶ୍ରମ-ପୁଞ୍ଜି ଅନୁପାତ ମଧ୍ୟ ବେଶ୍ ଅଧିକ।

ଇତିହାସ କୁହେ ଯେ ବିକାଶ ପ୍ରକ୍ରିୟାରେ ଲୋକମାନେ କୃଷି କାର୍ଯ୍ୟରୁ ଅଣ କୃଷିକ୍ଷେତ୍ର ଆଡ଼କୁ ମୁହାଁଇଥାନ୍ତି। ଏଥିରେ ବିନିର୍ମାଣ ଓ ସେବାକ୍ଷେତ୍ର ଅନ୍ତର୍ଭୁକ୍ତ। ଏଥିଯୋଗୁଁ ଦେଶର ଅଭିବୃଦ୍ଧି ପାଇଁ ବିନିର୍ମାଣ ଓ ସେବାକ୍ଷେତ୍ରର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଆଗାମୀ ଦିନଗୁଡ଼ିକରେ ଦେଶର କାର୍ଯ୍ୟକ୍ଷମ ଜନସଂଖ୍ୟା ବୃଦ୍ଧି ସହିତ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ କ୍ଷେତ୍ର ଏକ ବଡ଼ ଭୂମିକା ଗ୍ରହଣ କରିବ, ବିଶେଷ ଭାବେ ଏହି ଜନସଂଖ୍ୟା ପାଇଁ କର୍ମନିଯୁକ୍ତି ଯୋଗାଡ଼ କରିବା କ୍ଷେତ୍ରରେ। ତେବେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗରେ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ହେଲେ ପରିବହନ ଉପକରଣ, ବିଦ୍ୟୁତ୍ ସରଞ୍ଜାମ, କାଠ, ଚମଡ଼ା, କାଗଜ, ବସ୍ତ୍ର ଓ ହସ୍ତତନ୍ତ ଭଳି ଶ୍ରମବହୁଳ ଉଦ୍ୟୋଗଗୁଡ଼ିକରେ ମାନବ ସମ୍ବଳ ଉପଯୋଗ ଉପରେ ଧ୍ୟାନ ଦେବାକୁ ହେବ।

**କାର୍ଯ୍ୟସୂଚୀ କାର୍ଯ୍ୟାନ୍ୱୟନ:**

ଅର୍ଥନୀତିର ଅଭିବୃଦ୍ଧି ପାଇଁ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବା ଏମ୍ଏସ୍ଏମ୍ଇର ଯୋଗଦାନ ଅପରିହାର୍ଯ୍ୟ। ଏହାର କାରଣ ହେଉଛି ଅର୍ଥନୀତିର ଅନ୍ୟାନ୍ୟ କ୍ଷେତ୍ରରେ ଏମ୍ଏସ୍ଏମ୍ଇର ଏକ ଅନୁରୂପ ପ୍ରଭାବ ପଡ଼ିଥାଏ। ଅର୍ଥନୀତିର ଅନ୍ୟାନ୍ୟ କ୍ଷେତ୍ରରୁ କଞ୍ଚାମାଲ୍ ଉପଯୋଗ କରି ବିନିର୍ମାଣ ଉଦ୍ୟୋଗ, ବ୍ୟବହାର ଉପଯୋଗୀ ଉତ୍ପାଦ ସୃଷ୍ଟି କରେ ଓ ଏହାଦ୍ୱାରା ଉଭୟ କଞ୍ଚାମାଲ୍ ଓ ଉତ୍ପାଦ ପାଇଁ ଚାହିଦା ମଧ୍ୟ ସୃଷ୍ଟି କରେ। ଜାତୀୟ ବିନିର୍ମାଣ ନୀତିର ଆକଳନ ଅନୁସାରେ ୨୦୨୨ ମସିହା ସୁଦ୍ଧା ବିନିର୍ମାଣ ଉଦ୍ୟୋଗରେ ୧୦ କୋଟି ନିଯୁକ୍ତି ସୃଷ୍ଟି କରିବାର ଦକ୍ଷତା ଅଛି। ତେବେ ଏଥିପାଇଁ କେତୋଟି କଥା ପ୍ରତି ଧ୍ୟାନ ଦେବାକୁ ପଡ଼ିବ।

କ) ଶ୍ରମବହୁଳ ଉଦ୍ୟୋଗଗୁଡ଼ିକୁ ପ୍ରୋତ୍ସାହନ ଦେବା।

ଖ) ଶିକ୍ଷାନୁଷ୍ଠାନଗୁଡ଼ିକରେ ଅଭିନବତା ପ୍ରୋତ୍ସାହନ ପାଇଁ ପରୀକ୍ଷାଗାର ମାଧ୍ୟମରେ ପ୍ରଶିକ୍ଷଣର ମାନରେ ଉନ୍ନତି ଆଣିବା।

ଗ) ସର୍ବୋତ୍ତମ ପ୍ରକ୍ରିୟାକୁ ଆପଣେଇ ଉତ୍ପାଦନ ବୃଦ୍ଧି କରିବା।

ଘ) ସମୟାନୁବର୍ତ୍ତୀ ଭାବେ ଋଣ ଯୋଗାଣ ବ୍ୟବସ୍ଥା ସୁନିଶ୍ଚିତ କରିବା।

ଙ) ବଜାର ବ୍ୟବସ୍ଥା ସୃଷ୍ଟି କରିବା।

ସରକାରୀ ପଦକ୍ଷେପ:

ଏଭଳି ଉଦ୍ୟୋଗ ସମୂହର ଅଭିବୃଦ୍ଧି ପାଇଁ ଯଥେଷ୍ଟ ସୁଯୋଗ ରହିଥିଲେ ମଧ୍ୟ ଏଥିରେ କେତେକ ଆହ୍ୱାନ ମଧ୍ୟ ରହିଛି। ଉଦାହରଣ ସ୍ୱରୂପ ଉତ୍ପାଦନ ଖର୍ଚ୍ଚ ବୃଦ୍ଧି, ପ୍ରଯୁକ୍ତିବିଦ୍ୟାର ଉପଯୋଗ ଓ କୁଶଳୀ ଶ୍ରମିକଙ୍କ ଚାହିଦା ଆଦି ଯୋଗୁଁ ଏହି କ୍ଷେତ୍ର ଯଥେଷ୍ଟ ପ୍ରଭାବିତ ହେଉଛି।



**ଲକ୍ଷ୍ୟଭିତ୍ତିକ ଦୃଷ୍ଟିଭଙ୍ଗୀ:**

ଭାରତରକୁ ନିଯୁକ୍ତି ଆଶାୟୀ ନୁହେଁ ବରଂ ନିଯୁକ୍ତି ପ୍ରଦାନକାରୀ ଦେଶ ଭାବେ ଗଢ଼ିବା ପାଇଁ ସରକାରୀ ସ୍ତରରେ ଉଦ୍ୟମିତାକୁ ପ୍ରୋତ୍ସାହନ ଦିଆଯାଉଛି। ତେବେ ଏଥିରେ ଥିବା କେତେକ ଆହ୍ୱାନ ପ୍ରତି ସଚେତନ ରହି ସରକାର ଯଥୋଚିତ ପଦକ୍ଷେପ ମାଧ୍ୟମରେ ସେଗୁଡ଼ିକର ମୁକାବିଲା କରୁଛନ୍ତି ଓ ଏହାଦ୍ୱାରା ନିଯୁକ୍ତି ସୁଯୋଗ ସୃଷ୍ଟି ପାଇଁ ପ୍ରଚେଷ୍ଟା କରୁଛନ୍ତି। ଏଥିପାଇଁ ସମଗ୍ର ଦେଶରେ ଅନେକ କାର୍ଯ୍ୟକ୍ରମ ଚାଲିଛି। ଏଗୁଡ଼ିକ ମଧ୍ୟରେ ପ୍ରଧାନମନ୍ତ୍ରୀ ନିଯୁକ୍ତି ସୃଷ୍ଟି କାର୍ଯ୍ୟକ୍ରମ, 'ମୁଦ୍ରା' ଯୋଜନା ଓ 'ସ୍ଫୁର୍ତ୍ତି' (ସ୍କିମ୍ ଅଫ୍ ଫଣ୍ଡ ଫର ରିଜେନେରସନ୍ ଅଫ୍ ଟ୍ରାଡିସ୍ନାଲ୍ ଇଣ୍ଡଷ୍ଟ୍ରିଜ୍) ଭଳି ଯୋଜନା ଅନ୍ତର୍ଭୁକ୍ତ। ଏତଦ୍‌ବ୍ୟତୀତ ଖଦି ଓ ଗ୍ରାମୋଦ୍ୟୋଗ ଏବଂ କତା ଆଧାରିତ ଉଦ୍ୟୋଗ ମଧ୍ୟ ନିଯୁକ୍ତି ସୁଯୋଗରେ ଭରପୂର।

**ବଜାର ସୁବିଧା:**

ପବ୍ଲିକ୍ ପ୍ରକ୍ୟୁରମେଣ୍ଟ ପଲିସି ମାଧ୍ୟମରେ ଏମ୍ଏସ୍ଏମ୍ଇ ଉଦ୍ୟୋଗର ପ୍ରୋତ୍ସାହନ ତଥା ବଞ୍ଚିତବର୍ଗଙ୍କ ଉତ୍‌ଥାନ ପାଇଁ ସରକାର ଏମ୍ଏସ୍ଏମ୍ଇକୁ ଅଗ୍ରାଧିକାର ଭିତ୍ତିରେ ବଜାର ସୁବିଧା ଉପଲବ୍ଧ କରାଉଛନ୍ତି। ଉପରୋକ୍ତ ନୀତି ଅନୁସାରେ କେନ୍ଦ୍ରୀୟ ପବ୍ଲିକ୍ ସେକ୍ଟର ଏଣ୍ଟରପ୍ରାଇଜ୍, କେନ୍ଦ୍ରୀୟ ମନ୍ତ୍ରଣାଳୟ ଓ ସରକାରୀ ବିଭାଗଗୁଡ଼ିକ କିଣୁଥିବା ସାମଗ୍ରୀର ୨୦ ପ୍ରତିଶତ, ଏମ୍ଏସ୍ଏମ୍ଇ ଉଦ୍ୟୋଗରୁ କିଣିବା ବାଞ୍ଛନୀୟ। ଏଥିରେ ଅନୁସୂଚିତ ଜାତି ଓ ଜନଜାତିଙ୍କ ଦ୍ୱାରା ଉତ୍ପାଦିତ ସାମଗ୍ରୀ (୪ ପ୍ରତିଶତ) ମଧ୍ୟ ସାମିଲ୍ ରହିବା ବିଧେୟ। ଏଥିପାଇଁ ସରକାର 'ସମ୍ବନ୍ଧ' ପୋର୍ଟାଲ୍ ସ୍ଥାପିତ କରି ଏହି ଉଦ୍ୟୋଗ ଓ ଏସ୍‌ସିଏସ୍‌ଟି ଉଦ୍ୟୋଗୀଙ୍କୁ ପବ୍ଲିକ୍ ପ୍ରକ୍ୟୁରମେଣ୍ଟ ନୀତି ସମ୍ପର୍କରେ ସଚେତନ କରାଉଛନ୍ତି ଓ ଅଧିକ କର୍ମନିଯୁକ୍ତି ସୃଷ୍ଟି କରିବାର ପ୍ରୟାସ କରୁଛନ୍ତି।

ତେବେ ଏସ୍‌ସିଏସ୍‌ଟି ଉଦ୍ୟୋଗୀଙ୍କ କଲ୍ୟାଣ ପାଇଁ ପବ୍ଲିକ୍ ପ୍ରକ୍ୟୁରମେଣ୍ଟ ପଲିସିରେ ଧାର୍ଯ୍ୟ ଲକ୍ଷ୍ୟ ହାସଲ ସକାଶେ ୨୦୧୬ ଅକ୍ଟୋବର ମାସରେ ପ୍ରଧାନମନ୍ତ୍ରୀ, ନ୍ୟାସ୍ନାଲ୍ ସିଡୁଲ୍ କାଷ୍ଟ ସିଡୁଲ୍ ଟ୍ରାଇବ୍ ହବ୍ (ଏମ୍ଏସ୍ଏସ୍ଏଚ୍)ର ଶୁଭାରମ୍ଭ କରିଛନ୍ତି। ଏସ୍‌ସିଏସ୍‌ଟି ବର୍ଗଙ୍କ ମଧ୍ୟରେ ଉଦ୍ୟମିତା ପ୍ରୋତ୍ସାହନ ହେଉଛି ଏହାର ମୁଖ୍ୟ ଉଦ୍ଦେଶ୍ୟ।

ଏମ୍ଏସ୍ଏମ୍ଇ ସ୍ଥାପନର ବିଭିନ୍ନ ଦିଗ ସମ୍ପର୍କରେ ଆଶାୟୀ ଉଦ୍ୟୋଗୀଙ୍କୁ ସଶକ୍ତ କରାଇବା ସକାଶେ ସମ୍ପୃକ୍ତ ମନ୍ତ୍ରଣାଳୟ ଅନେକଗୁଡ଼ିଏ ବୃତ୍ତିଗତ ଓ ଉଦ୍ୟମିତା ବିକାଶ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି। ଏଗୁଡ଼ିକ ମଧ୍ୟରେ ଉଦ୍ୟମିତା କୌଶଳ ବିକାଶ ଯୋଜନା ଓ ପ୍ରବନ୍ଧନ ବିକାଶ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ। ଏହି ଉଭୟ କାର୍ଯ୍ୟକ୍ରମ ଦ୍ୱାରା ଉଦ୍ୟୋଗୀମାନଙ୍କ କୌଶଳ ବିକାଶ ଓ ପରିଚାଳନା ଦକ୍ଷତା ବୃଦ୍ଧି ପାଇଁ ପ୍ରଚେଷ୍ଟା କରାଯାଉଛି। ଅନ୍ୟପକ୍ଷରେ ଏମ୍ଏସ୍ଏମ୍ଇ ମନ୍ତ୍ରଣାଳୟ ଅଧିନସ୍ଥ ଜାତୀୟ କ୍ଷୁଦ୍ର ଉଦ୍ୟୋଗ ନିଗମ ଦ୍ୱାରା ଉଦ୍ୟୋଗୀମାନଙ୍କ

ସକାଶେ ଋଣ, କଞ୍ଚାମାଲ୍, ପ୍ରଶିକ୍ଷଣ ଆଦି ସମ୍ପର୍କରେ ବିଭିନ୍ନ ସୁବିଧା ପ୍ରଦାନ କରାଯାଇ ବିନିର୍ମାଣ କ୍ଷେତ୍ରରେ ନିଯୁକ୍ତି ସୁଯୋଗ ପାଇଁ ପ୍ରଚେଷ୍ଟା କରାଯାଉଛି।

**ଋଣ ସୁବିଧା:**

ଉଦ୍ୟୋଗୀମାନଙ୍କ ପାଇଁ ଋଣ ପାଇବା ଏକ ବଡ଼ ସମସ୍ୟା ହୋଇଥାଏ। ଏଥିସକାଶେ ସରକାର କେତେକ ପଦକ୍ଷେପ ନେଇଛନ୍ତି। ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରଣାଳୟ ଅଧିନସ୍ଥ ପ୍ରଧାନମନ୍ତ୍ରୀ ନିଯୁକ୍ତି ସୃଷ୍ଟି କାର୍ଯ୍ୟକ୍ରମ ସକାଶେ ସରକାର ଏହାର ବଜେଟୀୟ ଆବଣ୍ଟନକୁ ୮୦ ପ୍ରତିଶତ ବୃଦ୍ଧି କରିଛନ୍ତି। ୨୦୧୭-୧୮ ଆର୍ଥିକ ବର୍ଷରେ ୪୮୩୯୮ଟି ଅଣୁ ଉଦ୍ୟୋଗକୁ ସହାୟତା ପ୍ରଦାନ କରାଯାଇ ୩ ଲକ୍ଷ ବ୍ୟକ୍ତିଙ୍କୁ ନିଯୁକ୍ତି ସୁଯୋଗ ପ୍ରଦାନ କରାଯାଇଛି। ୨୦୧୮-୧୯ ଆର୍ଥିକ ବର୍ଷରେ ୭୦ ହଜାର ଅଣୁ ଉଦ୍ୟୋଗ ସ୍ଥାପନ କରି ପ୍ରାୟ ୫ ଲକ୍ଷ ବ୍ୟକ୍ତିଙ୍କ ନିଯୁକ୍ତି ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ପ୍ରଧାନମନ୍ତ୍ରୀ ନିଯୁକ୍ତି ସୃଷ୍ଟି କାର୍ଯ୍ୟକ୍ରମ ଉପରେ ଗୁରୁଗ୍ରାମସ୍ଥିତ ଏମ୍‌ଡିଆଇ ତରଫରୁ କରାଯାଇଥିବା ଏକ ଅଧ୍ୟୟନ ଅନୁଯାୟୀ ଏହି ଧ୍ୱଜାଧାରୀ କାର୍ଯ୍ୟକ୍ରମ ଅଧିନରେ ସ୍ଥାପିତ ପ୍ରତ୍ୟେକ ଉଦ୍ୟୋଗ ଦ୍ୱାରା ୯୬ ହଜାର ଟଙ୍କା ବ୍ୟୟରେ ୭.୬୨ ଜଣ ବ୍ୟକ୍ତିଙ୍କୁ ନିଯୁକ୍ତି ସୁଯୋଗ ପ୍ରଦାନ କରାଯାଇପାରୁଛି।

ଅଣୁ ଉଦ୍ୟୋଗ ସ୍ଥାପନ ପାଇଁ ମୁଦ୍ରା ଯୋଜନା ମାଧ୍ୟମରେ ଋଣ ଯୋଗାଣ ସୁବିଧା ସୁନିଶ୍ଚିତ କରାଯାଉଛି। ସରକାରଙ୍କ ବଜେଟୀୟ ଘୋଷଣା ଅନୁଯାୟୀ ପ୍ରାୟ ୫ କୋଟି ଜମାଖାତାରେ ୩ ଲକ୍ଷ କୋଟି ଟଙ୍କା ଋଣ ଜମା କରିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଏଥିପାଇଁ ମଧ୍ୟ ଏମ୍‌ଏସ୍‌ଏମ୍‌ଇରେ କର୍ମନିଯୁକ୍ତି ସୁଯୋଗ ସୃଷ୍ଟି ପାଇଁ ଏକ ଅନୁକୂଳ ବାତାବରଣ ତିଆରି ହୋଇପାରିଛି। ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗ ପାଇଁ ଉଦ୍ଦିଷ୍ଟ କ୍ରେଡିଟ୍ ଗ୍ୟାରେଣ୍ଟି ଫଣ୍ଡ୍ ସକାଶେ ସରକାର ୮ ହଜାର କୋଟି ଟଙ୍କାର ବ୍ୟବସ୍ଥା କରିଛନ୍ତି। ପୂର୍ବରୁ ଏହା ୨୫୦୦ କୋଟି ଟଙ୍କା ଥିଲା। ଏହାଦ୍ୱାରା ୨୦୧୮-୧୯ ଆର୍ଥିକ ବର୍ଷରେ ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗ ପାଇଁ ଅଭୁତପୂର୍ବ ଋଣ ଯୋଗାଣ ସୁବିଧା ସୁନିଶ୍ଚିତ ହୋଇପାରିଛି। ଗତ କେତେବର୍ଷରେ ପ୍ରାୟ ୧୯ ହଜାର କୋଟିରୁ ୨୦ ହଜାର କୋଟି ଟଙ୍କାର ଋଣ ଯୋଗାଣ ତୁଳନାରେ ଚଳିତ ବର୍ଷ ଏହା ୪୦ ହଜାର କୋଟି ଟଙ୍କାରୁ ଅଧିକ ହେବ ବୋଲି ଆକଳନ କରାଯାଇଛି।

ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରଣାଳୟ ଆଉ ମଧ୍ୟ ସୌର ଚରଖା ନାମରେ ଏକ ଅଭିଯାନ ଆରମ୍ଭ କରିଛି। ଏହା ଅଧିନରେ ପ୍ରଥମ ପର୍ଯ୍ୟାୟରେ ୫୦ଟି ପୁଞ୍ଜ ସ୍ଥାପନ କରାଯାଇ ଗ୍ରାମାଞ୍ଚଳର ବିଶେଷ ଭାବେ ମହିଳାମାନଙ୍କୁ ପ୍ରାୟ ୧ ଲକ୍ଷ କର୍ମନିଯୁକ୍ତି ଯୋଗାଇ ଦେବାର ପରିକଳ୍ପନା କରାଯାଇଛି।

ଉପରବର୍ଣ୍ଣିତ ଯୋଜନା ଓ ପଦକ୍ଷେପ ଦ୍ୱାରା ଆଶାୟୀ ଉଦ୍ୟୋଗୀମାନଙ୍କୁ ପ୍ରୋତ୍ସାହିତ ତଥା ସଶକ୍ତ କରିବାର ପ୍ରୟାସ କରାଯାଉଛି। ଏହି ଯୋଜନାଗୁଡ଼ିକର ଏକ ବୃହତ ସାମାଜିକ ଦୃଷ୍ଟିକୋଣ ମଧ୍ୟ ରହିଛି। କାରଣ ଏହାଦ୍ୱାରା ମହିଳା ଓ ଏସ୍‌ସିଏସ୍‌ଟି ଭଳି ଅବହେଳିତବର୍ଗଙ୍କ କଲ୍ୟାଣ ସାଧିତ ହେଉଛି।

ସରକାରଙ୍କ ବହୁମୁଖୀ ପ୍ରଚେଷ୍ଟା ଦ୍ୱାରା ଗତ ୪ ବର୍ଷରେ ଏହି କ୍ଷେତ୍ରରେ ଯଥେଷ୍ଟ ପ୍ରଗତି ଘଟିଛି। ଆର୍ଥିକ ଦୃଷ୍ଟିରୁ ୨୦୧୪-୧୮ ଓ ୨୦୧୦-୧୪ ଆର୍ଥିକ ସମୟାବଧି ଭିତରେ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ର ପାଇଁ ଅର୍ଥ ଆବଣ୍ଟନ ପରିମାଣ ପ୍ରାୟ ୪୧ ପ୍ରତିଶତ ବୃଦ୍ଧି ପାଇଛି। ଏହି ସମୟ ଭିତରେ ଖଦି ଓ ଗ୍ରାମଦ୍ୟୋଗ ମାଧ୍ୟମରେ ୧୪୧ ଲକ୍ଷ ବ୍ୟକ୍ତିଙ୍କୁ ନିଯୁକ୍ତି ଯୋଗାଇ ଦିଆଯାଇଛି। ସେହିଭଳି ପ୍ରଧାନମନ୍ତ୍ରୀ ନିଯୁକ୍ତି ସୃଷ୍ଟି କାର୍ଯ୍ୟକ୍ରମ ଓ 'ସ୍ଫୁର୍ତ୍ତି' କାର୍ଯ୍ୟକ୍ରମ ମାଧ୍ୟମରେ ଯଥାକ୍ରମେ ୧୪.୭୮ ଲକ୍ଷ ଓ ୦.୬୦ ଲକ୍ଷ ବ୍ୟକ୍ତିଙ୍କୁ କର୍ମନିଯୁକ୍ତି ଯୋଗାଇ ଦିଆଯାଇଛି।



ଏଠାରେ ଉଲ୍ଲେଖନୀୟ ଯେ ଏସବୁ ପ୍ରୟାସରେ ନିଯୁକ୍ତି ସୁଯୋଗ ସହ ସାମାଜିକ ଅନ୍ତର୍ଭୁକ୍ତୀକରଣ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ଉଦାହରଣ ସ୍ୱରୂପ ପ୍ରଧାନମନ୍ତ୍ରୀ ନିଯୁକ୍ତି ସୃଷ୍ଟି ଯୋଜନାର ହିତାଧିକାରୀଙ୍କ ମଧ୍ୟରୁ ୩୦ ପ୍ରତିଶତ ଅର୍ଥାତ୍ ୪.୪୩ ଲକ୍ଷ ହେଉଛନ୍ତି ମହିଳା। ଆଉ ମଧ୍ୟ ଗତ ଚାରିବର୍ଷ ଭିତରେ ୧.୭୪ ଲକ୍ଷ ଅନୁସୂଚିତ ଜାତି ଓ ୧.୩୧ ଲକ୍ଷ ଅନୁସୂଚିତ ଜନଜାତି ବର୍ଗର ବ୍ୟକ୍ତିବିଶେଷଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି।

ସମଗ୍ର ଦେଶରେ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରଣାଳୟ ତରଫରୁ ୧୮ଟି ଟୁଲ୍ ରୁମ୍ ଓ ଆଉ ୧୫ଟି ଉନ୍ନତ ଟେକ୍ନୋଲୋଜି ସେଣ୍ଟର ସ୍ଥାପନ କରାଯାଇଛି। ଏହାଦ୍ୱାରା ଆଶାୟୀ ଉଦ୍ୟୋଗୀ ଓ ନିଯୁକ୍ତି ଆଶାୟୀମାନେ ଉପକୃତ ହେବେ। ଏହି ୧୮ଟି ଟୁଲ୍ ରୁମ୍ ଦ୍ୱାରା ବର୍ତ୍ତମାନ ୧.୫ ଲକ୍ଷ ନିଯୁକ୍ତି ଆଶାୟୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଉଛି। ଏମାନଙ୍କ ମଧ୍ୟରୁ କେତେଜଣ ନିଜସ୍ୱ ଉଦ୍ୟୋଗ ସ୍ଥାପନ କରିସାରିଛନ୍ତି। ତେବେ ଅଧିକ ବ୍ୟକ୍ତି ନିଯୁକ୍ତି ଭିତ୍ତିରେ କାମ କରୁଛନ୍ତି। ନିକଟ

ଅତୀତରେ ରାଷ୍ଟ୍ରପତି ମହୋଦୟଙ୍କ ଦ୍ୱାରା 'ଏମ୍‌ଏସ୍‌ଏମ୍‌ଇ ସମ୍ପର୍କ' ପୋର୍ଟାଲର ଶୁଭାରମ୍ଭ କରାଯାଇଛି। ଏହାଦ୍ୱାରା କୁଶଳୀ ଶ୍ରମିକଙ୍କ ସମ୍ପର୍କରେ ନିଯୁକ୍ତି ପ୍ରଦାନକାରୀମାନେ ସବିଶେଷ ତଥ୍ୟ ହାସଲ କରିପାରୁଛନ୍ତି ଓ ସେମାନଙ୍କୁ ନିଯୁକ୍ତି ମଧ୍ୟ ପ୍ରଦାନ କରୁଛନ୍ତି। ଜାତୀୟ ନମୂନା ସର୍ବେକ୍ଷଣ ଅନୁଷ୍ଠାନ ଅନୁଯାୟୀ ଦେଶରେ ବର୍ତ୍ତମାନ ୬.୩୪ କୋଟି ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗ ରହିଛି। ଧୀରେ ଧୀରେ ଏଗୁଡ଼ିକ ସଂଗଠିତ ଅର୍ଥନୀତି ପରିସର ଭିତରକୁ ପ୍ରବେଶ କରୁଛନ୍ତି। ଏଗୁଡ଼ିକ ନିଜକୁ ସାମଗ୍ରୀ ଓ ସେବା କର ବ୍ୟବସ୍ଥାରେ ପଞ୍ଜୀକୃତ କରିଛନ୍ତି। ବାସ୍ତବରେ ଏହି ବ୍ୟବସ୍ଥାରେ ପଞ୍ଜୀକୃତ ଅନୁଷ୍ଠାନଗୁଡ଼ିକ ମଧ୍ୟରୁ ସର୍ବାଧିକ ହେଉଛନ୍ତି ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ। ତେଣୁ ଏଗୁଡ଼ିକୁ ପ୍ରୋତ୍ସାହନ ଓ ସହାୟତା ଦେବା ବାଞ୍ଛନୀୟ। ଏମ୍‌ଏସ୍‌ଏମ୍‌ଇ ଦ୍ୱାରା ଭାରତୀୟ ଅର୍ଥନୀତିରେ ଏକ ନୂଆ ଢେଉ ସୃଷ୍ଟି ହୋଇଛି। ଏଗୁଡ଼ିକୁ ଅଭିବୃଦ୍ଧି ଓ ନିଯୁକ୍ତି ସୁଯୋଗ ସୃଷ୍ଟିର ନୂଆ ଇଞ୍ଜିନ୍ ଭାବେ ବର୍ଣ୍ଣନା କରାଯାଉଛି। ସମ୍ପୃକ୍ତ ମନ୍ତ୍ରଣାଳୟ ମଧ୍ୟ ଏଗୁଡ଼ିକ ପାଇଁ ଅଧିକରୁ ଅଧିକ ପ୍ରୋତ୍ସାହନଧର୍ମୀ ପଦକ୍ଷେପ ନେଉଛନ୍ତି। ଏହାଦ୍ୱାରା ଅଣକୃଷି କ୍ଷେତ୍ରରେ ଅଧିକ ସୁଯୋଗ ଯେ ସୃଷ୍ଟିହେବ କେବଳ ସେକଥା ନୁହଁ, ବରଂ ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗ ଜଗତ ମାଧ୍ୟମରେ ଭାରତର କ୍ରମବର୍ଦ୍ଧିଷ୍ଣୁ ଅର୍ଥନୀତି ପାଇଁ ମଧ୍ୟ ଅଭିବୃଦ୍ଧି ସୁଯୋଗ ମିଳିବ, ଯାହାକି ଯଥାଯଥ ଅଭିବୃଦ୍ଧିକୁ ସୁନିଶ୍ଚିତ କରିପାରିବ।

**ଲେଖକ ହେଉଛନ୍ତି ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟର ସଚିବ।** ***E-mail: secretary-msme@nic.in***

## ସଫଳ କାହାଣୀ



କଳ୍ପନା ବେନ୍ ତ୍ରିବେଦୀ ଓ ତାଙ୍କ ସ୍ୱାମୀ ଅଭିଷେକ୍ ତ୍ରିବେଦୀ– ଉଭୟଙ୍କ ପାଖରେ ଉଦ୍ୟମିତା କୌଶଳ ଥିଲା। ଫଟୋ ଏଡିଟିଂ ଓ ମିକ୍ସିଂ ଆଦିରେ କଳ୍ପନାଙ୍କ ଦକ୍ଷତା ଥିବାବେଳେ ଅଭିଷେକ କିନ୍ତୁ ଫଟୋଗ୍ରାଫି ଓ ଭିଡ଼ିଓଗ୍ରାଫିକୁ ହବି ଭାବରେ ପରିଣତ କରିସାରିଥିଲେ। ଏହି କୌଶଳକୁ ପୁଞ୍ଜିକରି ସେମାନେ ନିଜସ୍ୱ ଏକ ଛୋଟ ପ୍ରସେସିଂ ୟୁନିଟ୍ ପ୍ରତିଷ୍ଠା କଲେ। କିନ୍ତୁ ଅଳ୍ପକିଛି ଉପକରଣକୁ ନେଇ ଏହି ବ୍ୟବସାୟ ଚଳାଇବା ଉଭୟଙ୍କ ପାଇଁ ବିଶେଷ ଲାଭଜନକ ହୋଇପାରିଲା ନାହିଁ। ତେବେ ଏହି ପ୍ରସେସିଂ ୟୁନିଟ୍‌ର କଳେବର ବୃଦ୍ଧିକରି ନିଜ ବ୍ୟବସାୟକୁ ସଶକ୍ତ କରିବା ପାଇଁ ପୁଞ୍ଜିର ଆବଶ୍ୟକତା ପଡ଼ିଲା। ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା ଘୋଷଣା ହେବା ପରେ କଳ୍ପନା କୌଣସି ଏକ ବ୍ୟାଙ୍କର ଦ୍ୱାରସ୍ଥ ହେଲେ। ପରିଶେଷରେ ବ୍ୟାଙ୍କ କର୍ତ୍ତୃପକ୍ଷ କଳ୍ପନାଙ୍କୁ ମୁଦ୍ରା ଯୋଜନାର ଚିକିନିଖି ଉଦ୍ଦେଶ୍ୟ ଓ ପ୍ରକ୍ରିୟା ସମ୍ପର୍କରେ ଅବଗତି କରାଇ ତାଙ୍କୁ ୯ ଲକ୍ଷ ଟଙ୍କାର ଋଣ ପ୍ରଦାନ କଲେ। ଏହି ପୁଞ୍ଜିରେ ସେ ତାଙ୍କର ଛୋଟିଆ ୟୁନିଟ୍‌ଟିକୁ ବିଭିନ୍ନ ଉପକରଣଯୁକ୍ତ ଏକ ଷ୍ଟୁଡିଓ ତଥା ଭିଡିଓ ଲ୍ୟାବ୍ ଭାବରେ ପୁନର୍ଗଠନ କରିପାରିଲେ। ବର୍ତ୍ତମାନ ଏହି ପତି–ପତ୍ନୀ ଦୁଇଜଣ ତାଙ୍କ ବ୍ୟବସାୟରୁ ଭଲ ଲାଭ କରିପାରୁଛନ୍ତି।

***(ଉତ୍ସ: ମୁଦ୍ରାପୋର୍ଟାଲ୍)***



## New Rates for Subscription of Journals

| S.No | Name of the Journal | Subscription Price Per Copy Rs | Subscription Price for 1 Year Rs | Subscription Price for 2 Years Rs | Subscription Price for 3 Years Rs | Subscription Price for Special Issue Rs |
|---|---|---|---|---|---|---|
| 1 | Yojana * | 22 | 230 | 430 | 610 | 30 |
| 2 | Kurukshetra * | 22 | 230 | 430 | 610 | 30 |
| 3 | Ajkal * | 22 | 230 | 430 | 610 | 30 |
| 4 | Bal Bharti * | 15 | 160 | 300 | 420 | 20 |
| 5 | Employment News # | 12 | 530 | 1000 | 1400 | NA |

* The prices of Journals are being revised from April 2016 issue onwards
# The price of Employment News is being revised from 6th February 2016 issue onwards



ସରକାରଙ୍କ ବିଭିନ୍ନ ପଦକ୍ଷେପ ଯୋଗୁଁ ଦେଶର ନିଯୁକ୍ତି ଦୃଶ୍ୟପଟ୍ଟରେ ଏକ ସକାରାତ୍ମକ ପରିବର୍ତ୍ତନ ଘଟିବ ବୋଲି ଆଶା କରାଯାଏ।

# ନିଯୁକ୍ତି: ଭାରତୀୟ ଦୃଷ୍ଟିଭଙ୍ଗୀ

● ଗୋପାଳକୃଷ୍ଣ ଅଗ୍ରୱାଲ୍

ବିଶ୍ୱ ବ୍ୟାଙ୍କ୍ ଅନୁସାରେ ୨୦୧୬ ମସିହାରେ ଭାରତର ଜନସଂଖ୍ୟାର ୫୧.୫୨ ପ୍ରତିଶତ ଥିଲେ ୧୫ରୁ ୬୪ ବର୍ଷ ବୟସ ଭିତରେ ଥିବା କାର୍ଯ୍ୟକ୍ଷମ ଗୋଷ୍ଠୀ। ଆମ ଦେଶର ଜନସଂଖ୍ୟାର ଏତେ ବେଶି ଅଂଶ କାର୍ଯ୍ୟ କରୁଥିବା ଯୋଗୁଁ ଆମକୁ ଲୋକବଳର ଲାଭ ମିଳିବା କଥା, କିନ୍ତୁ ଯଦି ଏହି ମାନବ ସମ୍ବଳର ସଠିକ୍ ବିନିଯୋଗ କରାଯାଏ। ଅର୍ଥାତ୍ ଯଦି ଏହି ଶ୍ରମ ଶକ୍ତିକୁ ନିଯୁକ୍ତି ଦିଆଯାଏ। ଏହି କଥାକୁ ମନରେ ରଖି ଏବଂ ଏହି କଥାଟି ଜାଣି ଯେ ନିଯୁକ୍ତି ହେଉଛି ଦାରିଦ୍ର୍ୟ ନାଶକ, ବର୍ତ୍ତମାନର ସରକାର ନିଯୁକ୍ତି ସୁଯୋଗ ସୃଷ୍ଟି ଉପରେ ଅଗ୍ରାଧିକାର ଦେଉଛନ୍ତି।

ନିଯୁକ୍ତି ସଂକ୍ରାନ୍ତୀୟ ତଥ୍ୟ ମାମଲାରେ ଭାରତ ପଛରେ ରହିଛି। ଶ୍ରମ ଶକ୍ତି ଉପରେ ଜାତୀୟ ନମୁନା ସର୍ବେକ୍ଷଣ ଅନୁଷ୍ଠାନ ଦ୍ୱାରା କରାଯାଉଥିବା ସର୍ବେକ୍ଷଣର ତଥ୍ୟ ଅତ୍ୟନ୍ତ ନିର୍ଭରଯୋଗ୍ୟ। କିନ୍ତୁ ଏହା ମଧ୍ୟ ପ୍ରତି ୫ ବର୍ଷରେ ଥରେ କରାଯାଏ। ତେଣୁ ନିଯୁକ୍ତିକୁ ନେଇ କୌଣସି ନୀତି ନିର୍ଦ୍ଧାରଣ, କେବଳ ଏପରି ତଥ୍ୟକୁ ନେଇ କରାଯାଇପାରିବ ନାହିଁ। ଅବଶ୍ୟ ଆଉ କେତେକ ସ୍ରୋତରୁ ନିଯୁକ୍ତି ତଥ୍ୟ ମିଳେ କିନ୍ତୁ ସେଗୁଡ଼ିକର ସେତେ ବ୍ୟାପକତା ଓ ବିଶ୍ୱସନୀୟତା ନଥାଏ।

**ଶ୍ରମ ବଜାର: ଢାଞ୍ଚାଗତ ଅନମନୀୟତା**

ଆମ ଦେଶରେ ଥିବା ବେକାରି ସମସ୍ୟା ପୃଷ୍ଠଭୂମିରେ ହିଁ ସରକାରଙ୍କ



ପାରଙ୍ଗମତାକୁ ଆକଳନ କରାଯିବା ଉଚିତ୍। ସରକାରୀ ପରିସଂଖ୍ୟାନ ଅନୁଯାୟୀ ୨୦୦୪-୦୫ ମସିହାରେ ଆମ ଶ୍ରମ ଶକ୍ତିର ୪୩ ପ୍ରତିଶତ ଲୋକ କୌଣସି ପ୍ରକାରରେ ନିଯୁକ୍ତି ପାଇ କାର୍ଯ୍ୟରତ ଥିବାବେଳେ ୨୦୧୧-୧୨ ଆର୍ଥିକ ବର୍ଷ ବେଳକୁ ଏହା ୩୯.୫ ପ୍ରତିଶତକୁ ଖସି ଆସିଥିଲା। ବିଶେଷ ଭାବେ ନିଯୁକ୍ତି କ୍ଷେତ୍ରରେ ମହିଳାଙ୍କ ସଂଖ୍ୟା ୨୯ ପ୍ରତିଶତରୁ ୨୧.୯ ପ୍ରତିଶତକୁ ହ୍ରାସ ପାଇଥିଲା। ଭାରତର ବେରୋଜଗାର ସମସ୍ୟାର ସମାଧାନ କରିବା ଏକ ବଡ଼ ଆହ୍ୱାନ। ଏହା ପଛର କାରଣଗୁଡ଼ି ହେଉଛି- ଆମ ଶ୍ରମ ବଜାରର ଢାଞ୍ଚାଗତ କଠିନତା, ପୁଞ୍ଜି ଅଭାବ ଓ ଆମ ଶ୍ରମ ଶକ୍ତିର ନିମ୍ନ କୌଶଳ ସ୍ତର। ବର୍ତ୍ତମାନର ସରକାର ଏସବୁ ସମସ୍ୟାର ସମାଧାନ ପାଇଁ ପ୍ରଚେଷ୍ଟା କରିଛନ୍ତି।

**ମୁଖ୍ୟ ବିଷୟ:**

ଭାରତୀୟ ଶ୍ରମ ଆଇନ୍‌କୁ ଜଟିଳ ଓ ପ୍ରତିରୋଧକାରୀ ବୋଲି ବିବେଚନା କରାଯାଏ। ଏହାର ଏକ ପ୍ରମୁଖ ଗୁଣ ହେଲା ଶ୍ରମିକଙ୍କୁ ନିଯୁକ୍ତି ସୁରକ୍ଷା ପ୍ରଦାନ କରିବା। ଏହି ଆଇନ୍‌ଟିକୁ ଜଟିଳ କହିବାର ଅର୍ଥ ହେଉଛି ଯେ ଏଥିରେ ଥିବା ବ୍ୟବସ୍ଥା ଅନୁଯାୟୀ କାର୍ଯ୍ୟ କରିବା, କମ୍ପାନିଗୁଡ଼ିକ ପାଇଁ କଷ୍ଟକର ହୋଇଥାଏ। ପରିଣାମ ସ୍ୱରୂପ ଶ୍ରମ ଓ ପୁଞ୍ଜି ମଧ୍ୟରେ ଅନୁପାତ ହ୍ରାସ ପାଇଥାଏ। ଭାରତ ଭଳି ଏକ ଶ୍ରମବହୁଳ ଓ ପୁଞ୍ଜି ଅଭାବୀ ଦେଶରେ ଏମିତି ହେବା କଥା ନୁହେଁ। ଶ୍ରମ ବଜାରର କଠିନତା ଯୋଗୁଁ ଭାରତୀୟ ଅର୍ଥନୀତିରେ ନିଯୁକ୍ତି ସଂକ୍ରାନ୍ତୀୟ ନମନୀୟତା ନିମ୍ନସ୍ତରରେ ରହିଆସିଛି। ଆନ୍ତର୍ଜାତିକ ଶ୍ରମ ସଂଗଠନର ଏକ ରିପୋର୍ଟ ଅନୁଯାୟୀ ଭାରତୀୟ ଅର୍ଥନୀତିର ନିଯୁକ୍ତି ନମନୀୟତା ହେଉଛି ୦.୧୫ ପ୍ରତିଶତ। ଏଥିଯୋଗୁଁ ସକଳ ଘରୋଇ ଉତ୍ପାଦରେ ଅଭିବୃଦ୍ଧି ହେଲେ ମଧ୍ୟ ଏହାର ପ୍ରଭାବ ନିଯୁକ୍ତି ସୁଯୋଗ ସୃଷ୍ଟି ଉପରେ ପଡ଼େନାହିଁ। ଶ୍ରମ ଶକ୍ତିର ବହୁଳତା ଦୃଷ୍ଟିରୁ ମଜୁରୀ ମଧ୍ୟ ଆଶାନୁରୂପ ହୋଇନଥାଏ। କୃଷି କ୍ଷେତ୍ରରେ ଏଥିଯୋଗୁଁ ଛଦ୍ମ ନିଯୁକ୍ତି ସମସ୍ୟା ଦେଖାଦିଏ। ତେଣୁ ଗ୍ରାମାଞ୍ଚଳରେ ବିକଳ୍ପ ନିଯୁକ୍ତି ବ୍ୟବସ୍ଥା ଉପରେ ଧ୍ୟାନ ଦେବା ଆବଶ୍ୟକ। ନିର୍ଦ୍ଦିଷ୍ଟ ସମୟାବଧି ଭିତରେ ଚାଷୀମାନଙ୍କ ଆୟ ଦ୍ୱିଗୁଣିତ କରିବା ପାଇଁ ପ୍ରୟାସ ମଧ୍ୟ ଆବଶ୍ୟକ।

**ଶ୍ରମ ବଜାର:**

ଶ୍ରମ ବଜାରରେ ଥିବା କଠିନିତାକୁ ଦୂର କରିବା ପାଇଁ ସରକାର ଅନେକ ପଦକ୍ଷେପ ନେଇଛନ୍ତି। ସେଥିମଧ୍ୟରୁ ଗୋଟିଏ ହେଉଛି ବୟନ ଶିଳ୍ପ ଭଳି ନିଯୁକ୍ତି ସାପେକ୍ଷ ଉଦ୍ୟୋଗରେ ଏକ ନିଶ୍ଚିତ ସମୟ ପାଇଁ ଠିକା ନିଯୁକ୍ତି ବ୍ୟବସ୍ଥା। ଏହାଦ୍ୱାରା ନିଯୁକ୍ତିଦାତା ଏକ ନିର୍ଦ୍ଦିଷ୍ଟ ସମୟ ପାଇଁ ଶ୍ରମିକ ନିଯୁକ୍ତ କରିଥାନ୍ତି ଓ ସ୍ଥାୟୀ କର୍ମଚାରୀ ଉପଭୋଗ କରୁଥିବା ସମସ୍ତ ସୁବିଧା ସୁଯୋଗ ଏହି ଅସ୍ଥାୟୀ ଶ୍ରମିକଙ୍କୁ ମଧ୍ୟ ଦେଇଥାନ୍ତି। ଏପରି ନିଯୁକ୍ତିର ଏକ ସଂଗଠିତ ସ୍ୱରୂପ ଆସିଥାଏ। ପ୍ରଧାନମନ୍ତ୍ରୀ ରୋଜଗାର ପ୍ରୋତ୍ସାହନ ଯୋଜନା ଅଧିନରେ ଏଭଳି କର୍ମଚାରୀଙ୍କ ପାଇଁ ଇପିଏଫ୍ ଓ ଇପିଏସ୍‌ରେ ନିଯୁକ୍ତିଦାତା ଯେଉଁ ବାଧ୍ୟତାମୂଳକ ଅଂଶଧନ ଜମା କରିବା ବିଧେୟ ସେହି ଅର୍ଥଭାର ସରକାର ବହନ କରନ୍ତି। ୨୦୧୮ ମସିହା ଏପ୍ରିଲ୍ ୨୧ ତାରିଖରୁ ଏହି ବ୍ୟବସ୍ଥା ଲାଗୁହେଲା ପରେ ନୂତନ ନିଯୁକ୍ତି ସମ୍ଭାବନା ବୃଦ୍ଧି ପାଇଛି।

ପୁଞ୍ଜି ଅଭାବରୁ ଦେଶର ଉଦ୍ୟମିତା ସଂସ୍କୃତି ବାଧାପ୍ରାପ୍ତ ହେଉଛି। ୨୦୧୩

ଭିତ୍ତିଭୂମି ସମ୍ପର୍କିତ ସରକାରୀ ବ୍ୟୟବରାଦ ୨୦୧୭-୧୮ ମସିହାରେ ୪.୯୪ ଲକ୍ଷ କୋଟି ଟଙ୍କା ଥିବାବେଳେ ୨୦୧୮-୧୯ ମସିହାରେ ଏହା ୫.୯୭ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ସରକାରୀ ଖର୍ଚ୍ଚରେ ପରିଚାଳିତ ସ୍ୱଚ୍ଛ ଭାରତ ଅଭିଯାନ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ପ୍ରଧାନମନ୍ତ୍ରୀ ଗ୍ରାମସଡ଼କ ଯୋଜନା ଓ ଜାତୀୟ ରାଜପଥ ମାଧ୍ୟମରେ ନିଯୁକ୍ତି ସୃଷ୍ଟି ସମ୍ଭାବନାକୁ ନେଇ ପ୍ରଥମଥର ପାଇଁ ୨୦୧୮-୧୯ ବଜେଟ୍‌ରେ ବିଚାର ଆଲୋଚନା କରାଯାଇଛି। ତାଙ୍କ ବଜେଟ୍ ଭାଷଣରେ ଅର୍ଥମନ୍ତ୍ରୀ ପ୍ରକାଶ କରିଥିଲେ ଯେ ବିଭିନ୍ନ ମନ୍ତ୍ରଣାଳୟ ସର୍ବମୋଟ୍ ୧୪.୩୪ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରିବେ, (ଏଥିରେ ଅଣ ବଜେଟ୍ ଓ ବଜେଟ୍ ବିର୍ହିଭୂତ ସୂତ୍ରରୁ ଆନିତ ୧୧.୯୮ କୋଟି ଟଙ୍କା ମଧ୍ୟ ସାମିଲ୍) ଏବଂ ଏହାଦ୍ୱାରା ୩୨୧ କୋଟି ମାନବ ଦିବସ ସୃଷ୍ଟି ହେବ।



**ମୁଦ୍ରା ସମ୍ପର୍କରେ କିଛି ତଥ୍ୟ:**

ମୁଦ୍ରା କୌଣସି ବ୍ୟାଙ୍କ୍ ନୁହଁ ବରଂ ବିଭିନ୍ନ ବ୍ୟାଙ୍କ୍ ଏବଂ ଅନ୍ୟାନ୍ୟ ଋଣ ପ୍ରଦାନକାରୀ ସଂସ୍ଥା ମାଧ୍ୟମରେ ମୁଦ୍ରା ଋଣ ନିଆଯାଇଥାଏ।

- ସରକାରୀ ବ୍ୟାଙ୍କ୍
- ବେସରକାରୀ ବ୍ୟାଙ୍କ୍
- ରାଜ୍ୟଗୁଡ଼ିକ ଦ୍ୱାରା ପରିଚାଳିତ ସମବାୟ ବ୍ୟାଙ୍କ୍
- ଗ୍ରାମୀଣ ବ୍ୟାଙ୍କ୍
- ଅଣୁ ଋଣ ଦେଉଥିବା ସଂସ୍ଥା
- ବ୍ୟାଙ୍କ୍ ବ୍ୟତୀତ ଅନ୍ୟାନ୍ୟ ଅର୍ଥ ପ୍ରଦାନକାରୀ କମ୍ପାନୀ

ମସିହାର ଜାତୀୟ ନମୁନା ସର୍ବେକ୍ଷଣ ଅନୁଯାୟୀ ଦେଶରେ ସକ୍ରିୟ ଥିବା ୫.୭୭ କୋଟି ଛୋଟ ଛୋଟ ବ୍ୟବସାୟଗୁଡ଼ିକ ମଧ୍ୟରୁ କେବଳ ୪ ପ୍ରତିଶତ ବ୍ୟବସାୟୀ/ଉଦ୍ୟୋଗୀଙ୍କୁ ହିଁ ଆନୁଷ୍ଠାନିକ ଋଣ ମିଳିଥାଏ। ଏହାକୁ ଦୃଷ୍ଟିରେ ରଖି ସରକାର ମୁଦ୍ରା ଯୋଜନା ଆରମ୍ଭ କଲେ। ଯେଉଁଥିରେ ଅଣକୃଷି କାର୍ଯ୍ୟ ପାଇଁ ୫୦ ହଜାର ଟଙ୍କାରୁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା କୌଣସି ବନ୍ଧକ ବା ଗ୍ୟାରେଣ୍ଟିରେ ଋଣ ଦିଆଯାଏ। ଏହି ଯୋଜନା ଅଧିନରେ ୨୦୧୮ ଜୁନ୍ ୨୯ ତାରିଖ ସୁଦ୍ଧା ୧୩ କୋଟି ବ୍ୟକ୍ତିଙ୍କୁ ୫୯୫୦୫୬.୧୫ କୋଟି ଟଙ୍କାର ଋଣ ପ୍ରଦାନ କରାଯାଇଛି।

**ବ୍ୟବସାୟ ସୁଗମତା ଦ୍ୱାରା ନିଯୁକ୍ତି ସୁଯୋଗ ସୃଷ୍ଟି:**

ଉଦ୍ୟୋଗୀମାନଙ୍କ ଅନୁବର୍ତ୍ତିତା ବୋଝ (କମ୍ପ୍ଲାୟନ୍ସ ବର୍ଡନ୍) ହ୍ରାସ ପାଇଁ କେନ୍ଦ୍ର ଶ୍ରମ ମନ୍ତ୍ରଣାଳୟ ନାନା ପ୍ରକାରର ପଦକ୍ଷେପ ନେଇଛନ୍ତି। ୨୦୧୭-୧୮ ମସିହାର ଅର୍ଥନୈତିକ ସର୍ବେକ୍ଷଣ ଅନୁଯାୟୀ ସରକାର ପ୍ରଯୁକ୍ତିବିଦ୍ୟା ଆଧାରିତ 'ଶ୍ରମ ସୁବିଧା ପୋର୍ଟାଲ୍', 'ୟୁନିଭର୍ସାଲ୍ ଆକାଉଣ୍ଟ୍ ନମ୍ବର' ଏବଂ 'ନ୍ୟାସ୍‌ନାଲ୍ କ୍ୟାରିଅର୍ ସର୍ଭିସ୍ ପୋର୍ଟଲ୍' ଭଳି କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ନିୟମ ଅନୁବର୍ତ୍ତିତା ବୋଝ ହ୍ରାସ ପାଇଁ ସରକାର ଆହୁରି ମଧ୍ୟ ନିର୍ଦ୍ଧାରିତ କରିଛନ୍ତି ଯେ ପ୍ରତ୍ୟେକ ଉଦ୍ୟୋଗ ଏଣିକି ୯ଟି କେନ୍ଦ୍ରୀୟ ଅଧିନିୟମ ଅନୁସାରେ ୫୬ଟି ବଦଳରେ ମାତ୍ର ୫ଟି ରେଜିଷ୍ଟର ଖୋଲିବେ। ସେହିଭଳି ସେମାନେ ଉଦ୍ୟୋଗ ସମ୍ପର୍କିତ ତଥ୍ୟଗୁଡ଼ିକୁ ୯୩୩ଟି ବଦଳରେ ମାତ୍ର ୧୪୪ଟି କ୍ଷେତ୍ରରେ ଦର୍ଶାଇ ପାରିବେ।

**ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ପ୍ରତି ଧ୍ୟାନ:**

ବ୍ୟବସାୟ ସୁଗମତା ନୀତିର ସବୁଠୁ ବଡ଼ ହିତାଧିକାରୀ ହେଉଛି ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବା ଏମ୍ଏସ୍ଏମ୍ଇ। ଭାରତୀୟ ସକଳ ଘରୋଇ ଉତ୍ପାଦନର ୪୦ ପ୍ରତିଶତ ଏହି ଉଦ୍ୟୋଗରୁ ଆସିଥାଏ। ପୁଞ୍ଜିନିବେଶ ତୁଳାନରେ ଅଧିକ ଶ୍ରମଶକ୍ତି ଏହି ଉଦ୍ୟୋଗଗୁଡ଼ିକରେ ନିୟୋଜିତ ହୋଇଥାନ୍ତି। ବର୍ତ୍ତମାନର ସରକାର କ୍ଷମତାକୁ ଆସିବା ପରେ ପରେ ଏହି ଉଦ୍ୟୋଗର ବିକାଶ ଓ ବିସ୍ତାର ପାଇଁ ଏକ କାର୍ଯ୍ୟବଳ ଗଠନ କରିଥିଲେ। ଏହି ଦଳ ଦେଇଥିବା ଅନେକ ସୁପାରିସଗୁଡ଼ିକୁ ସରକାର କାର୍ଯ୍ୟକାରୀ କରିସାରିଛନ୍ତି। 'ଏମ୍ଏସ୍ଏମ୍ଇ ସମାଧାନ', 'ଗଭ୍‌ମେଣ୍ଟ ଇ-ମାର୍କେଟ୍‌ପ୍ଲେସ୍' ଭଳି ବ୍ୟବସ୍ଥା ଯୋଗୁଁ ଏହି ଉଦ୍ୟୋଗଗୁଡ଼ିକ ସେମାନଙ୍କ ଆର୍ଥିକ କାରବାର ଓ ବଜାର ସୁବିଧା ପାଉଥିବା ବେଳେ ପିଏମ୍ଇଜିପି ଓ କ୍ରେଡିଟ୍ ଗ୍ୟାରେଣ୍ଟି ଟ୍ରଷ୍ଟ୍ ଫଣ୍ଡ୍ ଫର୍ ମାଇକ୍ରୋ ଆଣ୍ଡ୍ ସ୍ମଲ୍ ଇଣ୍ଟରପ୍ରାଇଜେସ୍ (ସିଜିଟିଏମ୍ଏସ୍ଇ) ଭଳି ସୁବିଧା ଯୋଗୁଁ ଏହି ଉଦ୍ୟୋଗଗୁଡ଼ିକ ଉପକୃତ ହେଉଛନ୍ତି ଏବଂ ନିଯୁକ୍ତି ସୁଯୋଗ ସୃଷ୍ଟି କରୁଛନ୍ତି।




**କୌଶଳଯୁକ୍ତ ଶ୍ରମଶକ୍ତି:**

ଉଦ୍ୟୋଗ କ୍ଷେତ୍ରରେ ଭାରତ ଏକ ପରସ୍ପର ବିରୋଧାଭାଷୀ ସ୍ଥିତିର ସମ୍ମୁଖୀନ। ଏହାର ବିଶାଳ ଶ୍ରମଶକ୍ତି ସ୍ୱଳ୍ପ ଉତ୍ପାଦକତା କାର୍ଯ୍ୟରେ ଲିପ୍ତ ଥିବାବେଳେ କୌଶଳ ବିହୀନତା ଯୋଗୁଁ ଉଦ୍ୟୋଗଗୁଡ଼ିକୁ ଆବଶ୍ୟକ ଶ୍ରମଶକ୍ତି ମିଳୁନାହିଁ।



ତେଣୁ ସରକାର ଏହି କୌଶଳ ବ୍ୟବଧାନକୁ ହ୍ରାସ କରିବାକୁ ଯାଇ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି। ୨୦୧୫ ମସିହାରେ କୌଶଳ ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟ ତା'ର ଧ୍ୱଜାଧାରୀ କାର୍ଯ୍ୟକ୍ରମ, ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନାର ଶୁଭାରମ୍ଭ କଲା। ଏହା ଅଧିନରେ ପ୍ରାୟ ୫୦ ଲକ୍ଷ ବ୍ୟକ୍ତିଙ୍କୁ କୌଶଳ ପ୍ରଶିକ୍ଷଣ ଦିଆଗଲା। ଏହି ଯୋଜନାର ଲକ୍ଷ୍ୟ ହେଉଛି ୨୦୨୦ ମସିହା ସୁଦ୍ଧା ୧ କୋଟି ଯୁବକଯୁବତୀଙ୍କୁ କୌଶଳ ତାଲିମ୍ ଦେବା।

ତଥ୍ୟ ସଂଗ୍ରହ ଅଭାବରୁ ଦେଶର ବେକାରି ସମସ୍ୟାର ସ୍ୱରୂପ କେବଳ କଥିକା ଓ କାହାଣୀ ଭଳି ହୋଇଥାଏ। ଏହି 'ତଥ୍ୟ ବ୍ୟବଧାନ'କୁ ହଟାଇବା ପାଇଁ ସରକାର ନିଯୁକ୍ତି ସମ୍ପର୍କରେ ତଥ୍ୟ ସଂକଳନ ପାଇଁ କାର୍ଯ୍ୟ କରିବା ଆରମ୍ଭ କରିଛନ୍ତି। ଏହି ଅନୁସାରେ ପ୍ରଥମଥର ପାଇଁ ଇପିଏଫ୍‌ଓ, ଇଏସ୍‌ଆଇସି ଓ ପେନ୍‌ସନ ଫଣ୍ଡ୍ ରେଗୁଲେଟାରୀ ଡେଭଲପ୍‌ମେଣ୍ଟ ଅଥରିଟି ବା ପିଏଫ୍‌ଆର୍‌ଡିଏ ଦ୍ୱାରା ମାସିକ ଭିତ୍ତିରେ ଦରମା ସମ୍ପର୍କିତ ତଥ୍ୟ ପ୍ରକାଶିତ କରିଛନ୍ତି। ଏହାଦ୍ୱାରା ନିଯୁକ୍ତି ସମ୍ପର୍କରେ ଅନୁଶୀଳନକୁ ପ୍ରୋତ୍ସାହନ ମିଳିପାରିବ।

**ନିଯୁକ୍ତିର ଗୁଣ ଓ ପରିମାଣ:**

ନିଯୁକ୍ତିକୁ ନେଇ ଆମର ବିତର୍କର ମୁଖ୍ୟ ଆଧାର ଏହାର ଗୁଣ ନ ହୋଇ ଏହାର ପରିମାଣ ହୋଇଥାଏ। ଭାରତର ୯୩ ପ୍ରତିଶତ ଶ୍ରମ ଶକ୍ତି ଅସଂଗଠିତ କ୍ଷେତ୍ରରେ କାମ କରନ୍ତି। ଏମାନଙ୍କ ମଧ୍ୟରୁ ପ୍ରାୟ ୧୩ ପ୍ରତିଶତ ସଂଗଠିତ କ୍ଷେତ୍ରରେ କାମ କରନ୍ତି, କିନ୍ତୁ ଅନୌପଚାରିକ ଭିତ୍ତିରେ। ଏହାର ଅର୍ଥ ହେଉଛି ଯେ ସମ୍ପୃକ୍ତ ଶ୍ରମିକଙ୍କୁ ସାମାଜିକ ସୁରକ୍ଷା ମିଳିନଥାଏ। ଏହି ଦୃଷ୍ଟିରୁ ଏପରି ନିଯୁକ୍ତି ଗୁଣାତ୍ମକ ଭାବେ ଉପଯୁକ୍ତ ନୁହଁ। ତେବେ ବିମୁଦ୍ରୀକରଣ, ସାମଗ୍ରୀ ଓ ସେବା କର ଏବଂ ଭବିଷ୍ୟନିଧି ପାଣ୍ଠି ଆଦିର ପରିଚାଳନା ଦ୍ୱାରା ଧୀରେ ଧୀରେ ଅନେକ ଅସଂଗଠିତ କ୍ଷେତ୍ର ସଂଗଠିତ ହେବାକୁ ବସିଲାଣି। ଯଦ୍ଦ୍ୱାରା ନିଯୁକ୍ତିର ଗୁଣାତ୍ମକ ମାନରେ ବୃଦ୍ଧି ପରିଲକ୍ଷିତ ହେଉଛି। ଚାକିରି ଅଭାବକୁ ନେଇ ହେଉଥିବା ହୋ-ହାଲ୍ଲା ଓ ନିଯୁକ୍ତି ସୁଯୋଗ ସୃଷ୍ଟି ସମ୍ପର୍କିତ ତଥ୍ୟ ଭିତରେ କୌଣସି ମେଳ ନାହିଁ। ଉଦାହରଣ ସ୍ୱରୂପ ସରକାର ଭିତ୍ତିଭୂମି କ୍ଷେତ୍ର ପାଇଁ ପର୍ଯ୍ୟାପ୍ତ ଅର୍ଥ ଖର୍ଚ୍ଚ କରିଛନ୍ତି, ଯେଉଁ କ୍ଷେତ୍ରରେ ପୁଞ୍ଜିନିବେଶ ଅନୁପାତରେ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଥାଏ। ଭିତ୍ତିଭୂମି ସମ୍ପର୍କିତ ସରକାରୀ ବ୍ୟୟବରାଦ ୨୦୧୭-୧୮ ମସିହାରେ ୪.୯୪ ଲକ୍ଷ କୋଟି ଟଙ୍କା ଥିବାବେଳେ ୨୦୧୮-୧୯ ମସିହାରେ ଏହା ୫.୯୭ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ସରକାରୀ ଖର୍ଚ୍ଚରେ ପରିଚାଳିତ ସ୍ୱଚ୍ଛ ଭାରତ ଅଭିଯାନ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ପ୍ରଧାନମନ୍ତ୍ରୀ ଗ୍ରାମସଡ଼କ ଯୋଜନା ଓ ଜାତୀୟ ରାଜପଥ ମାଧ୍ୟମରେ ନିଯୁକ୍ତି ସୃଷ୍ଟି ସମ୍ଭାବନାକୁ ନେଇ ପ୍ରଥମଥର ପାଇଁ ୨୦୧୮-୧୯ ବଜେଟ୍‌ରେ ବିଚାର ଆଲୋଚନା କରାଯାଇଛି। ତାଙ୍କ ବଜେଟ୍ ଭାଷଣରେ ଅର୍ଥମନ୍ତ୍ରୀ ପ୍ରକାଶ କରିଥିଲେ ଯେ ବିଭିନ୍ନ ମନ୍ତ୍ରଣାଳୟ ସର୍ବମୋଟ୍ ୧୪.୩୪ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରିବେ, (ଏଥିରେ ଅଣ ବଜେଟ୍ ଓ ବଜେଟ୍ ବିର୍ହିଭୂତ ସୂତ୍ରରୁ ଆନିତ ୧୧.୯୮ କୋଟି ଟଙ୍କା ମଧ୍ୟ ସାମିଲ୍) ଏବଂ ଏହାଦ୍ୱାରା ୩୨୧ କୋଟି ମାନବ ଦିବସ ସୃଷ୍ଟି ହେବ। ଏହିପରି ଭାବେ ସରକାରଙ୍କ ବିଭିନ୍ନ ପଦକ୍ଷେପ ଯୋଗୁଁ ଦେଶର ନିଯୁକ୍ତି ଦୃଶ୍ୟପଟ୍ଟରେ ଏକ ସକାରାତ୍ମକ ପରିବର୍ତ୍ତନ ଘଟିବ ବୋଲି ଆଶା କରାଯାଏ।

ଲେଖକ ହେଉଛନ୍ତି ଅଣୁ, କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗ ସମ୍ପର୍କିତ ପରିଷଦର ସଦସ୍ୟ।

*E-mail:gopalagarwal@hotmail.com*



## ସଡ଼କ ବିକାଶ:

# ଅପ୍ରତ୍ୟକ୍ଷ ନିଯୁକ୍ତି ସୁଯୋଗ

● ଯୁଦ୍ଧବୀର ସିଂହ ମଲ୍ଲିକ

୧ ଲକ୍ଷ ୨୬ ହଜାର କିଲୋମିଟରରୁ ଉର୍ଦ୍ଧ୍ୱ ଦୈର୍ଘ୍ୟ ବିଶିଷ୍ଟ ରାଷ୍ଟ୍ରୀୟ ରାଜମାର୍ଗ ହେଉଛି ଭାରତୀୟ ଅର୍ଥନୀତିର ମେରୁଦଣ୍ଡ। ଯଦିଓ ଦେଶର ସମଗ୍ର ସଡ଼କର କେବଳ ୨ ପ୍ରତିଶତ ହେଉଛି ରାଷ୍ଟ୍ରୀୟ ରାଜମାର୍ଗ, ତଥାପି ଦେଶର ୭୦ ପ୍ରତିଶତ ଯାତ୍ରୀ ରାଷ୍ଟ୍ରୀୟ ରାଜମାର୍ଗଗୁଡ଼ିକ ଦେଇ ଯାତାୟାତ କରନ୍ତି ଓ ୬୦ ପ୍ରତିଶତ ସାମଗ୍ରୀ ଏହି ମାର୍ଗ ଦେଇ ପରିବହନ ହୁଏ।




'ସ୍ୱର୍ଣ୍ଣ ଚତୁର୍ଭୁଜ' ସହିତ ଜାତୀୟ ରାଜମାର୍ଗ ବିକାଶ ଯୋଜନା ଆରମ୍ଭ ହେଲା ୧୯୯୮ ମସିହାରେ। ସେହିଭଳି ଉତ୍ତର-ଦକ୍ଷିଣ ଓ ପୂର୍ବ-ପଶ୍ଚିମ ପଥ ଆରମ୍ଭ ହେଲା ୨୦୦୦ ମସିହାରେ। ଏହି ଦୁଇଟି ପ୍ରକଳ୍ପ ହେଉଛି ଭାରତୀୟ ରାଜପଥ ସଫଳ କାହାଣୀର ମୁଖ୍ୟ ଆଧାର। ୧୯୫୮ ମସିହାରୁ ୨୦୧୭ ମଧ୍ୟରେ ସର୍ବମୋଟ୍ ୮ଟି ପ୍ରକ୍ରିୟା ଦେଇ ଜାତୀୟ ରାଜପଥ ବିକାଶ ଯୋଜନା ଅଗ୍ରଗତି କରଚାଲିଥିବା ବେଳେ ସରକାର ଭାରତମାଳା ପରିଯୋଜନା ନାମରେ ଆଉ ଏକ ସଡ଼କ ବିକାଶ ପ୍ରକଳ୍ପ ହାତକୁ ନେଲେ। ୨୦୧୭ ମସିହା ଅକ୍ଟୋବର ୨୪ ତାରିଖରେ ଆର୍ଥିକ ବ୍ୟାପାର ସଂକ୍ରାନ୍ତୀୟ କ୍ୟାବିନେଟ୍ କମିଟି ଏହି ପରିଯୋଜନାର ପ୍ରଥମ ପର୍ଯ୍ୟାୟକୁ ଅନୁମୋଦନ କଲେ। ଅତ୍ୟାବଶ୍ୟକ ଭିତ୍ତିଭୂମି ସୃଷ୍ଟି ମାଧ୍ୟମରେ ସଡ଼କ ଯାତାୟାତ ଓ ସଡ଼କ ପରିବହନ କାର୍ଯ୍ୟକୁ ଦକ୍ଷତା ସହ ପରିଚାଳନା କରିବା ହେଉଛି ଏହି ପ୍ରକଳ୍ପର ଲକ୍ଷ୍ୟ। ପ୍ରଥମ ପର୍ଯ୍ୟାୟରେ (୨୦୨୧-୨୨ ମସିହା ସୁଦ୍ଧା) ୨୪୮୦୦ କିଲୋମିଟର ନୂତନ ରାଜମାର୍ଗ ନିର୍ମାଣ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଏତଦ୍‌ବ୍ୟତୀତ ଏହି ସମୟାବଧି ମଧ୍ୟରେ ପ୍ରାୟ ୧୦ ହଜାର କିଲୋମିଟର ରାସ୍ତାକାର୍ଯ୍ୟ ମଧ୍ୟ ହାତକୁ ନିଆଯିବାର ଯୋଜନା ରହିଛି। ଯଦ୍ଦ୍ୱାରା ଆହୁରି ୩୪୮୦୦ କିଲୋମିଟର ଜାତୀୟ ରାଜପଥ ନିର୍ମିତ

ହୋଇପାରିବ। ଏହି ପର୍ଯ୍ୟାୟରେ ୨୪୮୦୦ କିଲୋମିଟର ସଡ଼କ ନିର୍ମାଣ ଓ ଜାତୀୟ ରାଜପଥ ବିକାଶ ଯୋଜନାର ଅବଶିଷ୍ଟ ୧୦ ହଜାର କିଲୋମିଟର ସଡ଼କ ନିର୍ମାଣ ପାଇଁ ୫୩୫୦୦ କୋଟି ଟଙ୍କାର ପୁଞ୍ଜି ବ୍ୟବସ୍ଥା କରାଯାଇଛି। ଏତଦ୍‌ବ୍ୟତୀତ ଅନ୍ୟାନ୍ୟ ଯୋଜନା ଅଧିନରେ ୧ ଲକ୍ଷ ୫୭ ହଜାର ୩୨୪ କୋଟି ଟଙ୍କା ବ୍ୟୟରେ ୪୮୮୭୭ କିଲୋମିଟର ସଡ଼କ ନିର୍ମାଣ ପାଇଁ ମଧ୍ୟ ଲକ୍ଷ୍ୟ ରହିଛି। ମୋଟାମୋଟି ଭାବେ ଭାରତମାଳା ପରିଯୋଜନା ସମେତ ଅନ୍ୟାନ୍ୟ ସମସ୍ତ ସଡ଼କ ପ୍ରକଳ୍ପ ପାଇଁ ଆଗାମୀ ପାଞ୍ଚବର୍ଷ ସକାଶେ ସର୍ବମୋଟ୍ ୬ ଲକ୍ଷ ୯୨ ହଜାର ୩୨୪ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି।

ସଡ଼କ ପରିବହନ ଓ ରାଷ୍ଟ୍ରୀୟ ରାଜମାର୍ଗ ମନ୍ତ୍ରଣାଳୟ ଅଧିନରେ ପରିଚାଳିତ ସଡ଼କ ବିକାଶ କାର୍ଯ୍ୟକ୍ରମ ଦ୍ୱାରା ଏହି କ୍ଷେତ୍ରରେ ପୁଞ୍ଜିନିବେଶ ବୃଦ୍ଧି ପାଇବା ସହିତ ରାଜପଥ ନିର୍ମାଣ କାର୍ଯ୍ୟ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଇଞ୍ଜିନିୟରିଂ, ସୁପରଭିଜନ୍, ଡିଜାଇନ୍, କ୍ୱାଲିଟୀ କଣ୍ଟ୍ରୋଲ୍ ଆଦି କ୍ଷେତ୍ରର କୁଶଳୀ ଶ୍ରମଶକ୍ତି ସମେତ ମେକାନିକ୍, ଉପକରଣ ପରିଚାଳନା, ଫେବ୍ରିକେସନ ଆଦି ପାଇଁ ଅର୍ଦ୍ଧକୁଶଳୀ ଶ୍ରମଶକ୍ତିର ମଧ୍ୟ ଆବଶ୍ୟକତା ପଡ଼ିବ। ସଡ଼କ ନିର୍ମାଣ ସଂକ୍ରାନ୍ତୀୟ ଡିପିଆର୍ ପ୍ରସ୍ତୁତିରେ ରିମୋଟ୍ ସେନ୍‌ସିଂ ଜ୍ଞାନକୌଶଳ ଉପଯୋଗ ହେଉଥିବାରୁ ସମ୍ପୃକ୍ତ କ୍ଷେତ୍ରରେ ପାରଙ୍ଗମ ବ୍ୟକ୍ତିବିଶେଷଙ୍କୁ ମଧ୍ୟ ନିଯୁକ୍ତି ସୁଯୋଗ ମିଳିବ। ଏସବୁ ପାଇଁ ପାଖାପାଖି ୧୪.୨ କୋଟି ମାନବ ଦିବସ ସୃଷ୍ଟି ହେବ।

ସଡ଼କ ନିର୍ମାଣ କାର୍ଯ୍ୟ ଅପ୍ରତ୍ୟକ୍ଷ ଭାବରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିଥାଏ। ବିଭିନ୍ନ ସାମଗ୍ରୀ ଓ ଉପକରଣ ଯୋଗାଉଥିବା ବ୍ୟକ୍ତିମାନେ ଏଥିରେ ଉପକୃତ ହୁଅନ୍ତି। ଉନ୍ନତ ଯୋଗାଯୋଗ ବ୍ୟବସ୍ଥା ଯୋଗୁଁ ସହରୀ ବଜାର ପାଇଁ ସୁଗମତା ସୃଷ୍ଟିହୁଏ ଓ ସ୍ଥାନୀୟ ଅର୍ଥନୀତି ଚଳଚଞ୍ଚଳ ହୁଏ। ରାଜମାର୍ଗ ଓ ପରିବହନ କ୍ଷେତ୍ରରେ କାମ କରୁଥିବା ଶ୍ରମିକଙ୍କ ପ୍ରଶିକ୍ଷଣ ଓ କୌଶଳ ବିକାଶ ପାଇଁ ମଧ୍ୟ ସମ୍ପୃକ୍ତ



ମନ୍ତ୍ରଣାଳୟ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। କୌଶଳ ଓ ଉଦ୍ୟମିତା ବିକାଶ ମନ୍ତ୍ରଣାଳୟ ଅଧିନରେ ଥିବା ଜାତୀୟ କୌଶଳ ଶିକ୍ଷା ଢ଼ାଞ୍ଚା ଅନ୍ତର୍ଗତ ରେକଗ୍ନିସନ୍ ଅଫ୍ ପ୍ରାୟର୍ ଲର୍ଣ୍ଣିଂ ବା ଆର୍‌ପିଏଲ୍ ହେଉଛି ଏହିଭଳି ଏକ ପଦକ୍ଷେପ। ଆର୍‌ପିଏଲ୍ ହେଉଛି ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା ଅନ୍ତର୍ଗତ ଏକ କାର୍ଯ୍ୟକ୍ରମ। କୌଶଳ ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟ ଦ୍ୱାରା କାର୍ଯ୍ୟକାରୀ କରାଯାଉଥିବା ଏହି ଯୋଜନାର ଲକ୍ଷ୍ୟ ହେଉଛି ୨୦୨୦ ମସିହା ସୁଦ୍ଧା ୧ କୋଟି ଯୁବକଯୁବତୀଙ୍କୁ କୌଶଳ ପ୍ରଶିକ୍ଷଣ ପ୍ରଦାନ କରିବା। ପ୍ରଶିକ୍ଷଣ ମହାନିର୍ଦ୍ଦେଶାଳୟଙ୍କ ଦ୍ୱାରା ପଞ୍ଜୀକୃତ ପ୍ରଶିକ୍ଷଣ ପ୍ରଦାନକାରୀ ସଂସ୍ଥା ମାଧ୍ୟମରେ କୌଶଳ ବିକାଶ ମନ୍ତ୍ରଣାଳୟ, ନିର୍ମାଣ କାର୍ଯ୍ୟ ଚାଲୁଥିବା ସ୍ଥାନରେ ପେଣ୍ଟିଂ, ପାଣି ପାଇପ୍ କାମ, ମିସ୍ତ୍ରୀ କାମ ଭଳି ୬ଟି କ୍ଷେତ୍ରରେ ଶ୍ରମିକମାନଙ୍କୁ ପ୍ରଶିକ୍ଷଣ ଦେଇଥାଏ। ପ୍ରଶିକ୍ଷଣ, ଉପକରଣ, ମୂଲ୍ୟାୟନ ଓ ଯାତାୟାତ ଖର୍ଚ୍ଚ ଆଦିକୁ ଏହି କାର୍ଯ୍ୟକ୍ରମରେ ସାମିଲ୍ କରାଯାଇଛି। ଏହି ପ୍ରଶିକ୍ଷଣରେ କୃତୀ ଶ୍ରମିକଙ୍କୁ ନ୍ୟାସ୍‌ନାଲ୍ କାଉନ୍‌ସିଲ୍ ଅଫ୍ ଭୋକେସ୍‌ନାଲ୍ ଟ୍ରେନିଂ ଦ୍ୱାରା ମାନପତ୍ର ପ୍ରଦାନ କରାଯାଇଥାଏ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ୧ ଲକ୍ଷ ଶ୍ରମିକଙ୍କୁ କୌଶଳଯୁକ୍ତ କରିବା ପାଇଁ ମନ୍ତ୍ରଣାଳୟ ତରଫରୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଏପର୍ଯ୍ୟନ୍ତ ୬୩ ହଜାର ଶ୍ରମିକ ଏହି କାର୍ଯ୍ୟକ୍ରମ ପାଇଁ ପଞ୍ଜୀକୃତ ହୋଇଥିବା ବେଳେ ୩୩୦୨୩ ଜଣଙ୍କ ପ୍ରଶିକ୍ଷଣ ସରିଛି ଓ ୧୧୦୧୧ ଜଣ ଶ୍ରମିକ ପ୍ରଶିକ୍ଷଣ ଗ୍ରହଣ କରୁଛନ୍ତି।

ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକରେ ଆଦର୍ଶ ମଟରଚାଳନା ଓ ଗବେଷଣା ସଂସ୍ଥା ପ୍ରତିଷ୍ଠା କରିବାକୁ କୌଶଳ ବିକାଶ ମନ୍ତ୍ରଣାଳୟ ଏକ ଯୋଜନା ତିଆରି କରିଛି। ଏଥିରେ ବିଭିନ୍ନ ବୈଜ୍ଞାନିକ ପଦ୍ଧତି ଅନୁଯାୟୀ ସଡ଼କ ସୁରକ୍ଷା ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱ ଦିଆଯାଉଛି। ଏତଦ୍‌ବ୍ୟତୀତ ବେକାର ଯୁବକମାନଙ୍କୁ ବଡ଼ବଡ଼ ଗାଡ଼ି ଚଳାଇବା ପ୍ରଶିକ୍ଷଣ ସକାଶେ କୌଶଳ କେନ୍ଦ୍ର ସ୍ଥାପନ କରିବା ପାଇଁ ଏହି ମନ୍ତ୍ରଣାଳୟ ତରଫରୁ ରାଜ୍ୟ ସରକାରଗୁଡ଼ିକୁ ୧୫୦ କୋଟି ଟଙ୍କା ମଞ୍ଜୁର କରାଯାଇସାରିଛି। ଦେଶରେ ଟ୍ରକ୍ ଡ୍ରାଇଭର୍‌ମାନଙ୍କ ଅଭାବ ଥିବା ଦୃଷ୍ଟିରୁ ଏଭଳି ପଦକ୍ଷେପ ମାଧ୍ୟମରେ ଯୁବଗୋଷ୍ଠୀଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।

ସଡ଼କ ନିର୍ମାଣ କ୍ଷେତ୍ରର ନିଯୁକ୍ତି ସୃଷ୍ଟିକାରୀ କ୍ଷମତାକୁ ନେଇ ଅତୀତରେ କେବେହେଲେ ଆକଳନ କରାଯାଇନାହିଁ। ଏଥିଯୋଗୁଁ କୌଶଳ ବିକାଶ ମନ୍ତ୍ରଣାଳୟ ତରଫରୁ ଏଭଳି ଏକ ଅଧ୍ୟୟନ ହାତକୁ ନିଆଯାଇଛି, ଯଦ୍ଦ୍ୱାରା ଏ କ୍ଷେତ୍ରରେ କାର୍ଯ୍ୟ କରିବା ପାଇଁ ଆବଶ୍ୟକ ହେବାକୁଥିବା କୁଶଳୀ ଶ୍ରମିକଙ୍କ ଚାହିଦାକୁ ସଠିକ୍ ଭାବେ ଆକଳନ କରିହେବ। ଏହାସହିତ ସଡ଼କ ନିର୍ମାଣ ଓ ପରିବହନ କ୍ଷେତ୍ରରେ ଉପଯୁକ୍ତ କୌଶଳ ବିକାଶ ଯୋଜନା ଦ୍ୱାରା ମାନବ ସମ୍ବଳର ସଫଳ ବିନିଯୋଗ କରାଯାଇପାରିବ।

ଲେଖକ ହେଉଛନ୍ତି ସଡ଼କ ପରିବହନ ଏବଂ ରାଜମାର୍ଗ ମନ୍ତ୍ରଣାଳୟର ସଚିବ। *E-mail: secy-road@nic.in*



**ଭାରତ ସରକାର ଦେଶର ଶ୍ରମ ବଜାର ସ୍ଥିତିରେ ଉନ୍ନତି ଆଣିବାକୁ ନାନାବିଧ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ନିଯୁକ୍ତିଭିତ୍ତିକ ଅଭିବୃଦ୍ଧି ବଢ଼ାଇବା ପାଇଁ ପୁଞ୍ଜି ନିବେଶକୁ ପ୍ରୋତ୍ସାହିତ କରାଯାଉଛି। ଶ୍ରମିକମାନଙ୍କ ସାମାଜିକ ନିରାପତ୍ତା ବ୍ୟବସ୍ଥା ପରିସର ବୃଦ୍ଧି ସହିତ ଶ୍ରମ ସଂସ୍କାର ଆଦି କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଉଛି।**

# ଭାରତୀୟ ଶ୍ରମ ବଜାରର ପରିସର

● **ପ୍ରବୀଣ ଶ୍ରୀବାସ୍ତବ**

୨୦୦୮-୨୦୦୯ବର୍ଷରେ ବିଶ୍ୱରେ ଦେଖାଦେଇଥିବା ଅର୍ଥନୈତିକ ମାନ୍ଦାବସ୍ଥା ସମୟରେ ଶ୍ରମ ଓ ଶ୍ରମିକ ଉପରେ ସବୁଠୁ ଅଧିକ ପ୍ରଭାବ ଅନୁଭୂତ ହୋଇଥିଲା। ସେଇ ଅର୍ଥନୈତିକ ସଙ୍କଟରୁ ମୁକୁଳିବା ପାଇଁ ବିଭିନ୍ନ ଦେଶ ନାନାବିଧ ସାମାଜିକ, ରାଜନୈତିକ ଓ ଆର୍ଥିକ ରଣକୌଶଳ ଆପଣାଇ ଆପଣାଢ଼ଙ୍ଗରେ ପଦକ୍ଷେପମାନ ଗ୍ରହଣ କରିଥିଲେ। ଆନ୍ତର୍ଜାତିକ ଶ୍ରମ ସଂଗଠନ (ଆଇଏଲ୍ଓ) ତାହାର ୨୦୧୫ ବିଶ୍ୱ ନିଯୁକ୍ତି ଓ ସାମାଜିକ ଦୃଷ୍ଟିକୋଣ ରିପୋର୍ଟରେ ଦର୍ଶାଇଥିଲା ଯେ ପୃଥିବୀରେ ନିଯୁକ୍ତି ପରିସର ଓ ସ୍ଥିତି ଆଗାମୀ ପାଞ୍ଚବର୍ଷରେ ଆହୁରି ଖରାପ ହେବ। ସେହି ସମୟରେ ନିଯୁକ୍ତି ଅଭିବୃଦ୍ଧି ଆର୍ଥିକ ଅଭିବୃଦ୍ଧି ସହ ଖାପ ଖାଇବ ନାହିଁ। ଏହି ରିପୋର୍ଟରେ ବିଶ୍ୱ ବେକାରୀ ସ୍ତର ୨୦୧ ନିୟୁତ ହେବ ବୋଲି ଆକଳନ କରାଯାଇଥିଲା। ଏହି ସଂଖ୍ୟା ପ୍ରାକ୍ ଅର୍ଥନୈତିକ ସଙ୍କଟ ସମୟର ବେକାରଙ୍କ ସଂଖ୍ୟାଠାରୁ ଥିଲା ୩୧ ନିୟୁତ ଅଧିକ। ବିଶ୍ୱ ବେକାର ସଂଖ୍ୟା ୨୦୧୫ରେ ତିନି ନିୟୁତ ବଢ଼ିବା ସହ ପରବର୍ତ୍ତୀ ଚାରିବର୍ଷରେ ଆଠ ନିୟୁତ ବଢ଼ିବ ବୋଲି ରିପୋର୍ଟରେ ଆକଳନ କରାଯାଇଥିଲା। ବିଶ୍ୱରେ ଦେଖାଦେଇଥିବା ବେକାରୀ ସମସ୍ୟାର ସମାଧାନ ପାଇଁ ୨୦୧୯ସୁଦ୍ଧା ୨୮୦ ନିୟୁତ ଅତିରିକ୍ତ ନିଯୁକ୍ତି ସୃଷ୍ଟିର ଆବଶ୍ୟକତା କଥା ରିପୋର୍ଟରେ ଉଲ୍ଲେଖ ଥିଲା।



ବିଶ୍ୱାୟନ ଓ ଆନ୍ତର୍ଜାତିକ ବଜାର ପାଇଁ ପ୍ରତ୍ୟେକ ଦେଶ ଉନ୍ମୁକ୍ତ ହେବା ପରେ ସବୁ ଦେଶର ନିଜସ୍ୱ ପ୍ରତିରୋଧ କ୍ଷମତା ସୀମିତ ହୋଇଯାଇଛି। ଘରୋଇ ଶ୍ରମ ବଜାରରେ ସମନ୍ୱୟ ଆଣି ତାକୁ ବିଶ୍ୱ ଅର୍ଥନୀତିର ପ୍ରଭାବରୁ ମୁକ୍ତ କରିବା ପାଇଁ ଆନ୍ତର୍ଜାତିକ ସହଯୋଗ ଅପରିହାର୍ଯ୍ୟ ହୋଇପଡ଼ିଛି। ଜି-୨୦, ବ୍ରିକ୍ସ ଭଳି ମଞ୍ଚ ମାଧ୍ୟମରେ ଏହି ସମସ୍ୟାର ସମାଧାନ ପାଇଁ ଉଦ୍ୟମ କରାଯାଉଛି। ଉଦାହରଣ ସ୍ୱରୂପ ବ୍ରିକ୍ସ ରାଷ୍ଟ୍ରସମୂହ ଶ୍ରମ ଓ ବେକାରୀ ସମସ୍ୟାର ସମାଧାନ ପାଇଁ ମିଳିତ ସହଯୋଗ ଭିତ୍ତିରେ ପ୍ରୟାସ ଜାରି ରଖିଛନ୍ତି। ବ୍ରିକ୍ସ ରାଷ୍ଟ୍ର ସମୂହରେ ବିଶ୍ୱ ଜନସଂଖ୍ୟାର ୩୨ଭାଗ ଲୋକ ବସବାସ କରନ୍ତି ଏବଂ ବିଶ୍ୱ ଜିଡିପିକୁ ଏହି ସବୁ ରାଷ୍ଟ୍ରଙ୍କ ଅବଦାନ ୨୦ ଶତାଂଶ। ଅତଏବ ବେରୋଜଗାରୀ ଓ ଶ୍ରମ ସମସ୍ୟାର ମୁକାବିଲା ପାଇଁ ଏସବୁ ରାଷ୍ଟ୍ରଙ୍କ ମଧ୍ୟରେ ସହଯୋଗ ଯଥେଷ୍ଟ ଗୁରୁତ୍ୱ ବହନ କରେ। ବୈଷୟିକ ସମ୍ବଳ କ୍ଷେତ୍ରରେ ସହଯୋଗ ଏ କ୍ଷେତ୍ରରେ ଅଧିକ ଗୁରୁତ୍ୱପୂର୍ଣ୍ଣ। ଭାରତ ଅର୍ଥନୈତିକ ବିକାଶ କ୍ଷେତ୍ରରେ ଶାସ୍ତ୍ରସମ୍ମତ ପଥ ଅନୁସରଣ କରୁଛି। ଦେଶର ଜିଡିପିରେ ପ୍ରାଥମିକ କ୍ଷେତ୍ର (କୃଷି ଓ ତତ୍ ସଂଲଗ୍ନ କ୍ଷେତ୍ର)ର ଅବଦାନ ଦ୍ରୁତ ଗତିରେ ହ୍ରାସ ପାଉଛି। ୧୯୫୦-୫୧ରେ ଏହା ଜିଡିପିର ୫୨ ଶତାଂଶ ଥିବାବେଳେ ଏବେ (୨୦୧୭-୧୮) ୧୭ ଶତାଂଶକୁ ଖସି ଆସିଛି। ଅପରପକ୍ଷରେ ଜିଡିପିକୁ ସେବା କ୍ଷେତ୍ର (ସର୍ଭିସ୍ ସେକ୍ଟର)ର ଅବଦାନ ଉଲ୍ଲେଖନୀୟ ଭାବେ ବଢୁଛି। ୧୯୫୦-୫୧ରେ ଏହା ୩୫ ଶତାଂଶ ଥିବାବେଳେ ୨୦୧୭-୧୮ରେ ଏହା ୫୪ ଶତାଂଶରେ ପହଞ୍ଚିଛି।

୨୦୧୧-୧୨ରେ ହୋଇଥିବା ନିଯୁକ୍ତି ଓ ବେକାରୀ ସଂକ୍ରାନ୍ତ ଜାତୀୟ ନମୂନା ସର୍ଭେ ଅନୁସାରେ ଭାରତରେ ମୋଟ୍ ଶ୍ରମ ଶକ୍ତିରେ ଥିବା ସଦସ୍ୟଙ୍କ ସଂଖ୍ୟା ଥିଲା ୪୮୪.୭ ନିୟୁତ। ସେଥିମଧ୍ୟରୁ ୪୯ ପ୍ରତିଶତ ଚାଷ ଭଳି ପ୍ରାଥମିକ ଜୀବିକାର୍ଜନ କ୍ଷେତ୍ରରେ ନିୟୋଜିତ। ସେବା କ୍ଷେତ୍ରରେ କାମ କରୁଥିବା ଲୋକଙ୍କ ସଂଖ୍ୟା ୨୭ ଶତାଂଶ ହୋଇଥିବାବେଳେ ଶିଳ୍ପ କାରଖାନାରେ କାର୍ଯ୍ୟରତଙ୍କ ସଂଖ୍ୟା ୨୪ ଶତାଂଶ। ଶ୍ରମ ଶକ୍ତିର ଏକ ବଡ଼ ଭାଗ ମୁଖ୍ୟତଃ ଗ୍ରାମାଞ୍ଚଳରେ କାର୍ଯ୍ୟରତ ଓ ସେମାନଙ୍କ ସଂଖ୍ୟା ମୋଟ୍ ଶ୍ରମିକଙ୍କର ୭୪ଭାଗ। ଏମାନଙ୍କ ମଧ୍ୟରୁ ୯୩ ଶତାଂଶ ଅଣଆନୁଷ୍ଠାନିକ କ୍ଷେତ୍ରରେ କାର୍ଯ୍ୟରତ ଥିବାବେଳେ ୫୨ ଶତାଂଶ ଆତ୍ମ ନିଯୁକ୍ତ। ଏହାଛଡ଼ା ଶ୍ରମଶକ୍ତିରେ ମହିଳା ଶ୍ରମିକଙ୍କ ଅଂଶଗ୍ରହଣ ୨୨ ଶତାଂଶ। କୃଷି କ୍ଷେତ୍ରରୁ ଶ୍ରମିକ ଅପସାରିତ ହୋଇ ନିର୍ମାଣ ଉଦ୍ୟୋଗରେ ନିଯୁକ୍ତି ପାଉଥିବାରୁ ଏ କ୍ଷେତ୍ରରେ ବେକାରୀ ଅନେକାଂଶରେ ହ୍ରାସ ପାଇଛି। ଜିଡିପିକୁ ଶିଳ୍ପ କ୍ଷେତ୍ରର ଅବଦାନ ଓ ଏହାର ନିଯୁକ୍ତି ପରିସରକୁ ବିଚାରକୁ ନେଲେ ଏହା ବେଶ୍ ଉତ୍ସାହଜନକ ମନେ ହୁଏ। ଏହି ସମୟ ମଧ୍ୟରେ ଏହା ଦ୍ୱିଗୁଣିତ ହୋଇଛି। ତେବେ ଶିଳ୍ପ ସଂସ୍ଥାଗୁଡ଼ିକ ମଧ୍ୟରୁ ପ୍ରାୟ ୯୮ ଭାଗ ୧୦ଜଣରୁ କମ୍ ଲୋକଙ୍କୁ ନିଯୁକ୍ତି ଦେଉଛନ୍ତି। କ୍ଷୁଦ୍ର ଶିଳ୍ପୋଦ୍ୟୋଗର ଅସ୍ଥିର ଅବସ୍ଥା ଏବଂ ସ୍ଥାନାନ୍ତରଣ ନିଯୁକ୍ତି ବଜାରକୁ ଜଟିଳ କରୁଛି।

୨୦୦୪-୦୫ ରୁ ୨୦୧୧-୧୨ ମଧ୍ୟରେ ପ୍ରତିବର୍ଷ ଭାରତରେ ପ୍ରାୟ ୧.୮ ନିୟୁତ ଲୋକ ଶ୍ରମ ବଜାରରେ ଯୋଗଦେଉଥିଲେ ଏବଂ ପ୍ରାୟ ସମାନ ସଂଖ୍ୟକ ଲୋକଙ୍କୁ ନିଯୁକ୍ତି ସୁଯୋଗ ମିଳୁଥିଲା। ଫଳରେ ବେକାରୀ ହାର ପ୍ରାୟ ୨.୨ ଶତାଂଶ ମଧ୍ୟରେ ରହୁଥିଲା। ଏହା ଫଳରେ ବିଶ୍ୱ ଅର୍ଥନୈତିକ ମାନ୍ଦାବସ୍ଥା ସମୟରେ ଭାରତର ଶ୍ରମ ବଜାର ସ୍ଥିତି ସ୍ଥାପକତ୍ୱ ରକ୍ଷା କରିବାରେ ସଫଳ ହୋଇଥିଲା। ତେବେ ବିପୁଳ ଜନସଂଖ୍ୟା ଭାରତ ପାଇଁ ଏକ ସୁଯୋଗ ଯୋଗାଉଛି ଏବଂ ଅର୍ଥନୈତିକ ବିକାଶ ନିମନ୍ତେ ତାହାକୁ ଉପଯୋଗ କରିବାର ଅଛି। ଜାତୀୟ ନମୂନା ସର୍ଭେ ତଥ୍ୟ ଅନୁସାରେ ଯୁବ ବେକାରଙ୍କ ସଂଖ୍ୟା ବଢୁଛି ଏବଂ ଏହା ୬ ଶତାଂଶ ପାଖାପାଖି। ତେଣୁ ଏହି ବର୍ଗଙ୍କୁ ରୋଜଗାର ଯୋଗାଇଦେବାକୁ ପ୍ରୟାସ କରିବାକୁ ପଡ଼ିବ।

ଉପରୋକ୍ତ ବିଷୟବସ୍ତୁକୁ ବିଚାରକୁ ନେଇ ଭାରତ ସରକାର ଦେଶର ଶ୍ରମ ବଜାର ସ୍ଥିତିରେ ଉନ୍ନତି ଆଣିବାକୁ ନାନାବିଧ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ନିଯୁକ୍ତିଭିତ୍ତିକ ଅଭିବୃଦ୍ଧି ବଢ଼ାଇବା ପାଇଁ ପୁଞ୍ଜି ନିବେଶକୁ ପ୍ରୋତ୍ସାହିତ କରାଯାଉଛି। ଶ୍ରମିକମାନଙ୍କ ସାମାଜିକ ନିରାପତ୍ତା ବ୍ୟବସ୍ଥା ପରିସର ବୃଦ୍ଧି ସହିତ ଶ୍ରମ ସଂସ୍କାର ଆଦି କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଉଛି।

**ଶିଳ୍ପରେ ଘରୋଇ ନିବେଶକୁ ପ୍ରୋତ୍ସାହନ:**

ନିକଟ ଅତୀତରେ ସରକାର କେତେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇ ଦେଶର



ଶିଳ୍ପ ବାତାବରଣକୁ ପ୍ରୋତ୍ସାହିତ କରିବାକୁ ଉଦ୍ୟମ କରିଛନ୍ତି। ଏଥିରେ ମଧ୍ୟ ଘରୋଇ ଉଦ୍ୟୋଗରେ ପୁଞ୍ଜିନିବେଶକୁ ପ୍ରୋତ୍ସାହନ ଯୋଗାଇଦେବାର ଲକ୍ଷ୍ୟ ନିହିତ। ଏସବୁ କାର୍ଯ୍ୟକ୍ରମ ହେଲା ୧) ମେକ୍ ଇନ୍ ଇଣ୍ଡିଆ ୨) ସ୍କିଲ୍ ଇଣ୍ଡିଆ ୩) ଡିଜିଟାଲ ଇଣ୍ଡିଆ ୪) ଜାତୀୟ ମାନୁଫାକଚରିଙ୍ଗ ନୀତି-୨୦୧୫ ୫) ବ୍ୟବସାୟ କରିବାର ସୁଗମ ବ୍ୟବସ୍ଥା ୬) ଅଟଳ ଇନୋଭେସନ୍ ମିଶନ୍ ୭) ୧୦୦ ସ୍ମାର୍ଟ ସିଟି ଓ ୫୦୦ ଅମୃତ ସିଟି ପ୍ରକଳ୍ପ ୮) ଷ୍ଟାର୍ଟଅପ୍ ଇଣ୍ଡିଆ ୯) ଷ୍ଟାଣ୍ଡଅପ୍ ଇଣ୍ଡିଆ। ଏସବୁ ଯୋଜନା ମାଧ୍ୟମରେ ସାରା ଦେଶରେ ଅଧିକ କର୍ମନିଯୁକ୍ତି ସୃଷ୍ଟିର ଭିତ୍ତିଭୂମି ତିଆରି କରିବା ମୌଳିକ ଲକ୍ଷ୍ୟ। ଅଧିକ ନିଯୁକ୍ତି ସୃଷ୍ଟି ପାଇଁ ସରକାର ତିଆରି କରିଥିବା ନୀତି ଓ ପରିବେଶର ଦୁଇଟି ପାର୍ଶ୍ୱ ରହିଛି। ଗୋଟିଏ ଚାହିଦା ଓ ଅନ୍ୟଟି ଯୋଗାଣ। ଚାହିଦା ପାର୍ଶ୍ୱର ଆବଶ୍ୟକତା ମୁଖ୍ୟତଃ ମେକ୍ ଇନ୍ ଇଣ୍ଡିଆ ଓ ଜାତୀୟ ମାନୁଫାକଚରିଙ୍ଗ ନୀତି ପୂରଣ କରିବ। ଏହାକୁ ସ୍ମାର୍ଟ ସିଟି ପ୍ରୋଜେକ୍ଟ, ଡିଜିଟାଲ ଇଣ୍ଡିଆ, ଷ୍ଟାର୍ଟଅପ୍ ଓ ଷ୍ଟାଣ୍ଡଅପ୍ ଇଣ୍ଡିଆ କାର୍ଯ୍ୟକ୍ରମ ସହାୟତା ଯୋଗାଇବ। ଚାହିଦା ପାର୍ଶ୍ୱକୁ ଅଧିକ ସୁସଂହତ କରିବା ପାଇଁ କୃଷି ଶିଳ୍ପ ଉଦ୍ୟୋଗ, ଚମଡ଼ା ଓ ବୟନ ଭଳି ଶ୍ରମିକ ବହୁଳ ଉଦ୍ୟୋଗ ସହାୟତା ଦେବ। ଏହା ସହିତ ଶିକ୍ଷା ଓ ସ୍ୱାସ୍ଥ୍ୟ ଭଳି କ୍ଷେତ୍ରରେ ସରକାର ଅଧିକରୁ ଅଧିକ ପୁଞ୍ଜିନିବେଶ କରି ଯୋଗାଣ ପାର୍ଶ୍ୱକୁ ଅଧିକ ମଜବୁତ କରାଯିବ।

**ଶ୍ରମଶକ୍ତିର ଦକ୍ଷତା ବିକାଶ ଭିତ୍ତିଭୂମି ନିର୍ମାଣ:**

ଶ୍ରମିକଙ୍କ ଦକ୍ଷତା ବୃଦ୍ଧି ପାଇଁ ସରକାର ଜାତୀୟ ଦକ୍ଷତା ବିକାଶ ମିଶନ ଆରମ୍ଭ କରିବା ସହ ଏକ ସ୍ୱତନ୍ତ୍ର ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟ ପ୍ରତିଷ୍ଠା କରିଛନ୍ତି। ଏହି କାର୍ଯ୍ୟକ୍ରମକୁ ଅଧିକ ସୁସଂହତ କରାଯାଉଛି। ଦେଶର ୧୨ ହଜାର ଆଇଟିଆଇରେ ୧୨୬ଟି ବିଷୟରେ ବୃତ୍ତିଗତ ତାଲିମ ଓ ପ୍ରଶିକ୍ଷଣ ବ୍ୟବସ୍ଥା ହୋଇଛି। ମୋଟ୍ ୧.୭୧ ନିୟୁତ ଶ୍ରମିକଙ୍କୁ ତାଲିମ ଦେବାର ଭିତ୍ତିଭୂମି ସୃଷ୍ଟି କରାଯାଇଛି। ବୈଷୟିକ ଓ ଧନ୍ଦାଗତ ଶିକ୍ଷାର ମାନ ବୃଦ୍ଧି ଉପରେ ସରକାର ନିରନ୍ତର ଗୁରୁତ୍ୱ ଦେଉଛନ୍ତି। ଶିକ୍ଷାନବିସ ତାଲିମ ବ୍ୟବସ୍ଥାର ସଂପ୍ରସାରଣ ମଧ୍ୟ ଉଲ୍ଲେଖନୀୟ ହୋଇଛି। ଦକ୍ଷତା ବିକାଶ ମନ୍ତ୍ରଣାଳୟ ଅଧୀନରେ କାର୍ଯ୍ୟକରୁଥିବା ଜାତୀୟ ଦକ୍ଷତା ବିକାଶ ସଂସ୍ଥା (ଏନ୍ଏସ୍‌ଡିଏ) ଏସବୁ କାର୍ଯ୍ୟର ସମନ୍ୱୟ ଦାୟିତ୍ୱ ନିର୍ବାହ କରୁଛି। ଦେଶରେ ଅଧିକରୁ ଅଧିକ ଦକ୍ଷ ଓ କୁଶଳୀ ଶ୍ରମିକଙ୍କର ଅଭାବ ଯେପରି ନ'ରୁହେ ତାହାକୁ ଦୃଷ୍ଟିରେ ରଖି ସରକାର ଏହିସବୁ କାର୍ଯ୍ୟ ହାତକୁ ନେଇଛନ୍ତି।

**ଅଣକୃଷି ନିଯୁକ୍ତି ପରିସର ବୃଦ୍ଧି:**

ଗ୍ରାମାଞ୍ଚଳ ଲୋକଙ୍କ ଦକ୍ଷତା ବିକାଶ ପାଇଁ ସରକାର ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା, ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା, କଷ୍ଟମ ହାୟାରିଂ ସେଣ୍ଟର, କୃଷି କ୍ଲିନିକ୍, କୃଷି-ବ୍ୟବସାୟ କେନ୍ଦ୍ର ପ୍ରତିଷ୍ଠା ଆଦି କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିଛନ୍ତି। ଗ୍ରାମାଞ୍ଚଳରେ କୃଷି କ୍ଷେତ୍ର ବାହାରେ ନିଯୁକ୍ତିର ପରିସର ସୃଷ୍ଟି ଏହାର ଲକ୍ଷ୍ୟ। ମହିଳା ସମବାୟ ଗଠନ ଓ କୃଷି ବ୍ୟବସାୟ କନ୍‌ସୋର୍ଟିୟମ୍ ମାଧ୍ୟମରେ ଲୋକଙ୍କୁ କାମଧନ୍ଦା ଯୋଗାଇଦେବାର ଉଦ୍ୟମ କରାଯାଉଛି।

**ସର୍ବସାଧାରଣ ନିଯୁକ୍ତି ବ୍ୟବସ୍ଥାର ଆଧୁନିକୀକରଣ:**

ସରକାର ଜାତୀୟ କ୍ୟାରିୟର ସର୍ଭିସ୍ ଇନିସିଏଟିଭ୍ ନାମରେ ଏକ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି ଯାହାର ଲକ୍ଷ୍ୟ ନିଯୁକ୍ତି ସେବାକୁ ଟେକ୍‌ନୋଲୋଜି ବ୍ୟବହାର ମାଧ୍ୟମରେ ବଦଳାଇବା ଏବଂ ନିଯୁକ୍ତି ସେବାଯୋଗାଣ ଓ ମାନରେ ଉନ୍ନତି ଆଣିବା। ଏଥିପାଇଁ ଜାତୀୟ ସ୍ତରରେ ଏକ ପୋର୍ଟାଲ ପ୍ରସ୍ତୁତ ହୋଇଛି www.ncs.gov.in ଏହା ମାଧ୍ୟମରେ ନିଯୁକ୍ତି ଦାତା, ନିଯୁକ୍ତି ପ୍ରତ୍ୟାଶୀ ଓ ତାଲିମଦାତା ଗୋଟିଏ ମଞ୍ଚରୁ ବିଭିନ୍ନ ସୂଚନା ପାଇବାର ସୁଯୋଗ ପାଉଛନ୍ତି। ଚାକିରି ପ୍ରତ୍ୟାଶୀ ଓ ତାଲିମ ପାଇଁ ଆଗ୍ରହୀ ବ୍ୟକ୍ତି ବିଶେଷଙ୍କ ପାଇଁ ଏହା ବିଶେଷ ସହାୟକ ହେଉଛି।

**ଶ୍ରମ ଆଇନରେ ସଂଶୋଧନ:**

ଶ୍ରମ ସଂସ୍କାରର ବୃହତ୍ତର ଲକ୍ଷ୍ୟ ହେଲା ଶ୍ରମ ଆଇନରେ ଥିବା ଜଟିଳତା ଦୂର କରିବା ଓ ଏ ନେଇ ରହିଥିବା ଅନିଶ୍ଚିତତାର ଅବସାନ ଘଟାଇବା। ଶ୍ରମିକଙ୍କ ଅଧିକାର ଓ ସ୍ୱାର୍ଥ ରକ୍ଷା ପାଇଁ ଏକ ସୁଦୃଢ଼ ଭିତ୍ତି ନିର୍ମାଣ, ଆଧୁନିକ ବ୍ୟବସ୍ଥାରେ

ଶ୍ରମ ବିବାଦର ସମାଧାନ ଏବଂ ସୁଶାସନ ପ୍ରବର୍ତ୍ତନ ବ୍ୟବସ୍ଥା ସୃଷ୍ଟି ଏହି ସଂସ୍କାରର ଅନ୍ୟାନ୍ୟ ଉଦ୍ଦେଶ୍ୟ। ସରକାର ତଦନୁସାରେ ବର୍ତ୍ତମାନର ଶ୍ରମ ଆଇନଗୁଡ଼ିକୁ ବ୍ୟାବାହାରିକ ଦୃଷ୍ଟିରୁ ବିଭିନ୍ନ ଭାଗରେ ବିଭକ୍ତ କରି ଶ୍ରମବିଧି ବା ଲେବର କୋଡ୍ ପ୍ରସ୍ତୁତ କରୁଛନ୍ତି। ମଜୁରି, ଶିଳ୍ପ ସମ୍ପର୍କ, ସାମାଜିକ ନିରାପତ୍ତା ଓ ଶ୍ରମିକ କଲ୍ୟାଣ ତଥା କାର୍ଯ୍ୟକରିବାର ସ୍ଥିତି/ ଅବସ୍ଥାକୁ ଚାରିଟି ଭାଗରେ ବିଭକ୍ତ କରାଯାଇ ସେଥିରେ ସଂସ୍କାର ଏବଂ ଆବଶ୍ୟକ ସ୍ଥଳେ ସରଳ ତଥା ସ୍ୱଚ୍ଛ ଆଇନ ପ୍ରଣୟନ କରାଯାଉଛି। ଏହି ପ୍ରକ୍ରିୟାରେ କେନ୍ଦ୍ରୀୟ ଶ୍ରମ ଆଇନକୁ ଦୃଷ୍ଟିରେ ରଖି ରାଜ୍ୟଗୁଡ଼ିକ ପାଇଁ ସଂଶୋଧିତ ଆଇନ ପ୍ରଣୟନ କରିବାର ବ୍ୟବସ୍ଥା ରହିଛି।

**ମହିଳା ଶ୍ରମିକଙ୍କ ସ୍ୱାର୍ଥ ରକ୍ଷା:**

ନିଯୁକ୍ତି ବଜାରରେ ମହିଳାଙ୍କ ସଂଖ୍ୟା ହ୍ରାସ ଓ ସ୍ୱଳ୍ପ ପ୍ରତିନିଧିତ୍ୱ ଭାରତରେ ଏକ ଉଦ୍‌ବେଗଜନକ ବିଷୟ। ଏହି ସମସ୍ୟାର ନିରାକରଣ ପାଇଁ ସରକାରୀ ସ୍ତରରେ ଉଦ୍ୟମ କରାଯାଉଛି। ୨୦୦୪-୦୫ରେ ଭାରତୀୟ ଶ୍ରମବଜାରରେ ଶ୍ରମିକଙ୍କ ଅନୁପାତ ଥିଲା ୪୩ ଶତାଂଶ। ଏହା କ୍ରମଶ ହ୍ରାସ ପାଇ ୨୦୧୧-୧୨ରେ ୩୯.୫ରେ ପହଞ୍ଚିଥିଲା। ସେହି ସମୟରେ ମହିଳା ଶ୍ରମିକଙ୍କ ସଂଖ୍ୟା ୨୯ ଶତାଂଶରୁ କମି ୨୨.୫ ଶତାଂଶ ହୋଇଛି। ଏହା ନିଶ୍ଚିତ ଏକ ଉଦ୍‌ବେଗର ବିଷୟ। ଏମ୍‌ଜିନରେଗା ଓ ଧନ୍ଦାମୂଳକ ତାଲିମ କାର୍ଯ୍ୟକ୍ରମରେ ମହିଳା ଶ୍ରମିକଙ୍କ ଆନୁପାତିକ ପ୍ରତିନିଧିତ୍ୱ ବଢ଼ାଇବା ପାଇଁ ସରକାର ବିଭିନ୍ନ ପଦକ୍ଷେପ ନେଇଛନ୍ତି। ନିୟମରେ ପରିବର୍ତ୍ତନ କରି ସରକାର ମହିଳା ସରକାରୀ କର୍ମଚାରୀଙ୍କ ପାଇଁ ଶିଶୁଙ୍କ ଲାଳନପାଳନ ଜନିତ ଛୁଟିକୁ ଦୁଇବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ପରିବାରର ଦାୟିତ୍ୱ ନିର୍ବାହ ପାଇଁ ଅନେକ ମହିଳା ବାଧ୍ୟ ହୋଇ ଚାକିରି ଛାଡୁଛନ୍ତି। ଏହି ଧାରାକୁ ବନ୍ଦ କରିବା ପାଇଁ ଘରୋଇ ଉଦ୍ୟୋଗଗୁଡ଼ିକ ମଧ୍ୟ କେତେକ ପଦକ୍ଷେପ ନେଇଛନ୍ତି ଯାହା ଉତ୍ସାହଜନକ।

କର୍ମନିଯୁକ୍ତିରେ ଥିବା ଲୋକଙ୍କ ମଧ୍ୟରୁ ୫୨ ଶତାଂଶରୁ ଅଧିକ ଆତ୍ମନିଯୁକ୍ତ। ତେବେ ମହିଳା ଶ୍ରମିକମାନେ ମୁଖ୍ୟତଃ ନିଜ ଘର କାମରେ ନିଯୁକ୍ତ ଥାଆନ୍ତି। ତେଣୁ ସେମାନଙ୍କୁ ଘର ଦାୟିତ୍ୱ ଓ ବୋଝରୁ ହାଲକା କରି ସଫଳ ନିଯୁକ୍ତି ଦେବାର ସୁଯୋଗ ସୃଷ୍ଟିର ଆବଶ୍ୟକତା ଅଧିକ ଅନୁଭୂତ ହୁଏ।

**ଅଣଆନୁଷ୍ଠାନିକତାର ପରିବର୍ତ୍ତନ ପ୍ରୟାସ:**

ଅଣଆନୁଷ୍ଠାନିକ କ୍ଷେତ୍ରରେ ଭାରତର କୋଟି କୋଟି ଲୋକ କାମ କରନ୍ତି। ଏହି କ୍ଷେତ୍ରଗୁଡ଼ିକୁ ପ୍ରଥମେ ଚିହ୍ନଟ କରି ସଂପୃକ୍ତ ଶ୍ରମିକ କର୍ମଚାରୀଙ୍କୁ ତାଲିମ୍ ଓ ପ୍ରଶିକ୍ଷଣ ମାଧ୍ୟମରେ ସେମାନଙ୍କ ଦକ୍ଷତା ବିକାଶ କଲେ ସେମାନେ ବିଶେଷ ଉପକୃତ ହେବେ ଏବଂ ଆନୁଷ୍ଠାନିକ ମୁଖ୍ୟଧାରାରେ ସାମିଲ ହେବାର ସୁଯୋଗ ପାଇବେ। ଏଥିପାଇଁ କ୍ଷୁଦ୍ର, ଅତିକ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ସମୂହର ସହଯୋଗ ଏକାନ୍ତ ଅପରିହାର୍ଯ୍ୟ।

ବୀମା ଓ ପେନ୍‌ସନ୍ କ୍ଷେତ୍ରରେ ସରକାର ତିନିଟି ସାମାଜିକ ନିରାପତ୍ତା ଯୋଜନା ଘୋଷଣା କରିଛନ୍ତି। ସେସବୁ ହେଲା - ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ବୀମା ଯୋଜନା, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଓ ଅଟଳ ପେନ୍‌ସନ୍ ଯୋଜନା। ଏସବୁ ଯୋଜନାର ଲକ୍ଷ୍ୟ ସାମାଜିକ ସୁରକ୍ଷା ବ୍ୟବସ୍ଥାକୁ ସାର୍ବଜନୀନ କରିବା। ଏହି ଯୋଜନାର କେନ୍ଦ୍ରରେ ରହିଛନ୍ତି ଦରିଦ୍ର ଓ ଅବହେଳିତ ବର୍ଗର ଜନତା। ଏସବୁ ଯୋଜନାରେ ହିତାଧିକାରୀଙ୍କୁ ଅତ୍ୟାବଶ୍ୟକ ଓ ସୁଲଭ ସାମାଜିକ ସୁରକ୍ଷା ସୁବିଧା ଯୋଗାଇ ସରକାର ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଅଟୋ ଡେବିଟ୍ ବ୍ୟବସ୍ଥା ସହ ସଂଯୁକ୍ତ କରିଛନ୍ତି। ଏହା ଫଳରେ ହିତାଧିକରୀ ସ୍ୱଳ୍ପ ଦେୟରେ ଜୀବନ ବୀମା ସୁବିଧା, ଦୁର୍ଘଟଣା ବୀମା ଏବଂ ବାର୍ଦ୍ଧକ୍ୟକାଳୀନ ଆୟ ଯୋଜନାର ଅନ୍ତର୍ଭୁକ୍ତ ହୋଇପାରିବେ। ଏହାଛଡ଼ା ଏହି ଯୋଜନାରେ ସ୍ୱାସ୍ଥ୍ୟ ବୀମା (ଏସିବି), ଭବିଷ୍ୟନିଧି / ପେନ୍‌ସନ୍ (ଇପିଏଫ୍‌ଓ) ବାବଦରେ କିଭଳି ଅଧିକ ଅର୍ଥ ପାଇବେ ତାହାର ମଧ ବ୍ୟବସ୍ଥା କରାଯାଇଛି। ଏହା ବ୍ୟତୀତ ନିର୍ମାଣ ଶ୍ରମିକ ଓ ଠିକା ଶ୍ରମିକଙ୍କ ସ୍ୱାର୍ଥରକ୍ଷା ସହ ସେମାନଙ୍କ ସାମାଜିକ ନିରାପତ୍ତା ରକ୍ଷା ପାଇଁ ବିଭିନ୍ନ ପଦକ୍ଷେପ ସରକାର ଗ୍ରହଣ କରିଛନ୍ତି।

ଇପିଏଫ୍‌ଓରୁ ପ୍ରାପ୍ତ ତଥ୍ୟ ଅନୁସାରେ ୨୦୧୭ ସେପ୍ଟେମ୍ବରରୁ ଜୁନ୍ ୨୦୧୮ ମଧ୍ୟରେ ଦେଶରେ ମାସିକ ହାରାହାରି ୮୬୦୦ ନୂଆ ସଂସ୍ଥା ପଞ୍ଜୀକୃତ ହୋଇଛନ୍ତି। ସେହି ସମୟ ମଧ୍ୟରେ ପ୍ରତ୍ୟେକ ମାସରେ ହାରାହାରି ୮୫,୦୦୦ ନୂଆ କର୍ମଚାରୀ / ଶ୍ରମିକ ଏସବୁ ସଂସ୍ଥାରେ ଯୋଗଦେଇଛନ୍ତି। ମୋଟାମୋଟି ଭାବେ ଏହି ସମୟରେ ୧୦ଲକ୍ଷରୁ ଅଧିକ ୟୁନିଭରସାଲ ଆକାଣ୍ଟ୍ ନମ୍ବରଧାରୀ କର୍ମଚାରୀ ଇପିଏଫ୍‌ଓ ବ୍ୟବସ୍ଥା ସହ ସଂପୃକ୍ତ ହୋଇଛନ୍ତି। ଏଥିରୁ ସୂଚିତ ହେଉଛି ଯେ ଦେଶର ଶ୍ରମିକମାନେ କ୍ରମଶଃ ଅଣଆନୁଷ୍ଠାନିକ ବ୍ୟବସ୍ଥାରୁ ବାହାରି ଆନୁଷ୍ଠାନିକ ବ୍ୟବସ୍ଥାର ଅନ୍ତର୍ଭୁକ୍ତ ହେଉଛନ୍ତି।

**ସକ୍ରିୟ ଶ୍ରମ ବଜାର ନୀତି (ଏଏଲ୍‌ଏମ୍‌ପିଏସ୍):**

ସକ୍ରିୟ ଶ୍ରମ ବଜାର ନୀତିର କାର୍ଯ୍ୟକାରିତା ଏବଂ ଏଥିପାଇଁ ଆବଶ୍ୟକ ଅର୍ଥ ବରାଦ କରିବା ସବୁଠୁ ବଡ଼ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ଏହି ଯୋଜନାର ସଫଳତା ଅର୍ଥ ଯୋଗାଣ ଉପରେ ବିଶେଷ ନିର୍ଭରଶୀଳ; କାରଣ ସାଧାରଣ ଲୋକଙ୍କୁ ଆତ୍ମନିଯୁକ୍ତିର ସୁଯୋଗ ଦେବା ପାଇଁ ତାଲିମ ଓ ପ୍ରଶିକ୍ଷଣ ତଥା ସହାୟତା ଲୋଡ଼ା। ଏହାଛଡ଼ା ନିଯୁକ୍ତି ଗ୍ୟାରେଣ୍ଟି ଯୋଜନାରେ ଲୋକଙ୍କୁ କାମ ଯୋଗାଣ ତଥା ମଜୁରିରେ ସବ୍‌ସିଡି ପ୍ରଦାନ ବ୍ୟବସ୍ଥାରେ ଅଧିକରୁ ଅଧିକ ଲୋକ ରୋଜଗାର ପାଇପାରିବେ। ଶ୍ରମିକ ଯଦି ଦକ୍ଷ ବା କୁଶଳୀ ନ'ହେଲା ପରିବର୍ତ୍ତିତ ଶ୍ରମ ବଜାରରେ ସେ ଗ୍ରହଣୀୟ ହେବ ନାହିଁ। ସେଥିପାଇଁ ତାକୁ ଯୋଗ୍ୟ କରିବାକୁ ପଡ଼ିବ ଏବଂ ଯୁଗର ଆବଶ୍ୟକତାକୁ ଦେଖି ଶ୍ରମିକଙ୍କୁ ପ୍ରସ୍ତୁତ କରିବାକୁ ହେବ। (ଟେବୁଲ-୧ ଦ୍ରଷ୍ଟବ୍ୟ)

ଗବେଷଣାରୁ ଜଣାପଡୁଛି ଯେ ଶ୍ରମ ବଜାରକୁ ସମଯୋପଯୋଗୀ କରିବାକୁ ହେଲେ ଦକ୍ଷ ଓ କୁଶଳୀ ଲୋକଶକ୍ତିର ଆବଶ୍ୟକତା ରହିଛି। ସେଥିପାଇଁ

**ଟେବୁଲ - ୧ :**
**ସକ୍ରିୟ ଶ୍ରମବଜାର ନୀତି - ବର୍ଗ**

| ନିଯୁକ୍ତିରେ ପ୍ରତିବନ୍ଧକ | ସକ୍ରିୟ ଶ୍ରମବଜାର ନୀତି | କାର୍ଯ୍ୟକ୍ରମର ଲକ୍ଷ୍ୟ |
|---|---|---|
| ଦକ୍ଷତାରେ ଅମେଳ | ତାଲିମ (ନିଯୁକ୍ତିରେ, ଶ୍ରେଣୀରେ) | ନିଯୁକ୍ତିଯୋଗ୍ୟ କରାଇବା |
| ସୂଚନା ବିଷମତା | ମଧ୍ୟସ୍ଥତା ସେବା, ନିଯୁକ୍ତି ଖୋଜିବାରେ ସହାୟତା ଓ ପରାମର୍ଶ | ନିଯୁକ୍ତି ଯୋଗ୍ୟ କରାଇବାରେ ସହାୟକ ହେବା ଓ ନିଯୁକ୍ତି ସୃଷ୍ଟିକୁ ପ୍ରୋତ୍ସାହିତ କରିବା |
| ଶ୍ରମିକ ଚାହିଦାର ଅଭାବ | ମଜୁରି ସବ୍‌ସିଡି, ଲୋକ ନିର୍ମାଣ କାର୍ଯ୍ୟ, ନିଯୁକ୍ତି ଗ୍ୟାରେଣ୍ଟି କାର୍ଯ୍ୟକ୍ରମ, ଆତ୍ମନିଯୁକ୍ତି ଓ କାମ ବଣ୍ଟନ | ନିଯୁକ୍ତି ସୃଷ୍ଟିକୁ ପ୍ରୋତ୍ସାହନ |

ଶ୍ରମିକଙ୍କୁ ଉପଯୁକ୍ତ କରିବା ପାଇଁ ବଜେଟରେ ଅର୍ଥ ବରାଦର ଆବଶ୍ୟକତା ରହିଛି। ଏହା ହୋଇପାରିଲେ ନିଯୁକ୍ତି ବଢ଼ିବ। ଏକ ହିସାବ ଅନୁସାରେ ବ୍ରିକ୍ସ ରାଷ୍ଟ୍ର ସମୂହ ଓ ଅନ୍ୟାନ୍ୟ ବିକାଶଶୀଳ ରାଷ୍ଟ୍ର ସକ୍ରିୟ ଶ୍ରମ ବଜାର ନୀତି ପାଇଁ ବିଶେଷ ଅର୍ଥ ବରାଦ କରିପାରୁନାହାନ୍ତି। ତେବେ ଭାରତ ଏ କ୍ଷେତ୍ରରେ ପର୍ଯ୍ୟାପ୍ତ ଅର୍ଥ ବ୍ୟୟ କରିବା ପରିବର୍ତ୍ତେ ଦେଶର ଆର୍ଥିକ ସ୍ଥିତି ଓ ବାସ୍ତବତାକୁ ବିଚାରକୁ ନେଇ କାର୍ଯ୍ୟ କରିବା ଉଚିତ। ବିଶ୍ୱର ବିଭିନ୍ନ ଦେଶରେ ହୋଇଥିବା ଅନୁଧ୍ୟାନରୁ ଶ୍ରମବଜାର ନୀତିର ପ୍ରଭାବ ପରିବର୍ତ୍ତନଶୀଳ ଅର୍ଥନୀତି ଉପରେ କିପରି ପଡୁଛି ତାହା ତଳେ ଦିଆଯାଇଛି। ସେଗୁଡ଼ିକ ହେଲା -

- ନିଯୁକ୍ତି ସେବା ଓ ଦକ୍ଷତା ବିକାଶ ତାଲିମର ସକାରାତ୍ମକ ପ୍ରଭାବ ନିଯୁକ୍ତି ଏବଂ ରୋଜଗାର ଉପରେ ପଡୁଛି।
- ବିଭିନ୍ନ ଦେଶରେ ଏହାର ଫଳାଫଳରେ ବିଭିନ୍ନତା ଦେଖାଯାଉଛି।
- ମଜୁରି ଓ ନିଯୁକ୍ତି ସବ୍‌ସିଡି ମୁଖ୍ୟତଃ ନକରାତ୍ମକ ପ୍ରମାଣିତ ହେଉଛି।
- ସକ୍ରିୟ ଶ୍ରମବଜାର ନୀତିର ସଫଳତା ଘେନି ବିଶ୍ୱାସଯୋଗ୍ୟ ଉପସଂହାରରେ ପହଞ୍ଚିବା ପାଇଁ ଯଥେଷ୍ଟ ପ୍ରମାଣ ମିଳୁନାହିଁ।

**ଉପସଂହାର:**

ଭାରତ ଭଳି ଏକ ବିରଟ ଦେଶରେ ଯେଉଁଠି ପ୍ରଚୁର ମାନବସମ୍ବଳ ରହିଛି ସେଠାରେ ତାହାର ସୁବିନିଯୋଗ ବିଶେଷ ଗୁରୁତ୍ୱପୂର୍ଣ୍ଣ। ନିଯୁକ୍ତି କ୍ଷେତ୍ରର ବାସ୍ତବତା ଜାଣିବା ପାଇଁ ମଝିରେ ମଝିରେ ସର୍ଭେ କରାଯାଇ ତାହାର ନିଷ୍କର୍ଷ ଉପରେ ସରକାରୀ ସ୍ତରରେ ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ପ୍ରଶାସନିକ ସ୍ତରରୁ ତଥ୍ୟ ସଂଗ୍ରହ ପାଇଁ ସରକାର ଏବେ ଇପିଏଫ୍‌ଓରୁ ନିଯୁକ୍ତି ସଂକ୍ରାନ୍ତ ତଥ୍ୟାବଳୀ ସଂଗ୍ରହ କରିବା ଆରମ୍ଭ କରିଛନ୍ତି ଓ ଏହା ଏକ ପ୍ରାମାଣିକ ବ୍ୟବସ୍ଥାର ଅୟମାରମ୍ଭ। ସେହିଭଳି ଏସିକ୍ ଓ ଜାତୀୟ ପେନ୍‌ସନ୍ ସ୍କିମ୍‌ରୁ ମଧ୍ୟ ନିଯୁକ୍ତି ସଂକ୍ରାନ୍ତରେ ଅନେକ ଭରସାଯୋଗ୍ୟ ତଥ୍ୟ ମିଳିପାରୁଛି। ନିଯୁକ୍ତି ସମ୍ପର୍କରେ ଜାତୀୟ ନମୁନା ସର୍ଭେ ସଂସ୍ଥା (ଏନ୍‌ଏସ୍‌ଏସ୍‌ଓ) ପକ୍ଷରୁ ଯେଉଁ ସର୍ଭେ ମଝିରେ ମଝିରେ ହେଉଛି ତାହା ମଧ୍ୟ ଏ ଦିଗରେ ତଥ୍ୟ ସଂଗ୍ରହରେ ବିଶେଷ ସହାୟକ ହେବ।

ପ୍ରଥମ ଆବଶ୍ୟକତା ହେଲା ନୂଆ ନୂଆ ନୀତି ଉଦ୍‌ଭାବନ କରିବାକୁ ପଡ଼ିବ, ଯାହାଦ୍ୱାରା ଆର୍ଥିକ ଅଭିବୃଦ୍ଧିର ସଫଳତା ଅଧିକରୁ ଅଧିକ ନିଯୁକ୍ତି ସୃଷ୍ଟିରେ ସହାୟକ ହେବ। ପ୍ରଧାନମନ୍ତ୍ରୀ ରୋଜଗାର ପ୍ରୋତ୍ସାହନ ଯୋଜନା ଭଳି ଅନ୍ୟାନ୍ୟ ଯୋଜନାକୁ ଇପିଏଫ୍‌ଓ ଓ ଏସିକ୍ ବ୍ୟବସ୍ଥାର ଅନ୍ତର୍ଭୁକ୍ତ କରାଗଲେ ଏହା ଶ୍ରମ ବଜାର ଓ ଅର୍ଥନୀତିକୁ ପ୍ରୋତ୍ସାହିତ କରିବା ସହ ଏହାକୁ ଏକ ଆନୁଷ୍ଠାନିକ ରୂପ ଦେବାରେ ସହାୟକ ହେବ। ମହିଳାଙ୍କୁ ନିଜ ଘର କାମର ପରିସର ବାହାରକୁ ଆଣି ବାହାରେ ରୋଜଗାର ଯୋଗାଇଦେବାର ସୁଯୋଗ ସୃଷ୍ଟି ହେଲେ ସେମାନେ ସବଳ ହେବା ସହ ଶ୍ରମ ବଜାରରେ ସେମାନଙ୍କ ଅଂଶଗ୍ରହଣ ବଢ଼ିବ। ଏସବୁ ବ୍ୟବସ୍ଥା ଦ୍ୱାରା ମଜୁରି ନିରାପତ୍ତା, ନିଯୁକ୍ତି ନିରାପତ୍ତା ଓ ସାମାଜିକ ନିରାପତ୍ତା ଯୋଗାଣ ସ୍ଥାୟୀ ହେବା ସହ ଶିଳ୍ପ ଅଭିବୃଦ୍ଧି ତ୍ୱରାନ୍ୱିତ ହୋଇପାରିବ। ନିର୍ଦ୍ଦିଷ୍ଟ ଅବଧି ବିଶିଷ୍ଟ ନିଯୁକ୍ତି ବ୍ୟବସ୍ଥା ମଧ୍ୟ ଶ୍ରମବଜାରକୁ ମଜବୁତ କରିବ। ଏହାଛଡ଼ା ନିଯୁକ୍ତି କ୍ଷେତ୍ରରେ ଆଉ ଯେଉଁସବୁ ସମସ୍ୟା ରହିଛି ତାହାର ସମାଧାନ ପାଇଁ ଅଭିନବ କୌଶଳ ବାହାର କରିବାକୁ ପଡ଼ିବ। ତା'ଛଡ଼ା ଶ୍ରମବଜାର ସମ୍ପର୍କରେ ବିଶ୍ୱସନୀୟ ଡାଟା (ତଥ୍ୟ) ସଂଗ୍ରହ ବ୍ୟବସ୍ଥାକୁ ସୁସଂହତ ଓ ନିର୍ଭରଯୋଗ୍ୟ କରିବା ମଧ୍ୟ ମଜୁରୀ।

**ଲେଖକ ଭାରତ ସରକାରଙ୍କ ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟ ଅଧୀନ କେନ୍ଦ୍ରୀୟ ପରିସଂଖ୍ୟାନ କାର୍ଯ୍ୟାଳୟର ଅତିରିକ୍ତ ମହାନିର୍ଦ୍ଦେଶକ।**
***E-mail: pravin.srivastava@nic.in***

# ଜୈବ ଇନ୍ଧନ ବ୍ୟବହାର ଫଳରେ ଏକବିଂଶ ଶତାବ୍ଦୀରେ ଭାରତକୁ ଏକ ନୂଆ ଗତି ମିଳିପାରିବ: ପ୍ରଧାନମନ୍ତ୍ରୀ

ବିଶ୍ୱ ଜୈବ ଇନ୍ଧନ ଦିବସ-୨୦୧୮ ଅବସରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଯୋଗ ଦେଇଥିଲେ। ଏହି ଅବସରରେ ସେ ଚାଷୀ, ବୈଜ୍ଞାନିକ, ଉଦ୍ୟମୀ, ସରକାରୀ ଅଧିକାରୀ ଓ ସାଂସଦ ମାନଙ୍କୁ ଉଦବୋଧନ ଦେବା ସହ ନ୍ୟାସନାଲ ପଲିସି ଫର୍ ବାୟୋ ଫୁଏଲ-୨୦୧୮ ପୁସ୍ତିକାର ଉନ୍ମୋଚନ କରିଥିଲେ। ଏହା ବ୍ୟତୀତ ସେ ପ୍ରୋ- ଆକ୍ଟିଭ୍ ଏଣ୍ଡ ରେସ୍ପୋନସିଭ ଫେସିଲିଟେସନ ବାଇ ଇଂଟରାକ୍ଟିଭ ଏଣ୍ଡ ଭର୍ଚ୍ୟୁଅସ୍ ଏନ୍‌ଭାରମେଣ୍ଟାଲ୍ ସିଙ୍ଗଲ୍ ୱିଣ୍ଡୋ ହବ (ପରିବେଶ)ର ମଧ୍ୟ ଶୁଭ ଉଦଘାଟନ କରିଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି କହିଥିଲେ ଯେ ଜୈବ ଇନ୍ଧନ ବ୍ୟବହାର ଫଳରେ ଏକବିଂଶ ଶତାବ୍ଦୀରେ ଭାରତକୁ ଏକ ନୂଆ ଗତି ମିଳିପାରିବ। କୃଷି ଉତ୍ପାଦରୁ ନିର୍ମିତ ଜୈବ ଇନ୍ଧନ ଫଳରେ ଗାଁ ଓ ସହର ଉଭୟ ସ୍ଥାନରେ ରହୁଥିବା ଲୋକମାନଙ୍କର ଜୀବନରେ ବଡ ପରିବର୍ତ୍ତନ ଅଣାଯାଇପାରିବ ବୋଲି ଶ୍ରୀ ମୋଦି କହିଥିଲେ। ପ୍ରଧାନମନ୍ତ୍ରୀ ମୋଦି କହିଥିଲେ ଯେ ଜୈବ ଇନ୍ଧନରୁ ଇଥାନୋଲ ନିର୍ମାଣ ପାଇଁ ପ୍ରୟାସ ପ୍ରଥମ ଥର ପାଇଁ ଅଟଳ ବିହାରୀ ବାଜପେୟୀଙ୍କ ସରକାର ସମୟରେ ଆରମ୍ଭ ହୋଇଥିଲା ବା ଇଥାନୋଲ ବ୍ଲେଣ୍ଡିଂ କାର୍ଯ୍ୟକ୍ରମର ରୂପରେଖା ୨୦୧୪ ମସିହା ପରେ ପ୍ରସ୍ତୁତ କରାଯାଇଥିବା ଶ୍ରୀ ମୋଦି କହିଥିଲେ। ଏହା ଦ୍ୱାରା କେବଳ ଯେ ଚାଷୀମାନଙ୍କୁ ଲାଭ ହୋଇ ନାହିଁ ବରଂ ଗତ ବର୍ଷ ୪ ହଜାର କୋଟି ଟଙ୍କାର ବିଦେଶୀ ମୁଦ୍ରା ସଂଚୟ ହୋଇପାରିଛି। ଏହି ସଂଚୟକୁ ଆଗାମୀ ଚାରି ବର୍ଷ ମଧ୍ୟରେ ୧୨ ହଜାର କୋଟି ଟଙ୍କାକୁ ପହଞ୍ଚାଇବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ବୋଲି ଶ୍ରୀ ମୋଦି କହିଥିଲେ। ବାୟୋମାସ୍‌କୁ ଜୈବ ଇନ୍ଧନରେ ପରିବର୍ତ୍ତିତ କରିବାକୁ କେନ୍ଦ୍ର ସରକାର ବିପୁଳ ଭାବେ ପୁଞ୍ଜିନିବେଶ କରାଯାଉଛି। ଦେଶରେ ୧୨ଟି ଆଧୁନିକ ରିଫାଇନାରୀ ନିର୍ମାଣର ଯୋଜନା ରହିଛି। ଏଥିରେ ବିପୁଳ ପରିମାଣରେ ରୋଜଗାର ସୃଷ୍ଟି ହେବ। ଜନଧନ, ବନଧନ ଓ ଗୋବରଧନ ଭଳି ଯୋଜନା ଗରୀବ ଚାଷୀ ଓ ଜନଜାତି ବର୍ଗର ଲୋକ ମାନଙ୍କର ଜୀବନରେ ବ୍ୟାପକ ପରିବର୍ତ୍ତନ ପାଇଁ ସହଯୋଗ ମିଳୁଛି। ଜୈବ ଇନ୍ଧନର ବଡ ପରିବର୍ତ୍ତନ ପାଇଁ କ୍ଷମତା ରହିଛି ତେବେ ଏହା ଛାତ୍ର, ଶିକ୍ଷକ, ବୈଜ୍ଞାନିକ ଓ ସାଧାରଣ ଲୋକଙ୍କ ଭାଗିଦାରୀ ଦ୍ୱାରା ସମ୍ଭବ ବୋଲି ପ୍ରଧାନମନ୍ତ୍ରୀ ମତ ବ୍ୟକ୍ତ କରିଥିଲେ।

କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ପ୍ରଦାନ କରି କେନ୍ଦ୍ର ପେଟ୍ରୋଲିୟମ ପ୍ରାକୃତିକ ଗ୍ୟାସ, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଥିଲେ ଯେ ୨୦୧୫ ମସିହାରୁ ଆଜିର ଦିନକୁ ବିଶ୍ୱ ଜୈବ ଇନ୍ଧନ ଦିବସ ଭାବେ ପାଳନ କରାଯାଉଛି। ପାରମ୍ପାରିକ ଜୀବାଶ୍ମ ଆଧାରିତ ଇନ୍ଧନର ବିକଳ୍ପ ଭାବେ ଜୈବ ଇନ୍ଧନକୁ ବ୍ୟବହାର କରିବାକୁ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଉଛି। ଜୈବ ଇନ୍ଧନକୁ ପ୍ରୋତ୍ସାହନ ଦେବା ପାଇଁ ଭାରତ ସରକାରଙ୍କ ଦ୍ୱାରା ନିଆ ଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସେ ତାଙ୍କର ଅଭିଭାଷଣରେ ଉଲ୍ଲେଖ କରିଥିଲେ। ପରିବେଶ ସୁରକ୍ଷା ସହିତ ଭାରତର ଚାଷୀମାନଙ୍କର ଆୟକୁ ଦ୍ୱିଗୁଣିତ କରିବାର ପ୍ରତିବଦ୍ଧତାକୁ ଜୈବ ଇନ୍ଧନ ପାଳନ ଦିବସ ଦର୍ଶାଉଛି ବୋଲି ଶ୍ରୀ ପ୍ରଧାନ କହିଥିଲେ। ଶ୍ରୀ ପ୍ରଧାନ କହିଥିଲେ ଯେ ବ୍ଲେଣ୍ଡିଂ କାର୍ଯ୍ୟକ୍ରମ ପାଇଁ ଇଥାନୋଲ ଯୋଗାଣରେ ସୁଧାର ପାଇଁ ଅନେକ ପଦକ୍ଷେପ ନିଆଯାଇଛି। ଏହା ଫଳରେ ୨୦୧୩-୧୪ରେ ଏହାର ଯୋଗାଣ ୩୮ କୋଟି ଲିଟର ଥିବା ବେଳେ ଏହା ଚଳିତ ବର୍ଷ ୧୪୧ କୋଟି ଲିଟରକୁ ପହଂଚି ପାରିଛି। ସେ କହିଥିଲେ ଯେ ଜୈବ ଇନ୍ଧନ -୨୦୧୮ ନୂଆ ନ୍ୟାସନାଲ ପଲିସୀ ଅଧିସୂଚିତ କରା ଯାଇଛି ଯେଉଁଥିରେ ୨୦୩୦ ସୁଦ୍ଧା ପେଟ୍ରୋଲରେ ଇଥାନୋଲର ବ୍ଲେଣ୍ଡିଂକୁ ୨୦ ପ୍ରତିଶତ କରିବାକୁ ଲକ୍ଷ୍ୟ ରଖା ଯାଇଛି। କାର୍ଯ୍ୟକ୍ରମରେ କେନ୍ଦ୍ର ସଡକ ପରିବହନ, ରାଜପଥ, ଜାହାଜ ଚଳାଚଳ, ଜଳ ସମ୍ପଦ ମନ୍ତ୍ରୀ ନୀତିନ ଗଡକରୀ, ଉପଭୋକ୍ତା ମାମଲା ମନ୍ତ୍ରୀ ରାମବିଳାସ ପାସବାନ, କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ରାଧାମୋହନ ସିଂହ, ବିଜ୍ଞାନ , ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଡ. ହର୍ଷବର୍ଧନ ପ୍ରମୁଖ ଉପସ୍ଥିତ ଥିଲେ।

# ରାଜ୍ୟପାଳଙ୍କ ଦ୍ୱାରା ଲୋକାର୍ପିତ ହେଲା ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଲିଖିତ ପୁସ୍ତକ 'ଏଗ୍‌ଜାମ ୱାରିୟର୍ସ'ର ଓଡିଆ ସଂସ୍କରଣ



ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ଦ୍ୱାରା ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଲିଖିତ ପୁସ୍ତକ 'ଏଗ୍‌ଜାମ ୱାରିୟର୍ସ'ର ଓଡିଆ ସଂସ୍କରଣ ଗତ ୧୩ ଅଗଷ୍ଟରେ ଲୋକାର୍ପିତ ହୋଇଛି । ଏହି ପୁସ୍ତକକୁ ଲୋକାର୍ପିତ କରିବା ଅବସରରେ ଜଣେ ସାଧାରଣ ପିଲା ଦୃଢ ସଂକଳ୍ପ ଓ ଇଚ୍ଛାଶକ୍ତି ବଳରେ ସୁପରମ୍ୟାନ ହୋଇପାରିବବୋଲି ରାଜ୍ୟପାଳ କହିଥିଲେ ।

ସରକାରୀ ସ୍କୁଲରେ ପାଠ ପଢୁଥିବା ଗରିବ ଓଡିଆ ପରିବାରର ପିଲାମାନଙ୍କ ପାଖରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଲିଖିତ ଏଗଜାମ ୱାରିୟର୍ସର ପହଁଚୁ ଏହା ତାଙ୍କର ମୂଳ ପୁସ୍ତକ ଉନ୍ମୋଚନ ଦିନରୁ ଇଚ୍ଛା ଥିଲା ବୋଲି ଏହି ଉତ୍ସବରେ ଯୋଗଦେଇ କହିଥିଲେ କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ଜୟଦେବ ଭବନଠାରେ ଆୟୋଜିତ ଏହି ପୁସ୍ତକ ଉନ୍ମୋଚନ ଅବସରରେ ଯୋଗଦେଇ ଶ୍ରୀ ପ୍ରଧାନ କହିଥିଲେ ଗରିବ ଓଡିଆ ପିଲାର ମେଧାଶକ୍ତି ଓଡିଶାଭଳି ରାଜ୍ୟର ମୂଳ ସମ୍ବଳ । ଓଡିଆ ଜାତିର ପ୍ରାଣ ଏହାର ଭାଷା,ସଂସ୍କୃତିଓ ଜନଜୀବନ । ପ୍ରଧାନମନ୍ତ୍ରୀଙ୍କ ଲିଖିତ ପୁସ୍ତକ ଏଗଜାମ ୱାରିୟର୍ସ ପରୀକ୍ଷା ଦେଉଥିବା ପିଲାମାନ ପାଇଁ ଅତିବ ଉପାଦେୟ ହେବ ।

ଶ୍ରୀ ପ୍ରଧାନ କହିଥିଲେ, ଓଡିଶା ଭଳି ଏକ ଭାଷା ସର୍ବସ୍ୱ ରାଜ୍ୟରେ ୧୮୮୫ ମସିହାରେ ମଧୁସୂଦନ ରାଓ ଛବିଳ ମଧୁ ବର୍ଣ୍ଣବୋଧ ଲେଖିଥିଲେ । ଜାତୀୟ କଂଗ୍ରେସ ଗଠନ ପୂର୍ବରୁ ଛବିଳ ମଧୁ ବର୍ଣ୍ଣବୋଧ ଓଡିଆ ପିଲାଙ୍କ ପାଖରେ ପହଁଚିଥିଲା । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଲିଖିତ ପୁସ୍ତକର ଓଡିଆ ଅନୁବାଦର ଲୋକାର୍ପଣ ଓଡିଶାବାସୀଙ୍କ ପାଇଁ ଏକ ଗୌରବର ଦିନ ହୋଇ ରହିବ ।

ଶ୍ରୀ ପ୍ରଧାନ କହିଛନ୍ତି ଦେଶର ଜନସଂଖ୍ୟାର ୨୫ କୋଟି ଯୁବ ଜନସଂଖ୍ୟା କୌଣସି ନା କୌଣସି ବାଟରେ ପରୀକ୍ଷା ଦେଉଛି । ଏହି ପୁସ୍ତକରେ ପ୍ରଧାନମନ୍ତ୍ରୀ ପରୀକ୍ଷାକୁ ସାମ୍ନା କରିବା ନାଁରେ ଜୀବନ ଯୁଦ୍ଧକୁ ସାମ୍ନା କରିବାର ସରଳସୁତ୍ର ବତାଇଛନ୍ତି । ପ୍ରଧାନମନ୍ତ୍ରୀ ନିଜ ସଂଘର୍ଷମୟ ଜୀବନର ଅନୁଭୂତିରୁ ଯେଉଁ ପରାମର୍ଶ ଏହି ପୁସ୍ତକରେ ଦେଇଛନ୍ତି ତାହା ଯୁବପୀଢିଙ୍କ ପାଇଁ ମର୍ମସ୍ପର୍ଶୀ ହେବ ।

ଶ୍ରୀ ପ୍ରଧାନ କହିଥିଲେ ଯେ ପରୀକ୍ଷା ଦେଉଥିବା ପିଲାମାନଙ୍କ ମନୋବଳ ଓ କୌଶଳକୁ ବଢାଇବା ପାଇଁ ପ୍ରଧାନମନ୍ତ୍ରୀଙ୍କ ପ୍ରଚେଷ୍ଟା ତାଙ୍କର ରାଜନୈତିକ କାମର ଅଂଶବିଶେଷ ନୁହେଁ । ଏହା ଭବିଷ୍ୟତ ପୀଢି ଗଢିବା ପାଇଁ ଏକ ନିଷ୍ଠାପର ଉଦ୍ୟମ । ଶ୍ରୀ ପ୍ରଧାନ କହିଥିଲେ ଏପରି ନେତୃତ୍ୱ ହାତରେ ଦେଶର ଭବିଷ୍ୟତ ସମ୍ପୂର୍ଣ୍ଣ ସୁରକ୍ଷିତ ଓ ଭାରତ ବିଶ୍ୱରେ ଏକନମ୍ବର ହେବାପାଇଁ କେହି ରୋକିପାରିବେ ନାହିଁ ।

# ଗରିବଙ୍କ ପାଖରେ ବିକାଶ

## ସମସ୍ତଙ୍କ ପାଇଁ ଉନ୍ନତ ଜୀବନ



ଦେଶର କ୍ରମବର୍ଦ୍ଧିଷ୍ଣୁ ବିଶ୍ୱାସ...

ସାଫ୍ ନିୟତ୍
ସହି ବିକାଶ

ସବୁ ଗ୍ରାମର ବିଦ୍ୟୁତ୍‌କରଣ ସରିଛି।
ବର୍ତ୍ତମାନ ୪ କୋଟି ଘରକୁ ବିଜୁଳି ଯୋଗାଇ ଦିଆଯିବ।

ଉଜ୍ଜ୍ୱଳା ଯୋଜନା ଅଧିନରେ
୩.୮ କୋଟି ପରିବାର ପାଇଁ ଧୂଆଁମୁକ୍ତ ଜୀବନ

ଜନଧନରୁ ଜନ ସୁରକ୍ଷା
ଗରିବମାନଙ୍କୁ ଜମା ଖାତା ଓ ବୀମା ସୁରକ୍ଷା।

ସ୍ୱଚ୍ଛ ଭାରତ ଅଭିଯାନ ଅଧିନରେ
୭.୨୫ କୋଟି ଶୌଚାଳୟ ନିର୍ମିତ।

ପ୍ରଧାନମନ୍ତ୍ରୀ ଆବାସ
ଯୋଜନା ଅଧିନରେ ୧ କୋଟି
ଗରିବ ପରିବାରଙ୍କୁ ବାସଗୃହ



Government of India

ଅଧିକ ବିବରଣୀ ପାଇଁ ଦେଖନ୍ତୁ: 48months.mygov.in

YOJANA (Odia) : Monthly

RNI No. 57203/93

ISSN 0971-8346

Total Number of Pages (76)

September 2018





Printed and Published by Dr. Sadhana Rout, Director General & Head, on behalf of Publications Division, Ministry of I & B, Govt. of India, Published from Soochana Bhavan, CGO Complex, Lodhi Road, New Delhi-110003 and Printed at: I G Printers Pvt. Ltd., Okhla Industrial Area, New Delhi - 110020

Editor : Dr. Girish Chandra Dash